# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଫେବୃୟାରୀ ୧୧/୨୦୧୯ (୨୦ ପୃଷ୍ଠା ) Sambalpur, Monday, February 11 / 2019 ★★

୧୫୩ ଭାଗ ୫୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



ଓଡ଼ିଶା ଶାସନ

ODISHA ONE

ଓଡ଼ିଶା ଆମ ଗୌରବ

## ୩୦ତମ ଜାତୀୟ
# ସଡ଼କ ସୁରକ୍ଷା ସପ୍ତାହ

## ସଡ଼କ ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ :

- ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଆଇନତଃ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ।
- ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରୁଥିବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପୁଲିସ ଜେରା କରିପାରିବେ ନାହିଁ ଏବଂ ଉକ୍ତ ଭଦ୍ର ବ୍ୟକ୍ତିଙ୍କୁ ୨ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ''ଗୁଡ୍ ସମରିଟାନ ପଲିସି'' ।
- ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ, ଯାହା ଫଳରେ ବାରମ୍ବାର ମୋଟର ଯାନ ଆଇନ ଭଙ୍ଗ କରୁଥିବା ବ୍ୟକ୍ତିଙ୍କୁ ୨ ରୁ ୩ ଗୁଣ ଅଧିକ ଜରିମାନା ।
- ୫ ଗୋଟି ଦୁର୍ଘଟଣା ପ୍ରବଣ ରାସ୍ତାରେ ହାଇୱେ ପାଟ୍ରୋଲ ପ୍ରଚଳନ କରିବାର ବ୍ୟବସ୍ଥା ।
- ପଞ୍ଚମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ସଡ଼କ ସୁରକ୍ଷା ବିଷୟକୁ ଅର୍ନ୍ତଭୁକ୍ତ କରାଯାଇଅଛି ଏବଂ ନବମ ଓ ଦଶମ ଶ୍ରେଣୀର ପାଠ୍ୟ ପୁସ୍ତକରେ ସଡ଼କ ସୁରକ୍ଷା ବିଷୟକୁ ଅର୍ନ୍ତଭୁକ୍ତ କରିବାର ବ୍ୟବସ୍ଥା ।
- ବିଭିନ୍ନ ରାଜପଥରେ ୪୩୫ ଗୋଟି ବ୍ଲାକ୍ ସ୍ପଟ ଚିହ୍ନଟ (୨୦୧୫ - ୧୭ର ତଥ୍ୟ) ଓ ଏହାର ନିରାକରଣ ବ୍ୟବସ୍ଥା ।



## ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ

ମୁଖ୍ୟ ଅତିଥି

## ଶ୍ରୀଯୁକ୍ତ ଶଶି ଭୂଷଣ ବେହେରା

ମାନ୍ୟବର ମନ୍ତ୍ରୀ,
ଅର୍ଥ, ଅବକାରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ,

ସମ୍ମାନିତ ଅତିଥି

## ଡ଼ଃ ନୃସିଂହ ଚରଣ ସାହୁ

ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ

ସ୍ଥାନ : ରବିନ୍ଦ୍ର ମଣ୍ଡପ, ଭୁବନେଶ୍ୱର
୧୧ ଫେବୃଆରୀ, ୨୦୧୯, ସମୟ : ମଧ୍ୟାହ୍ନ ୧୨ ଘଟିକା ୧୦ ମିନିଟ୍

''ସଡ଼କ ସୁରକ୍ଷା - ଜୀବନ ରକ୍ଷା''

ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି
ବାଣିଜ୍ୟ ଓ ପରିବହନ ବିଭାଗ,
ଓଡ଼ିଶା ସରକାର

ଆସନ୍ତୁ, ଓଡ଼ିଶାକୁ ଏକ ଦୁର୍ଘଟଣାମୁକ୍ତ ରାଜ୍ୟରେ ପରିଣତ କରିବା

ଓଡ଼ିଶା ସରକାର

ଆମ ଗାଁ ଆମ ବିକାଶ

ODISHA ONE
ଓଡ଼ିଶା ଆମ ଗୌରବ

DSPL-398

# PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

# ପିଠା

ସଶକ୍ତିକରଣ ଏବଂ ସଚେତନତା



**ଏଥର ୫ ଦିନ ପରିବର୍ତ୍ତେ ୧୦ ଦିନ ହେବାକୁ ଯାଉଛି ପିଠା କ୍ୟାମ୍ପ୍ । ଏଇ ଫେବୃୟାରୀ ମାସ ୧୦ ରୁ ୨୦ ତାରିଖ ମଧ୍ୟରେ ଆପଣଙ୍କ ଗ୍ରାମ ପଞ୍ଚାୟତରେ ଆୟୋଜିତ ହେବ ପିଠା କ୍ୟାମ୍ପ୍ ।**

- ୪୮ ଲକ୍ଷ ହିତାଧିକାରୀ ପାଇବେ ବର୍ଦ୍ଧିତ ଭତ୍ତା
- ୩୩ ଲକ୍ଷ ପରିବାରକୁ ମିଳିବ ୪ଟି ଲେଖାଏଁ ଏଲ୍. ଇ. ଡି ବଲ୍ବ୍
- ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ଏସ୍.ଏଚ୍.ଜି ଗ୍ରୁପ୍‌କୁ ସ୍ମାର୍ଟଫୋନ୍ କିଣିବା ପାଇଁ ମିଳିବ ୩ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା
- କାଳିଆ ଯୋଜନା ବିଷୟରେ ଲୋକମାନଙ୍କୁ ଦିଆଯିବ ସମ୍ପୂର୍ଣ୍ଣ ସୂଚନା
- ଖାଦ୍ୟ ସୁରକ୍ଷା, ଖୁସି ଓ ଜନଜାତି ସଶକ୍ତିକରଣ ବିଷୟରେ କରାଯିବ ସଚେତନ

**ଯୋଜନାରେ ସ୍ୱଚ୍ଛତା ଆଣିଲା ପିଠା**
**ଆହୁରି ସଶକ୍ତ ହେଲା ନବୀନ ଓଡ଼ିଶା**




19001/13/0043/1819

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଫେବୃୟାରୀ ୧୧/୨୦୧୯ Sambalpur, Monday, February 11 / 2019



ଓଡ଼ିଶା ସରକାର

DSPL-399

## ରାଜ୍ୟର ୧୭ଟି ଜିଲ୍ଲାରେ ଥିବା
## ୩୮ଟି ସହରାଞ୍ଚଳ ପାଇଁ
## ୩୮ଟି ନୂତନ ଆହାର କେନ୍ଦ୍ରର
## ମାନ୍ୟବର ମୁଖ୍ୟମନ୍ତ୍ରୀ
## ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା
## ଲୋକାର୍ପଣ

ଦିବା ୧୧ଘ ॥ ୧୧ ଫେବୃଆରୀ ୨୦୧୯
ସଚିବାଳୟ



'ଆହାର'



- ୧ ଅପ୍ରେଲ, ୨୦୧୫ ରେ ଆରମ୍ଭ
- ୧୫୭ଟି ଆହାର କେନ୍ଦ୍ରରେ ଦୈନିକ ୧ଲକ୍ଷ ଭୋଜନ ଦିଆଯାଉଛି
- ୩୦ଟି ଜିଲ୍ଲାରେ ସମସ୍ତ ୧୧୪ଟି ସହରାଞ୍ଚଳରେ ସ୍ଥାପିତ
- ଆହାର କେନ୍ଦ୍ର ଗୁଡିକ ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଏବଂ ହସ୍ପିଟାଲ ନିକଟରେ ସ୍ଥାପିତ
- ପ୍ରତିଦିନ ଦିବା ୧୧ଟାରୁ ୩ଟା ପର୍ଯ୍ୟନ୍ତ (ରବିବାର ବ୍ୟତୀତ)
- ରାତ୍ରି ଆହାର
  ୩୧ ଡିସେମ୍ବର, ୨୦୧୮ ଠାରୁ ଜିଲ୍ଲା ସଦରମହକୁମା, ଉପ-ଖଣ୍ଡ ହସ୍ପିଟାଲ ଇତ୍ୟାଦି ପ୍ରମୁଖ ସ୍ଥାନ ନିକଟରେ ଥିବା ୫୬ଟି ଆହାର କେନ୍ଦ୍ରରେ ରାତିରେ ପରିବେଷଣ କରାଯାଉଛି ଦୈନିକ ୧୫୦୦୦ରୁ ଅଧିକ ଭୋଜନ
- ୭.୨ କୋଟିରୁ ଅଧିକ ଭୋଜନ, ଲୋକ ଉପକୃତ

13001/13/0062/1819

ସହରରେ ସୁଲଭ ଭୋଜନ
ଆନନ୍ଦ ସଭିଙ୍କର ମନ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

@CMO_Odisha CMO.Odisha @Naveen_Odisha

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:.....................................

ଜନ୍ମ ତାରିଖ: ..............................


ରିସି
ପରିବାରବର୍ଗ


ଶ୍ରୀ
ପରିବାରବର୍ଗ


ମୁକୁଲ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

real estate

healthcare

### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545

Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452. D-65821

**Birthday Wish**



(Shree)

**Sai Sradha Parida**

F-Dhananjaya Parida
M-Sumitra Parida
At/P-Nalibasanta, D-Puri
"We wish for all of your wishes to come true."
Happy Birthday

D-65823

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65558

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65822

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



**ରିସି**

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ, ଜନ୍ମଦିନର ଅନେକ ଅନେକ ଶୁଭକାମନା।

**ଶୁଭେଚ୍ଛା ସହ**

ମାମା, ବାବା, ଜେଜେମା, ଅଜା, ଆଈ।

ଧ-୧୧୦୭୫

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018

to-let

Commercial space 800 and 2500 sqft. for office/ godown. Contact: 9437033691. D-65608

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କନ୍ଧମାଳକୁ ୨୫୦ କୋଟିର ଭେଟି

## ■ ସାଲୁଙ୍କି ନଦୀ ଉପରେ ହେବ ହାଇଲେଭଲ ସେତୁ



କନ୍ଧମାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଯୁବବାହିନୀ କର୍ମକର୍ତ୍ତାଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି।

**ଫୁଲବାଣୀ ଅଫିସ, ୧୦।୨**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କନ୍ଧମାଳ ଗସ୍ତରେ ଆସି ଅପରାହ୍ନରେ ଫୁଲବାଣୀ ଷ୍ଟାଡିୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ କରିବା ସହ ନୂତନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହାପରେ ବିଜୁ ଯୁବ ବାହିନୀ ଆଞ୍ଚଳିକ ସମାବେଶକୁ ଉଦ୍‌ବୋଧନ ଦେଇ ଯୁବକମାନେ ସଂଗଠିତ ହୋଇ ରାଜ୍ୟ ବିକାଶରେ ସାମିଲ ହେବାକୁ ପରାମର୍ଶ ଦେଇଛନ୍ତି ।

ଜିଲାରେ ମୋଟ ୨୫୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉଦ୍‌ଘାଟନ ପ୍ରକଳ୍ପ ମଧ୍ୟରେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଛାତ୍ରୀନିବାସ, ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟର ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ଫୁଲବାଣୀରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୬୦୦ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ, ସମ୍ପ୍ରସାରିତ ଏବଂ ଆଧୁନିକୀକରଣ କନ୍ଧମାଳ ପ୍ରକ୍ରିୟାକରଣ ୟୁନିଟ୍, ଫୁଲବାଣୀ ସ୍ୱୟଂକ୍ରିୟ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ, ଜିଲା ପଞ୍ଚାୟତ ସମ୍ବଳକେନ୍ଦ୍ର, ବୋଇଡା ଉଚ୍ଚ ମାଧ୍ୟମିକ ସ୍କୁଲ, ନବନିର୍ମିତ ଜିଲା ଲାଇବ୍ରେରି, ଜି.ଉଦୟଗିରି ୬୦୦ ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ ଓ ଟିକାବାଲି ୪୦୦ ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ରହିଛି। ସେହିପରି ଭିତ୍ତିପ୍ରସ୍ତର ସ୍ଥାପନ ପ୍ରକଳ୍ପ ମଧ୍ୟରେ ଫୁଲବାଣୀ ଗୋଚ୍ଛାପଡା ରାସ୍ତା ଉନ୍ନତୀକରଣ, ଚକାପାଦ, ଖଜୁରିପଡା, ଦାରିଙ୍ଗବାଡି, ଟିକାବାଲି, ବାଲିଗୁଡା ଏବଂ କୋଟଗଡ ବ୍ଲକର ୮ ହାଇଲେଭଲ ସେତୁ, ଫୁଲବାଣୀ, ଚକାପାଦ, ଖଜୁରିପଡା, ତୁମୁଡିବନ୍ଧ ଏବଂ ବାଲିଗୁଡା ବ୍ଲକରେ ୧୦ ଉନ୍ନୀତ ହାଇସ୍କୁଲ, ଫିରିଙ୍ଗିଆ, ଦାରିଙ୍ଗବାଡି, ତୁମୁଡିବନ୍ଧ ଏବଂ କୋଟଗଡ ବ୍ଲକର ୧୪ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ, ଫୁଲବାଣୀରେ ୧୦୦ ସିଟ୍ ବିଶିଷ୍ଟ ସଂଖ୍ୟାଲଘୁ ଛାତ୍ରାବାସ, ରାଇକିଆ-ଗଣ୍ଡଶୀଳା ନାଳ-ସାରଙ୍ଗଗଡ ଏବଂ ରାଇକିଆ -ସିମନବାଡି ରାସ୍ତାର ଉନ୍ନତୀକରଣ, ଜି.ଉଦୟଗିରି ପାଇପ୍ ଜଳଯୋଗାଣ ପ୍ରକଳ୍ପ ସମ୍ପ୍ରସାରଣ କାର୍ଯ୍ୟ, ବାଲିଗୁଡା ଏନ୍‌ଏସି ଜଳଯୋଗାଣ ପ୍ରକଳ୍ପର ଉନ୍ନତୀକରଣ କାର୍ଯ୍ୟ ଓ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟର ୫୦ ଶଯ୍ୟା ବିଶିଷ୍ଟ ଆନ୍ତଃ ବିଭାଗ ଓ ବହିଃ ବିଭାଗ କାର୍ଯ୍ୟ ଆଦି ରହିଛି ।

ମୁଖ୍ୟମନ୍ତ୍ରୀ ନିର୍ଦ୍ଧାରିତ ସମୟଠାରୁ ସାମାନ୍ୟ ବିଳମ୍ବରେ ଆସି ଗୁଦାରି ଏୟାରଷ୍ଟ୍ରିପରେ ଓହ୍ଲାଇଥିଲେ । ସେଠାରୁ କାର ଯୋଗେ ଷ୍ଟାଡିୟମରେ ପହଞ୍ଚିଥିଲେ । ପ୍ରଥମେ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ସେମାନଙ୍କ ଅଞ୍ଚଳରେ କରିଥିବା କାର୍ଯ୍ୟ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ଏହାପରେ ବିଜୁ ଯୁବ ବାହିନୀର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅରୂପ ପଟ୍ଟନାୟକ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟମନ୍ତ୍ରୀ ବିଜୁ ଯୁବ ବାହିନୀର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜାଗା ମିଶନରେ କେତେକ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ। ଏହି ସମାବେଶରେ କନ୍ଧମାଳ, ଗଞ୍ଜାମ, ବୌଦ୍ଧ, ନୟାଗଡ ଓ ଗଜପତି ଜିଲାରୁ ହଜାର ହଜାର ସଂଖ୍ୟାରେ ବିଜୁ ଯୁବ ବାହିନୀ ସଦସ୍ୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ସରୋଜ କର୍ଣ୍ଣ, ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଉଠା ଜଳସେଚନ ନିଗମରେ ଲାଗୁହେବ ୭ମ ବେତନଧାରା

## ସମୂହ ଛୁଟିରୁ ଓହରିଲା ଇଞ୍ଜିନିୟର୍ସ ସଂଘ

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ଉଠା ଜଳସେଚନ ନିଗମ (ଓଏଲଆଇସି)ରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର୍ସମାନେ ଚଳିତ ମାସ ୨୧ରୁ ସମୂହ ଛୁଟିରେ ଯିବା ପାଇଁ ଘୋଷଣା କରିଥିଲେ। ସେମାନଙ୍କ କ୍ଷେତ୍ରରେ ସପ୍ତମ ବେତନ କମିଶନ ସୁପାରିଶ ଲାଗୁ ନ କରାଯିବା କାରଣରୁ ସାମୂହିକ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ହେଲେ ରବିବାର ହସ୍ତଗତ ହୋଇଥିବା ଖବର ଅନୁଯାୟୀ ଓଏଲଆଇସିର ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ଆନ୍ଦୋଳନରୁ ଓହରି ଯାଇଛି। ଗତ ୮ତାରିଖ ଅର୍ଥାତ ଶୁକ୍ରବାର ରାଜ୍ୟ ସରକାର ଜଳସମ୍ପଦ ବିଭାଗ ପକ୍ଷରୁ ଓଡ଼ିଶା ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶିକାଙ୍କ ପାଖକୁ ଏକ ଚିଠି (ନଂ. ୩୭୨୩) ଲେଖାଯାଇଥିଲା। ଏହି ଚିଠିରେ ନିଗମର କାର୍ଯ୍ୟରତ ଇଂଜିନିୟରର୍ସ ତଥା କର୍ମଚାରୀଙ୍କ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ଏହି ସୁପାରିଶ ପିଛିଲା ଭାବେ ୨୦୧୬ ଜାନୁୟାରୀ ପହିଲାରୁ ଏହା ଲାଗୁ ହେବ ବୋଲି ଜଣାପଡିଛି। ପ୍ରକାଶ ଯେ, ସପ୍ତମ ବେତନ କମିଶନ ସୁପାରିଶ ଆଧାରରେ ଦରମା ପ୍ରଦାନ ପାଇଁ ଇଂଜିନିୟରର୍ସମାନଙ୍କ ପକ୍ଷରୁ ନିଗମର ପରିଚାଳନା ନିର୍ଦ୍ଦେଶିକାଙ୍କୁ ଗତ ୫ରେ ଏକ ଚିଠି ପ୍ରଦାନ କରାଯାଇଥିଲା।

ଏହି ଚିଠିରେ ଉଲ୍ଲେଖ ଥିବା ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶିକା , ଜଳସମ୍ପଦ ବିଭାଗ ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଏହାକୁ ବିଚାର କରି ରାଜ୍ୟ ସରକାର ନିଗମ କର୍ମଚାରୀଙ୍କ କ୍ଷେତ୍ରରେ ୭ମ ବେତନ କମିଶନ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ଅନୁକୂଳ ହେଲା ରଥକାଠ



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ରଥ କାଠ ଅନୁକୂଳ ପୂଜା କରାଯାଉଛି।

**ପୁରୀ ଅଫିସ, ୧୦।୨:** ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଦାରୁବିଗ୍ରହଙ୍କ ଲାଗି ତିଆରି ହେବ ତିନିରଥ। ପରମ୍ପରା ଅନୁଯାୟୀ, ରବିବାର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯାଇଛି। ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥ କାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ, ଗଦାଧର ଦାଶ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ଶେଷରେ ମହାପ୍ରସାଦ ମଧ ସମର୍ପଣ କରାଯାଇଥିଲା। ଅନୁକୂଳ ସମୟରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଶ୍ରୀମନ୍ଦିର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ ହେବ।

# ଦାରୁବିଗ୍ରହଙ୍କ ଚାଚେରୀ ବେଶ

**ପୁରୀ ଅଫିସ, ୧୦।୨**

ବସନ୍ତ ପଞ୍ଚମୀ ଅବସରରେ ରବିବାର ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଚାଚେରୀ ବେଶ ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନ ଧୂପ ପରେ ମଇଲମ ହୋଇଥିଲା। ତିନିଠାକୁର ମାଧାବଳି ଲୁଗା ଲାଗି ହେବା ପରେ ଶ୍ରୀଅଙ୍ଗରେ ଚନ୍ଦନ ଲାଗି ହୋଇଥିଲେ। ଏହାପରେ ମହାଜନ ସେବକ ରତ୍ନସିଂହାସନରୁ ଶ୍ରୀଦେବୀ, ଭୂଦେବୀଙ୍କୁ ଦକ୍ଷିଣୀ ଘର ଖଟ ଉପରକୁ ବିଜେ କରିଥିଲେ। ଦୋଳଗୋବିନ୍ଦଙ୍କୁ ଦକ୍ଷିଣୀ ଘରୁ ଆଣି ଉକ୍ତ ଘଟ ଉପରେ ବିଜେ କରାଇଥିଲେ। ଏହାପରେ ରତ୍ନବେଦୀରେ ତିନିଠାକୁରଙ୍କ ଚାଚେରୀ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ତିନିଠାକୁର ଫୁଟା ପହରଣ, ଶିରିକପଡା, ମୁଖବଳା, ଟୋପର, ଚନ୍ଦ୍ରିକା, ନଳୀଭୂଜ, ଆଡକାନୀ, ରମାନନ୍ଦୀ ତିଳକ, ଓଡ଼ିଆଣି, ସୂର୍ଯ୍ୟଚନ୍ଦ୍ର, ଘାଘଡା ମାଳ ଲାଗି ହୋଇଥିଲେ। ମହାପ୍ରଭୁ ଏବଂ ବଡଠାକୁର ଦୁଇଟି ଲେଖାଏଁ ମକର କୁଣ୍ଡଳ, ଦେବୀସୁଭଦ୍ରା ୨ଗୋଟି ତଡଗୀ ଲାଗି ହୋଇଥିଲେ। ମାଘ ମାସର ବସନ୍ତ ପଞ୍ଚମୀ ଏବଂ ଫାଲଗୁନ ଶୁକ୍ଳ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଠାକୁର ଚାଚେରୀ ବେଶ ହୋଇଥାନ୍ତି।


## ମନେ ପଡ଼ନ୍ତି

**ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ପ୍ରାଧାପକ ବୈକୁଣ୍ଠନାଥ ମହାନ୍ତି**

ଆବିର୍ଭାବ: ୦୪।୦୩।୧୯୪୦
ତିରୋଧାନ: ୦୨।୦୨।୧୯୯୮ (ମାଘଷଷ୍ଠୀ)
ଭୁବନେଶ୍ୱର

ଆଜି ଆପଣଙ୍କ ଏକବିଂଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମା ପ୍ରତି ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ପତ୍ନୀ- ସେବତୀ, ପୁଅ- ବିଶ୍ୱଜିତ୍, ଇନ୍ଦ୍ରଜିତ୍, ଶତ୍ରୁଜିତ୍, ରଣଜିତ୍, ଝିଅ-ଜ୍ୱାଇଁ: ମମତା-ରକ୍ଷକ, ସାନ ନାତି- ଶିମନ୍ ଓ ବନ୍ଧୁମାନେ। ଧ-୧୧୦୫୪

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ହରିଶ୍‌ଲାଲ ମଂଡୋଲିଓ୍ୱାଲ୍**

ତିରୋଧାନ: ୩୦।୦୧।୨୦୧୯

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାରବର୍ଗ।

ଧ-୬୪୦୪୫


# ବ୍ରହ୍ମପୁର ପୋଲିସକୁ ଲୁଟେରାଙ୍କ ଚ୍ୟାଲେଞ୍ଜ

## ସିବିଆଇ ପରିଚୟରେ ଲୁଟିଲେ ସୁନା ଗହଣା

**ବ୍ରହ୍ମପୁର ଅଫିସ୍,୧୦।୨**

ବ୍ରହ୍ମପୁର ସହର ବୈଦ୍ୟନାଥପୁର ଥାନା ଅଧୀନ ଜୟପ୍ରକାଶନଗର ଛକରେ ରବିବାର ପୂର୍ବାହ୍ନ ୧୧ ଟାରେ ସିବିଆଇ ଅଫିସର ପରିଚୟ ଦେଇ ଏକ ବୃଦ୍ଧ ଦମ୍ପତିଙ୍କଠାରୁ ଲୁଟେରାମାନେ ୮ ତୋଳା ସୁନା ଗହଣା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ଖବର ପ୍ରଘଟ ହେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବରିଷ୍ଠ ନାଗରିକ ଭାସ୍କର ପାତ୍ରଙ୍କ ଏତଲା କ୍ରମେ ବୈଦ୍ୟନାଥପୁର ପୋଲିସ ନଂ. ୩୦/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି । ଜାନୁୟାରୀ ୨୯ରେ ସେହି ସ୍ଥାନରେ ହିଁ ଜଣେ ବରିଷ୍ଠ ନାଗରିକ ମହିଳାଙ୍କଠାରୁ ପୋଲିସର ପରିଚୟ ଦେଇ ସୁନା ଗହଣା ଲୁଟ୍ ଉଦ୍ୟମ ହୋଇଥିଲା । ଉକ୍ତ ଘଟଣାକୁ ନେଇ ପୋଲିସ ସେତେଟା ଚିନ୍ତିତ ନ ଥିବା ବେଳେ ରବିବାର ପୁନଶ୍ଚ ସେହି ସ୍ଥାନରେ ହିଁ ଲୁଟେରାମାନେ ପୁଣି ସୁନା ଗହଣା ଲୁଟିନେବା ଘଟଣା ପୋଲିସ ପାଇଁ ମୁଣ୍ଡବ୍ୟଥା ପାଲଟିଛି ।

ପ୍ରକାଶଯେ, ଭୁବନେଶ୍ୱରରେ ରହୁଥିବା ବୃଦ୍ଧ ଦମ୍ପତି ଭାସ୍କର ଓ ତାଙ୍କ ସ୍ତ୍ରୀ ରାଜକୁମାରୀ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ବ୍ରହ୍ମପୁର ଆସିଥିଲେ। ପୂର୍ବାହ୍ନ ୧୧ ଟାରେ ଜୟପ୍ରକାଶନଗର ଛକରେ ଚାଲି ଚାଲି ଯାଉଥିବା ବେଳେ ୨ ଜଣ ଯୁବକ ଏକ ବାଇକରେ ତାଙ୍କ ନିକଟକୁ ଆସିଥିଲେ। ନିଜକୁ ସିବିଆଇ ଅଫିସର୍ ବୋଲି ପରିଚୟ ଦେଇଥିଲେ। ଆଗରେ ସିବିଆଇ ରେଡ୍ କରୁଛି। ଅତ୍ୟଧିକ ପରିମାଣର ସୁନା ଗହଣା ପିନ୍ଧିଥିବା ଯୋଗୁ ସେମାନଙ୍କୁ ଫାଇନ୍ ଲାଗିପାରେ ବୋଲି କହିଥିଲେ । ସୁନା ଗହଣା ସବୁ ତାଙ୍କୁ ହସ୍ତାନ୍ତର କରି ରାସ୍ତାପାର ହୋଇଗଲେ ପୁଣି ଥରେ ସୁନା ଗହଣା ସବୁ ନେଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଫାଇନ୍ କଥା ଶୁଣି ଦମ୍ପତି ଛାନିଆ ହୋଇଯାଇଥିବା ବେଳେ ବିଶ୍ୱାସରେ ନିଜର ସୁନା ଗହଣା ଯୁବକ ଦ୍ୱୟଙ୍କୁ ବାହାର କରି ଦେଇଥିଲେ । ତେବେ କ୍ଷଣିକ ମଧ୍ୟରେ ସୁନା ଗହଣା ସବୁ ଧରି ଉକ୍ତ ଯୁବକ ଦ୍ୱୟ ବାଇକରେ ଚମ୍ପଟ ମାରିଥିଲେ । ବୃଦ୍ଧ ଦମ୍ପତିଙ୍କ ଚିତ୍କାର ଶୁଣି ସ୍ଥାନୀୟ ବାସିନ୍ଦା ପୋଲିସକୁ ଖବର ଦେଇଥିଲେ । ସଦର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ବୈଦ୍ୟନାଥପୁର ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ, ଟାଉନ୍ ଥାନା ଆଇଆଇସି ନୀହାର ରଞ୍ଜନ ପ୍ରଧାନ ପ୍ରମୁଖ ପହଞ୍ଚି ଘଟଣାର ଖୋଳତାଡ କରିଥିଲେ । ଭାସ୍କରଙ୍କଠାରୁ ଗୋଟିଏ ସୁନା ଚେନ୍ ଓ ମୁଦି ଏବଂ ସ୍ତ୍ରୀ ରାଜକୁମାରୀଙ୍କଠାରୁ ଦୁଇଟି ସୁନା ଚେନ୍ ସମୁଦାୟ ୮ ତୋଳା (୮୦ ଗ୍ରାମ୍)ର ସୁନାଗହଣା ଲୁଟେରା ମାନେ ଝାମ୍ପି ନେଇଯାଇଥିଲେ ବୋଲି ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର ସହ ମଙ୍ଗଳଙ୍କ ସଂଯୋଗ ଏକାଧାରରେ ଦୈହିକ ସୁସ୍ଥତା, ପାରିବାରିକ ଉନ୍ନତି ସହ ବ୍ୟବସାୟ ଓ ପରିବହନ ସକାଶେ ବହୁତ ଶୁଭଫଳ ପାଇବେ। ସାମାଜିକ ସ୍ତରରେ ସୁଖ ଓ ସମ୍ମାନ ପ୍ରାପ୍ତି ହେବ। ବନ୍ଧୁମିଳନରୁ ଖୁସି ରହିବେ, କିନ୍ତୁ ଅଶ୍ୱିନୀ ନକ୍ଷତ୍ରର ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି, ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବୃଷ** ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁସମ୍ପର୍କ, ଆଲୋଚନାଦି ବହୁ ପ୍ରୀତିପ୍ରଦ ହେବ। କିନ୍ତୁ ରୋହିଣୀ କାମଗୁଡ଼ିକ ସମ୍ପନ୍ନ କରିବାରେ ବହୁତ ତକ୍‌ଲିଫି ଭୋଗ କରିବାକୁ ପଡ଼ିପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଲାଭବାନ୍ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଆକ୍ଷେପୋକ୍ତିକୁ ଠିକ୍ ଭାବେ ବୁଝିପାରିବେ ନାହିଁ।

**ମିଥୁନ** ଯେକୌଣସି ପ୍ରକାରର ପରିସ୍ଥିତି ହେଉନା କାହିଁକି ଆପଣ ଲକ୍ଷ୍ୟ ହାସଲ କରିବାରେ ଅସୁବିଧା ହେବନାହିଁ। ପୁନର୍ବସୁ ନକ୍ଷତ୍ର ସାମାଜିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପ୍ରଶାସନିକ, ପରିବହନ, ବ୍ୟବସାୟ, ନିର୍ମାଣ ଓ ଆଲୋଚନା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇପାରନ୍ତି।

**କର୍କଟ** କର୍ମସ୍ଥ ଗ୍ରହ ପ୍ରଭାବ ଆପଣଙ୍କୁ ଉନ୍ନତ ଚିନ୍ତାଧାରାସମ୍ପନ୍ନ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଯୋଗସୂତ୍ର ସ୍ଥାପନ କରିବାରେ ସାହାଯ୍ୟ କରିବ। ଈର୍ଷାପରାୟଣ ଶତ୍ରୁମାନଙ୍କ ସମସ୍ୟା ସୃଷ୍ଟି ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ। ଅଫିସରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବାରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବକେୟା ପ୍ରାପ୍ତିକୁ ଦୃଷ୍ଟିରେ ରଖି ପରିସ୍ଥିତି ଅନୁଯାୟୀ କାମ କରିବେ।

**ସିଂହ** ଚତୁର୍ଥସ୍ଥ ବୃହସ୍ପତି ପାରିବାରିକ ସମ୍ପର୍କକୁ ନଷ୍ଟକଲେ ମଧ କର୍ମକ୍ଷେତ୍ର ସକାଶେ ଉନ୍ନତ ସ୍ଥିତି ପ୍ରଦାନ କରିବ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ବିଭିନ୍ନ ଯୋଜନା କରିବାର ଚେଷ୍ଟାକରି କେତେକାଂଶରେ ସଫଳ ହେବେ। କେତେକ ନୂତନ କାମର ପରିକଳ୍ପନା କରି ତାହାକୁ ଆରମ୍ଭ କରିବାର ମନସ୍ଥ କରିପାରନ୍ତି।

**କନ୍ୟା** ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ଲୋକସମ୍ପର୍କ ହ୍ରାସ କରିପାରେ । ଫଳରେ ସାମାଜିକ ସ୍ତରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବେ । ସମସ୍ୟା ରହିଥିଲେ ମଧ ବୁଝିବିଚାରି କାମ କରିବା ସାଙ୍ଗକୁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ ହେବ । ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ କେହି ଈର୍ଷା କରିପାରନ୍ତି।

**ତୁଳା** କର୍ମାଧିପତିଙ୍କର ଧନାଧିପତିଙ୍କ ସହ କେନ୍ଦ୍ରାବସ୍ଥାନ ଅର୍ଥପ୍ରାପ୍ତି ସହ ପଦାଧିକାରୀଙ୍କ ପ୍ରୀତିଭାଜନ କରାଇବ। ବିଶାଖା ନକ୍ଷତ୍ର ସକାଶେ ନିଜର ଲୋକମାନଙ୍କ ବିରୁଦ୍ଧାଚରଣ ଦୁଃଖର କାରଣ ହୋଇପାରେ। ବ୍ୟବସାୟିକ, ସାମାଜିକ ଅଭିବୃଦ୍ଧି କ୍ରମଶଃ ବୃଦ୍ଧି ପାଇବାରୁ ସାମୟିକ ଖୁସି ରହିବେ । ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧିକାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ ।

**ବିଛା** ମଙ୍ଗଳ ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ସ୍ୱାସ୍ଥ୍ୟ ସମସ୍ୟା, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ । ଜ୍ୟେଷ୍ଠା ନକ୍ଷତ୍ର ସକାଶେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା କାରଣରୁ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ଚେଷ୍ଟା କରୁଥିବା କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା, ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେଇପାରେ।

**ଧନୁ** ମୂଳା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟ ସମସ୍ୟା,ଅସଜଡ଼ା ପାରିବାରିକ ପରିସ୍ଥିତି ସହ କର୍ମକ୍ଷେତ୍ରରେ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ଜମିଜମା କାରବାର, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମକର** ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନ ସହ ବୈବାହିକ ସମ୍ପର୍କ ସ୍ଥାପନର ଶୁଭସୂଚନା ମନକୁ ଖୁସିକରାଇବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ଶ୍ରବଣା ନକ୍ଷତ୍ର ମନର ଦୁଃଖକୁ ଲୁଚାଇ ରଖି ଉପରେ ହସି ହସି କଥା କହିବେ।

**କୁମ୍ଭ** ତୃତୀୟସ୍ଥ ଚନ୍ଦ୍ର କୌଣସି ଶୁଭକାର୍ଯ୍ୟର ଯୋଜନା ଦିଗରେ ଚେଷ୍ଟିତ କରାଇବ। ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଲକ୍ଷ୍ୟ ହାସଲ କରିବେ । ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଅବଶ୍ୟ ଆବଶ୍ୟକ ସୁବିଧା ସୁଯୋଗ ଆପଣାଛାଏଁ ଜୁଟିଯିବ । ଶତଭିଷା ନକ୍ଷତ୍ର ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମୀନ** ମୁଖଭାବରେ ଚନ୍ଦ୍ର ଆପଣଙ୍କ ବ୍ୟବହାର ବନ୍ଧୁମାନଙ୍କ ମନୋରଞ୍ଜନ କରାଇବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହଯୋଗ ଆଶାକରି ନିରାଶ ହେବେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ଗବେଷଣା, ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ କ୍ଷେତ୍ରରେ ଧୀରେ ଧୀରେ ସମସ୍ୟା ସମାଧାନ ହେବାର ରାସ୍ତା ଉନ୍ମୁକ୍ତହୋଇପାରେ।

ଆଜି ମାଘ ଶୁକ୍ଳ ଷଷ୍ଠୀ ସୋମବାର, ଫେବୃୟାରୀ ୧୧ ତାରିଖ। ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ଦେବତା ପ୍ରତିଷ୍ଠା ଓ ବାଣିଜ୍ୟକରଣ ପାଇଁ ଶୁଭଦିନ। ଦିବା ଘ.୭।୫୦ମି. ମଧ୍ୟେ ଘ.୧।୨୬ମି. ଗତେ, ଘ.୨।୫୦ମି. ମଧ୍ୟେ ଘ.୪।୧୨ମି. ଗତେ, ଘ.୫।୩୩ମି. ମଧ୍ୟେ ଅମୃତବେଳା। ଦିବା ଘ.୯।୧୫ମି. ଗତେ, ଘ.୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୭।୪୬ମି. ଗତେ, ଘ.୯।୧୧ମି. ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଫେବୃୟାରୀ ୧୧/୨୦୧୯ Sambalpur, Monday, February 11 / 2019 | ପୃଷ୍ଠା-୧




**ଧୋନୀଙ୍କ ମାଇଲଖୁଣ୍ଟ**

ମହେନ୍ଦ୍ର ସିଂ ଧୋନୀ ପ୍ରଥମ ଭାରତୀୟ କ୍ରିକେଟର ଭାବେ ୩୦୦ ଟି୨୦ ମ୍ୟାଚ ଖେଳିବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

୧୦

୦୫

**ଇଣ୍ଡିଆ କନ୍‌ଫରେନ୍ସରେ ଯୋଗଦେବେ ତନୁଶ୍ରୀ**

ବଲିଉଡ୍ ଅଭିନେତ୍ରୀ ତଥା ପୂର୍ବତନ ବିଉଟି କୁଇନ୍ ତନୁଶ୍ରୀ ଦତ୍ତ ବୋଷ୍ଟନସ୍ଥିତ ହାର୍ଭାର୍ଡ ବିଜନେସ୍ ସ୍କୁଲ୍ ପକ୍ଷରୁ ଆୟୋଜିତ ଇଣ୍ଡିଆ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେବେ।



## ୫ ଆତଙ୍କବାଦୀ ନିହତ



**ଶ୍ରୀନଗର,୧୦।୨(ପି.ଟି.)**

ଜମ୍ମୁ କଶ୍ମୀରର କୁଲଗାମ୍ ଜିଲାରେ ରବିବାର ସୁରକ୍ଷା କର୍ମୀ ଓ ଆତଙ୍କବାଦୀ ମଧ୍ୟରେ ଗୁଳିବିନିମୟ ହୋଇଛି। କେଲେମ ଗାଁକୁ ସର୍ଚ୍ଚ ଅପରେଶନରେ ଯାଇଥିବା ସୁରକ୍ଷା ବଳ ଟିମ୍ ଉପରକୁ ଆତଙ୍କବାଦୀମାନେ ଗୁଳିବର୍ଷଣ କରିବାରୁ ସୁରକ୍ଷା ଯବାନଙ୍କ ପାଲଟା ଜବାବ୍‌ରେ ୫ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇଛି। ମୃତ ଆତଙ୍କବାଦୀ ୱାସିମ୍ ଅହମ୍ମଦ ରାଠର, ଆକିବ୍ ନଜିର ମୀର୍, ପରଭେଜ୍ ଅହମ୍ମଦ ଭଟ୍ଟ, ଇଦ୍ରିଶ୍ ଅହମ୍ମଦ ଭଟ୍ଟ, ଜାହିଦ୍ ଅହମ୍ମଦ ପରାୟ ହିଜ୍‌ବୁଲ ମୁଜାହିଦ୍ଦିନ ଏବଂ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ସଦସ୍ୟ ଥିଲେ ବୋଲି ପୋଲିସ କହିଛି। ଏହି ଏନ୍‌କାଉଣ୍ଟରକୁ ବିରୋଧ କରି ବିକ୍ଷୋଭ ହୋଇଥିଲା। ଏନ୍‌କାଉଣ୍ଟରସ୍ଥଳରେ ବିକ୍ଷୋଭକାରୀ ଓ ସୁରକ୍ଷା ଯବାନ ମୁହାଁମୁହିଁ ହୋଇଥିଲେ। ତେବେ ଏଥିରେ କେହି ଆହତ ହୋଇ ନ ଥିବା ଜଣାଯାଇଛି। ଉତ୍ତେଜନା ବଳବତ୍ତର ରହିଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

■ଡଙ୍କାରୀ, ରାହାଡ଼ପୁରରେ ୧୪୪ ଧାରା ଜାରି

# ପୁରୁଣା ଖାଦାନରୁ ଚାଲିଛି ଲୁଟ୍

**ଯାଜପୁର ଅଫିସ,୧୦।୨**

ଯାଜପୁର ଜିଲା ଧର୍ମଶାଳା ତହସିଲ ରାହାଡ଼ପୁର ବେଆଇନ କଳାପଥର ଖାଦାନ ଉପରେ ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ପ୍ରଭାବହୀନ ହୋଇଛି। ଏହି ଖାଦାନକୁ କ୍ଲୋଜର ନୋଟିସ ଦେଇ ଜିଲା ପ୍ରଶାସନ ସାଧାରଣରେ ପ୍ରଶଂସିତ ହୋଇଥିଲା। ହେଲେ ଏକ ସପ୍ତାହ ନ ପୂରୁଣୁ ପଥର ବ୍ୟବସାୟୀଙ୍କ ପ୍ରଭାବ ଆଗରେ ଜିଲା ପ୍ରଶାସନର ଦମ୍ଭ ଭାଙ୍ଗି ଯାଇଛି। ଡଙ୍କାରୀ ଓ ରାହାଡ଼ପୁରରେ ୧୪୪ ଧାରା ଜାରି ପରେ ନିକଟସ୍ଥ ରାଣୀବନ୍ଧି ଡ୍ୟାମକୁ ଲାଗିଥିବା ଏକ ପୁରୁଣା ଖାଦାନକୁ ବେଆଇନ ଭାବେ ଖୋଲି ସେଠାରୁ ବଡ଼ବଡ଼ ପଥର ଉତ୍ତୋଳନ କରାଯାଇ ଦୈନିକ ୫୦ରୁ ଉର୍ଦ୍ଧ୍ୱ ଟ୍ରିପ୍ ଚୋରାଚାଲାଣ କରାଯାଉଛି। ଏଥିଯୋଗୁ ପୁଣି ରାଣୀବନ୍ଧି ଉପରେ ବିପଦ ମାଡ଼ିଆସିଛି। ଏହାବାଦ ଯାଜପୁର-ଢେଙ୍କାନାଳ ସୀମାନ୍ତବର୍ତ୍ତୀ ବିଚ୍ଛିନ୍ନାଞ୍ଚଳ ନିଶ୍ଚନ୍ତା ପାହାଡ଼ରୁ ବେଆଇନ ପଥର ଉତ୍ତୋଳନ ହୋଇ ଏଆରଏସ୍ଏସ୍ କ୍ରଶରକୁ ବେଆଇନ ଭାବେ ଯୋଗାଣ ହେଉଥିବା ଅଭିଯୋଗ ହେଉଛି।

**■ବିପଦରେ ରାଣୀବନ୍ଧି ଡ୍ୟାମ**
**■ଚାଷୀ ମହଲରେ ଅସନ୍ତୋଷ**
**■ଆଖିବୁଜିଛି ପ୍ରଶାସନ**

ସୂଚନାଯୋଗ୍ୟ ଯେ, ରାହାଡ଼ପୁର ପାହାଡ଼ର ୬ ଓ ୧୦ ନମ୍ବର ଖାଦାନ ଉପରେ ଗତ ୫ ତାରିଖରେ ତହସିଲ ପ୍ରଶାସନ ୧୪୪ ଧାରା ଜାରି କରି କ୍ଲୋଜର ନୋଟିସ ଦେଇଥିଲା। ଏହାସହ ପାହାଡକୁ ସଂଯୋଗ କରୁଥିବା ରାସ୍ତାରେ ଜେସିବି ମାଧ୍ୟମରେ ଗର୍ତ୍ତ କରାଯାଇ ଯାନବାହନ ଗମନାଗମନ ଉପରେ ରୋକ ଲଗାଯାଇଥିଲା। ଡଙ୍କାରୀ ଓ ରାହାଡ଼ପୁର ଖାଦାନ ବନ୍ଦ ହେବା ପରେ ଜଣେ ଜିଲା ପରିଷଦ ସଭ୍ୟଙ୍କ ପ୍ରୋତ୍ସାହନରେ ଏହି ପୁରୁଣା ଖାଦାନକୁ ଖୋଲା ଯାଇଥିବା ଚର୍ଚ୍ଚା ହେଉଛି । ଏଠାରୁ ବଡ଼ବଡ଼ ପଥର ଉତ୍ତୋଳନ କରି ପାରାଦୀପ, ଧାମରା, ରାଜନଗର ପ୍ରଭୃତି ଅଞ୍ଚଳକୁ ଚୋରାଚାଲାଣ କରାଯାଉଛି। ଜଙ୍ଗଲ ଓ ପରିବେଶ ବିଭାଗ କିମ୍ବା ଜିଲା ପ୍ରଶାସନରୁ କୌଣସି ଅନୁମତି ମିଳି ନ ଥିବା ବେଳେ ଅବାଧରେ ପଥର ଚୋରା ଚାଲାଣ ହୋଇଚାଲିଛି। ସବୁ ଦେଖି ପ୍ରଶାସନ ଆଖି ବୁଜି ଦେଇଥିବା ଭଳି ପ୍ରତୀୟମାନ ହେଉଛି। ଏହାଦ୍ୱାରା ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରେ ଆହୁରି ବିପଦ ସୃଷ୍ଟି ହୋଇଛି। ୧୯୮୮ରୁ ଡଙ୍କାରୀ ଓ ରାହାଡପୁର ପାହାଡ ପାଦଦେଶରେ ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି। ଏହି ପ୍ରକଳ୍ପ ପାଣିରେ ରମ୍ପେଇ, କାଦୁଅମାଗୁର ଆଦି ଗ୍ରାମର ପ୍ରାୟ ୪୮ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା କରାଯାଇଛି । କିନ୍ତୁ ଡଙ୍କାରୀ ପାହାଡ଼ରେ କଳାପଥର ଖନନ ଆରମ୍ଭ ପରେ ଜଳସେଚନ ଠପ୍ ହୋଇଯାଇଛି। ପାହାଡ଼ର ବିଭିନ୍ନ ସ୍ଥାନରେ ଖନନ ଯୋଗୁ ବର୍ଷା ପାଣି ଠିକ୍ ଭାବେ ପାଦଦେଶକୁ ଆସି ପାରୁନାହିଁ। ପାହାଡ଼ରୁ ଝରୁଥିବା ଋତୁକାଳୀନ ଝରଣା ମଧ୍ୟ ଏଠାରେ ବନ୍ଦ ହୋଇଯାଇଛି। ଫଳରେ ରାଣୀବନ୍ଧି ଡ୍ୟାମରେ ଜଳ ସଂରକ୍ଷିତ ହୋଇ ନ ପାରି ଚାଷୀଙ୍କ ଆଶା ମଉଳି ଯାଇଛି। କଳାପଥର ଖାଦାନର ପଥର ଗୁଣ୍ଡ ଯୋଗୁ ଏହି ଡ୍ୟାମ ତା'ର ଅସ୍ତିତ୍ୱ ମଧ୍ୟ ହରାଇବାକୁ ବସିଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପତ୍ରସଂଖ୍ୟା ୮୨/୩।୧।୨୦୧୮ରେ ସୂଚନା ମିଳିଛି। ଏବେ ରାଣୀବନ୍ଧିକୁ ଲାଗି ରହିଥିବା ପୁରୁଣା ଖାଦାନ କାର୍ଯ୍ୟକାରୀ ହେଲେ ଯେଉଁ ପାଣି ଟିକକ ସଂରକ୍ଷିତ ରହୁଥିଲା ତାହା ମଧ୍ୟ ବନ୍ଦ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଏହି ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ୨୦୧୭-୧୮ ☞ପୃଷ୍ଠା-୪



ବେଆଇନ ଭାବେ ପଥର ଚୋରାଚାଲାଣ ଚାଲିଛି।

■ଟିଏମ୍‌ସି ବିଧାୟକ ହତ୍ୟାକାଣ୍ଡ

## ମୁକୁଲଙ୍କ ବିରୋଧରେ ଏତଲା

**କୋଲକାତା,୧୦।୨(ପି.ଟି.)**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକ ସତ୍ୟଜିତ୍ ବିଶ୍ୱାସ ହତ୍ୟାକାଣ୍ଡକୁ ନେଇ ରାଜନୈତିକ କାଦୁଅଫିଙ୍ଗା ଜୋର ଧରିଛି। ହତ୍ୟାକାଣ୍ଡ ପାଇଁ ଶାସକ ଟିଏମ୍‌ସି ସିଧାସଳଖ ଭାଜପାକୁ ଦାୟୀ କରିଛି। ପୋଲିସରେ ଦାଏର ଏତଲାରେ ଭାଜପା ନେତା ମୁକୁଲ ରାୟ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ମୁକୁଲଙ୍କ ବ୍ୟତୀତ ଏତଲାରେ ଉଲ୍ଲେଖ ଥିବା ଅନ୍ୟ ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରାଯାଇଛି।

ଟିଏମ୍‌ସିର ପୂର୍ବତନ ସାଧାରଣ ସମ୍ପାଦକ ମୁକୁଲଙ୍କର ଦଳ ସୁପ୍ରିମୋ ମମତା ବାନାର୍ଜୀଙ୍କ ସହ ମତଭେଦ ହେବାରୁ ସେ ଗତବର୍ଷ ଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ। ଟିଏମ୍‌ସିର ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଅନ୍ୟ ପକ୍ଷରେ ବିଶ୍ୱାସଙ୍କ ହତ୍ୟାର କାରଣ ଟିଏମ୍‌ସିରେ ଅନ୍ତର୍ଦ୍ୱନ୍ଦ୍ୱ କାରଣରୁ ହୋଇଥିବା ସେ ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଓ ବିଧାୟକ ଯୋଗ ଦେଇଥିବା ପୂଜା ପେଣ୍ଡାଲରେ ସୁରକ୍ଷାରେ ତ୍ରୁଟି ପାଇଁ ଥାନାର ଭାରପ୍ରାପ୍ତ ଅଧିକାରୀ ଏବଂ ଜଣେ ☞ପୃଷ୍ଠା-୪

## ୯୦ ହଜାର କୋଟି ଟପିବ ଜନଧନ ଆକାଉଣ୍ଟ ଜମା

**ନୂଆଦିଲ୍ଲୀ,୧୦।୨**

ଗରିବଙ୍କୁ ବ୍ୟାଙ୍କ ସହ ଯୋଡିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ୨୦୧୪ ଅଗଷ୍ଟ ୨୮ରେ ଶୁଭାରମ୍ଭ କରିଥିଲେ। ଏବେ ଏହି ଯୋଜନାରେ ବ୍ୟାଙ୍କ ଆକାଉଣ୍ଟରେ ଜମା ପରିମାଣ ୯୦ ହଜାର କୋଟି ଟଙ୍କା ଟପିଯିବ ବୋଲି ଆକଳନ କରାଯାଉଛି। ଜନଧନ ଆକାଉଣ୍ଟଧାରୀଙ୍କୁ ଦୁର୍ଘଟଣା ବୀମା ବାବଦରେ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିବା ପରେ ଏଥିରେ ଜମା ପରିମାଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ଅର୍ଥ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ, ୨୦୧୭ ମାର୍ଚ୍ଚରୁ ଏହି ଯୋଜନା ଆରମ୍ଭ ହେବା ପରେ ଏହି ଆକାଉଣ୍ଟରେ ଜମା ପରିମାଣ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଜାନୁୟାରୀ ୩୦ ସୁଦ୍ଧା ଜନଧନ ଯୋଜନାରେ ବ୍ୟାଙ୍କରେ ୮୯,୨୫୭.୫୭ କୋଟି ଟଙ୍କା ଜମା ପଡିଲାଣି। ଜାନୁୟାରୀ ୨୩ ସୁଦ୍ଧା ☞ପୃଷ୍ଠା-୪




### ଆଜିର ମନ୍ତବ୍ୟ

"ଫେଲ୍ ଛାତ୍ର ସବୁବେଳେ ଟପ୍ପରଙ୍କୁ ଘୃଣା କରନ୍ତି।
– ଅରୁଣ ଜେଟ୍‌ଲୀ, କେନ୍ଦ୍ରମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ଜାନୁୟାରୀରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୪% ହ୍ରାସ ଘଟି ୮.୯୯ ନିୟୁତ ଟନ୍ ରହିଛି।
–ୱାର୍ଲଡ ଷ୍ଟିଲ ଆସୋସିଏଶନ

### ଖାକିରେ କଳଙ୍କ



## ଥାନା ପରିସରରେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ



**ସୋହେଲା,୧୦।୨(ଡି.ଏନ.ଏ.)**

ବରଗଡ ଜିଲାରେ ପୋଲିସ ପୋଷାକରେ କଳଙ୍କର ଛିଟା ଲାଗିବା ନୂଆ ନୁହେଁ। ପୂର୍ବରୁ ଭେଡେନ ଥାନାରେ ମାଖନୁ ବାଗ ହତ୍ୟା ଭଳି ଅନେକ ଘଟଣା ଜନସାଧାରଣରେ ପୋଲିସର ଛବିକୁ ମଳିନ କରିଥିବାବେଳେ ବର୍ତ୍ତମାନ ସୋହେଲା ଥାନା ପରିସରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯିବା ଭଳି ସମ୍ବେଦନଶୀଳ ଘଟଣା ଘଟିଛି। ଏହି ଘଟଣାରେ ଜଣେ ଯୁବକଙ୍କ ସମେତ ଖୋଦ୍ ସୋହେଲା ଥାନାର ଜଣେ ଏଏସ୍ଆଇ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏଠାରେ ପୋଲିସ ରକ୍ଷକ ହୋଇ ଭକ୍ଷକ ସାଜିଛି। ରବିବାର ଏ ନେଇ ମେଲଛାମୁଣ୍ଡା ଥାନାରେ ଆଇପିସିର ଧାରା ୩୬୩, ୩୬୬, ୩୭୬ ଓ ପୋକ୍ସୋ ଆକ୍ଟର ଧାରା ୬ ଅନୁସାରେ ଏକ ମାମଲା (ନଂ.୧୫/୧୯) ରୁଜୁ ହୋଇଛି । ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ମଧ୍ୟସ୍ଥର ନାହିଁ ପ୍ରୟୋଜନ


**SUDHAKAR**
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com



NECC NATIONAL EGG CO-ORDINATION COMMITTEE — 10.02.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 78 | 129 | 139 |
| BDK | 81 | 133 | 143 |
| BLS | 82 | 135 | 145 |
| ANG | 80 | 132 | 142 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers





## ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍‌ରେ କେନ୍ଦୁଝର ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥ

**କେନ୍ଦୁଝର, ୧୦।୨(ସ୍ୱ.ପ୍ର.)**

କେନ୍ଦୁଝରର ଶ୍ରୀଶ୍ରୀ ବଳଦେବଜୀଉଙ୍କ ରଥ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛି। ଦେଶରେ ସର୍ବୋଚ୍ଚ ରଥ ଭାବେ ମାନ୍ୟତା ମିଳିଛି। ଉକ୍ତ ସଂସ୍ଥାର ଅଧିକାରୀ ରାଜେଶ କୁମାର ବର୍ମା ରବିବାର କେନ୍ଦୁଝର ଗସ୍ତକରି ରଥର ଉଚ୍ଚତା ମାପିବା ସହ ବିଭିନ୍ନ ଦସ୍ତାବିଜ ଯାଞ୍ଚକରି ଏହି ଘୋଷଣା କରିଛନ୍ତି। ଏ ନେଇ କେନ୍ଦୁଝର ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ସୋମନାଥ ପ୍ରଧାନଙ୍କୁ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରାଯାଇଛି।

ପୂର୍ବରୁ ୫ଟି ସଂସ୍ଥା ପକ୍ଷରୁ ମଧ୍ୟ ସର୍ବୋଚ୍ଚ ରଥ ବୋଲି ପ୍ରମାଣପତ୍ର ମିଳିଥିଲା। ଏବେ ଏହି ସଂସ୍ଥା ପକ୍ଷରୁ ମିଳିବା ପରେ ଏହା ଗ୍ରୀନିଜ ବୁକ ଅଫ ୱାର୍ଲଡ ରେକର୍ଡ ଓ ଅନ୍ୟ ଗ୍ଲୋବାଲ ରେକର୍ଡ ପାଇଁ ଆବେଦନ କରାଯାଇପାରିବ ବୋଲି କୁହାଯାଉଛି। ଏହି ରଥ ରାଜାରାଜୁଡା ଅମଳରୁ ପ୍ରସ୍ତୁତ ହୋଇ ଆସୁଛି। ଏହି ରଥର ଉଚ୍ଚତା ଆଗରୁ ଅଧିକ ଥିଲା। କାଠର ଅଭାବ ଯୋଗୁଁ ଏହା କମିବାକୁ ଲାଗିଥିବା କୁହାଯାଉଛି।


India Book of Records
Extra ordinary feats... Extra ordinary people
CERTIFICATE
TALLEST CHARIOT
The record for making the tallest chariot of Lord Jagannath was achieved by Sub-Collector & Executive Office, Endowment Department (Debottar), Keonjhar, Odisha, at Lord Baladevjew Bije Temple, Keonjhargarh, Keonjhar on February 10, 2019.
Date: February 10, 2019

ମିଳିଥିବା ଇଣ୍ଡିଆ ବୁକ ଅଫ୍ ରେକର୍ଡ ପ୍ରମାଣପତ୍ର।


Renault KWID
ସମସ୍ତ ଭାରିଆଣ୍ଟସ ବର୍ତ୍ତମାନ ଏୟାରବ୍ୟାଗ ଏବଂ ABS ସହିତ ।
ଷ୍ଟାଇଲିଶ୍ ଏବଂ ସ୍ୱତନ୍ତ୍ର ବୈଶିଷ୍ଟ୍ୟରେ ଭରା

Driver Airbag | Anti-Lock Braking System | Seat Belt Reminder
Reverse Parking Camera | AMT Dial | Apple CarPlay Android Auto™

ଶ୍ରେଣୀ ଆରମ୍ଭ ₹2.85 ଲକ୍ଷ# ରୁ
₹3,999***ର ସ୍ୱଳ୍ପ EMI + ₹45,000^ ପର୍ଯ୍ୟନ୍ତର ଲାଭ




For a test drive, SMS 'KWID' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm). Also available in CSD. Special offers for Defence Personnel, Government, PSU and Corporate employees.

Terms and conditions apply. #Price mentioned is for the base variant for ex-showroom Bhubaneswar and is exclusive of local taxes. Offers may vary across variants and cities. Benefits are applicable only on select variants of 2018 manufacturing. ***Contact your nearest dealer for loan amount and tenure details. All finance offers through the dealer, and at the sole discretion of the financier. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). The above mentioned offers are valid till 28th February, 2019. ^Benefits of ₹45,000 include insurance at ₹1, Exchange bonus of ₹20,000 and Cash benefit of ₹10,000 for MT variants only. Exchange at the sole discretion of Renault Selection only. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

**SHOWROOMS: ODISHA: SAMBALPUR:** RENAULT Sambalpur Mob: +91 8860048351. **BHUBANESWAR:** RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. **BALANGIR:** RENAULT Balangir Mob: +91 9643800378. **JHARSUGUDA:** RENAULT Jharsuguda Mob: +917290055349. **ROURKELA:** RENAULT Rourkela Mob: + 91 8860875802, + 91 9778845542.

L&K | SAATCHI & SAATCHI

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ



# ମଧ୍ୟସ୍ଥର ନାହିଁ ପ୍ରୟୋଜନ

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ଦେଶର ପ୍ରମୁଖ କ୍ଷମତାକେନ୍ଦ୍ର ଭାବେ ଜଣାଶୁଣା। ରାଷ୍ଟ୍ର ହିତରେ ନ ଲାଗି ଏହା ଯେତେବେଳେ ଅହଂକାର ଓ ଆର୍ଥିକ କାରବାର ସହିତ ପ୍ରବଳ ମାତ୍ରାରେ ଜଡ଼ିତ ହୋଇଯାଏ, ସେତେବେଳେ ଦୁର୍ନୀତିର ଗନ୍ତାଘର ପାଲଟିବାର ଆଶଙ୍କା ଥାଏ। ନିକଟ ଅତୀତରେ ପିଏମ୍ଓର ଶୀର୍ଷ ଅଧିକାରୀଙ୍କ ଅଯଥା ହସ୍ତକ୍ଷେପ ଯୋଗୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରସାତଳକୁ ଯିବା ସହ ଏହାର ମର୍ଯ୍ୟାଦାହାନି ହୋଇଛି। କିଛି ମାସ ତଳେ ସିବିଆଇ ମୁଖ୍ୟ ଭାବେ ଆଲୋକ ବର୍ମା ଓ ଦ୍ୱିତୀୟ ଶୀର୍ଷ ଅଧିକାରୀ ରାକେଶ ଆସ୍ଥାନାଙ୍କ ମଧ୍ୟରେ କଳିକୁ ପିଏମ୍ଓ ବଢ଼ାଇଥିଲା। କେବଳ ସେତିକି ନୁହେଁ, ପିଏମ୍ଓରେ ଥିବା ସର୍ବୋଚ୍ଚ ଅଧିକାରୀଙ୍କ ମଧ୍ୟରେ ଅହଂକାର ଲଢ଼େଇର ଖେଳଣା ସାଜିଥିଲେ ଏହି ଦୁଇ ଅଧିକାରୀ। ସେହିପରି କୋଲକାତାରେ ଯେଉଁ ସିବିଆଇ ନାଟକ ମଞ୍ଚସ୍ଥ ହୋଇ ସୁପ୍ରିମକୋର୍ଟ ଯାଏ କଥା ଗଲା, ତା' ପଛରେ ପିଏମ୍ଓ ଥିବା ଆଲୋଚନା ହେଉଛି। ଦେଶର ସ୍ୱତନ୍ତ୍ର ତଥା ସ୍ୱାଧୀନ ସଂସ୍ଥାଗୁଡ଼ିକରେ ପିଏମ୍ଓରୁ ସିଧାସଳଖ ନିର୍ଦ୍ଦେଶ ଦିଆଯାଉଥିବା ନେଇ ଅନେକ ସମୟରେ ଅଭିଯୋଗ ଆସୁଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ନ୍ୟାଶନାଲ ସାମ୍ପଲ ସର୍ଭେ ଅଫିସ (ଏନ୍ଏସ୍ଏସ୍ଓ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ରାଜନୈତିକ ଉଦ୍ଦେଶ୍ୟ ରଖି ବ୍ୟବହାର କରାଯାଉଥିବାର ପ୍ରମାଣ ମିଳିସାରିଲାଣି। ପିଏମ୍ଓର ହସ୍ତକ୍ଷେପ ଯୋଗୁ ଜଣକ ପରେ ଜଣେ ଆର୍‌ବିଆଇ ଗଭର୍ନର ପଦ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏସବୁକୁ ଏବେ ଟପି ଯାଇଛି ରାଫାଲ ଯୁଦ୍ଧ ବିମାନ କିଣାରେ ପିଏମ୍ଓର ହସ୍ତକ୍ଷେପ। ଏହାକୁ ନେଇ ଦେଶ ରାଜନୀତି ସରଗରମ ହୋଇଛି।

ପୂର୍ବରୁ ଏହିଭଳି ଅସ୍ତ୍ରଶସ୍ତ୍ର କିଣାରେ ମଧ୍ୟସ୍ଥଙ୍କ ଦ୍ୱାରା ଦୁର୍ନୀତି ହେଉଥିଲା ବୋଲି ଦୋଷାରୋପ କରାଯାଉଥିଲା। ହେଲେ ଫ୍ରାନ୍ସର ଦାସଲ୍ଟ ଆଭିଏଶନ୍ କମ୍ପାନୀ ସହିତ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ରାଫାଲ ଲଢ଼ୁଆ ବିମାନ କିଣିବା ସମ୍ପର୍କରେ ଆଲୋଚନା କରୁଥିବା ବେଳେ ପିଏମ୍ଓ ମୂଳଚାଲ ଓ 'ସମାନ୍ତରାଳ ଆଲୋଚନା' କରୁଥିଲା ବୋଲି ଏବେ ଜଣାପଡ଼ିଛି । ଏହାର ଅର୍ଥ ହେଲା ଖୋଦ୍ ପିଏମ୍ଓ ହୋଇଯାଇଛି ମଧ୍ୟସ୍ଥ ବା ତୃତୀୟ ପକ୍ଷ। ଏହି କଥା ଜାଣିପାରି ୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ନୋଟ୍‌ରେ ଅସନ୍ତୋଷ ବ୍ୟକ୍ତ କରିଥିଲା। ଏଥିସହ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରି ପିଏମ୍ଓର ସମ୍ପୃକ୍ତ ଅଧିକାରୀଙ୍କୁ ସମାନ୍ତରାଳ ଆଲୋଚନାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେବା ଲାଗି ମନ୍ତ୍ରଣାଳୟର ସଚିବଙ୍କ ପକ୍ଷରୁ ଉକ୍ତ ନୋଟ୍‌ରେ ଉଲ୍ଲେଖ କରାଯାଇଥିଲା। ପ୍ରତିରକ୍ଷା ସଚିବଙ୍କ ଦ୍ୱାରା ଫାଇଲ୍‌ରେ ଲେଖାଯାଇଥିବା ନୋଟ୍ ପଦାରେ ପଡ଼ିବା ପରେ ଏବେ ଏହାକୁ ଅନେକ ପ୍ରକାରରେ ଖଣ୍ଡନ କରାଯାଉଛି। କୁହାଯାଉଛି ଯେ, ସେହି ଫାଇଲରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ସଚିବଙ୍କ କଥାକୁ ଖଣ୍ଡନ କରିଥିଲେ। ତେବେ ଏହି ଦୁଇଟି ମନ୍ତବ୍ୟର ତାରିଖ ଦେଖିଲେ ଏକ ମାସରୁ ଊର୍ଦ୍ଧ୍ୱ ସମୟର ବ୍ୟବଧାନ ବାରି ହୋଇପଡୁଛି। ସେଥିରୁ ସହଜରେ ବୁଝାପଡ଼ିବ ଯେ, ଏତେ ଦୀର୍ଘ ସମୟ ମଧ୍ୟରେ ସବୁ ପ୍ରମାଣକୁ ନଷ୍ଟ କରି ଦିଆଯାଇଥିଲା।

ଦେଶର ସବୁଠାରୁ ସମ୍ବେଦନଶୀଳ କ୍ଷେତ୍ର ହେଉଛି ପ୍ରତିରକ୍ଷା। ହେଲେ ଦେଖାଯାଇଛି ସ୍ୱାଧୀନତା ପରେ ଯେତେ ସରକାର ଆସିଛନ୍ତି, ପ୍ରତିରକ୍ଷା ଦୁର୍ନୀତିରେ ସମ୍ପୃକ୍ତ ଥିବା ବାରମ୍ବାର ଅଭିଯୋଗ ହୋଇଆସିଛି। ବୋଫର୍ସ ତୋପ କିଣାଠାରୁ ଆରମ୍ଭ କରି ଅଗୁସ୍ତା ଓ୍ୱେଷ୍ଟଲାଣ୍ଡ ଓ ଏବର ରାଫାଲ ପର୍ଯ୍ୟନ୍ତ ଦୁର୍ନୀତିର ତାଲିକା ହିସାବ କଲେ ଏହା ଲମ୍ବିଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପୂର୍ବରୁ ଉପା ସରକାର ସମୟରେ ହୋଇଥିବା ଦୁର୍ନୀତିକୁ ଦୋହରାଇ ଚାଲିଥିଲେ। ଜନସାଧାରଣ ଉପାର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ତାଙ୍କୁ କ୍ଷମତାସୀନ କରିଥିଲେ ମଧ୍ୟ ଏହି ସରକାର ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରଖିବାରେ ଅସମର୍ଥ ହୋଇଥିବା ଘଟଣା ଏବେ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଫାଲ ସଂକ୍ରାନ୍ତରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲଙ୍କ ଅଭିଯୋଗକୁ ବର୍ତ୍ତମାନର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଖଣ୍ଡନ କରିଥିଲେ ମଧ୍ୟ ସରକାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରିବାକୁ ଅମଙ୍ଗ ହେଉଥିବାରୁ ମୋଦି ସରକାରଙ୍କ ଶାସନ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଯଦି ସରକାର ସଚ୍ଚୋଟ, ତେବେ ଜେପିସି ବସାଇବାର କୌଣସି ବାଧା ରହିବା କଥା ନୁହେଁ। ଏତଦ୍‌ବ୍ୟତୀତ ସରକାରଙ୍କ ଦ୍ୱାରା ପରିଚାଳିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର କାର୍ଯ୍ୟଦକ୍ଷତା ବୃଦ୍ଧି କରାଇବାକୁ ଯାଇ ରାଫାଲ ଚୁକ୍ତିରେ ତାହାର ସମ୍ପୃକ୍ତିକୁ ସୁରକ୍ଷିତ ରଖାଯାଇପାରିଥାଆନ୍ତା। ସେହି କାର୍ଯ୍ୟ କରାଯାଇ ନାହିଁ। ଅନ୍ୟପଟେ ଅନିଲ ଅମ୍ବାନୀଙ୍କ ଦ୍ୱାରା ନୂତନ ଭାବେ ଗଢ଼ି ଉଠିଥିବା ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ (ଆର୍‌ଡିଏଲ୍)କୁ ଦାସଲ୍ଟ ସହଯୋଗୀ କମ୍ପାନୀ ଭାବେ ଚୁକ୍ତିରେ ଅନ୍ତର୍ଭୁକ୍ତ କରାଗଲା। ଏହା ମଧ୍ୟ ଏବେ ଅବିଶ୍ୱାସର କାରଣ ପାଲଟିଛି। ସେଥିପାଇଁ କୁହାଯାଉଛି ଯେ, ମଧ୍ୟସ୍ଥଙ୍କୁ ଦୂରେଇ ଦେଇ ପିଏମ୍ଓ ନିଜେ ସେହି କାର୍ଯ୍ୟ କରୁଛି।

ସମାଧାନ ଭାବରେ କୁହାଯାଇପାରନ୍ତା ଯେ, ଭବିଷ୍ୟତରେ ଯେତେବେଳେ ବି ଏହିଭଳି ଉଚ୍ଚମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ସଂକ୍ରାନ୍ତ ଚୁକ୍ତି କରାଯିବ, ସେଥିରେ ସ୍ୱଚ୍ଛତା ସହିତ ଗୋପନୀୟତାର ଏକ ସନ୍ତୁଳନ ସୃଷ୍ଟି କରିବା ସର୍ବନିମ୍ନ ଆବଶ୍ୟକତା ହେବା କଥା।

# ଦୁର୍ନୀତିର ସ୍ୱରୂପ



ପ୍ରେମାନନ୍ଦ ନାୟକ

ତୃଣମୂଳ ସ୍ତରରେ ଲୋକମାନେ ଶାସନ ତଥା ବିକାଶରେ ପ୍ରତ୍ୟକ୍ଷ ଭାବେ ଭାଗୀଦାର ହୋଇପାରିଲେ ଦେଶର ପ୍ରକୃତ ଉନ୍ନତି ସାଧିତ ହେବ ବୋଲି ଚିନ୍ତାକରି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରବର୍ତ୍ତନ ହୋଇଛି। ଏହା ଜରିଆରେ ଗ୍ରାମାଞ୍ଚଳର ବିକାଶ, ଦାରିଦ୍ର୍ୟ ଦୂରୀକରଣ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଲାଗି ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଯୋଜନାର ରୂପାୟନ ବେଳେ ବିନିଯୋଗ ଅର୍ଥରୁ ବିପୁଳ ପରିମାଣ ବାଟମାରଣା ହେବା ସହିତ ସାଧାରଣ ଜନତାଙ୍କୁ ଶୋଷଣ କରି କେତେଜଣ ଲାଭବାନ ହେଉଛନ୍ତି। ଫଳରେ ସରକାରଙ୍କ ଜନହିତକର ଯୋଜନାର ଲକ୍ଷ୍ୟ ସାଧିତ ହୋଇପାରୁ ନାହିଁ। ନିମ୍ନରେ ଖବରକାଗଜରୁ ପଢ଼ିଥିବା କେତେକ ସତ୍ୟ ଘଟଣା ଉଲ୍ଲେଖ କରୁଛୁ।

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅଙ୍କରିଆପଦର ଗ୍ରାମର ଉଲ୍ଲେଶ ଦୀପଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ଆଗରେ ଥିବାବେଳେ କାର୍ଯ୍ୟାଦେଶ ପତ୍ର ପାଇଁ ସରପଞ୍ଚ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଲେ। ଗରିବ ଉଲ୍ଲେଶ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ଉକ୍ତ ତାଲିକାରେ 'ମୃତ' ଦର୍ଶାଯାଇ ତାଲିକାରେ ବହୁ ତଳେ ଥିବା କିଛି ବଡ଼ବଡ଼ିଆ ହିତାଧିକାରୀଙ୍କୁ ଘର ଦିଆଗଲା। ଉଲ୍ଲେଶ ଜିଲାପାଳଙ୍କ ପାଖରେ ଅଭିଯୋଗ କଲାପରେ ଘଟଣାର ତଦନ୍ତ କରାଯାଇ ଅଙ୍କରିଆପଦର ପଞ୍ଚାୟତର ନିର୍ବାହୀ ଅଧିକାରୀ ଦେବରାଜ ମାଝିଙ୍କୁ ନିଲମ୍ବନ କରାଗଲା। ସେହିଭଳି ବେଗୁନିଆ ଅଞ୍ଚଳର ଜଗନ୍ନାଥ ମହାରଣା 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଓ ପାଇଖାନା ନିର୍ମାଣ ବାବଦରେ ମଞ୍ଜୁର ହୋଇଥିବା ମୋଟ ୧ଲକ୍ଷ ୨୦ ହଜାର ଟଙ୍କା ମଧ୍ୟରୁ ୯୦ହଜାର ଟଙ୍କା ପାଇଥିଲେ। ଅବଶିଷ୍ଟ ୩୦ ହଜାର ଟଙ୍କା ପାଇଁ ବେଗୁନିଆ ବ୍ଲକ ଗ୍ରାମ ରୋଜଗାର ସେବକ ତାଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ। ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ୪ ନମ୍ବର ଓ୍ୱାର୍ଡ଼ର ରାଜୁ ଭୋଇ 'ଇନ୍ଦିରା ଆବାସ' ପାଇଁ କାର୍ଯ୍ୟାଦେଶ ପାଇବା ପରେ ପ୍ରଥମ କିସ୍ତି ବାବଦରେ ୨୦ ହଜାର ଟଙ୍କା ପାଇଥିଲେ। ଦ୍ୱିତୀୟ କିସ୍ତି ପ୍ରଦାନ ପାଇଁ କାର୍ଯ୍ୟନିର୍ବାହୀ ଜଣକ ରାଜୁଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କଲେ। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଉପରଦୁମୁକା ଗ୍ରାମର ହିତାଧିକାରୀ ମାଳତୀ ନାୟକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିବା ପରେ ମାଳତୀଙ୍କ ଦିଅରଙ୍କଠାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଲ୍ କରାଇଦେବା ପାଇଁ ୫ ହଜାର ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କଲା।

ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ 'ଇନ୍ଦିରା ଆବାସ', 'ବିଜୁ ପକ୍କାଘର', 'ମୋ କୁଡ଼ିଆ', 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା'ରେ ଗରିବ ଲୋକମାନେ ଘରଖଣ୍ଡେ ପାଇବା ପାଇଁ ପଞ୍ଚାୟତ ସ୍ତରରେ କିଭଳି ଶୋଷଣର ଶିକାର ହେଉଛନ୍ତି, ଉପରୋକ୍ତ ଘଟଣାଗୁଡ଼ିକ ତାହାର ଗୋଟିଏ ଗୋଟିଏ ନମୁନା ମାତ୍ର। ଏହିଭଳି ଘଟଣା ପ୍ରାୟ ସମସ୍ତ ପଞ୍ଚାୟତରେ ଘଟୁଛି। ସରକାରଙ୍କର ଅନ୍ୟ ଯୋଜନାଗୁଡ଼ିକ ମଧ୍ୟ ଦୁର୍ନୀତିମୁକ୍ତ ନୁହନ୍ତି। ବିଦ୍ୟାଳୟଗୁଡ଼ିକରେ ମିଥ୍ୟା ଉପସ୍ଥାନ ଦର୍ଶାଇ ମଧ୍ୟାହ୍ନଭୋଜନ ସାମଗ୍ରୀ ହେରଫେର କରାଯାଉଛି ତ ଯୋଗାଣ ଏବଂ ନିର୍ମାଣ କାର୍ଯ୍ୟରେ ପର୍ସେଣ୍ଟେଜ୍ ଦେଇ ବିପୁଳ ଅର୍ଥ ହଡ଼ପ ହେଉଛି।

ଏବେ ଅନ୍ୟାନ୍ୟ ରାଜ୍ୟ ଏବଂ କେନ୍ଦ୍ର ପ୍ରସଙ୍ଗକୁ ଆସିବା। ବିହାରର ଅରାରିଆ ଜିଲାର ୨୦୮୦ ପ୍ରାଥମିକ ବିଦ୍ୟାଳୟରେ ମୋଟ ସାଢେ ୫ଲକ୍ଷ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଥିବା ଦର୍ଶାଯାଉଥିଲେ ସୁଦ୍ଧା ବାସ୍ତବରେ ସେତିକି ସଂଖ୍ୟାରେ ପିଲା ନ ଥିବା ଅନୁଧ୍ୟାନରୁ ଜଣାପଡ଼ିଥିଲା। ୨୫୧ଜଣ ପ୍ରଧାନଶିକ୍ଷକଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କଠାରୁ ଜରିମାନା ଆକାରରେ ମୋଟ ୬୧ଲକ୍ଷ ୬୮ ହଜାର ଟଙ୍କା ଆଦାୟ କରିଛନ୍ତି। ବିଗତ ଦୁଇବର୍ଷରେ ଗଙ୍ଗାନଦୀ ସଫେଇ କାର୍ଯ୍ୟକ୍ରମରେ ସରକାର ପ୍ରାୟ ୭ହଜାର କୋଟି ଟଙ୍କା ଖର୍ଚ୍ଚ କରିସାରିଥିଲେ ମଧ୍ୟ ଆଶାନୁରୂପ ଫଳ ମିଳିପାରିନାହିଁ। ସୂଚନାଯୋଗ୍ୟ, ବିଗତ ୨୮ବର୍ଷ ମଧ୍ୟରେ କେନ୍ଦ୍ର ସରକାର ପ୍ରାୟ ୨୦ ହଜାର କୋଟି ଟଙ୍କା ଗଙ୍ଗାନଦୀ ସଫେଇ କାର୍ଯ୍ୟରେ ବ୍ୟୟ କରିଛନ୍ତି। କିନ୍ତୁ ଫଳ ଯଥା ପୂର୍ବଂ ତଥା ପରମ୍। ତିନିକୋଟି ଟଙ୍କା ଲାଞ୍ଚ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ବମ୍ବେରେ କାର୍ଯ୍ୟରତ ଆୟକର ବିଭାଗ ଡେପୁଟି କମିଶନର ଜୟପାଲ ସ୍ୱାମୀଙ୍କ ସମେତ ତିନିଜଣଙ୍କୁ ସିବିଆଇ ଅଧିକାରୀମାନେ ତା୨୨।୯।୨୦୧୭ରେ ଗିରଫ କଲେ। ୨୦୦୫ରେ ୧୧ଜଣ ସାଂସଦ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ସଂସଦରୁ ବହିଷ୍କୃତ ହୋଇଥିଲେ। ଏହି ଅଭିଯୁକ୍ତମାନଙ୍କ ଭିତରେ ଭାଜପା, କଂଗ୍ରେସ, ବିଏସ୍‌ପି ଏବଂ ଆର୍‌ଜେଡିର ସାଂସଦ ଅଛନ୍ତି। କଟକର ଏସ୍‌ସିବି ମେଡ଼ିକାଲ କଲେଜ ହାସ୍‌ପାତାଳରେ ହେପାଟୋଲୋଜି ବିଭାଗର ଦୁଇଜଣ ଡାକ୍ତର ଏକ ନିର୍ଦ୍ଦିଷ୍ଟ ଔଷଧ କମ୍ପାନୀ ସହିତ ସଲାସୁତୁରାରେ ସରକାରଙ୍କ ଓଡ଼ିଶା ରଜ୍ୟ ଚିକିତ୍ସା ପାଣ୍ଠି (ଓଏସ୍‌ଟିଏଫ୍)ରୁ ବିପୁଳ ଅର୍ଥ ରୋଜଗାର କରିବା କାରଣ ଯୋଗୁ ଗତ ଡିସେମ୍ବରରେ ଗିରଫ ହେଲେ। ଚଢାଉ ବେଳେ ଜଣେ ଡାକ୍ତର ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି, ଯାହାକି ତାଙ୍କ ଆୟର ୨୯୪ ପ୍ରତିଶତ। ସେହିପରି ବାଙ୍ଗାଲୋରରେ ଆୟକର ବିଭାଗ ଚଢାଉ ବେଳେ ଧରାପଡ଼ିଛି ଡାକ୍ତର ଓ ନିଦାନ କେନ୍ଦ୍ର ମଧ୍ୟରେ ଅନୈତିକ ସମ୍ପର୍କ। ରୋଗୀକୁ ଅନାବଶ୍ୟକ ପରୀକ୍ଷା ଲାଗି ପାଥୋଲାବ୍‌କୁ ପଠାଇ ସେଠାରୁ ବିପୁଳ ପରିମାଣର କମିଶନ ନେଉଛନ୍ତି। ଆୟକର ବିଭାଗ ଅଧିକାରୀମାନେ ୨ଟି ଆଇଭିଏଫ୍ ସେଣ୍ଟର ଓ ୫ଟି ଡାକ୍ତରୀ ପରୀକ୍ଷା କେନ୍ଦ୍ର ଉପରେ ଚଢାଉବେଳେ ୧୦୦ କୋଟି ଟଙ୍କା ମୂଲ୍ୟର ଗହଣା ଓ ନଗଦ ୧ କୋଟି ୪୦ଲକ୍ଷ ଟଙ୍କା ଜବତ କରିଛନ୍ତି।

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ପକ୍ଷରୁ ହୋଇଥିବା ଏକ ସର୍ଭେରେ ଭାରତକୁ ଏସିଆରେ ସବୁଠାରୁ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ଭାବେ ବିବେଚନା କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତର ଅର୍ଦ୍ଧାଧିକ ଭାରତୀୟ ସରକାରୀ ସେବା ଓ ସୁବିଧା ପାଇବା ଲାଗି ଲାଞ୍ଚ ପ୍ରଦାନ କରିଥାନ୍ତି। ତଥ୍ୟ ଅନୁଯାୟୀ ଭାରତରେ ଲାଞ୍ଚ ଗ୍ରହଣ କରିବାର ହାର ୬୯ ପ୍ରତିଶତ। ପୋଲିସ ବିଭାଗରେ ୮୫, ସରକାରୀ କର୍ମଚାରୀ ୮୪, ବ୍ୟବସାୟିକ ଅଧିକାରୀ ୭୯, ସ୍ଥାନୀୟ କାଉନସିଲର ୭୮ ଏବଂ ସାଂସଦ ୭୬ ପ୍ରତିଶତ ବୋଲି ଉଲ୍ଲେଖ କରାଯାଇଛି।

ଭାଜପା ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି ବୋଲି କହୁଥିଲେ ମଧ୍ୟ ଲୋକପାଳ ଓ ଲୋକାୟୁକ୍ତ ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଉଦାସୀନତା ଦୁର୍ନୀତିକୁ ପ୍ରୋତ୍ସାହନ ସଦୃଶ। ମଧ୍ୟପ୍ରଦେଶର ଭାଜପା ସରକାରଙ୍କ ଅମଳରେ ହୋଇଥିବା ୧୨୦୦ କୋଟି ଟଙ୍କାର ବ୍ୟାପମ୍ ଦୁର୍ନୀତି ବିଷୟ ସର୍ବଜନବିଦିତ। ଏହି ମାମଲାରେ ୪୪ଜଣ ସାକ୍ଷୀଙ୍କୁ ହତ୍ୟା କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଏ ଦେଶର ଚୌକିଦାର କହି ନିଜେ ଖାଇବେ ନାହିଁ କି କାହାରିକୁ ଖାଇବାକୁ ଦେବେନାହିଁ ବୋଲି କହୁଛନ୍ତି। କିନ୍ତୁ 'ବାପପୁଅ ରାତି ଅନିଦ୍ରା ମୁଗୁରା ପଛ ମେଲା' ନ୍ୟାୟରେ ଦେଶରେ ଭ୍ରଷ୍ଟାଚାର ତା'ର କାୟା ବିସ୍ତାର କରିଚାଲିଛି। ଉପରୋକ୍ତ ଧରଣର ଘଟଣାଗୁଡ଼ିକ ଛଡ଼ା ସରକାରଙ୍କ ବିଭିନ୍ନ ଟିକସ, ଶୁଳ୍କ ଇତ୍ୟାଦି ରାଜସ୍ୱ ଆଦାୟକାରୀ ସଂସ୍ଥାଗୁଡ଼ିକର ବିଭାଗୀୟ ଅଧିକାରୀମାନେ ଟିକସ/ଶୁଳ୍କ ଫାଙ୍କି ମାମଲାର ବିଚାରବେଳେ ମୋଟାଅଙ୍କର ଲାଞ୍ଚ ନେଇ ବୃହତ୍ ପରିମାଣର ଅର୍ଥ ଛାଡ଼ିଦେଉଛନ୍ତି। ସରକାର ସେ ବାବଦରେ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ନୀତିଶ୍ଳୋକ କହେ, 'ବୁଭୁକ୍ଷିତଃ କିଂ ନ କରୋତି ପାପମ୍'। କ୍ଷୁଧାତୁର ଲୋକ କି ପାପ କରି ନ ପାରେ ? ତେବେ ପ୍ରଶ୍ନ ହେଉଛି, ଉପରୋକ୍ତ ଦୁର୍ନୀତି ଅଭିଯୁକ୍ତମାନେ କେତେ ପରିମାଣରେ କ୍ଷୁଧାର୍ତ୍ତ ବା ଅଭାବଗ୍ରସ୍ତ ଯେ ସେମାନେ ଅନୈତିକ ଉପାୟରେ ଅର୍ଥ ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି ?

କୌତୂହଳର ବିଷୟ, ଏବେ ଭିଜିଲାନ୍ସ ଚଢାଉରୁ ବର୍ତ୍ତିବା ପାଇଁ ଦୁର୍ନୀତିଖୋର କର୍ମଚାରୀମାନେ ନୂଆ ଉପାୟ ଅବଲମ୍ବନ କଲେଣି। ନିଜେ ଲୋକଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ ନ କରି ଦଲାଲଙ୍କ ମାଧ୍ୟମରେ ତାହା ନେଉଛନ୍ତି, ଯାହାଦ୍ୱାରା ଭିଜିଲାନ୍ସ ଦ୍ୱାରା ଧରାପଡ଼ିବାର ଭୟ ରହିବ ନାହିଁ ଏବଂ ନିଜର ସ୍ୱଚ୍ଛତା ଅକ୍ଷୁଣ୍ଣ ରହିବ। ଫଳରେ ଦଲାଲମାନେ ଦୁଇପଟୁ ପାଉଣା ପାଇ ମାଲାମାଲ ହେଉଛନ୍ତି। କିନ୍ତୁ ଜନସାଧାରଣଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି।

ଶହୀଦନଗର, ଭୁବନେଶ୍ୱର, ମୋ-୯୪୩୭୩୮୨୧୦୦

# ଆମ ହାତରେ ଆମ ପରିବେଶ

ପ୍ରଜ୍ଞାପାରମିତା ପତ୍ରି

କଥାରେ ଅଛି- 'ଘର ପାଖେ ଥିଲେ ଗୋବର ଖାତ, ରୋଗ ହେଉଥିବ ଅନବରତ।' ଗାଁ ଗହଳିର ଲୋକମାନେ ଏଥିପ୍ରତି ଖୁବ୍ ଚେତିଲେଣି ଓ ନିଜ ଗୋବର ଗାଡ଼ିଆକୁ ଘରଠାରୁ ଦୂରରେ ରଖିଲେଣି। ମାତ୍ର ସହରରେ ବସବାସ କରୁଥିବା ବଡ଼ବଡ଼ିଆ ବାବୁମାନେ ଚେଇଁ ଶୋଇଛନ୍ତି। ସିଲ୍‌ଭର ସିଟି ଓ ସ୍ମାର୍ଟ ସିଟିର ସ୍ମାର୍ଟ ବାବୁ ଓ ବାବୁଆଣୀମାନେ ସ୍ମାର୍ଟ ଗୋବର ଗାଡ଼ିଆ ତିଆରି କରିଚାଲିଛନ୍ତି। ଦୈନିକ ବାହାରୁଥିବା ଅଳିଆ ଆବର୍ଜନାକୁ ବିଏମ୍‌ସିରେ ନ ଦେଇ ଏଣେତେଣେ ନାଳନର୍ଦ୍ଦମାରେ ଫୋପାଡିବାରେ ଲାଗିଛନ୍ତି, ଯାହାଦ୍ୱାରା ବଢୁଛି ଡେଙ୍ଗୁ, ବ୍ୟାପୁଛି ମ୍ୟାଲେରିଆ। ଘର ଆଖପାଖରେ ସବୁବେଳେ ପାଣି ଜମି ରହିଲେ ନାନା ପ୍ରକାର ରୋଗ ଜୀବାଣୁ ବ୍ୟାପିଥାଆନ୍ତି। ସାରା ଦେଶରେ ପ୍ରତ୍ୟେକ ଦିନ ୧,୦୦,୦୦୦ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଥିବାବେଳେ ବର୍ଷକରେ ୩୬,୫୦୦,୦୦୦ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଛି। ଯଦି ଗୋଟିଏ ବର୍ଷରେ ଏତିକି, ତେବେ ୧୦ ବର୍ଷରେ ଏହାର ମାତ୍ରା କେତେ ଅଧିକ ହେବ, ତାହା ଆକଳନ କଲେ ମନରେ ଡର ବସା ବାନ୍ଧୁଛି। ସତରେ କ'ଣ ଦିନେ ଆମେ କେବଳ ଆବର୍ଜନାର ସହରରେ ରହିବା ! ଆମ ଚାରିପାଖରେ ଖାଲି ଅଳିଆ ଓ ଆବର୍ଜନା ଶୋଭାବର୍ଦ୍ଧନ କରୁଥିବେ! ଏମିତି କେତେକ'ଣ ଚିନ୍ତା ବର୍ତ୍ତମାନର ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ସଭ୍ୟ ସମାଜକୁ ଶଙ୍କାଗ୍ରସ୍ତ କରୁଛି। ସରକାର ସ୍ୱଚ୍ଛ ଭାରତ ଅଭିଯାନରେ ଶହ ଶହ, କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ଏହାର ଫଳାଫଳ ସେଭଳି କିଛି ଆଖିଦୃଶିଆ ହେଉନି। ଏବେ ପ୍ରଶ୍ନ ଉଠୁଛି ଏଥିପାଇଁ ଦାୟୀ କିଏ ? ସରକାର ନା ପୌରପାଳିକା ନା ଖୋଦ୍ ଜନସାଧାରଣ ? ସମସ୍ତେ ସମସ୍ତଙ୍କ ଉପରେ କାଦୁଅ ଫୋପଡ଼ା ଫୋପଡ଼ିରେ ବ୍ୟସ୍ତ। ପରିବେଶକୁ ନିର୍ମଳ ରଖିବା ସରକାର ଓ ମ୍ୟୁନିସିପାଲିଟିର ଯେତିକି ଗୁରୁଦାୟିତ୍ୱ ଜନସାଧାରଣଙ୍କ ତାଠୁ ଅଧିକ ଦାୟିତ୍ୱ ରହିଛି। ଛୋଟବେଳୁ ପଢ଼ିଆସିଛୁ ଯେ, ସମସ୍ତେ ନିଜ ନିଜ ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିଲେ ଗାଁ ପରିଷ୍କାର ରହିବ, ଗାଁ ପରିଷ୍କାର ରହିଲେ ସହର ଓ ତା'ପରେ ପୂରା ଦେଶ। ଯଦି ଏବେଠୁ ସଚେତନ ନ ହେବା ତେବେ ଆଗାମୀ କୋଡ଼ିଏ ବର୍ଷ ମଧ୍ୟରେ ସାରା ରାଷ୍ଟ୍ର ଆବର୍ଜନାର ରାଜଧାନୀ ପାଲଟିଥିବ।

ଆମ ରାଜ୍ୟର କଟକ ଓ ଭୁବନେଶ୍ୱର ପରି ବଡ଼ ବଡ଼ ସହରରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ସହରରେ ରହିଥିବା ଆବର୍ଜନା ବର୍ଷାପାଣି ସହ ମିଶି ଚାରିଆଡ଼େ ପ୍ରବେଶ କରୁଛି ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଘଣ୍ଟା ଘଣ୍ଟା ରାସ୍ତା ଉପରେ ପାଣି ଜମି ରହୁଥିବାରୁ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଯାତାୟାତ ବାଧାପ୍ରାପ୍ତ ହେଉଛି। ଆଉ କିଛି ସ୍ଥାନରେ ବଡ଼ ବଡ଼ ଡ୍ରେନ୍ ଅବହେଳିତ ଅବସ୍ଥାରେ ଖୋଲା ପଡିଥିବାରୁ ଅନେକଙ୍କ ପାଇଁ ମୃତ୍ୟୁର ଯନ୍ତା ସାଜୁଛି। ଗତ ବର୍ଷାଋତୁରେ ବିଏମ୍‌ସିର ଅବହେଳା ଓ ମନମୁଖି କାର୍ଯ୍ୟ ଯୋଗୁ ଭୁବନେଶ୍ୱର ୟୁନିଟ୍-୬ରେ ଡ୍ରେନ୍ ପାଣିରେ ଭାସିଯାଇ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କିଛି ବର୍ଷ ପୂର୍ବେ ନୟାପଲ୍ଲୀ ମମତାଜ ହାଇସ୍କୁଲ ନିକଟରେ ୯ ବର୍ଷର ଜଣେ ଛାତ୍ର ଟ୍ୟୁଶନରୁ ଫେରୁଥିବା ସମୟରେ ଡ୍ରେନ୍ ପାଣିରେ ଭାସିଯାଇ ମୃତ୍ୟୁର ଶିକାର ହୋଇଥିଲା। ଆଉ କେତେ ଜୀବନ ଗଲେ ସରକାରଙ୍କ ଚେତା ଫେରିବ ତାହା ସାଧାରଣରେ ଚର୍ଚ୍ଚା ହେଉଛି।

ସ୍ୱାସ୍ଥ୍ୟକର ପରିବେଶ ଗଠନ ପାଇଁ ଆମେ ନିଜେ ସଚେତନ ହେଲେ ଏ ଜଟିଳ ସମସ୍ୟାର ସମାଧାନ ହୋଇପାରନ୍ତା। 'ସଫା ପରିବେଶ ରହିବା ପାଇଁ, ଗୋବର ଖାତକୁ ଦେବା ଦୂରେଇ' -ଏହି କଥାକୁ ମର୍ମେ ମର୍ମେ ଅନୁଭବ କରିବା ଉଚିତ। ସମାଜକୁ ଆବର୍ଜନାମୁକ୍ତ କରିବା ପାଇଁ ପ୍ରଥମେ ସରକାରୀ ଭାବେ ନିଷେଧ କରାଯାଇଥିବା ପ୍ଲାଷ୍ଟିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ତ୍ୟାଗ କରିବା। ପ୍ରତିଦିନ ନଷ୍ଟ ହେଉଥିବା ଖାଦ୍ୟର ପରିମାଣକୁ କମାଇବା ସହ ଜିନିଷ କିଣାବିକା ସମୟରେ ପ୍ୟାକିଂର ମାତ୍ରା କମ୍ କରିବା ଆବଶ୍ୟକ। ବ୍ୟବହୃତ ଡ୍ରେସ୍ ନ ଫୋପାଡି ତାକୁ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଦେବା, ପୁନଃ ବ୍ୟବହାର ହୋଇପାରୁଥିବା ସାମଗ୍ରୀର ବ୍ୟବହାର ପାଇଁ ଅଭ୍ୟାସ ବୃଦ୍ଧି, ଘରର ଅଳିଆ ଆବର୍ଜନାକୁ ରାସ୍ତାକଡ଼ରେ ନ ଫିଙ୍ଗି ଗୋଟିଏ ଜାଗାରେ ଜମା ରଖି ବିଏମ୍‌ସି କର୍ମଚାରୀଙ୍କୁ ଦେବା ଏବଂ ସବୁଠାରୁ ବଡ଼ ଓ ଭଲ କାମ ଗଛ ଲଗାଇବା ଉପରେ ଯଦି ଆମେ ଗୁରୁତ୍ୱ ଦେବା, ତେବେ ଅନେକ କିଛି ଅସମ୍ଭବ କାର୍ଯ୍ୟକୁ ଅନାୟାସରେ ସମ୍ଭବ କରିପାରିବା। ଏ ସବୁ ହୋଇପାରିଲେ ସ୍ୱଚ୍ଛ ଓ ସୁସ୍ଥ ସମାଜ ଗଠନର ଗୁରୁଦାୟିତ୍ୱ ଗୋଟିଏ ଅନୁଷ୍ଠାନ କିମ୍ବା ସଂସ୍ଥା ଉପରେ ନ ଛାଡ଼ି ଆମେ ନିଜେ ନେଇପାରିବା। ଆସନ୍ତୁ ସମସ୍ତେ ମିଶି ଏହି ସ୍ୱଚ୍ଛତାର ସ୍ୱପ୍ନକୁ ସାକାର କରିବା।

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ,
ମୋ-୮୩୩୮୮୬୯୬୯୭,
pragyanpatri777@gmail.com

## ଆମ ସମସ୍ୟା

### ସ୍ମାର୍ଟ ସିଟିରେ ବିପର୍ଯ୍ୟସ୍ତ ପରିମଳ

ମହାଶୟ,

ସ୍ମାର୍ଟ ସିଟିର ସ୍ୱଚ୍ଛତା ପାଇଁ ବିଡିଏ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇଛି। ହେଲେ ସେପରି କିଛି ଆଖିଦୃଶିଆ କାମ ନଜରକୁ ଆସୁନାହିଁ। ବିଶେଷକରି ବିଡିଏ ଅଧୀନ ସତ୍ୟନଗର ଓ୍ୱାର୍ଡର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ। ଅନେକ ବସ୍ତିବାସିନ୍ଦା ଖୋଲାସ୍ଥାନ କିମ୍ବା ଡ୍ରେନରେ ମଳମୂତ୍ର ତ୍ୟାଗ କରୁଛନ୍ତି। ସ୍ଥାୟୀ ବାସିନ୍ଦାଙ୍କ ସ୍ୱରେଜ ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ ନ ଥିବାରୁ ସେମାନେ ଡ୍ରେନ ମଧ୍ୟରେ ସବୁ ଛାଡୁଛନ୍ତି। ଡ୍ରେନ ମୁକ୍ତ ରହୁଥିବା ହେତୁ ଏହା ମଧ୍ୟରୁ ନିର୍ଗତ ଦୁର୍ଗନ୍ଧ ପରିବେଶକୁ ଦୂଷିତ କରୁଛି। କେତେକ ବସ୍ତିବାସିନ୍ଦା ସରକାରୀ ଜାଗାରେ ଖୋଲା ପାଇଖାନା ନିର୍ମାଣ କରି ମଳମୂତ୍ର ତ୍ୟାଗ କରୁଛନ୍ତି। ଏତଦ୍ ବ୍ୟତୀତ ସ୍ଥାୟୀ ବାସିନ୍ଦା ଓ ବସ୍ତି ବାସିନ୍ଦାଙ୍କ ଘର ନିକଟରେ ଅନେକ ଅବ୍ୟବହୃତ ସ୍ଥାନ ଖାଲି ପଡିଛି। ଲୋକେ ସେମାନଙ୍କ ବ୍ୟବହୃତ ଜଳକୁ ଡ୍ରେନ ମଧ୍ୟକୁ ନ ଛାଡି, ସେହି ଖୋଲା ସ୍ଥାନକୁ ଛାଡୁଛନ୍ତି। ଖୋଲା ସ୍ଥାନରେ ଜମି ରହୁଥିବା ଜଳରେ ପତ୍ର, ଜରି, କାଠିକୁଟା ଇତ୍ୟାଦି ପଡି ପଚା ଗନ୍ଧ ସୃଷ୍ଟି କରୁଛି। ପୋକ, ଜୋକ, ମଶା, ମାଛି ସେମାନଙ୍କ ବଂଶ ବୃଦ୍ଧି ଘଟାଉଛନ୍ତି। ଦୁର୍ଗନ୍ଧ ବାୟୁ ସେବନ ସହ ମଶାମାଛିଙ୍କ ଦାଉରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ଏପରି ବିପର୍ଯ୍ୟସ୍ତ ପରିମଳ ଅବସ୍ଥା ପ୍ରତି ବିଏମ୍‌ସି ଅଧିକାରୀଙ୍କ ଦୃଷ୍ଟି ପଡୁ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### କୁଷ୍ଠାଶ୍ରମ ହସ୍ପିଟାଲର ପୁନରୁଦ୍ଧାର ହେଉ

କଟକ ନୟାବଜାରସ୍ଥିତ କୁଷ୍ଠାଶ୍ରମ ହସ୍ପିଟାଲ ୧୯୧୯ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ରକ୍ଷଣାବେକ୍ଷଣ ନ ହେବାରୁ ଆଜବେଷ୍ଟସ ଏବଂ ବେଡ୍ ଭଗ୍ନ ଅବସ୍ଥାରେ ରହିଛି। ରୋଗୀ ସଂଖ୍ୟା ବୃଦ୍ଧି ସତ୍ତ୍ୱେ ବେଡ୍ ବୃଦ୍ଧି କରାଯାଉନାହିଁ। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ଦୈନନ୍ଦିନ ଖାଦ୍ୟ ଖର୍ଚ୍ଚ ପଚାଶ ଟଙ୍କା ରହିଛି। ବଜାର ଦର ତୁଳନାରେ ତାହା ଯଥେଷ୍ଟ ନୁହେଁ। ଉନ୍ନତମାନର ସେବା ଓ ଖାଦ୍ୟ ଯୋଗାଇ ଦିଆଯିବା ଉଚିତ।

ରମେଶ ଚନ୍ଦ୍ର ବେହେରା, ଆୟଡପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଆଜିର ଖାଦ୍ୟ ପରବର୍ତ୍ତୀ ଦିନକୁ ବାସି ହୋଇଯାଏ। ଏହାକୁ ତଟକା ରଖିବା ଲାଗି ଆଜିକାଲି ଫ୍ରିଜ୍ ବ୍ୟବହାର କରାଯାଉଛି। ଫ୍ରିଜ୍‌ରେ ରଖାଯାଉଥିବା ଖାଦ୍ୟଦ୍ରବ୍ୟ ବେଶିଦିନ ରହିଲେ ଏଥିରେ ଥିବା ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ। କିନ୍ତୁ ମୁମ୍ବାଇ ବିଶ୍ୱବିଦ୍ୟାଳୟର ପ୍ରଫେସର ବୈଶାଳୀ ବମ୍‌ବୋଲେ ଏ ସମ୍ପର୍କିତ ଏକ ଜ୍ଞାନକୌଶଳ ବିକାଶ କରିଛନ୍ତି। ଏହାଦ୍ୱାରା ଖାଦ୍ୟଦ୍ରବ୍ୟକୁ ୩ ବର୍ଷ ପର୍ଯ୍ୟନ୍ତ ସତେଜ ରଖାଯାଇପାରିବ। ଏଥିପାଇଁ କୌଣସି ରେଫ୍ରିଜରେଟର ଆବଶ୍ୟକ ପଡିବ ନାହିଁ। ଏହାର ପୋଷକତତ୍ତ୍ୱରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଏକ ରିପୋର୍ଟରେ ଦର୍ଶାଯାଇଛି। ଇଲେକ୍ଟ୍ରନ୍ ବିମ୍ ରେଡିଏଶନ୍ ଜ୍ଞାନକୌଶଳ ଦ୍ୱାରା ଏହା ସମ୍ଭବ ହୋଇପାରିବ। ଖାଦ୍ୟରେ ଥିବା ପରଜୀବୀ ଏହି ଜ୍ଞାନକୌଶଳ ଦ୍ୱାରା ନଷ୍ଟ ହୋଇଯିବେ। ଉକ୍ତ ଜ୍ଞାନକୌଶଳ ସୈନ୍ୟବାହିନୀ ଏବଂ ମହାକାଶଚାରୀଙ୍କ ନିମନ୍ତେ ବ୍ୟବହାର ପାଇଁ ଯୋଜନା କରାଯାଉଛି। ଗତ ୬ବର୍ଷ ଧରି ବୈଶାଳୀ ଏବଂ ତାଙ୍କ ଗବେଷକ ଦଳ ଏହା ଉପରେ ଗବେଷଣା ଜାରି ରଖିଥିଲେ। ଏହା ଜନକଲ୍ୟାଣ ଦିଗରେ ବିନିଯୋଗ ହେବାକୁ ଯାଉଛି।

### ଚିରନ୍ତନୀ

କିପାଇଁ ଆମ ଜନମ ଭଲା
ନ ହେଲା କାହିଁ ବୁଝି
କୋଟିଏ ଯୁଗ ଗଲାଣି ଏବେ ବିତି,
କୋଟିଏ ଯୁଗ ବଞ୍ଚିବାକୁ
ମରଣ-ରଣେ ଯୁଝି
ଜୀବନ ତିଳେ ପାରିଲା କାହିଁ ଜିତି ?

(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୧ ଫେବୃୟାରୀ ୧୯୯୪

- ଓଡ଼ିଶାରେ ଚାରୋଟି ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ପଠାଯାଇଥିବା ପ୍ରସ୍ତାବ କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟର ଅନୁମୋଦନ ଲାଭ କରିଛି।
- ଆଙ୍ଗୋଲାର ସଦର୍ନ ପ୍ରୋଭିନ୍ସରେ ଏକ ମତ୍ସ୍ୟଧରା ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ୟୁରୋପ ସଂଗଠନର ଅର୍ଥ ବିନିଯୋଗ।

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୩- ମୁମ୍ବାଇ ଆକ୍ରମଣ ଘଟଣାରେ ପାକିସ୍ତାନର ଦୁଇ ସେନାଧିକାରୀ ମେଜର ଅବଦୁଲ ରେହମନ ପାଶା ଏବଂ ମେଜର ଇକବାଲଙ୍କ ବିରୋଧରେ ମୁମ୍ବାଇର ଏକ ସେସନ୍ସ କୋର୍ଟ ଜାମିନବିହୀନ ଗିରଫ ପରଓ୍ୱାନା ଜାରି କରିଛନ୍ତି।
୫- ପୃଥିବୀରଚୁମ୍ବକୀୟଉତ୍ତରମେରୁଦ୍ରୁତଗତିରେସ୍ଥାନାନ୍ତର ହେଉଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।
୬- କଶ୍ମୀରରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନ ତେହରିକ୍ ଉଲ୍ ମୁଜାହିଦ୍ଦିନକୁ କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି।
୭- କଂଗ୍ରେସ କ୍ଷମତାକୁ ଆସିଲେ ତିନି ତଲାକ ଆଇନକୁ ରଦ୍ଦ କରିବ ବୋଲି ଦଳର ମହିଳା ଶାଖା ସଭାନେତ୍ରୀ ସୁସ୍ମିତା ଦେବ କହିଛନ୍ତି।
୮- ବିଷାକ୍ତ ମଦ ପିଇ ଉତ୍ତରପ୍ରଦେଶରେ ୨୦ ଜଣ ଓ ଉତ୍ତରାଖଣ୍ଡରେ ୧୬ ଜଣଙ୍କ ମୃତ୍ୟୁ।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | 4 | | | | D | 9 | | | | | A | | |
| | C | 5 | | 2 | | | | E | B | | | | | |
| | A | | | | | 8 | | | 1 | | 6 | 7 | | |
| 9 | | | 3 | | | 7 | | | | | | | E | |
| | 0 | | 7 | 8 | 1 | | | | | | | | 5 | |
| | | | | | 4 | | C | 1 | 3 | | | | | E |
| | 9 | | 5 | D | 3 | | | | | | 8 | | | |
| C | | | B | | | E | 4 | | | | | 8 | | |
| 2 | | | | | 6 | | 3 | 5 | E | | | | | D |
| | 3 | | | | | | | | 5 | | 4 | B | 1 | 2 |
| | | | | B | | A | 1 | | | | | | | 9 |
| | | 2 | | 6 | | | | | | | A | | C | 3 |
| A | | | C | | | | | 6 | | | | 0 | 7 | |
| 4 | | | E | 1 | 8 | 2 | | | | | | | | |
| | | 9 | | 0 | 5 | | | 7 | | 1 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | 9 | 8 | 2 | 7 | B | 6 | 0 | 5 | C | 4 | 3 | A | 1 |
| 8 | 2 | 7 | 4 | C | A | 1 | 9 | 3 | 0 | 6 | E | D | 5 | B |
| B | 4 | 5 | 9 | 0 | 1 | E | 7 | C | 3 | D | A | 2 | 6 | 8 |
| 0 | 1 | 3 | 5 | D | 6 | 8 | 4 | A | 2 | B | 9 | C | E | 7 |
| A | C | 6 | 3 | B | E | 2 | 5 | D | 7 | 1 | 8 | 0 | 9 | 4 |
| 3 | 0 | C | 6 | E | 8 | 4 | B | 9 | A | 7 | 5 | 1 | D | 2 |
| 2 | 8 | 4 | 0 | 1 | 3 | D | A | 6 | B | E | C | 5 | 7 | 9 |
| 9 | 6 | D | 7 | 5 | 4 | 0 | C | 8 | 1 | 3 | 2 | E | B | A |
| 1 | 5 | B | D | A | 2 | 3 | E | 7 | 9 | 4 | 6 | 8 | 0 | C |
| 7 | A | E | B | 9 | C | 5 | 2 | 1 | 8 | 0 | D | 4 | 3 | 6 |
| 4 | 7 | 1 | C | 6 | 0 | 9 | 3 | 5 | E | 8 | B | A | 2 | D |
| 6 | E | 2 | 1 | 3 | 5 | A | D | 4 | C | 9 | 7 | B | 8 | 0 |
| 5 | 9 | 8 | 2 | 7 | D | C | 0 | B | 4 | A | 3 | 6 | 1 | E |
| D | 3 | 0 | A | 4 | B | 7 | 8 | E | 6 | 2 | 1 | 9 | C | 5 |
| C | B | A | E | 8 | 9 | 6 | 1 | 2 | D | 5 | 0 | 7 | 4 | 3 |

ଶନିବାର ପ୍ରକାଶିତ ଉତ୍ତର

## ସଂକ୍ଷେପରେ

ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ

### ଭାଜପା-ବିଜେଡି ଦୋଷ ଲଦାଲଦି

**ଭୁବନେଶ୍ୱର, ୧୦।୨(ବ୍ୟୁରୋ):** ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି କରିବା କ୍ଷେତ୍ରରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟ ରାଜ୍ୟରେ ଅଙ୍ଗନୱାଡି କର୍ମୀ ଦରମା ବାବଦକୁ ଅଧିକ ଟଙ୍କା ପାଉଥିବା ବେଳେ ଓଡିଶା ସରକାର ଏଥିପାଇଁ ଗୁରୁତ୍ୱ ନ ଦେବା ଦୁର୍ଭାଗ୍ୟଜନକ ବୋଲି ଭାଜପା ଅଭିଯୋଗ କରୁଛି। ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏକ ଚିଠି ଲେଖିବା ପରେ ଭାଜପା ଏଭଳି ଅଭିଯୋଗ ଆଣିଛି। ଅନ୍ୟପଟେ ଭାଜପା ଏକ ଭ୍ରଷ୍ଟାଚାରୀ ଦଳ ବୋଲି ବିଜେଡି କହିବାସହ ସେମାନେ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିଛି। ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ନେଇ ଗତ ୨୫ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ମନ୍ତ୍ରୀ ମାନେକା ଗାନ୍ଧୀଙ୍କୁ ଏକ ଚିଠି ଲେଖିଥିଲେ। ଧର୍ମେନ୍ଦ୍ର ଲେଖିଥିବା ଚିଠି ଉପରେ କେନ୍ଦ୍ରମନ୍ତ୍ରୀ ମାନେକା ନିଜର ଉତ୍ତର ରଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୮ ଅକ୍ଟୋବର ୧ତାରିଖରୁ ସବୁ ରାଜ୍ୟର ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯିବ ବୋଲି କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗତ ସେପ୍ଟେମ୍ବର ୨୦ରେ ଅବଗତ କରାଯାଇଥିଲା। ଚଳିତ ଆର୍ଥିକବର୍ଷ ପାଇଁ ବର୍ଦ୍ଧିତ ପାରିଶ୍ରମିକ ବାବଦକୁ ତୃତୀୟ ଏବଂ ଚତୁର୍ଥ କ୍ୱାର୍ଟର୍ସ ଲାଗି କେନ୍ଦ୍ର ସରକାରଙ୍କ ଅଂଶ ବାବଦରେ ଓଡିଶାକୁ ୧୬୬୯୪.୩୮ ଲକ୍ଷ ଟଙ୍କା ଦିଆଯାଇଛି। ଓଡିଶା ସମେତ ଦେଶର ଅନ୍ୟ ରାଜ୍ୟରେ ଖାଲି ପଡିଥିବା ଅଙ୍ଗନୱାଡି ପଦବୀଗୁଡିକୁ ପୂରଣ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ବାରମ୍ବାର ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ଅନୁରୋଧ କରିଛନ୍ତି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳମାନଙ୍କୁ ମଧ୍ୟ ଏ ସମ୍ପର୍କରେ କ୍ଷମତା ଦେବାକୁ ଅନୁରୋଧ କରାଯାଇଥିବା ମାନେକା ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ପୂର୍ବରୁ ଅଙ୍ଗନୱାଡି କର୍ମୀମାନେ ୪ହଜାର ଟଙ୍କା ଲେଖା ପାଉଥିଲେ। କେନ୍ଦ୍ର ସରକାର ୩ମାସ ତଳୁ ସେମାନଙ୍କ ଦରମା ବାବଦ ଅର୍ଥକୁ ଅଧିକ ୩ହଜାର ଟଙ୍କା ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ସେହି ବର୍ଦ୍ଧିତ ଦରମା ପ୍ରଦାନ କରୁଛନ୍ତି। ଉକ୍ତ ଟଙ୍କାକୁ ଆମେ ଦେଉଛୁ ବୋଲି କହି ବିଜେଡି ରାଜନୀତି କରୁଛି। ରାଜ୍ୟ ସରକାର ବର୍ତ୍ତମାନ ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି କରନ୍ତୁ ବୋଲି ଗୋଲକ କହିଛନ୍ତି। ଭାଜପାର ଏଭଳି ଅଭିଯୋଗକୁ ନେଇ ବିଜେଡି ନେତା ସୁବାସ ସିଂ କହିଛନ୍ତି ଯେ, ଭାଜପା ହେଉଛି ଏକ ଭ୍ରଷ୍ଟାଚାରୀ ଦଳ, ଯାହା ବିଶ୍ୱରେ ବିରଳ। ଅଙ୍ଗନୱାଡି କର୍ମୀଙ୍କ ଦରମାର ୪ହଜାର ଟଙ୍କାରୁ ୬୦ପ୍ରତିଶତ କାଟିଦେଲେ ବାକି ସବୁ ରାଜ୍ୟ ଦେଉଛି। ଏବେ ଅଙ୍ଗନୱାଡି କର୍ମୀମାନେ ୭ହଜାର ୫୦୦ଟଙ୍କା ପାଉଛନ୍ତି। କେବଳ ଭୋଟ ପାଇଁ ଭାଜପା ନେତାମାନେ ଅଯଥା ରାଜନୀତି କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ମିଥ୍ୟାଚାରୀ ନେତା ଓଡିଶାରେ କେହି ନାହାନ୍ତି।

# ଶୃଙ୍ଖଳିତ ନିର୍ବାଚନ ବଡ଼ ଚ୍ୟାଲେଞ୍ଜ

ଭୁବନେଶ୍ୱର, ୧୦।୨
(ଜ୍ୟୋତି ରଞ୍ଜନ ମହାପାତ୍ର)

**ଚିନ୍ତା ବଢ଼ାଇଲା ଗୋଇନ୍ଦା ରିପୋର୍ଟ**
- ସୃଷ୍ଟି ହୋଇପାରେ ହିଂସା, ଦଙ୍ଗା
- ବ୍ୟବହାର ହୋଇପାରନ୍ତି ପୋଲିସ, ଅପରାଧୀ

ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଭାରତ ବହୁ ହିଂସା ଓ ସାମ୍ପ୍ରଦାୟିକ ଦଙ୍ଗାକୁ ସାମ୍ନା କରିବ। ନିର୍ବାଚନ ସମୟରେ ଜଟିଳ ପରିସ୍ଥିତି ଉପୁଜିବ। ଆମେରିକା ଗୋଇନ୍ଦା ସଂସ୍ଥାର ଏଭଳି ରିପୋର୍ଟ ଶୃଙ୍ଖଳିତ ତଥା ଅବାଧ ନିର୍ବାଚନ ନେଇ ଆଶଙ୍କା ସୃଷ୍ଟି କରିଛି। ଓଡ଼ିଶାରେ ଏକସଙ୍ଗେ ଲୋକ ସଭା ଓ ବିଧାନସଭା ନିର୍ବାଚନ ହେବ। ଏଥିପାଇଁ ଜାତୀୟ ସ୍ତରର ନେତାଙ୍କ ଘନଘନ ଓଡ଼ିଶା ଗସ୍ତ ଓ ସଭାରେ ପ୍ରତିପକ୍ଷଙ୍କୁ ଆକ୍ରମଣାତ୍ମକ ମନ୍ତବ୍ୟ ରାଜ୍ୟ ରାଜନୀତିକୁ ଉଷ୍ମ କରିବାରେ ଲାଗିଛି। ପ୍ରତିପକ୍ଷ ଶକ୍ତିକୁ ଦୁର୍ବଳ କରିବା ପାଇଁ ରାଜନୈତିକ ଦଳଗୁଡିକ ସିବିଆଇ ଓ ପୋଲିସକୁ ମଧ୍ୟ ବ୍ୟବହାର କରିବା ଆରମ୍ଭ କରିଦେଇଛନ୍ତି। ଅତୀତରେ ରାଜନୈତିକ ଦଳ ଓ ନେତାମାନେ ନିଜ ଫାଇଦା ପାଇଁ ଗ୍ୟାଙ୍ଗଷ୍ଟରମାନଙ୍କୁ ଆଶ୍ରା ଦେଇଛନ୍ତି। ସେହିପରି ମାଓବାଦୀମାନେ ବିଭିନ୍ନ ଜିଲାରେ ସକ୍ରିୟ ରହିଥିବାବେଳେ ବିଗତ ଦିନରେ ଆତଙ୍କବାଦୀ କାର୍ଯ୍ୟକଳାପର ଅନେକ ନଜିର ରହିଛି। ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଓ ଗୋଇନ୍ଦା ରିପୋର୍ଟ ଉଦ୍‌ବେଗର ବିଷୟ ହୋଇଛି। ଏପରିସ୍ଥଳେ ଶୃଙ୍ଖଳିତ ନିର୍ବାଚନ ରାଜ୍ୟ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ନିକଟ ଅତୀତରେ ଅନେକ ରାଜନୈତିକ ହତ୍ୟା ଓ ସାମ୍ପ୍ରଦାୟିକ ହିଂସା ଦେଖିବାକୁ ମିଳିଥିଲା। ଗତ ମାସରେ କେନ୍ଦ୍ରାପଡ଼ାରେ ନେତାଜୀଙ୍କ ଜୟନ୍ତୀ ଉତ୍ସବକୁ ନେଇ ଦୁଇ ସମ୍ପ୍ରଦାୟ ମୁହାଁମୁହିଁ ହୋଇଥିଲେ। ସାମ୍ପ୍ରଦାୟିକ ବିଶୃଙ୍ଖଳା ବଢୁଥିବାଦେଖି ପୋଲିସ ଓ ପ୍ରଶାସନ କର୍ଫ୍ୟୁ ଲାଗୁ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହା ପଛରେ ରାଜନୈତିକ ସମ୍ପୃକ୍ତି ରହିଥିବା ମଧ୍ୟ ଚର୍ଚ୍ଚା ହୋଇଥିଲା। ଏହାର ବହୁ ପୂର୍ବରୁ ଗ୍ୟାଙ୍ଗଷ୍ଟର୍ ଡି' ବ୍ରଦର୍ସ ଓ ଟିଟୋଙ୍କ ସହ ରାଜନେତାଙ୍କ ଲିଙ୍କ୍ ପଦାକୁ ଆସିଛି। ଗାଁ ଗାଁରେ ଘଟୁଥିବା ଛୋଟ ବଡ଼ ଅପରାଧରେ ରାଜନୈତିକ ସମ୍ପୃକ୍ତି ରହୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ କଲେଜ ନିର୍ବାଚନ ସମୟରେ ରାଜ୍ୟର ବହୁ କ୍ୟାମ୍ପସ ଅଶାନ୍ତ ହୋଇଉଠିଥିଲା। ୨୦୧୭ ସେପ୍ଟେମ୍ବର ୧୬ରେ କଲେଜ ନିର୍ବାଚନକୁ ନେଇ ଗଞ୍ଜାମ ଜିଲାର ଛତ୍ରପୁର କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ବିଜେପୁର ଉପନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଗତବର୍ଷ ଫେବୃୟାରୀ ୨୩ରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବଡ଼ଭାଇ ସୁବ୍ରତ ସିଂ ଏବଂ ତାଙ୍କର ତିନି ସହଯୋଗୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଡ୍ରାଇଭର ଦିଲେଶ୍ୱର ସିଂଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ନିର୍ବାଚନ ପାଖେଇ ଆସୁଥିବାବେଳେ ଏସବୁ ଘଟଣାକୁ ନେଇ ପୁଣିଥରେ ଚର୍ଚ୍ଚା ସୃଷ୍ଟି ହୋଇଛି। କାରଣ ଲକ୍ଷ୍ମୀଦତ୍ତ ହତ୍ୟା ଘଟଣାରେ ପୋଲିସ ପକ୍ଷରୁ ଦୁଇ ଭାଜପା ନେତା ଗୋଲକ ମହାପାତ୍ର ଓ ଭୃଗୁ ବକ୍ସିପାତ୍ରଙ୍କୁ ନୋଟିସ କରାଯାଇଥିବାବେଳେ ଚିଟ୍‌ଫଣ୍ଡ ଦୁର୍ନୀତିରେ ବିଜେଡିର ଦୁଇ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଅରୁଣ ସାହୁଙ୍କୁ ସିବିଆଇ ସମନ ଆଗକୁ ରାଜନୈତିକ ବିଶୃଙ୍ଖଳା ବଢ଼ାଇବ ବୋଲି ବିଶେଷଜ୍ଞମାନେ ମତଦେଲେଣି।

ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ମହେଶ ପ୍ରସାଦ କହିଛନ୍ତି, ଗତ କଲେଜ ନିର୍ବାଚନ ସମୟର ସ୍ଥିତିକୁ ଦେଖିଲେ ଆଗାମୀ ସାଧାରଣ ନିର୍ବାଚନ ଶାନ୍ତିପୂର୍ଣ୍ଣ ହେବ ବୋଲି ଆଶା କରାଯାଇ ନ ପାରେ। ଆଇନଜୀବୀ ବିସ୍ମୟ ଷ୍ଟାଲିନ କହିଛନ୍ତି, ବଡ଼ ବଡ଼ ଅପରାଧୀମାନେ ସହରର ବସ୍ତି ଓ ଗ୍ରାମାଞ୍ଚଳରେ ଆଡ୍ଡା ଜମାଇ ରହୁଛନ୍ତି। ପୋଲିସ ନିଜ ଆଢୁ ଖୋଳତାଡ କରୁନି। ଗତବର୍ଷ ମେ ୩୧ରେ ରାଜଧାନୀରେ ପଶ୍ଚିମବଙ୍ଗ ପୋଲିସର ମୋଷ୍ଟ ୱାଣ୍ଟେଡ୍ ଥିବା ମାଓବାଦୀ ନେତା ଆଲିକ ଚକ୍ରବର୍ତ୍ତୀଙ୍କୁ ରାଜଧାନୀରୁ ଗିରଫ କରାଯାଇଥିଲା। ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ ମଧ୍ୟ କମିଶନରେଟ ପୋଲିସ ବା ରାଜ୍ୟ ପୋଲିସ ନିକଟରେ ଖବର ନ ଥିଲା। ଏଥିରୁ ରାଜ୍ୟ ପୋଲିସ ଓ ଗୋଇନ୍ଦା ବିଭାଗ ଶୋଇପଡିଥିବା ଜଣାପଡୁଛି। ଫଳରେ ଆଗାମୀ ନିର୍ବାଚନରେ ହିଂସା ଓ ଅପରାଧ ବଢିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଚ୍ୟାଲେଞ୍ଜ ପାଇଁ ପୂରା ପ୍ରସ୍ତୁତ: ଡିଜିପି

ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ କରିବା ପାଇଁ ଗୋଇନ୍ଦା ରିପୋର୍ଟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। କୌଣସି ହିଂସା ବା ଅପରାଧ ଘଟିବା ପୂର୍ବରୁ କିପରି ଖବର ପହଞ୍ଚିପାରିବ ଓ ଅପରାଧକୁ ଦମନ କରାଯିବ ତାହାର ଆକ୍ସନ ପ୍ଲାନ ଆରମ୍ଭ କରିଛି ପୋଲିସ। ବିଭିନ୍ନ ଜିଲାରେ ଥିବା ହାର୍ଡକୋର ଅପରାଧୀଙ୍କୁ ଧରିବା ନେଇ ବଛା ବଛା ପୋଲିସ ଅଫିସରଙ୍କୁ ନେଇ ଟିମ୍ ଗଠନ କରାଯାଇଛି। ପ୍ରତିଟି ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ପୋଲିସ ପୂରା ପ୍ରସ୍ତୁତ ରହିଛି। ତେବେ କୌଣସି କ୍ଷେତ୍ରରେ ପୋଲିସ ପ୍ରଭାବିତ ନ ହେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡିଜିପି ଆର୍.ପି. ଶର୍ମା କହିଛନ୍ତି।

### ଭାଜପା ହିଂସା, ଦଙ୍ଗା ସୃଷ୍ଟି କରି ରାଜନୀତି କରେ: ବିଜେଡି

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କୁହନ୍ତି, ସାଢ଼େ ୪ବର୍ଷ ହେବ ରାଜ୍ୟରେ ଯେବେଠାରୁ ଭାଜପା ମୁଣ୍ଡ ଟେକିଲାଣି, ସେବେଠାରୁ ଏହାର ନେତାମାନେ ହିଂସାର ସାହାରା ନେଇ ନିର୍ବାଚନ ବୈତରଣୀ ପାର ହେବାକୁ ଅପଚେଷ୍ଟା କରୁଛନ୍ତି। ବିଜେପୁର ନିର୍ବାଚନ ସମୟରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଭାଇ ଉପରକୁ ଆକ୍ରମଣରେ ବିଜେଡି କର୍ମୀ ତଥା ଗାଡି ଡ୍ରାଇଭରଙ୍କ ମୃତ୍ୟୁ ଘଟିବା, ଛତ୍ରପୁର କାଉନ୍‌ସିଲର ଲକ୍ଷ୍ମୀଦତ୍ତ ହତ୍ୟାକାଣ୍ଡ ଘଟଣାରୁ ଭାଜପାର ରାଜନୈତିକ ହିଂସା ବାରି ହୋଇଯାଇଛି। କଟକରେ ଡି'ବ୍ରଦର୍ସଙ୍କୁ ବାଇମୁଣ୍ଡି ଆଖ୍ୟା ଦେଇ ସଭାସ୍ଥଳରେ ସମ୍ବୋଧନ କରିବାଠାରୁ ଟିଟୋକୁ ଦୁଇଟି ପେଟ୍ରୋଲ ପମ୍ପ ଲାଇସେନ୍ସ ପ୍ରଦାନରେ ଭାଜପାର ଅପରାଧ ପ୍ରୀତି ସ୍ପଷ୍ଟ ହୋଇଛି। ମାତ୍ର ବିଜେଡି ଶାସନରେ ରାଜନୈତିକ ହିଂସାକୁ କୌଣସି ମତେ ପ୍ରଶ୍ରୟ ଦିଆଯାଇ ନାହିଁ କି ଆଗାମୀ ନିର୍ବାଚନରେ ଦିଆଯିବ ନାହିଁ।

### ବିଜେଡି କ୍ଷମତାର ଦୁରୁପଯୋଗ କରିବ : ଭାଜପା

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କୁହନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ଘଟିଥିବା ଅନେକ ହତ୍ୟାକାଣ୍ଡ ଓ ହିଂସାରେ ବିଜେଡିର ସମ୍ପୃକ୍ତି ପଦାକୁ ଆସିଥିଲା। ଏବେ ନିଜ ଚୌକିକୁ ନେଇ ଶାସକ ଦଳ ଭୟଭୀତ। ତେଣୁ କ୍ଷମତାର ଦୁରୁପଯୋଗ କରି ଆଗାମୀ ନିର୍ବାଚନରେ ହିଂସା ଘଟାଇ ଗାଦି ଦଖଲ ପାଇଁ ପ୍ରୟାସ କରିବ ବିଜେଡି। ଏଥିପାଇଁ ପୋଲିସ ଓ ପ୍ରଶାସନକୁ ବ୍ୟବହାର କରିବ। କିନ୍ତୁ ଭାଜପା ସବୁବେଳେ ହିଂସାଠାରୁ ଦୂରେଇ ରହି ଜନସାଧାରଣଙ୍କ ସ୍ୱାଧୀନ ମତଦାନକୁ ଅଧିକ ଗୁରୁତ୍ୱ ଦେଉଛି ବୋଲି ମହାପାତ୍ର କହିଛନ୍ତି।

### ବିଜେଡି ଶାସନରେ ମଦ, ଅପରାଧ ବଢ଼ିଛି: କଂଗ୍ରେସ

ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ପ୍ରମୁଖ ସତ୍ୟ ନାୟକ କୁହନ୍ତି, ବିଗତ ଦିନକୁ ଦେଖିଲେ ନେତା ଓ ଅପରାଧୀଙ୍କ ମଧୁର ସମ୍ପର୍କ ବିଜେଡି ଶାସନରେ ବଢ଼ିଛି। ସରକାର ମଦର ପ୍ରଚାର ପ୍ରସାର କରୁଥିବାରୁ ରାଜ୍ୟରେ ଅପରାଧ ବଢ଼ି ଚାଲିଛି। ଅପରାଧୀଙ୍କୁ ସୁରକ୍ଷା ଓ ତଦନ୍ତକୁ ପ୍ରଭାବିତ କରାଯାଉଛି। ବିରଞ୍ଚି ଦାସ ହତ୍ୟା ମାମଲାରେ ଶାସକ ଦଳର ଚାପରେ ତଦନ୍ତ କମିଶନ ଠିକ୍ ଭାବେ ତଦନ୍ତ କରିପାରି ନ ଥିଲେ। ଜାଣିଶୁଣି ସରକାର ଲୋକାୟୁକ୍ତ ନିଯୁକ୍ତି କରିବାରେ ପଛଘୁଞ୍ଚା ଦେଉଛନ୍ତି। କିଏ ସରକାରଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରିପାରିବ ? ଦ୍ୱୈତନଗରୀରେ ଅପରାଧ ବଢୁଥିବା ଖୋଦ୍ ପୋଲିସ କମିଶନର କହିଛନ୍ତି। ଅନେକ ହାର୍ଡକୋର ଅପରାଧୀ ନବୀନଙ୍କ ମଞ୍ଚରେ ବସୁଛନ୍ତି, ସଚିବାଳୟରେ ପଶୁଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ବିଜେଡି ହିଁ ହିଂସାକୁ ଆପଣାଇବା ଜଳଜଳ ଦିଶୁଛି। କିନ୍ତୁ କଂଗ୍ରେସ ହିଂସା ନୁହେଁ, ସାଧାରଣ ଜନତାଙ୍କ ସହ ଶାନ୍ତିପୂର୍ଣ୍ଣ ଭାବେ ରହିବ।

■ ଭାଜପା ପ୍ରତିଶ୍ରୁତି ସମାବେଶକୁ ବିଜେଡିର ଟାର୍ଗେଟ

# ଫେଲ୍‌ମାରି ପ୍ରତିଶ୍ରୁତି ଦେବା ଦୁର୍ଭାଗ୍ୟଜନକ

ଭୁବନେଶ୍ୱର,୧୦।୨(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ରାଜ୍ୟ ଭାଜପା ପକ୍ଷରୁ ଶନିବାର କରାଯାଇଥିବା ପ୍ରତିଶ୍ରୁତି ସମାବେଶକୁ ୨୪ ଘଣ୍ଟା ପୂରିନାହିଁ। ହେଲେ ବିଜେଡି ପକ୍ଷରୁ ରବିବାର ଖବରଦାତା ସମ୍ମିଳନୀ କରି ଏହାର ଜବାବ ରଖାଯାଇଛି। ଦଳର ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସଞ୍ଜୟ କହିଛନ୍ତି ଯେ, ଭାଜପାକୁ ଭାରତୀୟ ଜନତା ପାର୍ଟି ବଦଳରେ ଭାରତୀୟ ଜୁମ୍‌ଲା ପାର୍ଟି କୁହାଯିବା ଉଚିତ। ପୂର୍ବ ପ୍ରତିଶ୍ରୁତି ପାଳନ ନ କରି ପୁନର୍ବାର କିପରି ପ୍ରତିଶ୍ରୁତିର ପାହାଡ଼ କରାଯାଏ, ତାହା ଏହି ଗୈରିକ ଦଳଠାରୁ ଶିଖିବାର ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୂମିହୀନଙ୍କୁ ପକ୍କାଘର, ସ୍ଥାୟୀ ଜମିପଟ୍ଟା ଏବଂ ବେକାରିଙ୍କୁ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ୫ ବର୍ଷ ପୂର୍ବରୁ କରାଯାଇଥିବା ପ୍ରତିଶ୍ରୁତିକୁ ଭୁଲି ଯାଇଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧.୫ଗୁଣା ବୃଦ୍ଧି କରାଯାଇନାହିଁ। ବିଧାନସଭା ଗୃହ କମିଟି ଦ୍ୱାରା ସୁପାରିସ ୨୯୩୦ ଟଙ୍କା ଏମ୍‌ଏସ୍‌ପିକୁ ଗ୍ରହଣ କରାଗଲା ନାହିଁ। ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ଆଲୋଚନା ପାଇଁ ଗୋଟାଏ ମିନିଟ୍ ସମୟ ଦେଲେ ନାହିଁ। ତେଣୁ ବର୍ତ୍ତମାନ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଧୋକା ବ୍ୟତୀତ ଆଉ କିଛି ନୁହେଁ ବୋଲି ସଞ୍ଜୟ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କୋଇଲା ରୟାଲଟି ସଂଶୋଧନ ନ ହେବା ଦ୍ୱାରା ରାଜ୍ୟ ବହୁ କୋଟି ଟଙ୍କାର ରାଜସ୍ୱ ହରାଉଛି। ରେଳବିଭାଗ ଦେଉଥିବା ଟିକସ ଅନୁସାରେ ପ୍ରଦତ୍ତ ଅର୍ଥ ନଗଣ୍ୟ। କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ ଶିଳ୍ପ କରିଡର(ମାଡ୍ରାସ-ଭାଇଜାକ୍ ଏବଂ ଗୁଜରାଟ-ପଶ୍ଚିମବଙ୍ଗ) ମଧ୍ୟରେ ଓଡ଼ିଶାକୁ ସାମିଲ ନ କରିବା ଦୁର୍ଭାଗ୍ୟଜନକ। ୩୩ଟି ଯୋଜନାରୁ କେନ୍ଦ୍ର ଅର୍ଥ କାଟ କରିବା ସହ ୮ଟି ଯୋଜନାକୁ ଅନୁଦାନ ବନ୍ଦ କରିଦେଇଛି। ମହାନଦୀ, ପୋଲାଭରମ, କୋଷ୍ଟାଲ ହାଇୱେ ଭଳି ପ୍ରସଙ୍ଗରେ କେନ୍ଦ୍ର ଓଡ଼ିଶାର ଯଥାର୍ଥ ଦାବିକୁ ଗ୍ରହଣ କରିନାହିଁ। ନବକଳେବର ସମୟରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ, ଦୀଘା-ଗୋପାଳପୁର କୋଷ୍ଟାଲ ହାଇୱେ, ଚନ୍ଦନପୁର-ରାମେଶ୍ୱର ରାସ୍ତା ନିର୍ମାଣ କଥା ଘୋଷଣା କରିଥିଲେ। ଆଶ୍ଚର୍ଯ୍ୟର କଥା କୌଣସି ଗୋଟିଏ ପ୍ରକଳ୍ପ ସମାପ୍ତ ହୋଇନାହିଁ। କୋଷ୍ଟାଲ ହାଇୱେରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଡିପିଆର ଅନୁପାଳନ ହେଉ ନ ଥିବା ସଞ୍ଜୟ ଅଭିଯୋଗ କରିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରାହ୍ମଣୀ ସେତୁ ଏବଂ ସୁପରସ୍ପେଶିଆଲିଟି ହସ୍ପିଟାଲ କାର୍ଯ୍ୟ ପୂର୍ଣ୍ଣାଙ୍ଗ କଲେ ନାହିଁ, ଏହା ଫଳରେ ଜଣେ ଭାଜପା ବିଧାୟକ ନିଜ ପଦ ଏବଂ ଦଳରୁ ଇସ୍ତଫା ଦେଲେ। ଏହା ପରେ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେବା ଲଜ୍ଜାହୀନ କଥା। ଉଜ୍ଜଳା ହିତାଧିକାରୀ ଦ୍ୱିତୀୟଥର ଗ୍ୟାସ ଭରୁ ନାହାନ୍ତି। ଏହା କେନ୍ଦ୍ରମନ୍ତ୍ରୀଙ୍କ ବିରାଟ ବିଫଳତା। ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା, ବାର୍ଷିକ ୨ କୋଟି ରୋଜଗାର, ପ୍ରତି ଆକାଉଣ୍ଟକୁ ୧୦ ଲକ୍ଷ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟ ସରକାର ବସୁନ୍ଧରା ଯୋଜନା, ଜାଗା ମିଶନ ଏବଂ ଜଙ୍ଗଲ ଅଧିକାର ଆଇନକୁ ଲାଗୁ କରିବାରେ ସଫଳ ହୋଇଛନ୍ତି। ସମସ୍ତଙ୍କୁ ପକ୍କାଘର ଏବଂ ପଟ୍ଟା ଦେବାରେ ବିଜେଡି ସରକାର ଆଗକୁ ବଢୁଛି। ତେଣୁ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେବା ନାଁରେ ନ ଠକନ୍ତୁ ବୋଲି ପ୍ରତାପ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ସସ୍ମିତ ପାତ୍ର, ରାଜ୍ୟ ସମ୍ପାଦକ ବିଜୟ ନାୟକ ଏବଂ ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର ଉପସ୍ଥିତ ରହିଥିଲେ। ଅପରପକ୍ଷରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ବିଜେଡି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ୍ ପ୍ରତିଶ୍ରୁତି କୁଆଡେ ଗଲା। କେନ୍ଦ୍ର ସରକାର ବର୍ତ୍ତମାନ ଦେଉଥିବା ଏମ୍‌ଏସ୍‌ପି ଠିକ୍ ଭାବେ ମିଳୁନାହିଁ। ୟୁପିଏ ଅପେକ୍ଷା ଏନ୍‌ଡିଏ ରାଜ୍ୟକୁ ଅଧିକ ଅର୍ଥ ପ୍ରଦାନ କରିଛି। ହେଲେ ଏହି ଅର୍ଥ କାର୍ଯ୍ୟକାରୀ ନ ହୋଇ ଫେରିଯାଉଛି।


**ରେଳ ବିକାଶ ନିଗମ ଲିମଟେଡ୍**

**"ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ"**

**"ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ"**

ସମ୍ବଲପୁର ଏବଂ ୱାଲଟିଅର ଡିଭିଜନ, ପୂର୍ବତଟ ରେଳପଥର ସେକ୍ସନ ଟିଟିଲାଗଡ଼ (ବହିର୍ଭୂତ) – ଜିମିଡ଼ିପେଟା (ଅନ୍ତର୍ଭୁକ୍ତ) କିମି ୨୦୨.ସିଏଚ୍.୬୮୬ରୁ କିମି ୩୫୭ ସିଏଚ୍.୨୬୮ର ୩ୟ ଲାଇନ୍ ଉପରେ ୨୫ କେଭି ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ ପ୍ରଚଳନ ସମ୍ପର୍କରେ ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ପ୍ରତ୍ୟେକ ଲେଭଲକ୍ରସିଂରେ ରାସ୍ତାରୁ ୪.୬୭ମି.ର ସ୍ପଷ୍ଟ ଉଚ୍ଚତାରେ ହାଇଟ୍ ଗଜ୍ ସ୍ଥାପନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସକ୍ରିୟ ଟ୍ରାକ୍ସନ୍ ତାର ସଂସ୍ପର୍ଶରେ କିମ୍ବା ବିପଜ୍ଜନକ ପରିସର ପର୍ଯ୍ୟନ୍ତ ଯେପରି କୌଣସି ଅତ୍ୟଧିକ ଉଚ୍ଚତାର ଭାର ବୋହୁଥିବା ଯାନବାହନ ନ ଆସେ । ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ଯାନବାହନକୁ ଲୋଡିଂ କରିବା ଉଦ୍ଦେଶ୍ୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଦୃଷ୍ଟିରେ ରଖାଯିବା ତଥା କୌଣସି ପରିସ୍ଥିତିରେ ମଧ୍ୟ ହାଇଟ୍ ଗେଜ୍‌ଗୁଡିକୁ ଯେପରି ଯାନବାହନରେ ଲୋଡ୍ ହୋଇଥିବା ସାମଗ୍ରୀ ଲଙ୍ଘନ ନ କରେ ଏହା ଦୃଷ୍ଟିରେ ରଖାଯିବା ଆବଶ୍ୟକ । ଯାନବାହନରେ ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦ ନିମ୍ନରେ ଦିଆଗଲା:
(i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ଏହା ପରବର୍ତ୍ତୀ ରାସ୍ତା ତଥା ରେଳପଥ ଅବରୋଧ ।
(ii) ନିଆଯାଉଥିବା ସାମଗ୍ରୀ କିମ୍ବା ଉପକରଣ ଅଥବା ଯାନବାହନ ପ୍ରତି ବିପଦ ।
(iii) କଣ୍ଡକ୍ଟର ସଂସ୍ପର୍ଶରେ ଆସି କିମ୍ବା ଏହାର ବିପଜ୍ଜନକ ପରିସର ମଧ୍ୟକୁ ଆସିଲେ ନିଆଁ ଓ ଜୀବନର ବିପଦ ମଧ୍ୟ ରହିଛି ।

ମହାପ୍ରବନ୍ଧକ (ଇଲେକ୍ଟ୍ରିକାଲ),
ରେଳ ବିକାଶ ନିଗମ ଲିମିଟେଡ୍, ୱାଲଟିଅର

**JEWELS INTERNATIONAL**
**Chetana College of Special Education**

**(Recognized by SSEPD Department, Govt. of Odisha, Approved by Rehabilitation Council of India) Affiliated to Utkal University**

**Contact : 9437126187, 9437265920, 9090207307**
**E-mail : chetanacollege@yahoo.co.in**
**Website: http://www.chetana-jewelsinternational.org**

Applications are invited for admission in to D.Ed.Special Education (MR) for the Academic Session 2019-2021. Last date for receiving on line application is 15.03.2019. The Prospectus and Application form is available at RCI Website **https://applyadmission.net/aioat2019/.** Application Forms of B.Ed, M.Ed. Special Education (MR) & M.A in Applied Psychology will be available after 15.03.2019.

**Principal**


■ଅନୁଗୋଳରେ ପ୍ରଥମ ଆଦର୍ଶ ସାମୂହିକ ବିବାହ

# ବେଦିରେ ବସିଲେ ୫୫ କନିଆଁ-ବର

ଅନୁଗୋଳ ଅଫିସ, ୧୦।୨



ଶିଶୁବିଦ୍ୟାମନ୍ଦିର ପରିସରରେ ସାମୂହିକ ବିବାହ କାର୍ଯ୍ୟ ଚାଲିଛି।

ବାଜା ନ ଥିଲା। ବାଣ ବି ଫୁଟି ନ ଥିଲା। କିନ୍ତୁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ୫୫ ଯୋଡ଼ା କନିଆଁ-ବର। ଏପରି ଏକ ନିଆରା ସାମୂହିକ ବିବାହ କାର୍ଯ୍ୟ ରବିବାର ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସମ୍ପନ୍ନ ହୋଇଯାଇଛି। ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀ ଅନୁଗୋଳ ଶାଖା ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଜିଲାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ଓ ବିଭିନ୍ନ ସାମାଜିକ, ସାଂସ୍କୃତିକ ତଥା ଧାର୍ମିକ ସଂସ୍ଥାର କର୍ମକର୍ତ୍ତାମାନେ ସହଯୋଗ କରିବା ସହ ଉପସ୍ଥିତ ରହି ନବଦମ୍ପତିମାନଙ୍କୁ ଆଶୀର୍ବାଦ କରିଥିଲେ।

ଶାନ୍ତିକୁଞ୍ଜ ହରିଦ୍ୱାର ଗାୟତ୍ରୀ ପରିବାର ପଣ୍ଡିତମାନଙ୍କ ଦ୍ୱାରା ବୈଦିକ ରୀତିରେ ଏକ ଭାବପୂର୍ଣ୍ଣ ପରିବେଶରେ ଏହି ସାମୂହିକ ଆଦର୍ଶ ବିବାହ ସମ୍ପନ୍ନ ହୋଇଥିଲା। ଉଭୟ ପକ୍ଷର ସ୍ୱୀକୃତି କ୍ରମେ ପୂର୍ବରୁ ଆଇନଗତ ଭାବେ ପଞ୍ଜୀକୃତ ବିବାହ ଯୋଗ୍ୟ ଝିଅ ଓ ପୁଅଙ୍କୁ ସଂସ୍ଥା ପକ୍ଷରୁ ସାମାଜିକ ସ୍ୱୀକୃତି ପ୍ରଦାନ କରାଯିବା ସହ ସୁଖୀ ଦାମ୍ପତ୍ୟ ଜୀବନ କାମନା କରାଯାଇଥିଲା। ଏପରି କି ସମସ୍ତ ନବଦମ୍ପତିଙ୍କୁ ବିଦାୟ ବେଳେ ଆୟୋଜକଙ୍କ ପକ୍ଷରୁ ନିତ୍ୟ ବ୍ୟବହାର ଉପକରଣ ପ୍ରଦାନ କରାଯାଇଥିଲା। ଝିଅ ଓ ପୁଅ ଘର ପକ୍ଷରୁ ୨୫ ଜଣ ଲେଖାଏ ବରଯାତ୍ରୀ ଏବଂ କନ୍ୟାଯାତ୍ରୀଙ୍କୁ ପ୍ରୀତି ଭୋଜନ ପ୍ରଦାନ କରାଯାଇଥିଲା। ବିବାହର ବର୍ଷକ ପର୍ଯ୍ୟନ୍ତ ସେମାନଙ୍କ ସଂସାର କିଭଳି ଚାଲିଛି, ସେ ନେଇ ନଜର ରଖାଯିବ। ଆର୍ଥିକ ସମସ୍ୟା ଭଳି ପରିସ୍ଥିତି ଉପୁଜିଲେ ସେମାନଙ୍କୁ କାର୍ଯ୍ୟରେ ଥଇଥାନ କରାଯିବ । ଏଥିସହ ନବଦମ୍ପତିଙ୍କୁ ଶ୍ରମ ବିଭାଗ ପକ୍ଷରୁ ମିଳୁଥିବା ସୁବିଧା ମଧ୍ୟ ପ୍ରଦାନ କରାଯିବ ବୋଲି ବୋଲି ଆୟୋଜକଙ୍କ ପକ୍ଷରୁ ଅବଗତ କରାଯାଇଛି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: ଭଦ୍ରକ,
ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛପୁଲିଆ, ବାଏପାସ୍ ରୋଡ୍, ଜିଲ୍ଲା: ଭଦ୍ରକ
ଶାଖା ଫୋନ୍ ନଂ.: ୦୬୭୮୪-୨୫୦୩୫୩, ଶାଖା ଇ-ମେଲ: sbi.18397@sbi.co.in

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ, ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ** ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ**
**ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

**କ୍ଷମତାପ୍ରାପ୍ତ ଅଧିକାରୀ: ଜାମିନୀ ରଞ୍ଜନ ସାହୁ, ଇ-ମେଲ: jamini.sahu@sbi.co.in, ମୋ: ୯୪୩୭୪୯୭୦୫୩**

| କ୍ର. ନଂ. | ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | **ତାଳଚେର ଫର୍ଟିଲାଇଜର ଟାଉନସିପ୍ ଶାଖା /** **୧. ଋଣଗ୍ରହୀତା: ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୨୩୪୦୧୦୮୮୨, ୩୨୫୫୮୩୯୬୧୯୨, ୩୧୭୩୪୨୩୩୦୫୫** | | ସୁମନ୍ତ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତୁରଙ୍ଗ, ଜିଲ୍ଲା: ଅନୁଗୁଳ, ଖାତା ନଂ.: ୯୨୯/୨୫୬୦, ପ୍ଲଟ୍ ନଂ.: ୧୯୩୦/୯୭୧୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ଖାତା ନଂ.: ୯୨୯/୨୬୧୪, ପ୍ଲଟ୍ ନଂ.: ୧୯୨୫, କ୍ଷେତ୍ର: ଏକର୦.୦୬ଡିସିମିଲି ଓ ପ୍ଲଟ୍ ନଂ.: ୧୯୩୧, କ୍ଷେତ୍ର: ଏକର୦.୦୫ଡିସିମିଲି ଏବଂ ଖାତା ନଂ.: ୯୨୯/୨୭୪୫, ପ୍ଲଟ୍ ନଂ.: ୧୯୩୦, କ୍ଷେତ୍ର: ଏକର୦.୦୪ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୩ଡିସିମିଲି,** କିସମ: ଘରବାରୀ | **୩୧.୦୭.୨୦୧୪ ସୁଦ୍ଧା ଟ.୭୧,୨୧,୧୩୪/-** + ୦୧.୦୮.୨୦୧୪ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୧୧.୦୯.୨୦୧୪** | ଟ.୧,୪୭,୬୦,୦୦୦/- / ଟ.୧୪,୭୬,୦୦୦/- / ଟ.୧,୦୦,୦୦୦/- |
| | **୨. ଋଣଗ୍ରହୀତା: ରଘୁନାଥ ନାଏକ,** ପିତା: ହରିହର ନାଏକ, ସା/ପୋ: ସାକସିଂହା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୦୮୫୯୫୩୧୨୧** | **ଜାମିନ୍‌ଦାର/ବନ୍ଧକଦାତା: ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ | | **୨୧.୦୯.୨୦୧୬ ସୁଦ୍ଧା ଟ.୧୯,୧୬,୧୨୦.୮୧** + ୨୨.୦୯.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୨୨.୦୯.୨୦୧୬** | |
| ୨. | **ଏସ୍‌ଏଲ୍ ମାଇନିଂ ଶାଖା, ଜୁରୁଡି /** **ଋଣଗ୍ରହୀତାମାନେ: ୧) ରୋଜ୍ ମହମ୍ମଦ,** ପିତା: ଅବଦୁଲ ସତାର, **୨) ଶେହନାଜ୍ ବାନୋ,** ସ୍ୱାମୀ: ରୋଜ୍ ମହମ୍ମଦ, ଉଭୟଙ୍କ ଠିକଣା: ସା: ଜୁରୁଡି, ପୋ: ଜଜାଙ୍ଗ, ଭାୟା: ଯୋଡା, ଜିଲ୍ଲା: କେନ୍ଦୁଝର-୭୫୮୦୩୪ / **ଆକାଉଣ୍ଟ ନଂ.: ୩୦୯୬୧୮୩୩୮୬୬** | | ରୋଜ୍ ମହମ୍ମଦ ଏବଂ ଶେହନାଜ୍ ବାନୋଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜାରୋଲି, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରୀ | **୩୦.୦୪.୨୦୧୬ ସୁଦ୍ଧା ଟ.୬୩,୮୭,୯୦୬/-** + ୦୧.୦୫.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୦୨.୦୫.୨୦୧୬** | ଟ.୧,୧୪,୫୮,୦୦୦/- / ଟ.୧୧,୪୫,୮୦୦/- / ଟ.୧,୦୦,୦୦୦/- |

* ମାନ୍ୟବର ଡେବ୍ଟ୍ସ ରିକଭରି ଆପିଲେଟ୍ ଟ୍ରିବୁନାଲ, କୋଲକାତାଙ୍କ ଠାରେ ବିଚାରାଧିନ ଟେଣ୍ଡର ନଂ. ୧୩୧/୨୦୧୭ ର ନିର୍ଣ୍ଣୟ ଅନୁଯାୟୀ କ୍ର. ନଂ. ୧ରେ ଦର୍ଶିତ ସମ୍ପତ୍ତିର ବିକ୍ରୟ ଚୂଡାନ୍ତ ହେବ।

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ତା.୨୧.୦୨.୨୦୧୯ରିଖ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା**

**ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୭.୦୨.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ**

ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୱେବସାଇଟ୍ **www.sbi.co.in at link https://bank.sbi/portal/web/home/auction-notices** ଦେଖନ୍ତୁ

ତାରିଖ : ୦୮.୦୨.୨୦୧୯, ସ୍ଥାନ: ଭଦ୍ରକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



“ ଶାସକ ଯଦି ତା’ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ

## ପ୍ରଥମ ପୃଷ୍ଠାରୁ...

### ଥାନା ପରିସରରେ ...

ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ପୀଡିତା ଛାତ୍ରୀଙ୍କୁ ଡାକ୍ତରୀ ମାଇନା ପାଇଁ ବରଗଡ ପଠାଇଛି । ସୂଚନା ଅନୁସାରେ, ମେଲଛାମୁଣ୍ଡା ଥାନା ଅଞ୍ଚଳର ଏହି ନାବାଳିକା ତାଙ୍କ ମାମୁଘରେ ରହି ଦଶମ ଶ୍ରେଣୀରେ ପଢୁଥିଲେ । ସେ ଗତ ଶୁକ୍ରବାର ସକାଳ ସାଢେ ୬ଟାରେ ନିକଟସ୍ଥ ଏକ ଗ୍ରାମକୁ ଟିଉଶନ ଯାଇ ଘରକୁ ଫେରି ନ ଥିଲେ। ମାମୁଘର ଲୋକେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ସନ୍ଧ୍ୟାରେ ମେଲଛାମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ଉକ୍ତ ଛାତ୍ରୀଙ୍କୁ ଖୋଜାଖୋଜି କରିଥିଲା । ମେଲଛାମୁଣ୍ଡା ପୋଲିସ ଶନିବାର ରାତି ୮ଟାରେ ଉକ୍ତ ନାବାଳିକା ଛାତ୍ରୀଙ୍କୁ ସୋହେଲାରୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦେଇଥିଲା । ପରିବାର ଲୋକେ ନାବାଳିକାଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଜଣେ ଯୁବକଙ୍କ ସମେତ ସୋହେଲା ଥାନାର ଜନୈକ ପୋଲିସ ଅଧିକାରୀ ତାଙ୍କୁ ବଳାତ୍କାର କରିଥିବା ଜଣାପଡିଥିଲା । ଥାନାରେ ଦାୟର ହୋଇଥିବା ଏତଲା ମୁତାବକ, ଗତ ଶୁକ୍ରବାର ସକାଳେ ମେଲଛାମୁଣ୍ଡା ଗ୍ରାମର ଜଣେ ଯୁବକ ନାବାଳିକାଙ୍କୁ ଏକ ବାଇକ୍‌ରେ ବସାଇ ସୋହେଲା ନେଇଥିଲେ। ସେ ସୋହେଲା ଥାନା ଆଗରେ ବାଇକ୍ ରଖିଥିଲେ। ଥାନାର ଜଣେ ଏଏସ୍‌ଆଇଙ୍କଠାରୁ ବାହାରେ ଥିବା ତାଙ୍କ ଭଡାଘର ଚାବି ଆଣି ପୀଡିତାଙ୍କୁ ସେଠାକୁ ନେଇଥିଲେ। ସେଠାରେ ବଳାତ୍କାର କରିବା ପରେ ନାବାଳିକାଙ୍କୁ ଉକ୍ତ ଘର ଭିତରେ ରଖି ବାହାରୁ ତାଲା ପକାଇ ପଳାଇ ଯାଇଥିଲେ। ଏଏସଆଇ ଜଣକ ସନ୍ଧ୍ୟାରେ ଭଡାଘରକୁ ଆସି ପୀଡିତାଙ୍କ ମୁହଁରେ କପଡା ବାନ୍ଧି ଥାନା ପରିସରରେ ଥିବା ଏକ କୋଠରିକୁ ନେଇ ବଳାତ୍କାର କରିଥିଲେ । ଫଳରେ ସେ ଚେତାଶୂନ୍ୟ ହୋଇ ପଡିଥିଲେ। ଚେତା ଫେରିବା ପରେ ପରଦିନ ଅର୍ଥାତ୍ ଶନିବାର ମଧ୍ୟାହ୍ନ ୧୨ଟାରେ ଏଏସ୍‌ଆଇ ଜଣକ ଏକ ବସ୍‌ରେ ତାଙ୍କୁ ବରଗଡ ପଠାଇ ଦେଇଥିଲେ। ସେ ବରଗଡରେ ଥିବାବେଳେ ସନ୍ଧ୍ୟାରେ ଉକ୍ତ ଏଏସଆଇ ଜଣକ ତାଙ୍କୁ ଫୋନ୍ କରି ତୋର ମା’ବାପା ବହୁତ କାନ୍ଦୁଛନ୍ତି, ଫେରିଆ ବୋଲି କହିଥିଲେ। ସେ ଏକ ବସ୍‌ରେ ଆସି ସୋହେଲା ଥାନା ଛକରେ ପହଞ୍ଚିଥିଲେ। ଏହା ପୂର୍ବରୁ ସୋହେଲା ଥାନାକୁ ତଦନ୍ତ ପାଇଁ ଆସିଥିବା ମେଲଛାମୁଣ୍ଡା ଥାନା ପୋଲିସ ତାଙ୍କୁ ଦେଖିଥିଲା ଏବଂ ତାଙ୍କୁ ମେଲଛାମୁଣ୍ଡା ନେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରବିବାର ନାବାଳିକାଙ୍କ ବାପା ମେଲଛାମୁଣ୍ଡା ଥାନାରେ ଏ ନେଇ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ନ ଥିବାରୁ ସୋହେଲା ପୋଲିସ ଏହି ଘଟଣାର ତଦନ୍ତ କରୁଛି। ଏ ସମ୍ପର୍କରେ ସୋହେଲା ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ରଙ୍କୁ ପଚରାଯିବାରୁ ଏପରି ଏକ ଘଟଣାର ଉଚିତ ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ମୁକୁଲଙ୍କ ବିରୋଧରେ...



ଖବରଦାତା ସମ୍ମିଳନୀରେ ମୁକୁଲ ରୟ।

ବ୍ୟକ୍ତିଗତ ସୁରକ୍ଷା ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ବିଧାୟକ ବିଶ୍ୱାସଙ୍କୁ ପଛପଟୁ ଗୁଳି କରାଯାଇଥିଲା ଏବଂ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

### ୯୦ ହଜାର...

ଏହା ୮୮,୫୬୬.୯୨ କୋଟି ଟଙ୍କା ଥିଲା। ଏହି ଯୋଜନାରେ ପୂର୍ବରୁ ଆକାଉଣ୍ଟଧାରୀଙ୍କୁ ୧ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ଏବଂ ୫ ହଜାର ଟଙ୍କାର ଓଭରଡ୍ରାଫ୍ଟ ସୁବିଧା ଦିଆଯାଉଥିଲା। ଏହି ଯୋଜନା ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧିକୁ ଦେଖି ସରକାର ୨୦୧୮ ଅଗଷ୍ଟ ୨୮ ପରେ ବୀମା ରାଶିକୁ ୨ ଲକ୍ଷ ଟଙ୍କା ଏବଂ ଓଭରଡ୍ରାଫ୍ଟ ସୁବିଧାକୁ ୧୦ ହଜାରକୁ ବୃଦ୍ଧି କରିଛନ୍ତି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ଅଦ୍ୟାବଧି ୩୪.୧୪ କୋଟି ଜନଧନ ଆକାଉଣ୍ଟ ଖୋଲାଯାଇଛି। ଏଥିରୁ ଜଣାପଡ଼ିଛି ଯେ, ପ୍ରାୟ ୫୯ ପ୍ରତିଶତ ଆକାଉଣ୍ଟଧାରୀ ହେଉଛନ୍ତି ମହିଳା। ଏହାଛଡ଼ା ୨୭.୨୬ କୋଟି ଆକାଉଣ୍ଟଧାରୀଙ୍କୁ ରୁପେ ଡେବିଟ୍ କାର୍ଡ ପ୍ରଦାନ କରାଯାଇଛି।

# ମୃତ କଲରାପତରିଆର ବ୍ୟବଚ୍ଛେଦ

**ବନ୍ତଲା, ୧୦।୨ (ଡି.ଏନ.ଏ.)**


ବାଘର ବ୍ୟବଚ୍ଛେଦ କରାଯାଉଛି।

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ରେଞ୍ଜ କଣଲୋଇ ସଂରକ୍ଷିତ ଜଙ୍ଗଲରୁ ଶନିବାର ଉଦ୍ଧାର କଲରାପତରିଆ ବାଘର ମୃତଦେହକୁ ରବିବାର ବ୍ୟବଚ୍ଛେଦ ପରେ ପୋଡ଼ି ଦିଆଯାଇଛି। ସାତକୋଶିଆ ଅଭୟାରଣ୍ୟ ବନଖଣ୍ଡ କାର୍ଯ୍ୟାଳୟ ବଙ୍ଗଳା ପଛରେ ସକାଳ ୭ଟାରୁ ଆରମ୍ଭ ହୋଇଥିବା ବ୍ୟବଚ୍ଛେଦ କାର୍ଯ୍ୟ ଅପରାହ୍ନ ୨ଟାରେ ଶେଷ ହୋଇଥିଲା। ଏନ୍‌ଟିସିଏ (ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଗାଇଡ୍ ଲାଇନ ଅନୁଯାୟୀ ଏକ ୩୦ ଜଣିଆ ଟିମ୍ ଏଥିପାଇଁ ଗଠନ କରାଯାଇଥିଲା। ଏଥିରେ ଅନୁଗୋଳ ଡିଏଫ୍‌ଓ ଭି.କାର୍ତ୍ତିକ, ଏସିଏଫ୍ ଏଚ୍.ଡି. ଧନ୍‌ରାଜ, ଶ୍ରୀକାନ୍ତ ବେହେରା, ୱାର୍କିଂ ପ୍ଲାନ ଡିଏଫ୍‌ଓ ପ୍ରଦୀପ୍ତ କୁମାର ମହାପାତ୍ର, ସବ୍‌ଡିଭିଜନାଲ ଭେଟେରିନାରି ଅଫିସ ଡେପୁଟି ଡାଇରେକ୍ଟର ଡା.ଗଡ଼ନାୟକ, ଅତିରିକ୍ତ ଭେରେରିନାରି ଅଫିସର ଡା.ସୁଶାନ୍ତ ସେଠୀ, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ ପ୍ରମୁଖ ସାମିଲ ଥିଲେ। ମୃତ ଅଣ୍ଡିରା ବାଘର ବୟସ ୪ରୁ ୫ ବର୍ଷ ମଧ୍ୟରେ ହୋଇଥିବାବେଳେ କୌଣସି ସ୍ଥାନରେ କ୍ଷତ ଚିହ୍ନ ନ ଥିଲା। ସଂଗୃହୀତ ନମୁନାକୁ ସେଣ୍ଟ୍ରାଲ ୱାଇଲ୍ଡ ଲାଇଫ୍ ଓୟୁଏଟି ଭୁବନେଶ୍ୱରକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଅନୁଗୋଳ ଡିଏଫ୍‌ଓ ଭି.କାର୍ତ୍ତିକ ଓ ପ୍ରାଣୀ ଡାକ୍ତର ସାହୁ କହିଛନ୍ତି, ବାଘ ଶରୀରରେ କ୍ଷତ ଚିହ୍ନ ନ ଥିବାରୁ ରୋଗରେ ପଡ଼ି ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ।



**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାକୁଡ଼ି ଚୋର, ଲାଉ ଚୋର**
**ଚୋର ଚୋର ବଡ଼ା ଚୋର ।**

ଅଳ୍ପ ବୟସରୁ ଛୋଟ ମୋଟ ଚୋରି କରୁ କରୁ ତାହା ସମୟକ୍ରମେ ଅଭ୍ୟାସଗତ ହୋଇଯାଏ। ସେହି ସମୟରୁ ଆକଟ ନ କଲେ କାଳକ୍ରମେ ସେ ବଡ଼ ଚୋର ପାଲଟିଯିବାର ସମ୍ଭାବନା ରହିଥାଏ। ସାଧାରଣତଃ ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ, ତେବେ ତାହା ଜୀବନକୁ ନଷ୍ଟ କରି ଦେଇଥାଏ। ସାମାନ୍ୟ ଜିନିଷ ଚୋରି କରୁ କରୁ ବଡ଼ ଚୋର ପାଲଟିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଉ ବସାରେ କୋଇଲି**
**ଡିମ୍ବ ଥୋଇ ଦେଇ ଅଇଲି ।**

ସାଧାରଣତଃ ଅଳସୁଆ ବ୍ୟକ୍ତିମାନେ କଷ୍ଟ କରି କାର୍ଯ୍ୟ କରିବାକୁ କୁଣ୍ଠାବୋଧ କରିଥାନ୍ତି। କୌଣସି ଦାୟିତ୍ୱ ନିଜେ ବହନ ନ କରି ପରମୁଣ୍ଡରେ ଲଦିଦେବାକୁ ଉଚିତ ମଣିଥାନ୍ତି। କୋଇଲି କାଉର ଅଜାଣତରେ ତା’ ବସାରେ ଡିମ୍ବ ଥୋଇଦେବା ଭଳି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପରକୁ ଦେଇ ଆଶ୍ୱସ୍ତି ଲାଭ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବଡ଼ ମନା କରିବାରୁ ବେଦୀରେ ବସିଥାନ୍ତେ ସାନଭଉଣୀ

**କୁନ୍ଦୁରା,୧୦।୨(ଡି.ଏନ୍.ଏ.)**

**ନାବାଳିକାଙ୍କୁ ଉଦ୍ଧାର କଲା ସିଡବ୍ଲ୍ୟୁସି**

ବିବାହ ସ୍ଥିର ହୋଇସାରିଥିଲା। କିନ୍ତୁ ବଡ଼ଝିଅ ମନା କରିଦେବାରୁ ମା’ ବାପା ନାବାଳିକା ସାନଝିଅକୁ ରବିବାର ବେଦୀରେ ବସାଇଥାନ୍ତେ। କିନ୍ତୁ ଏହି ଉଦ୍ୟମକୁ ଶେଷ ମୁହୂର୍ତ୍ତରେ ପଣ୍ଡକରି ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରିଛି କୋରାପୁଟ ଜିଲା ଶିଶୁ ସୁରକ୍ଷା ସମିତି ଓ କୁନ୍ଦୁରା ଥାନା।

ସୂଚନା ଅନୁଯାୟୀ, ଜୟପୁର ବ୍ଲକ ଟାଙ୍କୁଆ ପଞ୍ଚାୟତ ଅନ୍ତର୍ଗତ ବାମୁଣୀଗାଁର ଜଣେ ଯୁବତୀଙ୍କ ସହ ତାଙ୍କ ଅନିଚ୍ଛା ସତ୍ତ୍ୱେ କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ଲିମ୍‌କିଆଗୁଡ଼ା ଗ୍ରାମର ଜଣେ ଯୁବକଙ୍କ ସହ ବିବାହ ସ୍ଥିର କରାଯାଇଥିଲା। ଯୁବତୀ ଜଣକ ମାଟ୍ରିକ ଶିକ୍ଷା ପରେ ଏକ ଘରୋଇ ଚିକିତ୍ସାଳୟରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ଏହି ବିବାହ ପାଇଁ ସେ ମନା କରିଦେବା ପରେ ବାପାମା’ଙ୍କ ମୁଣ୍ଡରେ ଚିନ୍ତା ପଶିଥିଲା। ସାମାଜିକ ସମ୍ମାନ ଭୟରେ ସେମାନେ ଦଶମ ଶ୍ରେଣୀରେ ପଢୁଥିବା ନିଜ ସାନଝିଅଙ୍କୁ ବଡ଼ଝିଅ ସ୍ଥାନରେ ବାହା ଦେବାକୁ ବ୍ୟବସ୍ଥା କରିଥିଲେ। ଏପରିକି ଉକ୍ତ ନାବାଳିକାଙ୍କୁ ଶନିବାର ଜୟପୁର ସହର ଉପକଣ୍ଠ ଜୟନଗରରେ ରଖାଯାଇଥିଲା। ରବିବାର ଲିମକିଆଗୁଡ଼ାରେ ବିବାହ ହୋଇଥାନ୍ତା। ତେବେ ନାବାଳିକା କନ୍ୟା ଜଣକ ଉପସ୍ଥିତ ବୁଦ୍ଧି ଖଟାଇ କୌଣସି ମତେ ୧୦୯୮ (ଜିଲା ଶିଶୁ ସୁରକ୍ଷା ସମିତି)କୁ ଯୋଗାଯୋଗ କରିଥିଲେ। ଅନିଚ୍ଛା ସତ୍ତ୍ୱେ ମା’ବାପା ତାଙ୍କୁ ବିବାହ ଦେଉଥିବା ଜଣାଇଥିଲେ। ଏହାପରେ ଜିଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷା ଗାୟତ୍ରୀ ଦେବୀ, ଡିସିପିଓ ରାଜଶ୍ରୀ ଦାଶଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ଲିଡର ମିନତି ମହାଙ୍କୁଡ଼, ଅର୍ଜୁନ ଗୌଡ଼, ପିଣ୍ଟୁ ହରିଜନ, ପିତାମ୍ବର ପୂଜାରୀ, ଥାନା ଅଧିକାରୀ ଭବାନୀ ମୁଦୁଲି, ଏସ୍‌ଆଇ ଶୁଭ୍ରାନ୍ତ ପଣ୍ଡା ଲିମ୍‌କିଆଗୁଡ଼ାରେ ପହଞ୍ଚି ନାବାଳିକା ଜଣଙ୍କୁ ଉଦ୍ଧାର କରିଥିଲେ। ନାବାଳିକା ଜଣକ କହିଛନ୍ତି ଯେ ପାଠ ପଢ଼ିବା ପାଇଁ ତାଙ୍କର ପ୍ରବଳ ଇଚ୍ଛାଶକ୍ତି ରହିଛି। ଆଗାମୀ ଦିନରେ ଅନ୍ୟ କୌଣସି ସ୍ଥାନରେ ଏଭଳି କାର୍ଯ୍ୟ ହେଲେ ସେ ନିଜେ ଶିଶୁ ସୁରକ୍ଷା କାର୍ଯ୍ୟାଳୟକୁ ଯୋଗାଯୋଗ କରିବା ସହ ଅନ୍ୟମାନଙ୍କୁ ସଚେତନ କରାଇବେ।

# ପାରାଦୀପରେ ପୁଣି ଛୁରାମାଡ଼

**ପାରାଦୀପ,୧୦।୨(ସ୍ୱ.ପ୍ର.)**

ପାରାଦୀପ ଥାନା ଅଧୀନ ଲକ୍‌ପଡ଼ା କାଠପୋଲ ନିକଟରେ ରବିବାର ରାତି ୯ଟାରେ ପୁଣି ଛୁରାମାଡ଼ ହୋଇଛି। ଲକ୍‌ପଡ଼ା ବସ୍ତିର ପ୍ରକାଶ ମିଶ୍ର ନାମକ ଯୁବକଙ୍କୁ ଗୁରା ନାମକ ଯୁବକ ଛୁରାମାଡ଼ କରିଛନ୍ତି। ଏଥିରେ ପ୍ରକାଶ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବିଜୁ ମେମୋରିଆଲ୍ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶଙ୍କ ଅନ୍ତବୁଜୁଳା ବାହାରକୁ ବାହାରି ଆସିଛି। ଏଥିସହ ବେକ ଓ ହାତରେ ଗଭୀର ଆଘାତ ଲାଗିଛି। ଏହି ଆକ୍ରମଣ ପୂର୍ବ ଶତ୍ରୁତାଯୋଗୁ ଘଟିଥିବା କୁହାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବସ୍ତିରେ ବିଭିନ୍ନ ଚୋରି ଓ ଅନ୍ୟ କାରଣକୁ ନେଇ କେତେଜଣ ମୁଷ୍ଟିମେୟ ଲୋକ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ସେହି କାରଣରୁ ଏହି ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ସୂଚନାଯୋଗ୍ୟ, ୭ ତାରିଖରେ ବଡିଘର ନିକଟ ବେଳାଭୂମି ରାସ୍ତା ଉପରେ କମେଣ୍ଟ ମରାକୁ ନେଇ ଛୁରାମାଡ଼ ହୋଇଥିଲା। ଏହି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଏ ପର୍ଯ୍ୟନ୍ତ ଧରିନାହିଁ। ୩ ଦିନ ବ୍ୟବଧାନରେ ପୁଣି ଛୁରାମାଡ଼ ଘଟଣାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି।

### ପୁରୁଣା ଖାଦାନରୁ...

ଆର୍ଥିକ ବର୍ଷରେ କ୍ରିଟିକାଲ ପାଣ୍ଠିରୁ ଯେଉଁ ୮ଲକ୍ଷ ଟଙ୍କା ଅନୁଦାନ ଆସିଥିଲା ତାହା ଖର୍ଚ୍ଚ ହୋଇଛି। ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ୨୦୧୫-୧୬ ଆର୍ଥିକ ବର୍ଷରେ ନନ୍‌ପ୍ଲାନ ବଜେଟରୁ କେନାଲ କଂକ୍ରିଟକରଣ ପାଇଁ ୨ଟି ପର୍ଯ୍ୟାୟରେ ଅନୁଦାନ ମିଳିଥିଲା। ଗୋଟିଏରେ ୨ଲକ୍ଷ ୯୧ହଜାର ୧୭୯ ଟଙ୍କା ଏବଂ ଅନ୍ୟଟିରେ ୨ଲକ୍ଷ ୭ହଜାର ୮୩୩ ଟଙ୍କା ଅନୁଦାନ ମିଳିଥିବାବେଳେ ସେସବୁ ଖର୍ଚ୍ଚ ହୋଇଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ନନ୍‌ପ୍ଲାନ ବଜେଟରୁ ୯ଲକ୍ଷ ୨୯ ହଜାର ଟଙ୍କା ଅନୁଦାନ ମିଳିଛି; ଯାହାକି ଅଦ୍ୟାବଧି ଖର୍ଚ୍ଚ ହୋଇନାହିଁ। ଚାଷୀଙ୍କ ଉନ୍ନତି ପାଇଁ ସରକାର ଜଳସେଚନକୁ ପ୍ରାଧାନ୍ୟ ଦେଉଥିବା କୁହାଯାଉଥିବା ବେଳେ ଏଠାରେ ତାହାର ଓଲଟା ହୋଇଛି। କେତେଜଣ ପ୍ରଭାବଶାଳୀ ନେତାଙ୍କ ସ୍ୱାର୍ଥ ପାଇଁ ରାଣୀବନ୍ଧି ତା’ର ଅସ୍ତିତ୍ୱ ହରାଇବାକୁ ବସିଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଧର୍ମଶାଳାର ଭାରପ୍ରାପ୍ତ ତହସିଲଦାର ସରୋଜ କୁମାର ପଣ୍ଡା କୁହନ୍ତି, ଧର୍ମଶାଳା ତହସିଲ ଅଧୀନରେ ଥିବା ସମସ୍ତ ବେଆଇନ ଖାଦାନ ଉପରେ ଅନୁଧ୍ୟାନ ଚାଲିଛି। ପର୍ଯ୍ୟାୟକ୍ରମେ ଚଢାଉ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ପୂଜା ହେଲା ମାଦଳା ପାଞ୍ଜି

**ପୁରୀ ଅଫିସ, ୧୦।୨:** ଶ୍ରୀମନ୍ଦିରରେ ରବିବାର ବସନ୍ତ ପଞ୍ଚମୀ ପର୍ବ ପାଳିତ ହୋଇଛି। ବେଢା ପରିସର ସରସ୍ୱତୀ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଆଜ୍ଞାମାଳ ପ୍ରାପ୍ତ ହୋଇ ବେଣ୍ଟ ନିମନ୍ତେ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୁଦେବୀ ବିଜେ ହୋଇଥିଲେ। ସନ୍ଧ୍ୟା ଧୂପ ପରେ ସରସ୍ୱତୀଙ୍କ ମନ୍ଦିରରେ ମାଦଳା ପାଞ୍ଜି ପୂଜା ହୋଇଥିଲା। ମାଦଳା ପାଞ୍ଜି ରଖାଯାଇ ପଡିନି, ମାଳଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ସରିଥିଲା। ଏହାପରେ ସରସ୍ୱତୀଙ୍କ ମନ୍ଦିରରେ ୨୨ଟି ନଡ଼ିଆ ଭଙ୍ଗା ଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261 7991052595
405 D, Gandhi Marg, Mumbai-02

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927 7787922501 9319932148
Email id- pmjansamridhi@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସଂମ୍ପର୍କ କରନ୍ତୁ
9997928820

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ।
Email- sixdocuments@gmail.com
B-19, Moti Bagh, New Delhi
7064382081 8658167603

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469 8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550 7618439473
ବାଲେଶ୍ୱର - 7055500110 - 7351444489
କଟକ - 7618439473
ଯାଜପୁର - 7088008550 - 8447055760
ସୁନ୍ଦରଗଡ଼ - 7351004140 - 7055111132
3rd Floor, D.N. Enclave, Meerut, U.P.

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551 9068296909

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128 7508116267
T-51, Gali No.8, Gautampuri, Delhi-110053

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.: 9179208056 8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474 7827246964
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଧରିତ୍ରୀ DHARITRI
ସୋମବାର, ୧୧ ଫେବୃୟାରୀ, ୨୦୧୯



"୨୦୧୪ରେ ନୂଆ ସରକାର ଗଠନ ହେବା ପରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସମ୍ପର୍କ ଦୁର୍ବଳ ହେବାରେ ଲାଗିଛି।

-ମହିନ୍ଦ୍ରା ରାଜପାକ୍ସେ, ଶ୍ରୀଲଙ୍କା ବିରୋଧୀ ଦଳ ନେତା



## ସଂକ୍ଷେପରେ

### ଆବୁ ଧାବିରେ ହିନ୍ଦୀ ତୃତୀୟ କୋର୍ଟ ଭାଷା

**ଦୁବାଇ,୧୦।୨(ପି.ଟି.):** ଆରବିକ୍ ଏବଂ ଇଂଲିଶ ପରେ ହିନ୍ଦୀକୁ ଆବୁଧାବୀରେ ତୃତୀୟ ସରକାରୀ ଭାଷା ଭାବେ କୋର୍ଟରେ ବ୍ୟବହାର ଲାଗି ଗ୍ରହଣ କରାଯାଇଛି। ଏହାକୁ ଶ୍ରମିକମାନଙ୍କ ମାମଲା କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବାର ଉଦ୍ୟମ ସ୍ୱରୂପ ଆବୁ ଧାବି ନ୍ୟାୟିକ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଫଳରେ ହିନ୍ଦୀଭାଷୀଙ୍କୁ ସେଠାର ବିଚାର ପ୍ରକ୍ରିୟା, ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଜାଣିବା ସହଜ ହୋଇପାରିବ।

### 'ଡିଜିଟାଲ ଯୁଗରେ ବିଚାର ଚାପଗ୍ରସ୍ତ'



**ନୂଆଦିଲ୍ଲୀ,୧୦।୨(ପି.ଟି.):** ବର୍ତ୍ତମାନର ଡିଜିଟାଲ ଯୁଗରେ ବିଚାର କରିବା ଉପରେ ଚାପ ରହିଛି ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଏ.କେ. ସିକ୍ରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲ' ଆସୋସିଏଶନ୍ ଫର୍ ଏସିଆ ଆଣ୍ଡ ଦି ପାସିଫିକ୍ ପକ୍ଷରୁ ଆୟୋଜିତ ପ୍ରଥମ ସମ୍ମିଳନୀରେ ଯୋଗଦେଇ 'ଡିଜିଟାଲ୍ ଯୁଗରେ ପ୍ରେସ୍ ସ୍ୱାଧୀନତା' ଉପରେ ସେ ଆଲୋକପାତ କରିଥିଲେ। ଜଷ୍ଟିସ୍ ସିକ୍ରି କହିଥିଲେ, ପୂର୍ବରୁ ମଧ୍ୟ ମିଡିଆ ଟ୍ରାଏଲ୍ ହେଉଥିଲା। କିନ୍ତୁ ଆଜି ଯେତେବେଳେ ଗୋଟିଏ ପ୍ରସଙ୍ଗ ଉଠୁଛି, ସେତେବେଳେ ଗୋଟିଏ ପିଟିଶନ ଦାଏର ହେଉଛି। କୋର୍ଟ ଏହାର ବିଚାର କରିବା ପୂର୍ବରୁ ରାୟ କ'ଣ ଆସିବା ଉଚିତ ସେନେଇ ଲୋକେ ସୋସିଆଲ ମିଡିଆରେ ଆଲୋଚନା ଆରମ୍ଭ କରିଦେଉଛନ୍ତି। ଏଥିଯୋଗୁ ବିଚାରପତିଙ୍କ ନିଷ୍ପତ୍ତି ପ୍ରଭାବିତ ହେଉଥିବା ଅଭିଜ୍ଞତାରୁ ଜଣାପଡ଼ିଛି।

### ରାହୁଲଙ୍କ ଯୋଗୁ ଇସ୍ତଫା ଦେଇଥିଲେ କ୍ରିଷ୍ଣା



**ନୂଆଦିଲ୍ଲୀ,୧୦।୨:** କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅତ୍ୟଧିକ ହସ୍ତକ୍ଷେପ ଯୋଗୁ ନିଜ ପଦରୁ ଇସ୍ତଫା ଦେଇଥିବା ଉପା-୨ ଅମଳରେ ବହିର୍ବ୍ୟାପାର ମନ୍ତ୍ରୀ ଥିବା ଏସ୍.ଏମ୍. କ୍ରିଷ୍ଣା ରବିବାର ସ୍ପଷ୍ଟ କରିଛନ୍ତି। କ୍ରିଷ୍ଣା କହିଛନ୍ତି, ରାହୁଲ ସେତେବେଳେ ପାର୍ଲାମେଣ୍ଟ କିମ୍ବା ଶାସନ କାହା ପ୍ରତି ଉତ୍ତରଦାୟୀ ନ ଥିଲେ। ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥାଇ ସୁଦ୍ଧା ମନ୍ତ୍ରଣାଳୟକୁ ନେଇ ତାଙ୍କର କିଛି ଆପତ୍ତି ନ ଥିଲା। କିନ୍ତୁ ସେତେବେଳେ ରାହୁଲ କଂଗ୍ରେସର କୌଣସି ପଦବୀରେ ନ ଥାଇ ମଧ୍ୟ ସବୁ କଥାରେ ମୁଣ୍ଡ ପୂରାଉଥିଲେ, ଯାହାକି ଅସାମ୍ବିଧାନିକ। ଏଥିଯୋଗୁ ଇସ୍ତଫା ଦେଇ ବାଙ୍ଗାଲୋର ଚାଲିଯାଇଥିବା କ୍ରିଷ୍ଣା କହିଛନ୍ତି। କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ରିଷ୍ଣା ମନମୋହନ ସିଂ ସରକାରରେ ବହିର୍ବ୍ୟାପାର ମନ୍ତ୍ରୀ ଥିଲେ। ସେ ୨୦୧୨ ଅକ୍ଟୋବର ୨୬ରେ ରାଜ୍ୟ ରାଜନୀତିକୁ ଫେରିବା ପାଇଁ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ସେତେବେଳେ କହିଥିଲେ। ୨୦୧୭ ଜାନୁୟାରୀ ୨୯ରେ କ୍ରିଷ୍ଣା କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ।

### [ଇତିହାସର ଆଇନାରେ]

### ଫେବୃୟାରୀ ୧୧ର ପ୍ରମୁଖ ଘଟଣା

୨୦୧୬ ଫେବୃୟାରୀ ୧୧ରେ ଜିଜାନ୍ ପ୍ରଦେଶର ଏକ ଶିକ୍ଷାକେନ୍ଦ୍ରରେ ଜଣେ ବ୍ୟକ୍ତି ଗୁଳିମାଡ କରିବା ଯୋଗୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଜିଜାନ୍ ହେଉଛି ସୌଦି ଆରବର ଏକ ଛୋଟ ସହର। ୟେମେନ୍‌ର ଉତ୍ତରକୁ ଦକ୍ଷିଣ ଲୋହିତ ସାଗର ଉପକୂଳରେ ଏହି ରାଜ୍ୟ ୩୦୦କିଲୋମିଟର ପର୍ଯ୍ୟନ୍ତ ବ୍ୟାପି ରହିଛି।

୧୯୬୪ ଫେବୃୟାରୀ ୧୧ରେ ସାଇପ୍ରସ୍‌ର ଲିମାସଲ୍‌ଠାରେ ଗ୍ରୀକ୍ ଏବଂ ତୁର୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଲିମାସଲ୍ ହେଉଛି ସାଇପ୍ରସ୍‌ର ଦକ୍ଷିଣ ଉପକୂଳସ୍ଥ ଏକ ସହର। ନିକୋସିଆ ପରେ ସାଇପ୍ରସ୍‌ର ଦ୍ୱିତୀୟ ବୃହତ୍ତମ ସହରାଞ୍ଚଳ ହେଉଛି ଲିମାସଲ୍। ଏହାର ଲୋକସଂଖ୍ୟା ୧,୮୩,୬୫୮।

# ହିଂସ୍ର ହେଲା ଗୁଜ୍ଜର ଆନ୍ଦୋଳନ



ଧୋଲପୁରଠାରେ ବିକ୍ଷୋଭକାରୀ ପୋଲିସ ଗାଡିରେ ନିଆଁ ଲଗାଇଦେଇଛନ୍ତି।



ଆନ୍ଦୋଳନକାରୀଙ୍କ ଆଗ୍ରା-ମୋରେନା ଜାତୀୟ ରାଜପଥ ଅବରୋଧ ।

- ବିକ୍ଷୋଭକାରୀଙ୍କ ଗୁଳିମାଡ଼
- ବ୍ୟାପକ ଭଙ୍ଗାରୁଜା, ପୋଡ଼ାଜଳା
- ୪ ପୋଲିସ ଆହତ

**ଜୟପୁର,୧୦।୨(ପି.ଟି.)**

ସରକାରୀ ନିଯୁକ୍ତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବିରେ ଗୁଜ୍ଜର ସମ୍ପ୍ରଦାୟ ଶୁକ୍ରବାରଠାରୁ ଚଳାଇଥିବା ଆନ୍ଦୋଳନ ରବିବାର ହିଂସାର ରୂପ ନେଇଛି। ଧୋଲପୁର ଜିଲାରେ ଆନ୍ଦୋଳନକାରୀ ଗୁଳି ଚଳାଇବା ସହ ୩ଟି ପୋଲିସ ଗାଡ଼ି ପୋଡ଼ିଦେଇଛନ୍ତି। ସେମାନଙ୍କ ଆକ୍ରମଣରେ ୪ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଫାଙ୍କା ଗୁଳିଚାଳନା କରିଛି।

ଆନ୍ଦୋଳନକାରୀ ଆଗ୍ରା-ମୋରେନା ଜାତୀୟ ରାଜପଥ ଅବରୋଧ କରିଥିବାବେଳେ କେତେଜଣ ଅଜଣା ବ୍ୟକ୍ତି ୮-୧୦ ରାଉଣ୍ଡ ଗୁଳି ଚଳାଇଥିଲେ। ଏହା ପରେ ଆନ୍ଦୋଳନକାରୀ ୨ଟି ପୋଲିସ ଜିପ୍ ଓ ଗୋଟିଏ ବସ୍ ଜାଳିଦେଇଥିଲେ। ଆନ୍ଦୋଳନକାରୀଙ୍କ ଢେଲାମାଡ଼ରେ ୪ ପୋଲିସ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ଲାଗି ପ୍ରଥମେ ପୋଲିସ ଲାଠିଚାର୍ଜ କରିଥିଲା ଓ ପରେ ଗୁଳି ଚଳାଇଥିଲା। ସେହିପରି ସୱାଇ-ମାଧୋପୁର ଜିଲାର ମାଲାର୍ନା ଡୁଙ୍ଗରସ୍ଥିତ ରେଳଧାରଣାରେ ଗୁଜ୍ଜରମାନେ ବସି ରହିବା ଫଳରେ ୭ ଟ୍ରେନ୍ ଚଳାଚଳ ବାତିଲ ହୋଇଥିଲାବେଳେ ୨ଟି ଆଂଶିକ ବାତିଲ ଏବଂ ଅନ୍ୟ ୯ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଶନିବାର ସରକାରଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଗୁଜ୍ଜର ନେତା କିରୋରି ସିଂ ବୈଂସଲା ଓ ତାଙ୍କ ସମର୍ଥକଙ୍କୁ ଭେଟି ଆଲୋଚନା କରିଥିଲେ ମଧ୍ୟ କୌଣସି ରାଜିନାମାରେ ପହଞ୍ଚିପାରି ନାହାନ୍ତି। ଗୁଜ୍ଜର, ରାଇକା-ରେବାରୀ, ଗଡିଆ ଲୁହାର, ବଞ୍ଜାରା ଏବଂ ଗଡରିଆ ସମ୍ପ୍ରଦାୟ ଲାଗି ୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗୁଜ୍ଜର ନେତା କହିଛନ୍ତି। ଏହି ସମ୍ପ୍ରଦାୟଙ୍କୁ ୫ ପ୍ରତିଶତ କୋଟା ଦେବା ପାଇଁ ରାଜ୍ୟ ସରକାର ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲେ।

ରାଜସ୍ଥାନର ଗୁଜ୍ଜର ହେଉଛନ୍ତି ଚାଷୀ ଓ ବଣିକ ସମ୍ପ୍ରଦାୟର। ସରକାର ସେମାନଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗରେ ନେଇଛନ୍ତି। ତେବେ ଅନୁସୂଚିତ ଜାତି ମାନ୍ୟତା ଦାବିରେ ସେମାନେ ଦୀର୍ଘବର୍ଷ ହେଲା ଆନ୍ଦୋଳନ କରି ଆସୁଛନ୍ତି। ୨୦୦୭ରେ ସେମାନଙ୍କର ପୋଲିସ ଓ ମୀନା ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୦୮ ମେ'୨୩ରେ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ଆନ୍ଦୋଳନକାରୀ ଭରତପୁର ଜିଲାରେ ଜଣେ ପୋଲିସ କର୍ମଚାରୀଙ୍କୁ ପିଟି ମାରି ଦେଇଥିଲେ। ରେଳଲାଇନ ଏବଂ ସରକାରୀ ସମ୍ପତ୍ତିର କ୍ଷତି ଉଦ୍ୟମ କରୁଥିବା ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଗୁଳି ଚଳାଇବାରୁ ୧୫ ଜଣଙ୍କର ମୃତ୍ୟୁ ଘଟିଥିଲା। ତା' ପରଦିନ ଉତ୍ତ୍ୟକ୍ତ ଲୋକେ ସିକନ୍ଦ୍ରା ଥାନା ପୋଡିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଗୁଳିରେ ଆଉ ୧୫ ଜଣ ନିହତ ହୋଇଥିଲେ। ଫଳରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ସେନାବାହିନୀକୁ ଡକାଯାଇଥିଲା। ବିକ୍ଷୋଭକାରୀ ରେଳପଥ ଓ ଜାତୀୟ ରାଜପଥ ଅବରୋଧ କରିବାରୁ ପରିବହନ ବାଧାପ୍ରାପ୍ତ ହୋଇଥିଲା। ଏହା ପରେ ୨୦୧୦ରେ ପୁଣିଥରେ ଗୁଜ୍ଜର ଆନ୍ଦୋଳନ ଆରମ୍ଭ ହୋଇଥିଲା। ୨୦୧୫ରେ ମଧ୍ୟ ଅନୁରୂପ ଆନ୍ଦୋଳନ ହୋଇଥିଲା। ଗୁଜ୍ଜରମାନେ ରେଳଲାଇନରେ ବସି ରହିବାରୁ ବହୁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଥିଲା। କେନ୍ଦ୍ର ସରକାର ସାଧାରଣ ବର୍ଗର ଗରିବଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ପାର୍ଲାମେଣ୍ଟରେ ବିଲ୍ ଗୃହୀତ କରାଇବାର ମାସକ ପରେ ଗୁଜ୍ଜର ସମ୍ପ୍ରଦାୟ ପୁଣି ଥରେ ୫ ପ୍ରତିଶତ ସଂରକ୍ଷଣ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି।

## ଆକ୍ରମଣରେ ୨୧ ନିହତ

**କାବୁଲ,୧୦।୨**

ଆଫଗାନିସ୍ତାନର ହେଲମଣ୍ଡ ପ୍ରଦେଶରେ ଆକାଶମାର୍ଗରୁ ଆକ୍ରମଣ ଫଳରେ ମହିଳା ଓ ଶିଶୁଙ୍କ ସମେତ ୨୧ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସାଙ୍ଗିନ ଜିଲାର ଦୁଇଟି ସ୍ଥାନରେ ଏହି ଆକ୍ରମଣ ହୋଇଥିଲା। ଉକ୍ତ ଜିଲାରେ ତାଲିବାନ ସହ ନାଟୋ ଏବଂ ଆଫଗାନ ସେନାର ଜୋରଦାର ସଂଘର୍ଷ ଜାରି ରହିଛି। ଏହି ଆକ୍ରମଣରେ ଅନ୍ୟ ୫ ଜଣ ଆହତ ହୋଇଥିବା ସ୍ଥାନୀୟ ଜନପ୍ରତିନିଧି ମହମ୍ମଦ ହାଶିମ ଅଲକୋଜାଇ ରବିବାର ସୂଚନା ଦେଇଛନ୍ତି। ନିରୀହ ଲୋକଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## ଅଭିବ୍ୟକ୍ତି ସ୍ୱାଧୀନତା କ୍ଷୁଣ୍ଣ

### କେନ୍ଦ୍ରକୁ ସମାଲୋଚନା କରିବାରୁ ଅମୋଲ ପାଲେକରଙ୍କୁ କହିବାକୁ ଦିଆଗଲାନି



**ମୁମ୍ବାଇ,୧୦।୨(ପି.ଟି.)**

ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ଅମୋଲ ପାଲେକର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବାରୁ ତାଙ୍କୁ କହିବାକୁ ଦିଆଗଲା ନାହିଁ। ମୁମ୍ବାଇସ୍ଥିତ ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟ (ଏନ୍‌ଜିଏମ୍‌ଏ)ରେ ଶୁକ୍ରବାର ଘଟିଥିବା ଏହି ଅଭାବନୀୟ ଘଟଣା ରବିବାର ସାମ୍ନାକୁ ଆସିଛି। ଅଭିବ୍ୟକ୍ତିର ସ୍ୱାଧୀନତା କ୍ଷୁଣ୍ଣ ହୋଇଥିବା ଦର୍ଶାଯାଇ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ପ୍ରଖ୍ୟାତ ଚିତ୍ରକର ପ୍ରଭାକର ବାରୱେଙ୍କ ସ୍ମୃତିରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ପ୍ରଦର୍ଶନୀ 'ଇନ୍‌ସାଇଡ୍ ଦି ଏମ୍ପ୍ଟି ବକ୍ସ'ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ପାଲେକର ଭାଷଣ ଦେଉଥିଲେ। ମୁମ୍ବାଇ ଓ ବେଙ୍ଗାଲୁରୁ କେନ୍ଦ୍ରର ଆଡ୍‌ଭାଇଜୋରି କମିଟିକୁ ସଂସ୍କୃତି ମନ୍ତ୍ରଣାଳୟ ଉଚ୍ଛେଦ କରିଥିବାରୁ ଉଦ୍‌ବୋଧନ ଦେବାବେଳେ ପାଲେକର ଏହାକୁ ସମାଲୋଚନା କରିଥିଲେ। ସେ କହିଥିଲେ, ଆପଣମାନଙ୍କ ମଧ୍ୟରୁ ଅନେକେ ଜାଣି ନ ଥିବେ ଯେ ଏହି ପ୍ରଦର୍ଶନୀ ହେଉଛି ସ୍ଥାନୀୟ ଉପଦେଷ୍ଟା କମିଟି ଦ୍ୱାରା ନିଷ୍ପତ୍ତି ନିଆଯାଇଥିବା ଶେଷ ଶୋ'। ଏନେଇ କୌଣସି ଅମଲାତନ୍ତ୍ରୀ ଅଥବା ସରକାରଙ୍କ ଏଜେଣ୍ଟ ନିଷ୍ପତ୍ତି ନେଇନାହାନ୍ତି ବୋଲି ପାଲେକର କହିଥିଲେ। ଏତିକିବେଳେ ମଞ୍ଚରେ ବସିଥିବା ଏନ୍‌ଜିଏମ୍‌ଏର ଜଣେ ସଦସ୍ୟା ତାଙ୍କୁ ଭାଷଣ ଦେବାରେ ବାରମ୍ବାର ବାଧାସୃଷ୍ଟି କରିଥିଲେ।

## ଚନ୍ଦ୍ରାବାବୁଙ୍କ ଉପରେ ବର୍ଷିଲେ ମୋଦି

## କଂଗ୍ରେସ ସହ ମେଣ୍ଟକୁ ନେଇ ପ୍ରଶ୍ନ

**କୋଲକାତା,୧୦।୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ.ଟି. ରାମାରାଓ (ଏନ୍‌ଟିଆର) ଲିଗାସୀ କଥା ଉଠାଇ କଂଗ୍ରେସ ସହ ଟିଡିପି ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁଙ୍କର ମେଣ୍ଟ ଉଦ୍ୟମ ଉପରେ ପ୍ରଶ୍ନ କରିଛନ୍ତି। ଆନ୍ଧ୍ରକୁ କଂଗ୍ରେସମୁକ୍ତ କରିବା ଲକ୍ଷ୍ୟରେ ଏନ୍‌ଟିଆର ଟିଡିପି ଗଢ଼ିଥିଲେ। ଏବେ ଚନ୍ଦ୍ରାବାବୁ ସେହି ଦଳ ସହ ମେଣ୍ଟ କରିବାକୁ ଯାଉଛନ୍ତି, ଯାହା ଏନ୍‌ଟିଆରଙ୍କ ଆତ୍ମାକୁ ଆଘାତ ଦେଉଥିବ। ବିକାଶର କଥା କହୁଥିବା ଚନ୍ଦ୍ରାବାବୁ କେନ୍ଦ୍ରୀୟ ଅନୁଦାନର ଉପଯୁକ୍ତ ବିନିଯୋଗ କରିପାରି ନାହାନ୍ତି। ପ୍ରତିଶ୍ରୁତି ପାଳନ ଏବଂ ରାଜ୍ୟର ବିକାଶରେ ସେ ବିଫଳ ହୋଇଛନ୍ତି। ସ୍ୱତନ୍ତ୍ର ରାଜ୍ୟପାହ୍ୟା ତୁଳନାରେ କେନ୍ଦ୍ର ସରକାର ଆନ୍ଧ୍ରକୁ ଅଧିକ ଅନୁଦାନ ଦେଇଛି। ଚନ୍ଦ୍ରାବାବୁ ରାଜ୍ୟର ବିକାଶ ଚିନ୍ତା ନ କରି ନିଜ ପୁଅଙ୍କ ବିକାଶ ଉପରେ ଅଧିକ ଧ୍ୟାନ ଦେଉଥିବା ମୋଦି ସମାଲୋଚନ କରିଛନ୍ତି।

ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ଏହାର କଡା ଜବାବ ଦେଇଛନ୍ତି। ସ୍ୱାମୀ ପରିତ୍ୟକ୍ତା ମୁସଲମାନ ମହିଳାଙ୍କ ସହାୟତା ଲାଗି ମୋଦି ତିନି ତଲାକ ଆଇନ ଆଣିବା କଥା କହୁଥିବାବେଳେ ନିଜ ସ୍ତ୍ରୀ ଯଶୋଦା ବେନ୍‌ଙ୍କ ସମ୍ପର୍କରେ କେହି ପଚାରିଲେ କାହିଁକି ନୀରବ ବୋଲି ଚନ୍ଦ୍ରାବାବୁ ପ୍ରଶ୍ନ କରିଛନ୍ତି।

## କୋଲକାତା ପୋଲିସ ମୁଖ୍ୟ, ପୂର୍ବତନ ଏମ୍‌ପିଙ୍କୁ ଜେରା

**ଶିଲଂ,୧୦।୨(ପି.ଟି.)**

ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲା ତଥ୍ୟ ପ୍ରମାଣରେ ଜାଲିଆତି ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱିତୀୟ ଦିନ ପାଇଁ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଜେରା କରିଛି। ଏଥିସହିତ ତୃଣମୂଳ କଂଗ୍ରେସର ପୂର୍ବତନ ଏମ୍‌ପି କୁନାଲ ଘୋଷଙ୍କୁ ମଧ୍ୟ ଜେରା କରାଯାଇଛି। ଶନିବାର ରାଜୀବ କୁମାରଙ୍କୁ ସିବିଆଇ ପାଖାପାଖି ୯ ଘଣ୍ଟା ଜେରା କରିଥିଲା। ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ସରକାର ଗଠନ କରିଥିବା ଏସ୍‌ଆଇଟିର ମୁଖ୍ୟ ଥିଲେ ରାଜୀବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ତେବେ ରାଜୀବ ମାମଲାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣରେ ଜାଲିଆତି କରିଥିବା ସିବିଆଇ ଅଭିଯୋଗ କରିଛି। ଏହି ମାମଲାରେ ପୂର୍ବତନ ଟିଏମ୍‌ସି ଏମ୍‌ପି କୁନାଲଙ୍କୁ ୨୦୧୩ରେ ଗିରଫ କରାଯାଇଥିଲା ଏବଂ ସେ ୨୦୧୬ରେ ଜାମିନ ପାଇଥିଲେ।

## ଫୁର୍‌ସତ

### ଦୁର୍ଘଟଣା ପରେ ଡ୍ରାଇଭିଂ ଲାଇସେନ୍ସ ଫେରାଇଲେ ପ୍ରିନ୍ସ ଫିଲିପ୍



**ଲଣ୍ଡନ:** ପରିଣତ ବୟସରେ କାର୍ ଚଳାଇ ଦୁର୍ଘଟଣା ଘଟାଇବା ପରେ ପ୍ରିନ୍ସ ଫିଲିପ୍ (୯୭) ତାଙ୍କର ଡ୍ରାଇଭିଂ ଲାଇସେନ୍ସ ପୋଲିସକୁ ହସ୍ତାନ୍ତର କରିଛନ୍ତି। ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ସ୍ୱାମୀ ଫିଲିପ୍ ଲ୍ୟାଣ୍ଡ ରୋଭର ଗାଡ଼ିକୁ ପାର୍ଶ୍ୱବର୍ତ୍ତୀ ରାସ୍ତାରୁ ମୁଖ୍ୟରାସ୍ତାକୁ ନେଉଥିବାବେଳେ ଏକ କାର୍‌କୁ ଧକ୍କା ଦେଇଥିଲେ। କାର୍‌ରେ ଯାତ୍ରା କରୁଥିବା ଟାଉନ୍‌ସେଣ୍ଡ୍ ନାମକ ଜଣେ ଶିକ୍ଷକ ଏବଂ ତାଙ୍କ ବନ୍ଧୁ ଏମା ଫେୟାରୱେଦର ଆହତ ହୋଇଥିଲେ। ଏହି ଦୁର୍ଘଟଣା ନେଇ ଜାନୁୟାରୀ ୧୭ରୁ ନର୍‌ଫକ୍ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ବୃଦ୍ଧ ବୟସରେ ବେପରୁଆ ଗାଡ଼ି ଚାଳନାଜନିତ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ପ୍ରିନ୍ସ ଫିଲିପ୍ ସ୍ୱତଃସ୍ଫୂର୍ତ୍ତ ଭାବେ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ଶନିବାର ପୋଲିସ ଅଧିକାରୀଙ୍କଠାରେ ସମର୍ପଣ କରିଥିବା ଜଣାଯାଇଛି। ଏହି ଦୁର୍ଘଟଣାର ତଦନ୍ତ ରିପୋର୍ଟ କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ୍ ନିକଟକୁ ପଠାଇ ଦିଆଯାଇଥିବା ନର୍‌ଫକ୍ ପୋଲିସ ପ୍ରବକ୍ତା କହିଛନ୍ତି।

### କୁମ୍ଭମେଳାରେ ୯ ବିଦେଶୀଙ୍କୁ 'ମହାମଣ୍ଡଳେଶ୍ୱର'



**ପ୍ରୟାଗରାଜ:** ଜାନୁୟାରୀ ୧୫ ମକର ସଂକ୍ରାନ୍ତି ତିଥିରେ କୁମ୍ଭମେଳା ପ୍ରଥମସ୍ନାନ ସହିତ ଆରମ୍ଭ ହୋଇଥିଲା। ଏହା ମାର୍ଚ୍ଚ ୪ ମହା ଶିବରାତ୍ରିରେ ସମ୍ପନ୍ନ ହେବ। ଶନିବାର କୁମ୍ଭମେଳାରେ ନିର୍ମୋହୀ ଆଖଡା ଦ୍ୱାରା ୯ଜଣ ବିଦେଶୀ ନାଗରିକଙ୍କୁ ମହାମଣ୍ଡଳେଶ୍ୱର ଉପାଧି ପ୍ରଦାନ କରାଯାଇଛି। ସମଗ୍ର ବିଶ୍ୱରେ ସନାତନ ଧର୍ମର ପ୍ରଚାର ପ୍ରସାର କରିବା ଉକ୍ତ ଉପାଧି ପ୍ରଦାନର ଉଦ୍ଦେଶ୍ୟ। ଚଳିତବର୍ଷ ପ୍ରଥମଥର ପାଇଁ କୁମ୍ଭମେଳାରେ ୯ ବିଦେଶୀଙ୍କୁ ସନାତନ ଧର୍ମରେ ଦୀକ୍ଷିତ କରାଯାଇଛି। ରବିବାର ବସନ୍ତ ପଞ୍ଚମୀ ତିଥି ତଥା ଶେଷ 'ଶାହି ସ୍ନାନ'ରେ ପ୍ରାୟ ୨କୋଟି ଶ୍ରଦ୍ଧାଳୁ ତ୍ରିବେଣୀ ସଂଗମରେ ପବିତ୍ର ବୁଡ଼ ପକାଇଥିଲେ। ଏହି ତିଥିରେ ୩ଥର ବୁଡ ପକାଇଲେ ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ଆଶୀର୍ବାଦ ଲାଭ କରିହୁଏ ବୋଲି ବିଶ୍ୱାସ ରହିଛି। କୁମ୍ଭମେଳା ପାଇଁ ଉତ୍ତରପ୍ରଦେଶ ପୋଲିସ କଡା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିଛି। ସଙ୍ଗମ ସିଟିର ୩,୨୦୦ ହେକ୍ଟର ପରିମିତ ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**—ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**—ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୩.୭ |
| ଚାନ୍ଦବାଲି | ୨୬.୨ | ୧୭.୫ |
| କଟକ | ୨୮.୫ | ୧୫.୫ |
| ପାରାଦ୍ୱୀପ | ୨୬.୫ | ୧୯.୨ |
| ଭୁବନେଶ୍ୱର | ୨୯.୬ | ୧୮.୦ |
| ଗୋପାଳପୁର | ୨୮.୦ | ୧୯.୦ |
| ପୁରୀ | ୨୭.୮ | ୧୮.୬ |
| ଅନୁଗୋଳ | ୨୮.୭ | ୧୨.୦ |
| ବାରିପଦା | ୨୭.୦ | ୧୪.୫ |
| ଝାରସୁଗୁଡ଼ା | ୨୬.୮ | ୦୯.୭ |
| କେନ୍ଦୁଝର | ୨୬.୬ | ୧୨.୧ |
| ସମ୍ବଲପୁର | ୨୮.୨ | ୧୧.୩ |
| ସୁନ୍ଦରଗଡ଼ | ୨୮.୫ | ୧୨.୫ |
| ହୀରାକୁଦ | ୨୭.୭ | ୧୩.୬ |
| ତାଳଚେର | --- | ୧୪.୦ |
| ଭବାନୀପାଟଣା | ୨୮.୫ | ୧୧.୫ |
| ବଲାଙ୍ଗୀର | ୨୯.୦ | ୧୨.୦ |
| କୋରାପୁଟ | ୨୯.୦ | ୧୧.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୧.୦ |
| ମାଲକାନଗିରି | ୩୪.୫ | ୧୧.୦ |
| ସୋନପୁର | ୩୩.୨ | ୧୩.୪ |
| ଦାରିଙ୍ଗିବାଡ଼ି | ୨୬.୦ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ତନୁଶ୍ରୀଙ୍କୁ ହାର୍ଭାର୍ଡର ନିମନ୍ତ୍ରଣ



**ବୋଷ୍ଟନ:** ବଲିଉଡ୍ ଅଭିନେତ୍ରୀ ତଥା ପୂର୍ବତନ ବିଉଟି କୁଇନ୍ ତନୁଶ୍ରୀ ଦତ୍ତାଙ୍କୁ ବୋଷ୍ଟନସ୍ଥିତ ହାର୍ଭାର୍ଡ ବିଜନେସ୍ ସ୍କୁଲ୍ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ୧୬ରେ ଆୟୋଜିତ ହେଉଥିବା ଇଣ୍ଡିଆ କନ୍‌ଫରେନ୍ସ ୨୦୧୯ରେ ସେ ଉଦ୍‌ବୋଧନ ଦେବେ ବୋଲି ଇନ୍‌ଷ୍ଟାଗ୍ରାମ୍‌ରେ ଉଲ୍ଲେଖ କରିଛନ୍ତି। ଭାରତରେ '#ମି ଟୁ' ଅଭିଯାନ ଆରମ୍ଭ କରିଥିବା ଏହି ଅଭିନେତ୍ରୀ ତାଙ୍କ ଅନୁଭୂତି ବିଷୟରେ ବକ୍ତୃତା ଦେବେ। ହାର୍ଭାର୍ଡ ବିଜନେସ୍ ସ୍କୁଲ୍ ଏବଂ ହାର୍ଭାର୍ଡ କେନେଡି ସ୍କୁଲ୍‌ର ଗ୍ରାଜୁଏଟ୍ ଛାତ୍ରଙ୍କ ଦ୍ୱାରା ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି। ୨୦୧୮ ଅକ୍ଟୋବରରେ ତନୁଶ୍ରୀ ଏକ ପୁରୁଣା ଘଟଣାକୁ ନେଇ ଅଭିନେତା ନାନା ପାଟେକରଙ୍କ ନାମରେ ଅଭିଯୋଗ ଆଣିଥିଲେ। ୨୦୦୮ର ଫିଲ୍ମ 'ହର୍ନ ଓକେ ପ୍ଲିଜ୍' ଶୁଟିଂ ସେଟ୍‌ରେ ନାନା ତାଙ୍କୁ ଯୌନ ଉତ୍ପୀଡନ ଦେଇଥିବା ତନୁଶ୍ରୀ ଅଭିଯୋଗ କରିଥିଲେ। ଏହା ଭାରତରେ #ମି ଟୁ ଆନ୍ଦୋଳନ ସୃଷ୍ଟିକରିବା ସହିତ ତାଙ୍କ ପରେ ଅନେକ ମହିଳା ସେମାନଙ୍କ ପ୍ରତି ପୂର୍ବରୁ ହୋଇଥିବା ଯୌନ ଉତ୍ପୀଡନ ଲୋକଲୋଚନକୁ ଆଣିଥିଲେ। ତନୁଶ୍ରୀ ଚଳିତବର୍ଷ ପ୍ରାରମ୍ଭରେ ଆମେରିକା ଫେରିଯାଇଛନ୍ତି। #ମି ଟୁ ଅଭିଯାନ ପୂର୍ବରୁ ଯେପରି ସ୍ୱାଭାବିକ ଜୀବନଯାପନ କରୁଥିଲେ ତାହା ସେ ସେଠାରେ ଜାରି ରଖିବେ ବୋଲି ସେ କହିଛନ୍ତି।



କେହି ଧାର୍ମିକ କି ଅଧାର୍ମିକ ପରୀକ୍ଷା କରିବାକୁ ହେଲେ ପ୍ରଥମେ ଦେଖିବାକୁ ହେବ ଯେ ସେହି ବ୍ୟକ୍ତି କେତେଦୂର ସ୍ୱାର୍ଥପର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସବୁଜ ହୀରା

### କେନ୍ଦୁବୁଦାକଟା ଶୁଭାରମ୍ଭ

**ବାଲିଶଙ୍କରା, ୧୦।୨ (ଡି.ଏନ.ଏ)-** ବାଲିଶଙ୍କରା କେନ୍ଦୁଲିପ ରେଞ୍ଜ ତରଫରୁ ରବିବାର କେନ୍ଦୁବୁଦା କଟା ଆରମ୍ଭ ହୋଇଛି। ବାଲିଶଙ୍କରା କେନ୍ଦୁଲିଫଂ ରେଞ୍ଜର ମହେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଉତ୍ତର ଦିଗରେ କେନ୍ଦୁଲିଫଂର ସମସ୍ତ କର୍ମଚାରୀ ଗହଣରେ କେନ୍ଦୁବୁଦାକୁ ପୂଜା ଅର୍ଚ୍ଚନା କରାଯାଇଥିଲା। ପୂଜାଅର୍ଚ୍ଚନା ପରେ କେନ୍ଦୁବୁଦାକୁ ଛେଦନ କରିଥିଲେ। ଉକ୍ତ ପୂଜାକାର୍ଯ୍ୟରେ ହେଲଚେକର, ଖେତମଣି ବାରିକ, ରାଜେଶ୍ୱର ମହାକୁଡ, କଳିନ୍ଦ୍ର ସାଏ, ବିନିତ ଟପ୍ପୋ ପ୍ରମୁଖ ଯୋଗଦେଇଥିଲେ।

# ଆଜି ସାଧାରଣ ପରିଷଦ ବୈଠକ

## ସରକାରୀ କାର୍ଯ୍ୟାଳୟ ଖୋଲିବା ସମ୍ଭାବନା

**ସମ୍ବଲପୁର, ୧୦।୨ (ବ୍ୟୁରୋ)**

ସମ୍ବଲପୁର ଜିଲା ଓକିଲ ସଂଘର ସୋମବାର ଗୁରୁତ୍ୱପୂର୍ଣ୍ଣ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବାର ସ୍ଥିର ହୋଇଛି। ଏହି ବୈଠକରେ ୫ମାସ ଧରି ବନ୍ଦଥିବା ସରକାରୀ କାର୍ଯ୍ୟାଳୟଗୁଡିକ ଖୋଲିବା ନେଇ ସମ୍ଭାବନା ରହିଛି। ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହେଲା ପରେ ସିଏସସିଙ୍କ ସହ ଆଲୋଚନା କରି ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି ଓକିଲ ସଂଘ ପକ୍ଷରୁ ସୂଚନା ମିଳିଛି।

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପ୍ରସଙ୍ଗ**

ବୈଠକରେ ଯଦି ସରକାରୀ କାର୍ଯ୍ୟାଳୟ ଖୋଲିବା ମତପ୍ରକାଶ ପାଏ, ତା' ହେଲେ ଲୋକମାନଙ୍କ ସମସ୍ୟା ଦୂର ହେବ ବୋଲି ଚର୍ଚ୍ଚା ହେଉଛି। ସେହିପରି ଆନ୍ଦୋଳନକୁ ରବିବାର ୧୫୯ ଦିନ ହୋଇଥିବାବେଳେ ରିଲେ ଆମରଣ ଅନଶନ ୮୪ ଦିନରେ ପହଞ୍ଚିଛି। ଅନଶନରେ ସଞ୍ଜିତ ଖମାରୀ, ଶ୍ରୀପତି ବଡ଼େଇ, ଧର୍ମେନ୍ଦ୍ର ସେଠ, କ୍ଷୀରୋଦ କୁମାର ପ୍ରଧାନ, ରବି ହରିପାଲ ବସିଛନ୍ତି। ସୂଚନାଯୋଗ୍ୟ ଯେ, ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସେପ୍ଟେମ୍ବର ୫ରୁ ଆନ୍ଦୋଳନ ଜାରି ରହିଛି। ବିଭିନ୍ନ ଉପାୟରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏପରିକି ନଭେମ୍ବର ୨୯, ୩୦ ତାରିଖ ୨ ଦିନ ଧରି ମହାବନ୍ଦ ପାଳନ କରାଯାଇଥିଲା। ରେଲରୋକୋ, ଯାତାୟତ ଠପ ହୋଇ ପଡିଥିଲା। ପ୍ରତିଦିନ ରିଲେ ଅନଶନ କରାଯାଉଛି। ଶତାଧିକ ଅନୁଷ୍ଠାନ ପୂର୍ଣ୍ଣ ସମର୍ଥନ ରହିଛି। ଫେବ୍ରୁୟାରୀ ୨ ତାରିଖ ସମ୍ବଲପୁର ଗସ୍ତରେ ଆସିଥିବା ସମୟରେ ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓକିଲମାନଙ୍କ ସହ ଆଲୋଚନା କରି ଦାବିପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପଶ୍ଚିମ ଓଡିଶାରେ ଓ ଦକ୍ଷିଣ ଓଡିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ବଜେଟ ରଖି ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ୧୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ। ତେଣୁ ଏହି ଆନ୍ଦୋଳନରେ କୋହଳ କରାଯିବାକୁ ନେଇ ଜନସାଧାରଣ ଆଶା ବାନ୍ଧୁଛନ୍ତି।

# ସ୍ୱାମୀଙ୍କ ମୃତଦେହ ଦେଖି ଜୀବନ ହାରିଲେ ସ୍ତ୍ରୀ

**ଖୋର୍ଦ୍ଧା ଅଫିସ,୧୦।୨**

ବିପଦ ସମୟରେ ଧୈର୍ଯ୍ୟ ନ ଧରିଲେ କେଉଁଭଳି ଦୁଃଖଦ ପରିସ୍ଥିତି ସୃଷ୍ଟି ହୁଏ ତାହା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନାରୁଣୀ ଫାଣ୍ଡି ଅଧୀନ ବଡ଼ପଦର ଗାଁରେ। ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ମୃତଦେହ ଦେଖି ଏତେ ମ୍ରିୟମାଣ ହୋଇଗଲେ ଯେ, ଅନ୍ୟ ସବୁକଥାକୁ ତୁଚ୍ଛ ମନେକରି ନିଜ ଜୀବନ ହାରିଦେଲେ। ଫଳରେ ମା'ବାପା ବୋଲି କିଛି ଜାଣିବା ପୂର୍ବରୁ ସେମାନଙ୍କ ଦେଢ଼ବର୍ଷର ଶିଶୁପୁତ୍ର ଅସହାୟ ହୋଇଯାଇଛନ୍ତି। ଏବେ ତାଙ୍କ ଲାଳନପାଳନ ଭାର ଠିକ୍ ଭାବେ ଉଠିବସିପାରୁ ନ ଥିବା ୭୨ ବର୍ଷ ବୟସ୍କା ଜେଜେମା'ଙ୍କ ଉପରେ ରହିଛି। ଗୋଟିଏ ପଟେ ଜୀବନର ଶେଷ ସମୟରେ ପୁଅବୋହୂଙ୍କୁ ହରାଇବାର ଦୁଃଖ ତାଙ୍କୁ ଭାଙ୍ଗିଦେଇଥିବାବେଳେ ଅନ୍ୟପଟେ ନାତିର ଲାଳନପାଳନ ଚିନ୍ତା ଘାରୁଛି। ଘଟଣାଟି ଏହିପରି। ବଡପଦର ଟାଙ୍ଗିମୁଣ୍ଡସାହିର ଶଙ୍କର ଭୋଲଙ୍କର ୫ ପୁଅ। ଶଙ୍କରଙ୍କ ମୃତ୍ୟୁ ଘଟିସାରିଥିବାବେଳେ ୫ ପୁଅ ଅଲଗା ରହୁଥିଲେ। ଶଙ୍କରଙ୍କ ସ୍ତ୍ରୀ ଶଶି ପୁଅମାନଙ୍କ ପାଖରେ ରହି ଆସୁଥିଲେ। ସାନପୁଅ ମହାଦେବ ଭୋଲ(୨୬) ଗଞ୍ଜାମ ଜିଲାର ରେବତୀ(୨୨)ଙ୍କୁ ବିବାହ କରିଥିଲେ। ଦେଢ଼ବର୍ଷ ତଳେ ସେମାନଙ୍କ ଶିଶୁପୁତ୍ର ଜନ୍ମ ହୋଇଥିଲା। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ମହାଦେବ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଜଣେ ଠିକାଦାରଙ୍କର ପୋକ୍‌ଲିନ୍ ଚାଳକ ଭାବେ କାମ କରୁଥିଲେ। ଯାହା ରୋଜଗାର ହୁଏ ସେଠାରେ ନିଜେ ଚଳିବା ସହ ପରିବାର ପାଇଁ ଟଙ୍କା ପଠାନ୍ତି। ହେଲେ ଗତ ୭ ତାରିଖ ଥିଲା ତାଙ୍କ ପାଇଁ କାଳର ଦିନ। ମହାଦେବ ବସା ଘରେ ବିଶ୍ରାମ ନେଇଥିଲେ। ଏହିସମୟରେ ଏକ ରଣା ସାପ ତାଙ୍କ ପେଟକୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫୋନ ଯୋଗେ ମହାଦେବଙ୍କ ମୃତ୍ୟୁ ଖବର ପରିବାର ସଦସ୍ୟ ପାଇଥିଲେ। ଫଳରେ ଘରେ ଚୁଲି ଜଳି ନ ଥିଲା। ମହାଦେବଙ୍କ ଭାଇ ମୃତଦେହ ଆଣିବା ପାଇଁ କେତେଜଣ ସହଯୋଗୀଙ୍କ ସହ ହାଇଦ୍ରାବାଦ ଯାଇଥିଲେ। ଶନିବାର ରାତିରେ ମହାଦେବଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଆତ୍ମୀୟ ସ୍ୱଜନ, ଗାଁ ଲୋକ ମୃତଦେହକୁ ଶ୍ମଶାନ ନେବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ସ୍ୱାମୀଙ୍କ ଏଭଳି ଅକାଳ ମୃତ୍ୟୁକୁ ସହ୍ୟ କରିପାରି ନ ଥିଲେ ରେବତୀ। ଜୀବନ ହାରିବାକୁ ଚରମ ନିଷ୍ପତ୍ତି ନେଇ ବିଷ ପିଇଦେଇଥିଲେ। ଗୋଟିଏ ପଟେ ମହାଦେବଙ୍କ ମୃତ୍ୟୁଦେହ ସତ୍କାର ହେଉଥିବାବେଳେ ଅନ୍ୟପଟେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରେବତୀ ମୃତ୍ୟୁ ସହ ସଂଗ୍ରାମ ଚଳାଇଥିଲେ। କିନ୍ତୁ ରବିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ୨୪ ଘଣ୍ଟା ମଧ୍ୟରେ ଗାଁ ଶ୍ମଶାନରେ ପୁଣି ଜଳିଥିଲା ଜୁଇ।

# ଜାଗା ମିଶନରେ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ

**ଦେବଗଡ଼,୧୦।୨(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ଜାଗାମିଶନ କାର୍ଯ୍ୟକ୍ରମରେ ରବିବାର ଦେବଗଡ ପୌରାଞ୍ଚଳର ୮୦ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଟାଉନ ହଲଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ପ୍ରମାଣପତ୍ର ସହିତ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଦେବଗଡ ପୌରାଞ୍ଚଳରେ ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ କରାଯାଇଥିବା ୧୬୨ ବସ୍ତିବାସିନ୍ଦାଙ୍କ ମଧ୍ୟରୁ ଅବଶିଷ୍ଟ ୮୨ ବସ୍ତିବାସିନ୍ଦାଙ୍କୁ ୧୫ ତାରିଖଠାରୁ ଆୟୋଜିତ ହେବାକୁ ଥିବା ସହରାଞ୍ଚଳ ପିଠା କାର୍ଯ୍ୟକ୍ରମରେ ଭୂମି ଅଧିକାର ପ୍ରମାଣ ପତ୍ର ବଣ୍ଟନ କରାଯିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ତହସିଲଦାର ପଲ୍ଲବୀ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସହରାଞ୍ଚଳ ଉନ୍ନୟନ ଯୋଜନାର ଭିତ୍ତିଭୂମି ତଦାରଖ କରୁଥିବା ସୁଦୀପ୍ତ କୁମାର ଦାଶ ଜାଗା ମିଶନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

ଲାଙ୍ଗବାହାଲରେ ବିଜେଡିର ବୈଠକ

# ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ



ସମ୍ବଲପୁର ଜିଲା ଯୁଯୁମୁରାରେ ବିଜେଡିର ବୈଠକ।

**ସମ୍ବଲପୁର, ୧୦।୨(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କୟାକୁଦ ପଞ୍ଚାୟତ ଲାଙ୍ଗବାହାଲ ଗ୍ରାମରେ ବିଜେଡି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି କର୍ମୀ ଜୟଲାଲା ବେହେରା ସଭାପତିତ୍ୱ କରିଥିଲେ। ତୃଣମୂଳସ୍ତରରୁ ଦଳକୁ ମଜବୁତ କରିବା, ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ଭଳି ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ବିଜେଡିର ମହିଳା କର୍ମକର୍ତ୍ତାମାନେ ଉପସ୍ଥିତ ରହି ନିଜ ମତ ରଖିଥିଲେ ଓ ଆଲୋଚନା ହୋଇଥିବା ପ୍ରସ୍ତାବକୁ ସମର୍ଥନ କରିଥିଲେ। ବିଜେଡି ନେତା ଜୟଲାଲ ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ବାଙ୍କଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଶ୍ରାବଣୀ ମୁଣ୍ଡାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ଶିକ୍ଷକ ଦମ୍ପତିଙ୍କୁ ଗୁଳିମାଡ଼ ଅଭିଯୋଗ

**ରେଢ଼ାଖୋଲ, ୧୦।୨ (ଡି.ଏନ୍.ଏ.)**

ରେଢ଼ାଖୋଲ-ନାକଟିଦେଉଳ ରାସ୍ତାର ମୁଟୁରୁମୁଣ୍ଡା ଘାଟିରେ ରବିବାର ସନ୍ଧ୍ୟା ସାଢ଼େ ୬ଟାବେଳେ ବାଇକ୍‌ରେ ଯାଉଥିବା ଏକ ଶିକ୍ଷକ ଦମ୍ପତିଙ୍କୁ ଉପରକୁ ଗୁଳିମାଡ଼ ହୋଇଥିବା ରେଢ଼ାଖୋଲ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ ନାକଟିଦେଉଳ ବ୍ଲକ ସିମିଳିପାଳ କ୍ଲଷ୍ଟର ସିଆରସିସି ତଥା ଡଇଚାଁ ଗାଁର କ୍ଷମାନିଧି ଧଳ (୫୦) ତାଙ୍କ ସ୍ତ୍ରୀ ଟିକିନା ଧଳଙ୍କ ସହ ବାଇକ୍‌ରେ ରେଢ଼ାଖୋଲରୁ ଡଇଁଚା ଫେରୁଥିଲେ। ମୁଟୁରୁମୁଣ୍ଡା ଘାଟି ସେବାଶ୍ରମ ସ୍କୁଲ୍ ସମ୍ମୁଖରେ ସେମାନଙ୍କୁ ଅନ୍ୟ ଏକ ବାଇକ୍‌ରେ ହେଲ୍‌ମେଟ୍ ପିନ୍ଧିଥିବା ୨ଜଣ ବ୍ୟକ୍ତି ଅତିକ୍ରମ କରିବା ସହ ଗୁଳି ମାରିଥିଲେ। ହେଲେ ଗୁଳିଟି ତାଙ୍କ ଜ୍ୟାକେଟରେ ରହିଯାଇଥିଲା। ପୋଲିସ୍ କିନ୍ତୁ ଏହି ଘଟଣାକୁ ନେଇ ସନ୍ଦେହ ପ୍ରକାଶ କରିଛି। ଜ୍ୟାକେଟରୁ ବାହାରିଥିବା ଗୁଳିକୁ ଶିକ୍ଷକ ଧଳ ପୋଲିସ୍‌କୁ ଦେଇଛନ୍ତି।

# ମହିଳାଙ୍କୁ ନିର୍ଯ୍ୟାତନା ଅଭିଯୋଗ

**ସମ୍ବଲପୁର, ୧୦।୨ (ବ୍ୟୁରୋ)**

ସମ୍ବଲପୁର ଜିଲା ହୀରାକୁଦ ସହରର ଜଣେ ମହିଳାଙ୍କୁ ମାନସିକ, ଶାରୀରିକ ନିର୍ଯ୍ୟାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ରବିବାର ମହିଳା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ଢେଙ୍କାନାଳ ଜିଲାରେ ମହିଳାଙ୍କ ବାପ ଘର। ସେ ଗତ ୨୦୧୫ରେ ହୀରାକୁଦ ସହରର ଦିଲୀପ ଜେନାଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ସ୍ୱାମୀ ସମେତ ଶାଶୁ ଘର ଲୋକେ ତାଙ୍କୁ ମାନସିକ, ଶାରୀରିକ ନିର୍ଯ୍ୟାତନା ଦେଇଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି।

## ସର୍ବଭାରତୀୟ ବଜରଙ୍ଗ କପ୍ କ୍ରିକେଟ ପ୍ରସ୍ତୁତି ଚୂଡାନ୍ତ

**ଦେବଗଡ଼,୧୦।୨ (ସ୍ୱ.ପ୍ର.)**

ଦେବଗଡ଼ ମହୁଲଢିପାସାହି ମହାବୀର କ୍ଲବ ପକ୍ଷରୁ ଚଳିତବର୍ଷ ବଜରଙ୍ଗ କ୍ରିକେଟ କପ୍ ଟୁର୍ନାମେଣ୍ଟର ଆୟୋଜନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପେକ୍ଷୀରେ ସ୍ଥାନୀୟ ଲିଟିଲ୍ କନ୍‌ଫରେନ୍ସ ହଲରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ବଜରଙ୍ଗ କପ୍ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ୍ ୪୪,୪୪୪ଟଙ୍କା ଏବଂ ରନର୍ସ ଅପ ଦଳକୁ ନଗଦ୍ ୩୩,୩୩୩ ଟଙ୍କା ସହ ଟ୍ରଫି ଦେବାକୁ ସ୍ଥିରୀକୃତ ହୋଇଛି। ଟୁର୍ନାମେଣ୍ଟରେ ୧୨ଟି ଦଳ ଭାଗ ନେବେ। ଫେବୃଆରୀ ୧୬ରୁ ୨୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ନାଳ ପଡିଆଠାରେ ଆୟୋଜିତ ଏହି ଟୁର୍ନାମେଣ୍ଟର ମ୍ୟାନ୍ ଅଫ୍ ଦି ସିରିଜ୍ ପାଇଁ ୨୫୦୦ ଟଙ୍କା, ପ୍ରତି ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବେଷ୍ଟ ବ୍ୟାଟସମ୍ୟାନ, ବୋଲର୍, ବେଷ୍ଟ କ୍ୟାଚ ପାଇଁ ୩୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରିବା ସ୍ଥିର କରାଯାଇଛି। ସେହିପରି ସେମି ଫାଇନାଲରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପାଇଁ ଟ୍ରଫି ସହିତ ୫୦୦ ଟଙ୍କା ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ କମିଟି ସଭାପତି ଭାବେ ସୁଶାନ୍ତ ନନ୍ଦ ଏବଂ ଉପସଭାପତି କାର୍ତ୍ତିକ ମହାକୁଳ, ସମ୍ପାଦକ ଟିକେଶ୍ୱର ଗୁରୁ, କୋଷାଧ୍ୟକ୍ଷ ସ୍ୱସ୍ତିକ ମହାପାତ୍ର, ସହସମ୍ପାଦକ ପ୍ରୀତମ ବେହେରା, ମିଡ଼ିଆ ସେଲ ସମ୍ପାଦକ ମୋତିଲାଲ ଶର୍ମା ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଥିଲେ।

## ଝଗଡ଼ା ନେଲା ଜୀବନ

**ଭଦ୍ରକ ଅଫିସ, ୧୦।୨**

ସାମାନ୍ୟ ଝଗଡ଼ାରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଦୁଇ ଭଉଣୀ ଆତ୍ମହତ୍ୟା ଭଳି ପନ୍ଥା ଆପଣେଇ ନେବା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଥିରେ ସାନ ଭଉଣୀର ମୃତ୍ୟୁ ହୋଇଥିବା ବେଳେ ବଡ଼ ଭଉଣୀ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ହଠାତ୍ ଏଭଳି ପରିସ୍ଥିତିକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଘଟଣା ଘଟିଛି ବଣିଆ ପଞ୍ଚାୟତ କ୍ଷୀରସାହିରେ।

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସରିଲା ହୀରାକୁଦ ମହୋତ୍ସବ



ସମ୍ବଲପୁର ହୀରାକୁଦ ମହୋତ୍ସବରେ ମଞ୍ଚାସୀନ ଅତିଥି।



ହୀରାକୁଦ ମହୋତ୍ସବରେ ଲୋକନୃତ୍ୟ ପରିବେଷଣ।





ହୀରାକୁଦ ମହୋତ୍ସବରେ କଳାକାରଙ୍କ ସାଂସ୍କୃତିକ ନୃତ୍ୟ ପରିବେଷଣ।

**ସମ୍ବଲପୁର/ହୀରାକୁଦ, ୧୦।୨ (ବ୍ୟୁରୋ/ଡି.ଏନ.ଏ)**

ସମ୍ବଲପୁରୀ ଓ ଆଧୁନୀକ ନୃତ୍ୟ, ଗୀତ ସହ ରବିବାର ହୀରାକୁଦ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦେଇଥିଲେ। ସେହିପରି ସମ୍ମାନୀୟ ଅତିଥି ଭାବେ ସମ୍ବଲପୁର ଏମପି ନଗେନ୍ଦ୍ର ପ୍ରଧାନ, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ନବ ଦାସ, ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ, ସନ୍ତୋଷ ପଣ୍ଡା, ଭାଜପା ନେତା ସିମାଞ୍ଚଳ ଖଟେଇ ଯୋଗଦେଇଥିଲେ। ପ୍ରଥମେ ବରଗଡ ଗୋଧନ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ବଜେନିଆ, ପୁରୀ ସେଫାଳିକା ମହାନ୍ତିଙ୍କ ମହାରି ନୃତ୍ୟ, ବଲାଙ୍ଗିର କୁମ୍ଭାରୀ ଆଦିବାସୀ ଢ଼ାକା ନୃତ୍ୟ, ଭବାନୀପାଟଣା ନଟରାଜ ଅନୁଷ୍ଠାନ ଲୋକନୃତ୍ୟ, ହୀରାକୁଦ ଜିକଜାକ୍ ଡ୍ୟାନ୍ସ ଏକାଡେମୀର ସମ୍ବଲପୁରୀ ରସ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଇଲାଜଡ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ପ୍ରମୋଦ ଦାସ ଓ ବୁଲୁ ପଣ୍ଡାଙ୍କ ଲୋକଗୀତ ଶ୍ରୋତାମାନଙ୍କୁ ବେଶ ଆକୃଷ୍ଟ କରିଥିଲା। ଲୋକଗୀତରେ ଦର୍ଶକ ବିମୋହିତ ହୋଇଥିଲେ। ହାସ୍ୟକବି ଜ୍ଞାନ ହୋତା ମୁଖ୍ୟ ଆକର୍ଷଣ ରହିଥିଲେ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଟ୍ରେଲର୍ ପଛରେ ପିଟି ହେଲା ବାଇକ୍: ୨ ଗୁରୁତର

ଧମା, ୧୦।୨ (ଡି.ଏନ.ଏ.)

ସମ୍ବଲପୁର-ଧମା ୧୫ନଂ ରାଜ୍ୟ ରାଜପଥର ନୂଆଗାଁ ଛକ ନିକଟରେ ଛିଡା ହୋଇଥିବା ଏକ ଟ୍ରଲରର ପଛରେ ଏକ ବାଇକ୍ ପିଟି ହୋଇଛି। ଏଥିରେ ୨ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଏ ଦୁହେଁ ହେଲେ ବୀର ରାଉତ (୨୦) ଓ ସିଦ୍ଧାନ୍ତ ବିଶି। ଏମାନେ ପାଞ୍ଚଫୁଟକୁ ବାଇକ (ନଂ. ଓଡି ୧୫ ଏଲ- ୯୦୦୪)ରେ ଯାଉଥିଲେ। ହେଲେ ନୂଆଗାଁ ଛକ ନିକଟରେ ଛିଡା ହୋଇଥିବା ଟ୍ରଲର୍ (ନଂ. ଓଡି ୧୪ ଏ- ୦୩୪୯) ପଛରେ ଧକ୍କା ଖାଇଥିଲେ। ଫଳରେ ବାଇକ୍ ଚାଳକ ବୀରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କ ପଛପଟେ ବସିଥିବା ସିଦ୍ଧାନ୍ତଙ୍କ ନାକରେ ଆଘାତ ଲାଗିଛି। ଉଭୟ ଗୁରୁତର ଅବସ୍ଥାରେ ପଡି ରହିଥିଲେ। ଧମା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ଶେଷରେ ଉଭୟଙ୍କୁ ଉଦ୍ଧାର କରି ସମ୍ବଲପୁର ସଦର ଡାକ୍ତରଖାନା ପଠାଇଛି। ସେଠାରୁ ସେମାନଙ୍କ ଅବସ୍ଥା ଗୁରୁତର ହେତୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ।

# ବଢୁଛନ୍ତି ରାଜ୍ୟ ବାହାର ଶ୍ରମିକ

- ସରକାରୀ, ଘରୋଇ କାମରେ ନିୟୋଜିତ
- ଆପରାଧିକ ମାମଲାରେ ମଧ ରହୁଛନ୍ତି
- ଅଧିକାଂଶ ଶିଶୁ ଶ୍ରମିକ ରହିଛନ୍ତି
- ୩ ବର୍ଷରେ ଗଲାଣି ୧୭୫ ରୁ ଊର୍ଦ୍ଧ୍ୱ ଜୀବନ

ସମ୍ବଲପୁର, ୧୦।୨(ବ୍ୟୁରୋ)

ଶ୍ରମିକଙ୍କ ସୁରକ୍ଷା ଓ ଅଧିକାର ପାଇବା ପାଇଁ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ବିଭାଗ ରହିଛି। ସେମାନେ ଶ୍ରମିକ ଚାଲାଣ, ମଜୁରି, ବୋନସ, ପିଏଫ ଭଳି ସୁବିଧା ପାଉଛନ୍ତି କି ନାହିଁ ସେ ଦିଗରେ ଅଭିଯୋଗ ଶୁଣି ମାମଲାର ସମାଧାନ କରିବେ। ରାଜ୍ୟ ବାହାରକୁ ଶ୍ରମିକ ଚାଲାଣ ଓ ରାଜ୍ୟକୁ ଶ୍ରମିକ ଆସୁଥିବା ରୋକିବା ଓ ତାଙ୍କ ଉପରେ ରୋକ ଲାଗିବା ପାଇଁ ଦାୟିତ୍ୱ ରହିଛି। ଏଥିପାଇଁ ପ୍ରତ୍ୟେକ ଜିଲାରେ ଜିଲା ଶ୍ରମ ନିୟୋଜନ ବିଭାଗ ରହିଛି। ହେଲେ ସେମାନଙ୍କ ଅବହେଳା ଓ ଅପାରଗତା ଯୋଗୁ ଦିନକୁ ଦିନ ଶ୍ରମିକ ଚାଲାଣ ବଢିବାରେ ଲାଗିଛି। ସମ୍ବଲପୁର ଜିଲାରେ ମଧ ଗତ କିଛିବର୍ଷ ହେଲା ରାଜ୍ୟ ବାହାର ପଶ୍ଚିମବଙ୍ଗ, ଛତିଶଗଡ, ବିହାର, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରୁ ଶ୍ରମିକମାନେ କାମ ପାଇଁ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଶିଶୁ ଶ୍ରମିକ ଅଛନ୍ତି। ଜିଲାରେ ସରକାରୀ ଓ ଘରୋଇ କାମରେ ସେମାନେ ନିୟୋଜିତ ଅଛନ୍ତି। ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ ଜିଲାର ବିଭିନ୍ନ ଛୋଟ ବଡ କମ୍ପାନୀ, ରେଳ ବିଭାଗ ନିର୍ମାଣ କାମ, କୋଠାବାଡି କାମରେ ହଜାର ହଜାର ଶ୍ରମିକ କାମ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଅସୁରକ୍ଷିତ ଭାବେ କାମ କରୁଛନ୍ତି। ଜିଲା ଶ୍ରମବିଭାଗ ପାଖରେ ପଞ୍ଜିକରଣ କରାଯାଇ ନାହିଁ। ତେଣୁ ସେମାନଙ୍କ ବୀମା ଇପିଏଫ ତଥା ଅନ୍ୟାନ୍ୟ ସରକାରୀ ସୁବିଧା ପାଇପାରୁ ନାହାନ୍ତି। ଗତ ୩ ବର୍ଷରେ ରାଜ୍ୟ ବାହାରୁ ଜିଲାକୁ ଆସିଥିବା ପ୍ରାୟ ୧୭୫ ଶ୍ରମିକଙ୍କ କାମ କରୁଥିବା ସମୟରେ ମୃତ୍ୟୁ ଘଟିଛି। କେତେ ଜଣଙ୍କ ମୃତଦେହକୁ ଲୁଚାଛପା କରି କିଛି ଟଙ୍କା ସହ ପରିବାରକୁ ହସ୍ତାନ୍ତର କରି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଅନ୍ୟପଟେ ସ୍ଥାନୀୟ ଥାନାଗୁଡିକରେ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତକୁ ବନ୍ଦ କରି ଦେଉଛନ୍ତି। ଏଥିରେ ପୋଲିସ ମଧ ତାର ଦାୟିତ୍ୱ ବହନ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ସେମାନଙ୍କୁ ଅଧିକ ମଜୁରି ଓ ସମସ୍ତ ସୁବିଧା ଯୋଗଇ ଦିଆଯିବ ବୋଲି ଦଲାଲମାନେ କହି ଆଣୁଛନ୍ତି। ଅନ୍ୟପଟେ ଶିଶୁ ଶ୍ରମିକ ରୋକିବା ପାଇଁ ଶିଶୁ ସୁରକ୍ଷା ୟୁନିଟ ରହିଛି। ପୋଲିସ ଓ ଜିଲା ପ୍ରଶାସନର ଦାୟିତ୍ୱ ରହିଛି। ହେଲେ ଅବହେଳା ଯୋଗୁ ଶିଶୁଶ୍ରମିକମାନେ ଖୋଲମ ଖୋଲା ଭାବେ କାମ କରୁଛନ୍ତି। ସରକାରୀ କାମରେ ଶିଶୁ ଶ୍ରମିକ ନିୟୋଜିତ ଥିଲେ ବିଭାଗର ଅଧିକାରୀମାନେ ଚୁପ ରହୁଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି ଯାଞ୍ଚ କରାଯାଉ ବୋଲି ଦାବି ହେଉଛି। ରାଜ୍ୟ ବାହାରୁ ଶ୍ରମିକ କାମ ପାଇଁ ଆସିବାର ସରକାରୀ ବ୍ୟବସ୍ଥା ରହିଛି। ଶ୍ରମିକ ଆସିବା ପୂର୍ବରୁ ସେଠାକାର ପ୍ରଶାସନ ନିକଟରେ ଉକ୍ତ ଶ୍ରମିକଙ୍କ ଠିକଣା ସହିତ ତାଲିକା ଦେଇ ଅନୁମୋଦନ କରିବେ। ପରେ ଏଠାକୁ ଆସିଲା ପରେ ପ୍ରଶାସନ ପାଖରେ ରିପୋର୍ଟ ଦାଖଲ କରାଯିବ। ସେଥିରେ ଠିକାଦାର ଶ୍ରମିକଙ୍କ ପାଇଁ ରହିବା ଖାଇବା ବୀମା ପ୍ରଭୃତି ସୁବିଧା ଯୋଗାଇ ଦେବେ ବୋଲି ଚୁକ୍ତି କରିବେ। ଏହି ସରକାରୀ ନିୟମକୁ କେତେକ କମ୍ପାନୀ କିଛି ପରିମାଣ ପାଳନ କରୁଥିବା ବେଳେ ଅନ୍ୟମାନେ ପାଳନ କରୁନାହାନ୍ତି। ଘରୋଇ ଓ ଠିକାଦାର କାମରେ ନିୟୋଜିତ ଶ୍ରମିକଙ୍କ ତାଲିକା କାହା ପାଖରେ ନାହିଁ। କେତେକ ଶ୍ରମିକ ଅପରାଧିକ ମାମଲାରେ ସମ୍ପୃକ୍ତି ରହୁଥିବା ମଧ ନଜିର ରହୁଛି। ଚୋରି, ଲୁଟ, ଡକାୟତି କରି ଫେରାର ହୋଇଯାଉଛନ୍ତି। ଫଳରେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହେଉନାହାନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରୁ ରାଜ୍ୟ ବାହାରୁ ଆସି କାମ କରିବା ପାଇଁ କୌଣସି ଅସୁବିଧା ନାହିଁ। ହେଲେ ସେଥିପାଇଁ ନିୟମ ରହିଛି। ସେ ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।



ସମ୍ବଲପୁର ଜିଲାରେ ଶ୍ରମିକମାନେ କାମ କରୁଛନ୍ତି।

### ଅପହୃତା ନାବାଳିକା ଛାତ୍ରୀ ଚେନ୍ନାଇରୁ ଉଦ୍ଧାର

## ଅଭିଯୁକ୍ତ ଯୁବକଙ୍କୁ ଗିରଫ କଲା ପୋଲିସ

ରେଢାଖୋଲ,୧୦।୨(ଡି.ଏନ.ଏ.)

ରେଢାଖୋଲ ଥାନା ଅଞ୍ଚଳରୁ ନଭେମ୍ବର ମାସରେ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଶନିବାର ଚେନ୍ନାଇରୁ ଉଦ୍ଧାର କରିଛି। ନାବାଳିକାଙ୍କୁ ଅପହରଣ କରିନେଇଥିବା ଅଭିଯୋଗରେ ଅବିନାଶ ମାଝି ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ନାବାଳିକାଙ୍କ ମା' ରେଢାଖୋଲ ଥାନାରେ ତାଙ୍କ ଝିଅକୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ କରଥିଲେ। ଏଣୁ ୧୭।୧୧।୨୦୧୮ରେ ପୋଲିସ ଏକ ଅପହରଣ ମାମଲା (ନଂ.୨୦୧/୧୯) ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଏସ.ଆଇ. ରାଜକୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଶେଷରେ ଯୁବକ ଚେନ୍ନାଇରେ ଏକ କମ୍ପାନୀରେ କାମ କରୁଥିବା ସୂଚନା ପାଇ ଚେନ୍ନାଇ ଯାଇଥିଲା। ସେଠାକାର ପୋଲିସ ସହାୟତାରେ ଚେନ୍ନାଇର କୋରାଟର ଅଞ୍ଚଳରୁ ଏକ ଭଡାଘରୁ ଉଭୟଙ୍କୁ ଉଦ୍ଧାର କରିଥିଲା। ପୂର୍ବରୁ ରୁଜୁ ହେଇଥିବା ଅପହରଣ ମାମଲାକୁ ପରିବର୍ତ୍ତନ କରାଯାଇ ଦଫା ୩୬୩/୩୭୬ (୨) (ଏନ) ଓ ୬ ପକ୍ସୋ ଆକ୍ଟରେ ରବିବାର ସମ୍ବଲପୁର ସ୍ୱତନ୍ତ୍ର କୋର୍ଟକୁ ଅଭିଯୁକ୍ତଙ୍କୁ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ସଂପୃକ୍ତା ନାବାଳିକା ଛାତ୍ରୀ ଜଣକ ନିକଟସ୍ଥ ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ସେହିଦିନ ପ୍ରତିଦିନ ଭଳି ସେ ସାଇକେଲ ଯୋଗେ ଦିନ ସାଢେ ୯ଟାରେ ଘରୁ ବାହାରି ସ୍କୁଲ ଯାଇଥିଲେ। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ବର୍ଗ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ଶେଷରେ ଘଟଣା ସମ୍ପର୍କରେ ରାଢାଖୋଲ ଥାନାରେ ଅଭିଯୋଗ କରିଥିଲେ।



ଅବିନାଶ ମାଝି।

### କିରାନା ଦୋକାନରୁ ମଦ ଜବତ, ଜଣେ ଗିରଫ

ରେଙ୍ଗାଲି, ୧୦।୨ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡୋଲୋଇ ସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନାର ଦୁଇ ନମ୍ବର ଗେଟ ସମ୍ମୁଖରେ ଥିବା କିରାନା ଦୋକାନରେ ପୋଲିସ ଚଢ଼ାଉ କରି ୪୨ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରି ଜଣଙ୍କୁ ଗିରଫ କରିଛି । ଦୋକାନୀ ତଥା ରେଙ୍ଗାଲି ମାଉଲି ନଗର ଅଞ୍ଚଳର ଗୋପାଳ ଓରାମ (୨୯)ଙ୍କୁ ଗିରଫ କରାଯାଇଛି।

## ମଉଲାଭଞ୍ଜା ଫୁଟବଲ ଟୁର୍ନାମେଣ୍ଟରେ ସମ୍ବଲପୁର ବିଜୟୀ

ରେଙ୍ଗାଲି, ୧୦।୨ (ଡି.ଏନ.ଏ.)

ରେଙ୍ଗାଲି ବ୍ଲକ କୁର୍ଲା ଫୁଟବଲ ପଡିଆରେ ରବିବାର ମଉଲାଭଞ୍ଜା କ୍ଲବ ପକ୍ଷରୁ ଷଷ୍ଠ ଫୁଟବଲ ଟୁର୍ନାମେଣ୍ଟକୁ ରେଙ୍ଗାଲି ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ ଉଦ୍‌ଘାଟନ କରିଥିଲେ । ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିଲେ । ସମ୍ବଲପୁର ଚାରଭାଟି ଦଳ ଏବଂ ସୁନ୍ଦରଗଡ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବଲପୁର ଦଳ ବିଜୟୀ ହୋଇଥିଲା । ବିଜୟୀ ଦଳକୁ ୧୦ ହଜାର ଟଙ୍କା ଟ୍ରଫି ଏବଂ ପରାଜିତ ଦଳକୁ ୭ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ଯୁବନେତା କିରଣ ବେହେରା, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଜୁ ଛାତ୍ର ସଭାପତି ବାବୁଲୁ ରାଉତ, ଜଙ୍ଗଲା ସରପଞ୍ଚ ଇଂ. ଗାନ୍ଧୀ ବେହେରା, ବରିଷ୍ଠ ବିଜେଡି ନେତା ହରିଶଙ୍କର ବେହେରା, ଡ. ସନ୍ତୋଷ ସିଂ, ବିଶିକେଶନ ବିଶ୍ୱାଳ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।

### ବୁର୍ଲା ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକ ବିଜ୍ଞାନମେଳା

## ଚିତ୍ରକଳା, ପୁଷ୍ପ ପ୍ରଦର୍ଶନ



ଜଣେ ଛାତ୍ର ନିଜ ପ୍ରକଳ୍ପ ସମ୍ପର୍କରେ ବୁଝାଉଛନ୍ତି।

ଚିପିଲିମା, ୧୦।୨ (ଡି.ଏନ.ଏ.)

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଚତୁର୍ଦ୍ଦଶ ବାର୍ଷିକ ବିଜ୍ଞାନମେଳା, ଚିତ୍ରକଳା, ହସ୍ତକଳା ଓ ପୁଷ୍ପ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ବିଭିନ୍ନ ସମୟର ଫଟୋଚିତ୍ର ମଧ ପ୍ରଦର୍ଶନ କରାଯାଇଥିଲା। ଏହି ଉତ୍ସବକୁ ବିଦ୍ୟାଳୟର ସଭାପତି ପ୍ରଦୀପ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବିଜ୍ଞାନମେଳାରେ ଦ୍ୱିତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭୫ଜଣ କୁନି କୁନି ବୈଜ୍ଞାନିକ ଅଂଶଗ୍ରହଣ କରିଥିଲେ । ସେହିପରି ଚିତ୍ରକଳା, ହସ୍ତକଳା ଓ ପୁଷ୍ପ ପ୍ରଦର୍ଶନୀରେ ୨ଶହ ଜଣ କୁନି କୁନି ଶିଳ୍ପୀ ଅଂଶଗ୍ରହଣ କରିଥିଲେ । ବୁର୍ଲା ସହରର କେତେକ ବିଦ୍ୟାଳୟରୁ ଶିକ୍ଷକ ଓ ଛାତ୍ରୀଛାତ୍ର ଏହି ଉତ୍ସବ ପରିଦର୍ଶନରେ ଆସି ସେହି କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ । ବିଜ୍ଞାନ ପ୍ରଦର୍ଶନୀରେ ସିନିୟର ବିଭାଗର ସଜ୍ଜିତ ଦାଶ ଓ ପରମେଶ୍ୱର ସାହୁ ଯୁଗ୍ମ ପ୍ରଥମ, ଆୟୁଷ୍ମାନ ମିଶ୍ର ଦ୍ୱିତୀୟ ଓ ମନୀଷା ମେହେର ତୃତୀୟ ହୋଇଥିଲେ। ସେହିପରି ଜୁନିୟର ବିଭାଗରେ ପ୍ରିୟମ୍ବଦା ମିଶ୍ର ପ୍ରଥମ, ରିତେଶ ଦାଶ ଓ ଅମ୍ଳାନ ମହାନ୍ତି ଯୁଗ୍ମ ଦ୍ୱିତୀୟ ଏବଂ ଅଧିତୀ ସ୍ୱାଇଁ ତୃତୀୟ ହୋଇଥିଲେ । ସବଜୁନିୟର ବିଜ୍ଞାନରେ ଡଲି ସିହ୍ନା ପ୍ରଥମ, ଅଂଶୁମାନ ଜେନା ଦ୍ୱିତୀୟ ଓ ବୈଷ୍ଣବୀ ମେହେର ତୃତୀୟ ହୋଇଥିଲେ। ସେହିପରି ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର କୁନି ବୈଜ୍ଞାନିକ ଅମ୍ରିତା ପଣ୍ଡା ଓ ତମନା ଶର୍ମା ଯୁଗ୍ମ ପ୍ରଥମ, ପ୍ରିୟାଂଶୀ ଲୁହା ଦ୍ୱିତୀୟ ଓ ଇଶାନ ରାଉତ ତୃତୀୟ ହୋଇଥିଲେ। ଚିତ୍ରକଳା, ହସ୍ତକଳା ଓ ପୁଷ୍ପପ୍ରଦର୍ଶନୀ କ୍ଷେତ୍ରରେ ମଧ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ପ୍ରଦର୍ଶନୀରେ ଡୋଲେଶ୍ୱରୀ ବାଗ, ରମେଶ ସୁନା, ସୁଧାଂଶୁଶେଖର ସାହୁ, ସଚ୍ଚିକାନ୍ତ ଦ୍ୱିବେଦୀ ବିଚାରକ ଭାବେ ଦାୟିତ୍ୱ ଗ୍ରହଣ କରି କୃତୀ ପ୍ରତିଯୋଗୀମାନଙ୍କୁ ବାଛିଥିଲେ। ସେହିପରି ଚିତ୍ରକଳା ପ୍ରଦର୍ଶନୀରେ ପ୍ରେମଚାନ୍ଦ ରାଉତ ବିଚାରକ ଥିଲେ । ବିଦ୍ୟାଳୟ ସମ୍ପାଦକ ପ୍ରାଣକୃଷ୍ଣ ସିହ୍ନା ସମସ୍ତ ଛାତ୍ରୀଛାତ୍ର, ଉପସ୍ଥିତ ଅଭିଭାବିକା ଓ ଅଭିଭାବକ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧମା ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଧମା, ୧୦।୨ (ଡି.ଏନ.ଏ)

ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ରବିବାର ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଚିକିତ୍ସକ ତଥା ପ୍ରାୟାସରେ ପରିବର୍ତ୍ତନ ମୁଖ୍ୟ ଡ. ଲଲାଟେନ୍ଦୁ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ମୁଖ୍ୟବକ୍ତା ଭାବେ ଧମା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଲାଲବିହାରୀ ବାଗ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଦିଗଦର୍ଶନ ଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ ଶିଳ୍ପପତି ଶଙ୍କରଲାଲ ଅଗ୍ରୱାଲ, ବୁଦ୍ଧଦେବ ସେଠ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ, ଏକନୃତ୍ୟ, ଗୀତ ସଂଗୀତ, ହସକଥା ଏବଂ କ୍ଷୁଦ୍ର ନାଟକ ତଥା ଦେଶାତ୍ମବୋଧକ ନାଚଗୀତ ଅତିଥିମାନଙ୍କୁ ମୁଗ୍ଧ କରିଥିଲା । ପରିଚାଳନା ପରିଷଦର ଯୁଗ୍ମ ସମ୍ପାଦକ ସଭା ପରିଚାଳନା କରିଥିବା ବେଳେ ସଭାପତି ଲୋକନାଥ ମିଶ୍ର ବାର୍ଷିକ ବିବରଣୀ ଓ ପ୍ରଧାନଚାର୍ଯ୍ୟ ପିତାମ୍ବର ପଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁମା ସନ୍ଧ୍ୟାରାଣୀ ଭୋଇ, ତିଳେଶ୍ୱରୀ ସାହୁ, ନିହାରିକା ଭୋଇଙ୍କ ତତ୍ତ୍ୱାବଧାନରେ ଗଜାନନ, ବନ୍ଦନା, ବନଜାବାସିନୀ ପ୍ରମୁଖ ସହଯୋଗ କରିଥିଲେ ।




ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ।

## ନିର୍ବାଚନ ପାଇଁ ପୋଲିସର ତାଲିମ ଶିବିର

ସମ୍ବଲପୁର, ୧୦।୨ (ବ୍ୟୁରୋ)

ସମ୍ବଲପୁର ରିଜର୍ଭ ପୋଲିସ ପଡିଆରେ ଥିବା କମ୍ୟୁନିଟି ସେଣ୍ଟରରେ ଜିଲା ପୋଲିସ ପକ୍ଷରୁ ନିର୍ବାଚନ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ପୋଲିସ ଅଧିକାରୀ, ହାବିଲଦାର, କନଷ୍ଟେବଲ ଉପସ୍ଥିତ ରହିଥିଲେ। ଆଗାମୀ ସାଧାରଣ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳା ସହ ସମାପନ ହେବ। ଭୋଟ ଗ୍ରହଣ ହୋଇପାରିବ, ପୋଲିସର ରୁଟମେପ୍ ନିର୍ବାଚନୀ ନିୟମ ଦିଗରେ ଆଲୋଚନା ହୋଇଥିଲା। ସଦର ଏସ୍‌ଡିପିଓ ଭବାନୀଶଙ୍କର ଉଦଗାତା, ବୁର୍ଲା ଏସଡିପିଓ ଶିଶୁ ରଞ୍ଜନ ମହାପାତ୍ର ଏହି ତାଲିମ ପ୍ରଦାନ କରିଥିଲେ। ଜିଲାର ବିଭିନ୍ନ ଥାନାରୁ ପୋଲିସ ଅଧିକାରୀ, କର୍ମଚାରୀ ଉପସ୍ଥିତ ରହିଥିଲେ ।

### ଆନ୍ତଃ ଏକାଡେମୀ ଫୁଟବଲ ଟୁର୍ନାମେଣ୍ଟ

## ଝାଡ଼ଖଣ୍ଡକୁ ହରାଇ ସମ୍ବଲପୁର ବିଜୟୀ

ସମ୍ବଲପୁର, ୧୦।୨ (ବ୍ୟୁରୋ)

ଆନ୍ତଃ ଏକାଡେମୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ମ୍ୟାଚରେ ସମ୍ବଲପୁର ଫୁଟବଲ ଏକାଡେମୀ ଓ ଝାଡ଼ଖଣ୍ଡ ସ୍ପୋର୍ଟିଂ ଅଥୋରେଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ କୌଣସି ଦଳ ଗୋଲସ୍କୋର କରିପାରି ନ ଥିଲେ। ଫଳରେ ଟ୍ରାଇବ୍ରେକର ପଦ୍ଧତି ନିଆଯାଇଥିଲା। ଏଥିରେ ୩-୦ରେ ସମ୍ବଲପୁର ଫୁଟବଲ ଏକାଡେମୀ ବିଜୟୀ ହୋଇଥିଲା। ରବିବାର ମ୍ୟାଚରେ ମୁଖ୍ୟଅତିଥି ଭାବେ ବିକାଶ ଗ୍ରୁପ ଅଧ୍ୟକ୍ଷ ଡି. ମୁରଲୀକ୍ରିଷ୍ଣା, ସୁରେନ୍ଦ୍ର ନାୟକ, ରାଧେଶ୍ୟାମ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ । ଶଳିଲ ବେହେରା, ସହଦେବ ବେହେରା, ଅଶୋକ ପଣ୍ଡା, କୌଶିକ ଭୋଇ ରେଫରି ଦାୟୀତ୍ୱ ତୁଲାଇଥିଲେ।



ରବିବାର ସମ୍ବଲପୁର ଫୁଟବଲ ଏକାଡେମୀରେ ଅତିଥିଙ୍କ ସହ ଖେଳାଳିମାନେ ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ

ଦେବଗଡ଼,୧୦।୨ (ସ୍ୱ.ପ୍ର.)

ଦେବଗଡ ପୁରଣାଗଡସ୍ଥିତ ସତସଙ୍ଗ୍ ବିହାରରେ ଯୁଗ ପୁରୁଷୋତମ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୧ ତମ ଜନ୍ମ ଜୟନ୍ତୀ ଏବଂ ସତସଙ୍ଗ ବିହାରର ପ୍ରତିଷ୍ଠା ଉତ୍ସବ ରବିବାର ଧୁମଧାମରେ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଗୋପାଳଜୀଉ ମନ୍ଦିରରୁ ଏକ ସୁସଜ୍ଜିତ ରଥରେ ଠାକୁରଙ୍କୁ ସ୍ଥାପନ କରି ସହର ପରିକ୍ରମା କରି ସତସଙ୍ଗ ବିହାର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଏହି ଅବସରରେ ବେଦ ମାଙ୍ଗଳିକ, ମାତୃ ସମ୍ମିଳନୀ, ସତସଙ୍ଗ୍ ଓ ସଭା, ପ୍ରାର୍ଥନା ସହ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ହୃଷୀକେଶ ନାୟକ, ରତ୍ନାକର ପଟ୍ଟନାୟକ, ଅଞ୍ଜନ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ସମ୍ବଲପୁର, ୧୦।୨ (ବ୍ୟୁରୋ)

ସମ୍ବଲପୁର ମହାନଦୀ ଦ୍ୱିତୀୟ ସେତୁ ନିକଟରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଦାବି ହୋଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ୧୦ହଜାର ୧ଶହ ଟଙ୍କା ଓ ୧ ହଜାର ଟଙ୍କିଆ ଟୋକନ ଲୋକମାନଙ୍କୁ ଦେଇ ଆର୍ଥିକ ରାଶି ସଂଗ୍ରହ କରାଯିବ। ସମ୍ବଲପୁର ପ୍ରେମୀ ଓ ବଦାନ୍ୟ ବ୍ୟକ୍ତିମାନେ ନିଜ ଇଚ୍ଛାରେ ଆର୍ଥିକ ରାଶି ଦେଇପାରିବେ। ଏହା ସହ ପୁଣି ଥରେ ମହାନଦୀ ଦ୍ୱିତୀୟ ସେତୁକୁ ସତ୍ୟନାରାୟଣ ବହିଦାରଙ୍କ ନାମରେ ନାମିତ କରିବା ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ କରିବାକୁ ସ୍ଥିର ହୋଇଥିଲା। ସୂଚନାଯୋଗ୍ୟ ଯେ, ପୂର୍ବରୁ ବିଭିନ୍ନ ଉପାୟରେ ଅନେକ ଥର ଏହି ଦାବି ଜିଲାପ୍ରଶାସନ ପାଖରେ ଉପସ୍ଥାପନ କରାଯାଇଛି। ବୈଠକରେ ନରେନ୍ଦ୍ର ପାଣିଗ୍ରାହୀ, ନିର୍ମଳ ପ୍ରଧାନ, ଡ. ପ୍ରମୋଦ ରଥ, ଦୁର୍ଗା ପାଢ଼ୀ, କଳ୍ପନା ମିଶ୍ର, ପରେଶ ଦାନୀ, ଶିବପ୍ରସାଦ ମେହେର, ଅରବିନ୍ଦ ନାୟକ, ପ୍ରଫୁଲ୍ଲ ହୋତା, ଜୟକୃଷ୍ଣ ବେହେରା, ସନ୍ତୋଷ ବଢ଼େଇ, ମାନସ ବକ୍ସି, କୋମଳଲୋଚନ ପଣ୍ଡା ପ୍ରମୁଖ ମତ ରଖିଥିଲେ।



ସମ୍ବଲପୁର ପଶ୍ଚିମାଞ୍ଚଳ ଏକତା ମଞ୍ଚ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବୈଠକ ।

### ହାଇସ୍କୁଲ ବିଲ୍ଡିଂ, କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

## କଲ୍ୟାଣମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପିତ

ରେଙ୍ଗାଲି, ୧୦।୨ (ଡି.ଏନ.ଏ.)

ରେଙ୍ଗାଲି ବ୍ଲକ କତରବଗା ପଞ୍ଚାୟତ ଗୋଲାମାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ନୂତନ କୋଠାଗାର ଉଦ୍‌ଘାଟନ ଏବଂ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଗୋଲାମାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ନୂତନ କୋଠାଘର ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ପାଣ୍ଠିରୁ ୬୦ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଛି । ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର କୁମାର ମହାନ୍ତି, ଏମ୍‌ପି ନଗେନ୍ଦ୍ର ପ୍ରଧାନ, ବିଧାୟକ ରମେଶ ପଟୁଆ, ଅଶୋକ ଗୁରୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିରଣ ବେହେରା, ଗାନ୍ଧୀ ବେହେରା, ହରିଶଙ୍କର ବେହେରା, ଶୌକିଲାଲ ସାହୁ, ରଞ୍ଜିତ ସାହୁ, ଦୟାନନ୍ଦ ଖମାରୀ ପ୍ରମୁଖ ଯୋଗ ଦେଇଥିଲେ । ଗ୍ରାମର ଭୋଜରାଜ ପ୍ରଧାନ ସଭାରେ ସଂଯୋଜନା କରିଥିଲେ । ସ୍କୁଲର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହି ଅବସରରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଅନ୍ୟପକ୍ଷେ ରେଙ୍ଗାଲି ବ୍ଲକ କତରବଗା କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ ହୋଇଥିଲା।

# ଏକ ସଫଳ ମହାକାଶ ଦୂରବୀକ୍ଷଣ ଯନ୍ତ୍ରର ପରିସମାପ୍ତି



ଇଂ. ମାୟାଧର ସ୍ୱାଇଁ





ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା 'ନାସା' ୨୦୦୯ ମାର୍ଚ୍ଚ ୭ ତାରିଖରେ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ରକୁ ମହାକାଶରେ ଅବସ୍ଥାପିତ କରିଥିଲା। ଏହା ପୃଥିବୀ ପୃଷ୍ଠରୁ ୧୫୦ ନିୟୁତ କିମି ଉଚ୍ଚରେ ସୂର୍ଯ୍ୟକୁ ପ୍ରତି ୩୭୨.୫ ଦିନରେ ଥରେ ପରିକ୍ରମଣ କରୁଛି। ଯାନର ଲମ୍ବ ଓ ଓସାର ଯଥାକ୍ରମେ ହେଉଛି ୪.୭ ମିଟର ଓ ୨.୭ ମିଟର। ଏହି ଦୂରବୀକ୍ଷଣ ଯନ୍ତ୍ରର ମୁଖ୍ୟ ଦର୍ପଣର ବ୍ୟାସ ହେଉଛି ୧.୪ ମିଟର। ଏଥିରେ କେବଳ ଗୋଟିଏ ଯନ୍ତ୍ର ଖଞ୍ଜାଯାଇଛି। ଏହା ହେଉଛି ଗୋଟିଏ ଶକ୍ତିଶାଳୀ ଫଟୋମିଟର ବା କ୍ୟାମେରା। ଏହାର ନାମ ହେଉଛି 'କେପ୍‌ଲର ମହାକାଶ ଦୂରବୀକ୍ଷଣ ଯନ୍ତ୍ର'। ବିଶିଷ୍ଟ ଜର୍ମାନୀ ଜ୍ୟୋତିର୍ବିଦ୍ ଜୋହାନ୍ସ କେପ୍‌ଲରଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି।

ସୌରଜଗତ ବାହାରେ ଥିବା ଗ୍ରହଗୁଡିକୁ ଚିହ୍ନଟ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ପୁନଶ୍ଚ ବିଶ୍ୱର ଅନ୍ୟ କେଉଁ ନକ୍ଷତ୍ର ଚାରିପଟେ ପୃଥିବୀ ପରି ଗ୍ରହ ଅଛି। ତାହାର ଅନୁସନ୍ଧାନ କରିବା ଏହାର ଲକ୍ଷ୍ୟ ଥିଲା। ଆରମ୍ଭରୁ ଏହା ସାଢ଼େ ତିନି ବର୍ଷ ପାଇଁ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଥିଲା। ଆକାଶରେ ସିଗନସ୍ ନକ୍ଷତ୍ରମଣ୍ଡଳ ନିକଟରେ ଥିବା ୧୫୦୦୦୦ଟି ନକ୍ଷତ୍ରକୁ ଅନବରତ ପର୍ଯ୍ୟବେକ୍ଷଣ କରି ସେଗୁଡ଼ିକର ଗ୍ରହକୁ ଅଧ୍ୟୟନ କରିବା ଏହାର ଲକ୍ଷ୍ୟ ଥିଲା।

କେପ୍‌ଲର ମହାକାଶରେ ସଫଳତାର ସହ କାର୍ଯ୍ୟ କରି ଏହାର ଈପ୍‌ସିତ ଲକ୍ଷ୍ୟକୁ ଅତିକ୍ରମ କରିଯାଇଛି। ଏହାର କାର୍ଯ୍ୟକାଳ ସାଢ଼େ ତିନି ବର୍ଷ ଠିକ୍ କରାଯାଇଥିଲେ ସୁଦ୍ଧା ଏହା ସାଢ଼େ ନଅ ବର୍ଷ କାର୍ଯ୍ୟ କରି ଅନେକ ନକ୍ଷତ୍ର, ଗ୍ରହ ସୁପରନୋଭା ଆଦି ଆବିଷ୍କାର କରିଛି। ଶେଷରେ ଏହାର ଇନ୍ଧନ ଶେଷ ହୋଇଯିବାରୁ ନାସା ଗତବର୍ଷ ଅକ୍ଟୋବର ୩୦ ତାରିଖରେ ଏହାର କାର୍ଯ୍ୟକାଳ ଶେଷ ହୋଇଛି ବୋଲି ଘୋଷଣା କଲା।

କେପ୍‌ଲର ତା'ର କାର୍ଯ୍ୟକାଳ ମଧ୍ୟରେ ୨୬୦୦ରୁ ଅଧିକ ସୌରେତର ଗ୍ରହ ଆବିଷ୍କାର କରିଛି। ଏଥିମଧ୍ୟରୁ କେତୋଟି ଗ୍ରହ ହେଉଛି ଆମ ପୃଥିବୀ ଆକାରର ଏବଂ ଏଗୁଡ଼ିକ ମଧ୍ୟ ପୃଥିବୀ ଭଳି ପଥୁରିଆ ଗ୍ରହ। ଏଥିମଧ୍ୟରୁ କେତେକ ଗ୍ରହ ସେମାନଙ୍କ ନକ୍ଷତ୍ରର 'ବାସଯୋଗ୍ୟ ଅଞ୍ଚଳ'ରେ ଥିବାରୁ ସେଗୁଡ଼ିକରେ ଜୀବଜବତ ଥିବାର ସମ୍ଭାବନା ଅଛି। ଗୋଟିଏ ନକ୍ଷତ୍ରର କୌଣସି ଗ୍ରହରେ ଜୀବଜଗତର ଉଦ୍ଭବ ନକ୍ଷତ୍ରଠାରୁ ଏହାର ନିର୍ଦ୍ଦିଷ୍ଟ ଦୂରତା ଉପରେ ନିର୍ଭର କରେ। ଏହାକୁ ବାସଯୋଗ୍ୟ ଅଞ୍ଚଳ କୁହାଯାଏ। ଏହି ଅଞ୍ଚଳର ତାପମାତ୍ରା ଅଧିକ କିମ୍ବା କମ୍ ହୋଇ ନ ଥାଏ। ଏବଂ ଏହାର ଜୀବଜଗତ ପାଇଁ ଉପଯୁକ୍ତ ହୋଇଥାଏ। ପୁନଶ୍ଚ ଏହି ତାପମାତ୍ରାରେ ସେଠାରେ ଜଳ ତରଳ ଅବସ୍ଥାରେ ଥାଏ। ସୌରଜଗତରେ କେବଳ ପୃଥିବୀ ବାସଯୋଗ୍ୟ ଅଞ୍ଚଳରେ ଅଛି ଏବଂ ଫଳରେ ଏଠାରେ ଏକ ଉନ୍ନତ ଜୀବଜଗତ ଗଢ଼ି ଉଠିଛି। କେପ୍‌ଲର ପଠାଇଥିବା ତଥ୍ୟରୁ ଏହିପରି ବାସଯୋଗ୍ୟ ଅଞ୍ଚଳରେ ଥିବା କେତେକ ଗ୍ରହକୁ ଠାବ କରାଯାଇଛି। ସେସବୁରେ ଜୀବଜଗତ ଅଛି ନା ନାହିଁ, ତାହା ଏବେ ଅଧ୍ୟୟନ କରାଯାଉଛି।

**କେପ୍‌ଲର ସୌରଜଗତ ବାହାରେ ଗ୍ରହକୁ ଠାବ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଉଜ୍ଜ୍ୱଳତା, ଆକାର, ବସ୍ତୁତ୍ୱ, ସାନ୍ଦ୍ରତା ଓ କକ୍ଷ ମଧ୍ୟ ନିର୍ଦ୍ଧାରିତ କରିଛି। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ଜ୍ୟୋତିର୍ବିଦ୍‌ମାନେ ପ୍ରକାଶ କରିଛନ୍ତି ଯେ, ଆକାଶଗଙ୍ଗା ଗାଲାକ୍ସିରେ ଯେତିକି ନକ୍ଷତ୍ର ଅଛି, ତା'ଠାରୁ ଅଧିକ ଗ୍ରହ ଅଛି...**

କେପ୍‌ଲର ସୌରଜଗତ ବାହାରେ ଗ୍ରହକୁ ଠାବ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଉଜ୍ଜ୍ୱଳତା, ଆକାର, ବସ୍ତୁତ୍ୱ, ସାନ୍ଦ୍ରତା ଓ କକ୍ଷ ମଧ୍ୟ ନିର୍ଦ୍ଧାରିତ କରିଛି। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ଜ୍ୟୋତିର୍ବିଦ୍‌ମାନେ ପ୍ରକାଶ କରିଛନ୍ତି ଯେ, ଆକାଶଗଙ୍ଗା ଗାଲାକ୍ସିରେ ଯେତିକି ନକ୍ଷତ୍ର ଅଛି, ତା'ଠାରୁ ଅଧିକ ଗ୍ରହ ଅଛି।

କେପ୍‌ଲର ଆବିଷ୍କାର କରିଥିବା ଗ୍ରହଗୁଡ଼ିକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ। ପ୍ରଥମଟି ହେଉଛି ଗ୍ୟାସୀୟ ଦାନବ ଗ୍ରହ, ଯାହା ଆମ ସୌରଗତର ବୃହସ୍ପତିରେ ଆକାର ସହ ସମାନ କିମ୍ବା ତା'ଠାରୁ ବଡ଼। ଦ୍ୱିତୀୟ ଶ୍ରେଣୀ ହେଉଛି କମ୍ ପରିକ୍ରମଣ ସମୟ ଥିବା ଉତ୍ତପ୍ତ ସୁପର ଆର୍ଥ, ଅର୍ଥାତ୍ ପୃଥିବୀଠାରୁ ବଡ଼ ଓ ନକ୍ଷତ୍ରର ନିକଟତର ଥିବା ଗ୍ରହ। ତୃତୀୟ ଶ୍ରେଣୀ ହେଉଛି ନକ୍ଷତ୍ରଠାରୁ ଦୂରରେ ଥିବା ବରଫୀୟ ଦାନବ ଗ୍ରହ। ଏହିପରି ଭାବେ କେପ୍‌ଲର ଆମକୁ ବିଭିନ୍ନ ପ୍ରକାର ଗ୍ରହର ସୂଚନା ଦେଇଛି। କିନ୍ତୁ ଆମର ଲକ୍ଷ୍ୟ ହେଉଛି ନକ୍ଷତ୍ରର ବାସଯୋଗ୍ୟ ଅଞ୍ଚଳରେ ଥିବା ପୃଥିବୀ ଆକାରର ଗ୍ରହ। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ନାସା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ଯେ, ରାତିରେ ଆକାଶରେ ଦେଖାଯାଉଥିବା ନକ୍ଷତ୍ରଗୁଡ଼ିକର ୨୦ ରୁ ୫୦ ପ୍ରତିଶତ ନକ୍ଷତ୍ରରେ ଆମ ପୃଥିବୀ ପରି ଛୋଟ ଓ ପଥୁରିଆ ଗ୍ରହ ଥାଇପାରେ ଏବଂ ଏଗୁଡ଼ିକ ନକ୍ଷତ୍ରର ବାସଯୋଗ୍ୟ ଅଞ୍ଚଳରେ ରହିଥାଇପାରନ୍ତି। କେବଳ ପାଞ୍ଚ ଲକ୍ଷରୁ ଅଧିକ ନକ୍ଷତ୍ରକୁ ପର୍ଯ୍ୟବେକ୍ଷଣ କରି ସେଗୁଡ଼ିକ ସମ୍ବନ୍ଧରେ ବିଶଦ ତଥ୍ୟା ପଠାଇଛି।

ମହାକାଶ ଅଧ୍ୟୟନ ଓ ଅଭିଯାନରେ କେପ୍‌ଲର ମହାକାଶ ଦୂରବୀକ୍ଷଣ ଯନ୍ତ୍ର ହେଉଛି ଗୋଟିଏ ମାଇଲଖୁଣ୍ଟ। ଏହାର କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ନାସା ଏହି ବର୍ଷ ଏପ୍ରିଲ ମାସରେ ଅନ୍ୟ ଏକ ଗ୍ରହଖୋଜାଳି ଦୂରବୀକ୍ଷଣ ଯନ୍ତ୍ରକୁ ମହାକାଶରେ ଅବସ୍ଥାପିତ କରିଛି। ଏହାର ନାମ ହେଉଛି ଟେସ୍।

୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର
ମୋ: ୯୯୩୮୬୯୩୭୨୯

## ଅଳ୍ପରେ...



**ଏକାଗ୍ରତା ବଢ଼ାଏ ଚା':** ଭାରାକ୍ରାନ୍ତ ମନକୁ ହାଲକା କରିବାର ଏକ ସହଜ ଉପାୟ ହେଲା ଚା' ପିଇବା। ଏହାର ଅନେକ ଉପକାରୀ ଗୁଣ ରହିଛି। ଚା' ପିଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ଏକାଗ୍ରତା ବଢ଼ିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପ୍ରତିଦିନ ନିର୍ଦ୍ଦିଷ୍ଟ ପରିମାଣର ଚା' ପିଉଥିବା କିଛି ବ୍ୟକ୍ତିଙ୍କର ଜୀବନଶୈଳୀକୁ ଅନୁଧ୍ୟାନ କରି ସେମାନେ ଏକଥା ଜାଣିପାରିଛନ୍ତି। ହେଲେ ଅତ୍ୟଧିକ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

**'ଟି' ସେଲ୍‌ରେ ପରିବର୍ତ୍ତନ ବ୍ୟବହାରକୁ ପ୍ରଭାବିତ କରେ :**



ଶରୀରରେ ଭିତରେ ଥିବା 'ଟି' ସେଲରେ ଯଦି ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ତେବେ ତାହା ସେହି ବ୍ୟକ୍ତିଙ୍କର ବ୍ୟବହାରକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ମତବକ୍ତ କରିଛନ୍ତି ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ବିଶେଷଭାବରେ ଆମର ଇମ୍ୟୁନ ସିଷ୍ଟମରେ ଏହି ସେଲ୍ ରହିଥାଏ। ଇମ୍ୟୁନ (ରୋଗ ପ୍ରତିରୋଧକ) ଶକ୍ତି ପ୍ରଭାବିତ ହେଲେ ଏହି ସେଲ୍‌ରେ ଅସନ୍ତୁଳନ ଲକ୍ଷ୍ୟ କରାଯାଇଥାଏ। ଖାସ୍ କଥା ହେଲା ଏହାର ପ୍ରଭାବ କେତେକାଂଶରେ ଜଣେ ବ୍ୟକ୍ତିଙ୍କର ବ୍ୟବହାର ଉପରେ ପଡିଥାଏ ବୋଲି ସେମାନେ ଗବେଷଣାରୁ ଜାଣିପାରିଛନ୍ତି।

**କୋଲେଷ୍ଟରଲକୁ ନିୟନ୍ତ୍ରଣ କରେ ଟମାଟୋ :** ଟମାଟୋରେ ଅନେକ ସ୍ୱାସ୍ଥ୍ୟପୋକାରୀ ଗୁଣ ଭରି ରହିଛି। ଆମ ଶରୀରେ ଏଲଡିଏଲ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଅନ୍ୟପକ୍ଷରେ ଜଣେ ହୃଦରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି।



ଟମାଟୋରେ ଲାଇକୋପେନ୍ ନାମକ ଏକ ଆଣ୍ଟିଅକ୍ସିଡାଣ୍ଟ ରହିଛି। ଏହି ତତ୍ତ୍ୱ କୋଲେଷ୍ଟରଲକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ।

## ଆଜ୍‌ମା : କିଛି କଥା



❖ଆଜ୍‌ମା ବା ଶ୍ୱାସ ରୋଗ ହେଲେ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ। ଏହାର ଲକ୍ଷଣ ଜାଣିବା ମାତ୍ରେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ।

❖ଧୂଳିକଣା, ଧୂଆଁ, ଅତର, ରଙ୍ଗ, ପୋଷାକରୁ ସୃଷ୍ଟି ଆଲର୍ଜି ଆଜମାର କାରଣ ସାଜିଥାଏ।

❖ଆଜମା ରୋଗୀର ଶ୍ୱାସ ନଳୀ ସଙ୍କୁଚିତ ହୋଇଯିବା ଫଳରେ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ।

❖ଶ୍ୱାସନଳୀ ସଂକ୍ରମଣ ହୋଇଯିବା ଦ୍ୱାରା ଏଥିରେ ଆକ୍ରାନ୍ତ ବ୍ୟକ୍ତିଙ୍କର ଅବସ୍ଥା ଜଟିଳ ଦିଗକୁ ଗତି କରେ। ସଠିକ ଭାବରେ ଶ୍ୱାସକ୍ରିୟା ନ ହେବା ଦ୍ୱାରା ରୋଗୀ ଧଇଁସଇଁ ହୋଇଯାଏ। ଫଳରେ ତାକୁ କୃତ୍ରିମ ଶ୍ୱାସକ୍ରିୟାରେ ରଖି ଚିକିତ୍ସା କରାଯାଏ।

❖ଆଜ୍‌ମା ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ସଫାସୁତର ପରିବେଶରେ ରହିବା ଦରକାର। କାରଣ ଧୂଳି ସଂସ୍ପର୍ଶରେ ଆସିଲେ ଏହି ରୋଗର ପ୍ରକୋପ ବଢ଼ିଯାଏ।

# କ୍ୟାନସର ଚିହ୍ନଟର ନୂଆ ଉପାୟ



ସମଗ୍ର ବିଶ୍ୱରେ ଚିନ୍ତାର କାରଣ ପାଲଟିଥିବା ପ୍ରମୁଖ କେତୋଟି ରୋଗ ମଧ୍ୟରୁ କ୍ୟାନ୍‌ସର ଅନ୍ୟତମ। ପ୍ରାରମ୍ଭିକ ଅବସ୍ଥାରେ କେତେକ କ୍ୟାନ୍‌ସରକୁ ଚିହ୍ନଟ କରାଯାଇପାରିଲେ ଏଥିରୁ ଆରୋଗ୍ୟ ମିଳି ପାରୁଛି। ନଚେତ୍, ସମୟକ୍ରମେ ଏହା ଜଟିଳ ପରିସ୍ଥିତି ଧାରଣ କରି ଜୀବନନାଶକ ସାଜିଥାଏ। ନିକଟରେ ଅଷ୍ଟ୍ରେଲିଆସ୍ଥିତି ସିଡନୀ ବିଶ୍ୱବିଦ୍ୟାଳୟର କ୍ୟାନସର ବିଜ୍ଞାନୀ କ୍ୟାନ୍‌ସରକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ଖୋଜି ପାଇଛନ୍ତି। ସେମାନେ 'ଡି-୩' ନାମକ ଏକ ଉପକରଣ ପ୍ରସ୍ତୁତ କରିଛନ୍ତି। ଏହାକୁ ଏକ ସ୍ମାର୍ଟ ଫୋନ୍ ସହ ସଂଯୋଗ କଲେ ସ୍ମାର୍ଟଫୋନ୍‌ର କ୍ୟାମେରା ଏବଂ ଉକ୍ତ ଉପକରଣରରେ ସଂଯୁକ୍ତ ଏଲଇଡି ଲାଇଟ୍ ସାହାଯ୍ୟରେ ଶରୀର ଭିତରେ ଥିବା ସେଲ୍ (କୋଷ)ର ଫଟୋ ଉଠାଇ ହେବ। ପରବର୍ତ୍ତୀ ସମୟରେ ଫଟୋରେ ଥିବା କୋଷଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇ କେଉଁ କୋଷ କ୍ୟାନସର ଦ୍ୱାରା ଆକ୍ରାନ୍ତ ତାହା ଠାବ କରିହେବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ପରୀକ୍ଷାମୂଳକ ଭାବରେ ଏହି ଉପକରଣ ସଠିକ ଭାବରେ କାମ କରୁଥିବାର ସିଡନୀ ୟୁନିଭର୍ସିଟିର କ୍ୟାନସର ବିଜ୍ଞାନୀ ଜାଣିପାରିଛନ୍ତି।

# ଅପସ୍ମାର



ଡା. ନିତ୍ୟାନନ୍ଦ ସ୍ୱାଇଁ

**ଆଜି (ପ୍ରତିବର୍ଷ ଫେବୃୟାରୀ ଦ୍ୱିତୀୟ ସୋମବାର) ହେଉଛି ଅନ୍ତର୍ଜାତୀୟ ଅପସ୍ମାର ଦିବସ। ସେ ସମ୍ପର୍କରେ ଉପସ୍ଥାପନା...**

ଅପସ୍ମାର ଏକ ମସ୍ତିଷ୍କ ରୋଗ, ଯାହାକୁ ଡାକ୍ତରୀ ଭାଷାରେ 'ଏପିଲେପ୍‌ସି' କୁହାଯାଏ। 'ମୃଗୀ ରୋଗ' ନାମରେ ଏହା ମଧ୍ୟ ପରିଚିତ। ଅପସ୍ମାର ସମ୍ବନ୍ଧରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ପ୍ରତିବର୍ଷ ଫେବୃୟାରୀ ମାସ ଦ୍ୱିତୀୟ ସୋମବାର ପାଳିତ ହୋଇଥାଏ ଅନ୍ତର୍ଜାତୀୟ ଅପସ୍ମାର ଦିବସ ବା 'ଇଣ୍ଟରନ୍ୟାଶନାଲ ଏପିଲେପ୍‌ସି ଡେ'।

ଯେକୌଣସି ବୟସରେ ଏହି ରୋଗ ଆରମ୍ଭ ହୋଇପାରେ ଓ କାହା କାହାଠାରେ ସାରା ଜୀବନ ରହିଯାଏ। କେତେକଙ୍କ କ୍ଷେତ୍ରରେ ରୋଗଟିର କୌଣସି କାରଣ ନିର୍ଣ୍ଣୟ କରିହୁଏନି। ମାତ୍ର ଅନ୍ୟ କେତେକ ରୋଗୀଙ୍କଠାରେ ମସ୍ତିଷ୍କରେ ଆଘାତ ଲାଗିବା, ଜନ୍ମ ସମୟରେ ଶିଶୁଠାରେ ଅମ୍ଳଜାନର ଅଭାବ ଘଟିବା, ମସ୍ତିଷ୍କରେ ସଂକ୍ରମଣ କିମ୍ବା ଅର୍ବୁଦ ହୋଇଥିବା ଭଳି ସୂଚନା ମିଳିପାରେ। ଅପସ୍ମାରରେ ମସ୍ତିଷ୍କର କୌଣସି ନା କୌଣସି ସ୍ଥାନର ସ୍ନାୟୁକୋଷମାନ ଅସ୍ୱାଭାବିକ ଭାବରେ ସକ୍ରିୟ ତଥା ଉତ୍ତେଜିତ ହୋଇପଡ଼ନ୍ତି। ଏହାର ପ୍ରଭାବରେ କେତେକ ନିର୍ଦ୍ଦିଷ୍ଟ ମାଂସପେଶୀରେ ଅସ୍ୱାଭାବିକ ପ୍ରକାଶନ ବା ପେଶୀ ସଞ୍ଚାଳନ ଜାତ ହୋଇଥାଏ। ତେବେ ମାଂସପେଶୀରେ ସଂଘଟିତ ହେଉଥିବା ଏହି ପେଶୀ ସଞ୍ଚାଳନ ସମ୍ପୂର୍ଣ୍ଣ ଅନୈଚ୍ଛିକ। ଏହା ମସ୍ତିଷ୍କର ନିୟନ୍ତ୍ରଣାଧୀନ ସିନା, କିନ୍ତୁ ରୋଗୀର ଏହା ଉପରେ ଆଦୌ ପ୍ରଭାବ ନ ଥାଏ। ରୋଗୀ ନିଜ ଇଚ୍ଛାରେ ନିଜଠାରେ ବାତମାରିବା ଲକ୍ଷଣ ପ୍ରକାଶ କରିପାରେ ନାହିଁ। ମସ୍ତିଷ୍କସ୍ଥିତ ଅଲଗା ଅଲଗା ଅଞ୍ଚଳରୁ ବୈଦ୍ୟୁତିକ ପ୍ରବାହ ଉତ୍ସରିତ ହୋଇପାରୁଥିବାରୁ ଉକ୍ତ ଅଞ୍ଚଳକୁ ଚାହିଁ ହାତ, ଗୋଡ଼, ପାଦ କିମ୍ବା ଗଣ୍ଡି ଇତ୍ୟାଦି ଶରୀରର ଅଲଗା ଅଲଗା ଅଂଶର ମାଂସପେଶୀରେ ପରିଲକ୍ଷିତ ହୁଏ ପ୍ରକମ୍ପନ। ମସ୍ତିଷ୍କର ଅଧିକାଂଶ ଭାଗ ସମ୍ପୃକ୍ତ ହୋଇପଡ଼ିଲେ ବାତମାରିବା ଲକ୍ଷଣ ସମଗ୍ର ଶରୀରରେ ପ୍ରକାଶ ପାଏ। ଅପସ୍ମାର ଦ୍ୱାରା ଆକ୍ରାନ୍ତ ହେଲେ କାହା କାହାଠାରେ ହଠାତ୍ ବୋକାଙ୍କ ଭଳି ଚାହିଁ ରହିବା, ହଠାତ୍ ଚୁପ୍ ଓ ନିଶ୍ଚଳ ହୋଇଯିବା ଏବଂ ଆଖି ଓ ମୁଖମଣ୍ଡଳରେ ପେଶୀ ବାରମ୍ବାର କମ୍ପିତ ହେବା ଭଳି ସାମାନ୍ୟ ଲକ୍ଷଣ ପ୍ରକାଶ ପାଏ। ଏପରି ଲକ୍ଷଣ ଅଳ୍ପ କେଇ ସେକେଣ୍ଡ ରହି ଚାଲିଯାଏ। ରୋଗୀ ଅଚେତ ହୋଇଯାଏ। ତା'ର ମାଂସପେଶୀଗୁଡ଼ିକ କଠିନ ହୋଇପଡ଼ନ୍ତି। କେହି କେହି ଲୁଗାପଟାରେ ଝାଡ଼ା ପରିସ୍ରା ମଧ୍ୟ କରିପକାନ୍ତି। ଶ୍ୱାସକ୍ରିୟା ବନ୍ଦ ହୋଇଯାଇ ରୋଗୀର ମୁଖମଣ୍ଡଳ ନୀଳ ପଡିଯାଇପାରେ। ଏପରି ଲକ୍ଷଣମାନ ୨ରୁ ୫ ମିନିଟ୍ ପର୍ଯ୍ୟନ୍ତ ରହିବା ପରେ କଠିନ ମାଂସପେଶୀ ଶିଥିଳ ହୋଇ ତା'ର ସ୍ୱାଭାବିକ ଅବସ୍ଥାକୁ ଫେରିଆସେ। ତେବେ ଚେତା ଫେରି ପାଇବା ପରେ ରୋଗୀଠାରେ ମୁଣ୍ଡ ବଥାଇବା, ଖୁବ୍ ନିଦ ମାଡ଼ିବା ଓ ବାଉଳାଚାଉଳା ହେବାଭଳି ଲକ୍ଷଣ ପରିଲକ୍ଷିତ ହୋଇପାରେ। ବାତ ମାରିବା ଆରମ୍ଭର କିଛି ସମୟ ପୂର୍ବରୁ କେହି କେହି ରୋଗୀ କୌଣସି ଗନ୍ଧ ନ ଥାଇ ଗନ୍ଧ, କୌଣସି ଶବ୍ଦ ନ ଥାଇ ମଧ୍ୟ ଅସାଧାରଣ ଶବ୍ଦ, ଜିଭରେ ଏକ ଅସ୍ୱାଭାବିକ ସ୍ୱାଦ କିମ୍ବା ଆଖିରେ ଆଲୋକର ଝଲକ ଅନୁଭବ କରିପାରନ୍ତି, ଯାହାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହାଯାଏ। ଏହି ପ୍ରକାରର କିଛି ଅନୁଭବ କଲେ ରୋଗୀ ତୁରନ୍ତ ନିଜ ପାଇଁ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ଉଚିତ। କାହା କାହା କ୍ଷେତ୍ରରେ ଅପସ୍ମାର ଲକ୍ଷ୍ମଣ ଥରେ ମାତ୍ର ପ୍ରକାଶ ପାଇ ଜୀବନରେ ଆଉ ତା'ର ପୁନରାବୃତ୍ତି ଘଟେନାହିଁ। ଅନ୍ୟ କାହା କ୍ଷେତ୍ରରେ ରୋଗ କିମ୍ବା ରୋଗୀର ଅଚେତ୍ ଅବସ୍ଥାରେ ମଧ୍ୟ ବାରମ୍ବାର ବାତ ମାରିବା କିଛି ଅସମ୍ଭବ ନୁହେଁ।

ଅପସ୍ମାର ରୋଗର ନିର୍ଣ୍ଣୟ ପାଇଁ ଇଲେକ୍‌ଟ୍ରୋଏନ୍‌ସେଫାଲୋଗ୍ରାମ୍ ବା ଇ.ଇ.ଜି., ସିଟି ସ୍କାନ୍ ଓ ଏମ୍‌ଆର୍‌ଆଇ ଇତ୍ୟାଦି ପରୀକ୍ଷା କରିବାକୁ ପଡେ ଏବଂ ସ୍ନାୟୁରୋଗ ବିଶେଷଜ୍ଞଙ୍କ ଚିକିତ୍ସାରେ ରହିବାକୁ ହୁଏ। ନିୟମିତ ଚିକିତ୍ସାରେ ରହିଲେ ଅଧିକାଂଶ ଅପସ୍ମାର ରୋଗୀ ଅପେକ୍ଷାକୃତ ସୁସ୍ଥ ତଥା ସ୍ୱାଭାବିକ ଜୀବନଯାପନ କରିପାରନ୍ତି। ହେଲେ ଡାକ୍ତର ପରାମର୍ଶ ନ ଦେବା ପର୍ଯ୍ୟନ୍ତ ଗାଡ଼ି ଚଳାଇବା, ସନ୍ତରଣ କରିବା ଏବଂ ନିଆଁ କିମ୍ବା ମେଶିନ ଇତ୍ୟାଦି ନିକଟରେ କାମ କରିବା ଆଦୌ ନିରାପଦ ନୁହେଁ। ରୋଗୀକୁ ବାତ ମାରିବାର ଦେଖିଲେ ତା' ନିକଟରୁ ଚଉକି, ଟେବୁଲ ଇତ୍ୟାଦି କଠିନବସ୍ତୁ ହଟେଇ ଦେବା ଉଚିତ। ତା' ମୁଣ୍ଡତଳେ ଅତି ନରମ ପତଳା ତକିଆ ରଖାଯାଇପାରେ। ଏହି ସମୟରେ ରୋଗୀର ହାତଗୋଡ଼କୁ ଜୋର୍‌ରେ ଚାପି ରଖନ୍ତୁ ନାହିଁ। ତାକୁ କଡ଼ମାଡ଼ି ଶୁଆଇ ସେ ପିନ୍ଧିଥିବା ଧୋତି ଓ ପୋଷାକପତ୍ରକୁ ତୁରନ୍ତ ହୁଗୁଳା କରିଦିଅନ୍ତୁ। ବାତମାରିବା ବନ୍ଦ ନ ହେବା ପର୍ଯ୍ୟନ୍ତ ତାକୁ ଏକୁଟିଆ ଛାଡ଼ି ଚାଲିଯିବା ଆଦୌ ନିରାପଦ ନୁହେଁ।




-'ଅଭୀପ୍‌ସା', ସେକ୍ଟର-୬
ପ୍ଲଟ୍ ନଂ-୧୧୩୧, ସିଡିଏ, କଟକ
ମୋ: ୯୪୩୭୭୬୬୧୧୭

## ସ୍ୱାସ୍ଥ୍ୟ ସୂଚନା

■ଯଦି ଓଜନ ବୃଦ୍ଧି ପରି ସମସ୍ୟା ସହ ଜଡିତ ତେବେ ନିୟମିତ ସମୟ ଅନ୍ତରାଳରେ ଓଜନ ମାପି ନିଅନ୍ତୁ। ଏଥିପାଇଁ ଖାଦ୍ୟପେୟ ନିୟନ୍ତ୍ରଣ ସହ କେତୋଟି ବ୍ୟାୟାମ କରିପାରନ୍ତି। ଏ ସମ୍ପର୍କରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।



■ପରିଶ୍ରମ ମୁତାବକ ବିଶ୍ରାମ ନ ନେଲେ ତାହାର ପ୍ରଭାବ ନିଦ୍ରା ଉପରେ ପଡିଥାଏ। ଏପରି କି ଇସମୋନିଆ ପରି ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ତେଣୁ ପ୍ରତିଦିନ ଶୋଇବାର ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ।

■ବେଳେବେଳେ ମନଲୋଭା ଖାଦ୍ୟ ଦେଖିଲେ ତାହାକୁ ଖାଇବାକୁ ମନ ହୋଇଥାଏ। ଏଭଳି ଲୋଭକୁ ନିୟନ୍ତ୍ରଣ କରନ୍ତୁ। କାରଣ ଏଣୁତେଣୁ ଖାଦ୍ୟ ଖାଇଲେ ତାହା ପେଟଜନିତ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।

■ଏକାଥରେ ଗୁଡାଏ ଖାଦ୍ୟ ନ ଖାଇ ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।

■ସବୁବେଳେ ନିଜକୁ ଟେନସନଠାରୁ ଦୂରେଇ ରଖନ୍ତୁ। କାରଣ ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ।



"ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ପରାଜୟ ଦୁଃଖଦାୟକ ହୋଇଥିଲେ ମଧ୍ୟ ଆମକୁ ଅନେକ କିଛି ଶିଖିବାକୁ ମିଳିଛି।
–ରୋହିତ ଶର୍ମା, ଭାରତୀୟ ଦଳର କାମଚଳା ଅଧିନାୟକ



"ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ଦୁଇଟି ମ୍ୟାଚ ଆମକୁ ଅଳ୍ପକେ ହାରିବାକୁ ପଡ଼ିଥିବାରୁ ଆମ ବ୍ୟାଟିଂରେ ସୁଧାର ଆବଶ୍ୟକ।
–ସ୍ମୃତି ମନ୍ଧାନା, ଭାରତୀୟ ମହିଳା କ୍ରିକେଟ ଦଳ ଓପନର

## ସଂକ୍ଷେପରେ

### କାଗଲିଆରି ଖେଳାଳିଙ୍କୁ ଷ୍ଟାଡିୟମ୍‌ରେ ବନ୍ଦ କଲେ କୃଷକ

ରୋମ୍,୧୦।୨(ଏଏଫ୍‌ପି): ଇଟାଲିଆନ କ୍ଲବ କାଗଲିଆରି ଦଳର ଖେଳାଳିମାନେ ମିଲନଠାରେ ଖେଳାଯିବାକୁ ଥିବା ମ୍ୟାଚ୍ ପାଇଁ ଧାର୍ଯ୍ୟ ସମୟ ସୁଦ୍ଧା ଗସ୍ତ କରିବାରେ ବିଫଳ ହୋଇଛନ୍ତି। କାଗଲିଆରି କ୍ଲବର ଖେଳାଳିମାନେ ଆସେମିନେଲୋ ଟ୍ରେନିଂ ଗ୍ରାଉଣ୍ଡରେ ଅଭ୍ୟାସ କରୁଥିବାବେଳେ ଷ୍ଟାଡିୟମ୍‌ର ପ୍ରସ୍ଥାନ ଦ୍ୱାରରେ ସ୍ଥାନୀୟ କୃଷକମାନେ ତାଲା ପକାଇ ଦେଇଥିଲେ। ସେମାନେ ଏହାଦ୍ୱାରା କ୍ଷୀର ଦର ବୃଦ୍ଧିକୁ ବିରୋଧ କରି ୧୦୦ କୃଷକ ପ୍ରତିବାଦ ଜଣାଇଥିଲେ। ଦଳୀୟ କୋଚ୍ ରୋଲାଣ୍ଡୋ ମରାନ ଓ କ୍ଲବ ନିର୍ଦ୍ଦେଶକ ମାରିଓ ପାସେଛି ପ୍ରତିବାଦ କରୁଥିବା କୃଷକଙ୍କ ସହ ଆଲୋଚନା କରିବା ପରେ ଖେଳାଳିଙ୍କ ବସ୍‌କୁ ବିମାନବନ୍ଦର ଯିବାକୁ ଅନୁମତି ମିଳିଥିଲା। ଏଥିନେଇ ସାଡିନଆନ ଜନ୍ମିତ ଖେଳାଳି ନିକୋଲ ବାରେଲ ଓ ବ୍ରାଜିଲ ଦଳର ସାଥୀ ଜାଓ ପେଡ୍ରୋଙ୍କୁ ପ୍ରତିବାଦରେ ସାମିଲ ହେବା ପରେ ଏହା ସମ୍ଭବ ହୋଇଥିଲା। ଉଲ୍ଲେଖଥାଉ କି, କାଗଲିଆରି ଦଳ ସିରି ଏ' ଲିଗ୍‌ର ପଏଣ୍ଟ ଟେବୁଲରେ ୧୫ତମ ସ୍ଥାନରେ ରହିଛି।

### ପ୍ୟାଭିଲିଅନରୁ ଫେରିଲେ ଷ୍ଟୋକ୍ସ

ସେଣ୍ଟ ଲୁସିଆ,୧୦।୨: ଏଠାରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚାଲିଥିବା ୩ୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଇଂଲଣ୍ଡ ଅଲରାଉଣ୍ଡର ବେନ ଷ୍ଟୋକ୍ସ ନୋ ବଲରେ ଆଉଟ୍ ହେବା ପରେ ପ୍ୟାଭିଲିଅନରୁ ଫେରି ପୁଣି ବ୍ୟାଟିଂ କରିଛନ୍ତି। ସେ ୫୨ ରନ୍ କରି ଖେଳୁଥିବାବେଳେ ଅଲଜାରି ଜୋଶେଫଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ସେ ପ୍ୟାଭିଲିଅନ ଫେରି ପ୍ୟାଡ୍ସ ଓହ୍ଲାଇବା ଆରମ୍ଭ କରି ଦେଇଥିଲେ। ମାତ୍ର ଗ୍ରାଉଣ୍ଡରେ ଲାଗିଥିବା ସ୍କ୍ରିନରେ ରିପ୍ଲେ ଦେଖିବା ପରେ ଜୋଶେଫ ନୋ ବଲ ପକାଇଥିବା ଜଣା ପଡ଼ିଥିଲା। ଏଥିଯୋଗୁ ଫିଲ୍ଡ ଅମ୍ପାୟର ଷ୍ଟୋକ୍ସଙ୍କୁ ନଟ୍ ଆଉଟ ଘୋଷିତ କରିବା ସହ କ୍ରିଜ୍‌କୁ ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳକୁ କ୍ରିଜ୍‌କୁ ଆସି ସାରିଥିବା ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋଙ୍କୁ ପ୍ୟାଭିଲିଅନ ଫେରିବାକୁ ପଡ଼ିଥିଲା। ଉଲ୍ଲେଖଥାଉ କି, ୨୦୧୭ ଏପ୍ରିଲ ମାସରେ ଆଇସିସିରେ ଆଗତ ହୋଇଥିବା ନିୟମ ୩୧.୭ ଅନୁଯାୟୀ ଷ୍ଟୋକ୍ସଙ୍କୁ ନଟଆଉଟ୍ ଘୋଷିତ କରାଯାଇଥିଲା। ଏହି ନିୟମ ଫିଲ୍ଡ ଅମ୍ପାୟରଙ୍କୁ ନିଜର ତ୍ରୁଟି ଜାଣିବା ପରେ ନିଷ୍ପତ୍ତିକୁ ଫେରାଇ ନେବାକୁ ଅଧିକାର ଦିଆଯାଇଛି।

### ୱାର୍ନ ରାଜସ୍ଥାନ ରୟାଲ୍ସର ବ୍ରାଣ୍ଡ୍ ଆମ୍ବାସାଡର

**ମୁମ୍ବାଇ, ୧୦।୨ (ପି.ଟି.):** ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ରେ ରାଜସ୍ଥାନ ରୟାଲ୍ସ ଅଷ୍ଟ୍ରେଲୀୟ ସ୍ପିନ କିମ୍ବଦନ୍ତୀ ଶେନ ୱାର୍ନଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର କରିଛି। ୱାର୍ନଙ୍କ ତତ୍ତ୍ୱାବଧାନରେ ରାଜସ୍ଥାନ ରୟାଲ ୨୦୦୮ରେ ପ୍ରଥମ ତଥା ଏକମାତ୍ର ଟାଇଟଲ ହାସଲ କରିଥିଲା। ଅଷ୍ଟ୍ରେଲୀୟ ସ୍ପିନ୍ କିମ୍ବଦନ୍ତୀ ଗତ ସିଜନରେ ଦଳର ମେଣ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ। କିନ୍ତୁ ଏଥର ତାଙ୍କୁ ଦଳ ପାଇଁ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ୱାର୍ନ ୨୦୧୧ ପର୍ଯ୍ୟନ୍ତ ୪ସିଜନ ଧରି ରାଜସ୍ଥାନ ରୟାଲ୍ସର ଅଧିନାୟକ ରହିଥିଲେ। ପରେ ସେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିଲେ।

## ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ

# ଫାଇନାଲ ଲକ୍ଷ୍ୟରେ ଭାରତ

### ନେପାଳ ବିପକ୍ଷ ମୁକାବିଲା ଆଜି

ଭୁବନେଶ୍ୱର,୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଭାରତ ସୋମବାର ନେପାଳକୁ ଭେଟିବ। ପ୍ରଥମ ମ୍ୟାଚ୍‌ରେ ଶନିବାର ଇରାନକୁ ୧–୦ ଗୋଲରେ ପରାସ୍ତ କରି ଭାରତ ଅଭିଯାନ ଆରମ୍ଭ କରିଥିଲା। ଅଞ୍ଜୁ ତମାଙ୍ଗ୍ ୪୮ତମ ମିନିଟରେ ଗୋଲ ଦେଇ ଭାରତକୁ ବିଜୟୀ କରାଇଥିଲେ। ସୋମବାର ନେପାଳକୁ ହରାଇପାରିଲେ ଭାରତ ଏହି ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟର ଫାଇନାଲକୁ ସିଧାସଳଖ ପ୍ରବେଶ କରିବ। ଇରାନକୁ ହରାଇବା ପରେ ଭାରତୀୟ ମହିଳା ଦଳ ଆନ୍ତର୍ଜାତିକ ଫୁଟବଲ୍‌ରେ କ୍ରମାଗତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇ ଅସାଧାରଣ ସଫଳତା ହାସଲ କରିଛି। ଏହାପୂର୍ବରୁ ଭାରତ ଇଣ୍ଡୋନେସିଆ ଓ ହଂକଂକୁ ଦୁଇଟି ଲେଖାଏ ମ୍ୟାଚ୍‌ରେ ହରାଇଥିଲା। ପ୍ରତ୍ୟେକ ମ୍ୟାଚ୍‌କୁ ଆମେ ଜିତିବାକୁ ଚେଷ୍ଟା କରିଥାଉ। ଇରାନ୍ ବିପକ୍ଷରେ ମଧ୍ୟ ଏହା ହୋଇଥିଲା। ତେଣୁ ନେପାଳକୁ ମଧ୍ୟ ଆମେ ହରାଇବାକୁ ସବୁମତେ ଚେଷ୍ଟା କରିବା ସହ ଫାଇନାଲ ଟିକେଟ ହାସଲ କରିବୁ ବୋଲି ଭାରତୀୟ କୋଚ୍ ମେମୋଲ ରକି କହିଛନ୍ତି। ଇରାନକୁ ଅଧିକ ବ୍ୟବଧାନରେ ଭାରତ ହରାଇ ପାରିଥାନ୍ତା। ତେବେ ସଞ୍ଜୁ ଓ ଅଞ୍ଜୁ ଗୋଟିଏ ଲେଖାଏ ସୁବର୍ଣ୍ଣ ସୁଯୋଗ ହରାଇଥିଲେ। ଭାରତ ପ୍ରଥମ ମ୍ୟାଚ୍‌ରେ ଭଲ ଖେଳିଥିଲା ଓ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଏହି ଭଳି ଖେଳିବ। ଭାରତୀୟ ଖେଳାଳିଙ୍କ ନିକଟରେ ଦକ୍ଷତା ଓ ପ୍ରତିଭା ରହିଛି। ଏସିଆର ଅନ୍ୟତମ ଶକ୍ତିଶାଳୀ ଦଳକୁ ଭାରତ ହରାଇଛି। ଫଳରେ ଆମ ଖେଳାଳିଙ୍କ ଆତ୍ମବିଶ୍ୱାସରେ ବୃଦ୍ଧି ଘଟିଛି ବୋଲି ମେମୋଲ କହିଛନ୍ତି।

ଅପରପକ୍ଷରେ ନେପାଳ ତା'ର ପ୍ରଥମ ମ୍ୟାଚ୍‌ରେ ମ୍ୟାନମାରଠାରୁ ୦–୩ ଗୋଲରେ ଶୁକ୍ରବାର ପରାସ୍ତ ହୋଇଥିଲା। ନେପାଳ ମଧ୍ୟ ଏକ ଶକ୍ତିଶାଳୀ ଦଳ। ନେପାଳ ପାଖରେ ଫିନିଶିଂ ସ୍କିଲ ରହିଛି ଖେଳାଳିମାନେ ଦ୍ରୁତ ଖେଳ ପ୍ରଦର୍ଶନ କରିଥାନ୍ତି। ବିଜୟୀ ହେବାକୁ ହେଲେ ଆମକୁ ପୂରା ସାମର୍ଥ୍ୟ ସହ ନୂଆ ତଥା ଭିନ୍ନ ରଣନୀତି ନେଇ ପଡିଆକୁ ଓହ୍ଲାଇବାକୁ ହେବ।



ଭାରତୀୟ ମହିଳା ଫୁଟବଲ ଦଳର ଖେଳାଳି ।

# ଅରୁଣୋଦୟ କ୍ଲବ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଅରୁଣୋଦୟ କ୍ଲବ୍ ।

କଟକ ଅଫିସ,୧୦।୨

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆଦର୍ଶ ଫୁଟବଲ କ୍ଲବ ପକ୍ଷରୁ ଅନୁଷ୍ଠିତ ଦୁଇ ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଅରୁଣୋଦୟ କ୍ଲବ ଚାମ୍ପିୟନ ହୋଇଛି। ମଙ୍ଗଳା କ୍ଲବ ଓ ଅରୁଣୋଦୟ କ୍ଲବ ମଧ୍ୟରେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲଶୂନ୍ୟ ରହିଥିଲା। ପରେ ପେନାଲ୍ଟି କିକ୍‌ର ସହାୟତା ନିଆଯାଇଥିଲେ ମଧ୍ୟ ଉଭୟ ଦଳ ସମାନ ସଂଖ୍ୟକ ଗୋଲସ୍କୋର କରିଥିଲେ। ଏହାପରେ ସଡନ୍‌ଡେଥ୍ ପଦ୍ଧତିରେ ଅରୁଣୋଦୟ କ୍ଲବ ବିଜୟ ହାସଲ କରିଛି। ପ୍ରଥମ ସେମିଫାଇନାଲରେ ଅରୁଣୋଦୟ କ୍ଲବ ୨–୧ ଗୋଲରେ ଗାଲାଣ୍ଟ କ୍ଲବକୁ ଓ ଦ୍ୱିତୀୟ ସେମିଫାଇନାଲରେ ମଙ୍ଗଳା କ୍ଲବ ୧–୦ ଗୋଲରେ ଚାନ୍ଦ୍ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଶିଳ୍ପପତି ସୁଶାନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ପ୍ରଫେସର ପଦନ କୁମାର ଜେନା, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ଓଲିଉଡ ତାରକା ଶ୍ରେୟାନ, ସୂର୍ଯ୍ୟମୟୀ, ନିର୍ଦ୍ଦେଶକ ବସନ୍ତ କୁମାର ସାହୁ, କଟକ ଚାମ୍ବର ଅଫ୍ କମର୍ସ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ୩୧ ହଜାର ଟଙ୍କା ସମେତ ଟ୍ରଫି ଓ ରନର୍ସଅପ୍ ଦଳକୁ ୨୧ ହଜାର ଟଙ୍କା ସମେତ ଟ୍ରଫି ପ୍ରଦାନ କରାଯାଇଥିଲା।

# ହୃଦ୍‌ଘାତରେ ଓଡ଼ିଆ ଖେଳାଳିଙ୍କ ମୃତ୍ୟୁ

କୋଲକାତା, ୧୦।୨ (ପି.ଟି.)

ଏଠାରେ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଖେଳିବାକୁ ଆସିଥିବା ଜଣେ ଓଡ଼ିଆ ଖେଳାଳି ରିତ୍ତିକ୍ ଦାସଙ୍କ ରବିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ରିତ୍ତିକ ହେଉଛନ୍ତି କଟକସ୍ଥିତ ନ୍ୟାଶନାଲ ଲ' ୟୁନିଭର୍ସିଟି ଓଡ଼ିଶାର ଜଣେ ଛାତ୍ର। ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଇଷ୍ଟର୍ନ ସେଣ୍ଟରସ୍ଥିତ ପଡ଼ିଆରେ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ଅପରାହ୍ଣରେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀରକୁ ଭୁବନେଶ୍ୱରସ୍ଥିତ ବାସସ୍ଥାନକୁ ପଠାଇ ଦିଆଯାଇଛି। ରିତ୍ତିକ ଜଣେ ଶ୍ୱାଶ ରୋଗୀ। ହୁଏତ ଏହା ତାଙ୍କର ମୃତ୍ୟୁର କାରଣ ହୋଇପାରେ ବୋଲି କୁହାଯାଉଛି। ରିତ୍ତିକଙ୍କ ପିତା ଜଣେ ଇଣ୍ଡିଆନ ରେଭିନ୍ୟୁ ଅଫିସର। ବର୍ତ୍ତମାନ ସେ ନୂଆଦିଲ୍ଲୀରେ କାର୍ଯ୍ୟରତ। ତାଙ୍କ ମା' ସୁମନା ମହାନ୍ତି ଜଣେ ରେଲୱେ କର୍ମଚାରୀ। ରିତ୍ତିକାଙ୍କ ଜଣେ ସାନ ଭଉଣୀ ଅଛନ୍ତି। ସୂଚନାଯୋଗ୍ୟ, ସାଇ ଇଷ୍ଟର୍ନ ସେଣ୍ଟରରେ ଦୁଇବର୍ଷ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ମୃତ୍ୟୁ ଘଟଣା। ୨୦୧୭ ସେପ୍ଟେମ୍ବରରେ ମଧ୍ୟମଗ୍ରାମରୁ ଆସି ତାଲିମ ନେଉଥିବା ୧୮ ବର୍ଷୀୟ ନିହାରେନ୍ଦୁ ମଲ୍ଲିକଙ୍କ ଟ୍ରେନିଂ ବେଳେ ମୃତ୍ୟୁ ଘଟିଥିଲା।

# ପାକିସ୍ତାନରେ ଖେଳିବାକୁ ରାଜିହେଲାନି ଅଷ୍ଟ୍ରେଲିଆ

କରାଚୀ, ୧୦।୨ (ଏଏଫ୍‌ପି)

ସୁରକ୍ଷା କାରଣରୁ ଅଷ୍ଟ୍ରେଲିଆ କ୍ରିକେଟ ଦଳ ପାକିସ୍ତାନ ଗସ୍ତରେ ଯିବା ଲାଗି ରାଜି ହେଲା ନାହିଁ। ଫଳରେ ପାକିସ୍ତାନ କ୍ରିକେଟ କର୍ତ୍ତୃପକ୍ଷ ଅଷ୍ଟ୍ରେଲିଆ ବିପକ୍ଷ ସମସ୍ତ ୫ଟି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ଲାଗି ବାଧ୍ୟ ହୋଇଛି। ୨୦୦୯ରେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ପରଠାରୁ ଅଷ୍ଟ୍ରେଲିଆ ଏହି ଦେଶରେ ଖେଳିବାକୁ ରାଜି ହେଉ ନାହିଁ। ଅଷ୍ଟ୍ରେଲିଆ ସିନିୟର କ୍ରିକେଟ ଦଳ ଶେଷ ଥର ପାଇଁ ୧୯୯୮ରେ ପାକିସ୍ତାନ ଗସ୍ତ କରିଥିଲା। ପାକିସ୍ତାନ ଗତ ଦୁଇ ବର୍ଷ ହେଲା ପାକିସ୍ତାନ ସୁପର ଲିଗ୍ ଫାଇନାଲ ଆୟୋଜନ କରିଆସୁଛି। ଏହାଛଡ଼ା ବିଶ୍ୱ ଏକାଦଶ, ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ମ୍ୟାଚ ଖେଳି ସାରିଛି। ଚଳିତବର୍ଷ ଜାନୁୟାରୀ ୩୧ରୁ ଫେବୃୟାରୀ ୩ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ମହିଳା ଦଳ କରାଚୀଠାରେ ତିନୋଟି ଅନ୍ତର୍ଜାତୀୟ ଟି୨୦ ଖେଳିଛି। କିନ୍ତୁ ସୁରକ୍ଷା କାରଣରୁ ପାକିସ୍ତାନକୁ ଦଳ ନ ପଠାଇବା ଲାଗି ଅଷ୍ଟ୍ରେଲିଆ ସରକାର ଦେଶର କ୍ରିକେଟ ବୋର୍ଡକୁ ନିର୍ଦ୍ଦେଶ ଦେଇଛି। ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ୫ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ମଧ୍ୟରୁ ପ୍ରଥମ ଦୁଇଟି ମ୍ୟାଚ ମାର୍ଚ୍ଚ ୨୨ ଓ ୨୪ରେ ଶାରଜାଠାରେ ଖେଳାଯିବ।





ଅଲ୍ ଓଡ଼ିଶା ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍ : ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# କ୍ରିଷ୍ଟିକାଙ୍କୁ ଦ୍ୱୈତ ସଫଳତା

### ଅଲ୍ ଓଡ଼ିଶା ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଷ୍ଟେଟ୍ ସେକ୍ରେଟାରିଏଟ୍ ବ୍ୟାଡମିଣ୍ଟନ ଆସୋସିଏଶ୍ (ଓଏସ୍ଏସ୍‌ବିଏ) ଓ ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏଶନ (ଓଏସ୍‌ବିଏ) ଆନୁକୂଲ୍ୟରେ ସ୍ଥାନୀୟ ସହିଦ ନଗରସ୍ଥିତ ଓଡ଼ିଶା ସାଇ ରିଜିଓନାଲ ବ୍ୟାଡମିଣ୍ଟନ ଏକାଡେମୀରେ ଅଲ୍ ଓଡ଼ିଶା ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସୁନ୍ଦରଗଡ଼ର କ୍ରିଷ୍ଟିକା ବିରୋକ ଉଭୟ ମହିଳା ସିଙ୍ଗଲ୍ସ ଓ ମହିଳା ଡବଲ୍ସ ଟାଇଟଲ ଜିତି ଦ୍ୱୈତ ସଫଳତା ହାସଲ କରିଛନ୍ତି। ସିଙ୍ଗଲ୍ସ ଫାଇନାଲରେ କ୍ରିଷ୍ଟିକା ସମ୍ବଲପୁରର ପ୍ରଶଂସା ଦାସଙ୍କୁ ୨୧–୧୫,୨୧–୧୧ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ଡବଲ୍ସରେ କ୍ରିଷ୍ଟିକା ଓ ସୁନ୍ଦରଗଡ଼ର ଆକାଂକ୍ଷା କୁରେ ୨୧–୧୬, ୨୧–୧୧ରେ ନନ୍ଦିନୀ କୁମାରୀ ଓ ଭୁବନେଶ୍ୱରର ଯଶଶ୍ରୀ ସାମଲଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସମ୍ବଲପୁରର ନନ୍ଦୀଶ୍ ପୋଦ୍ଦାର ଅନୁଗୋଳ ଆୟୁଷ ଦାସଙ୍କୁ ୨୧–୧୬, ୧୨–୨୧, ୨୧–୧୨ରେ ହରାଇ ଟାଇଟଲ ଜିତିଛନ୍ତି। ସେହିପରି ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ମୟୂରଭଞ୍ଜର ଆୟୁଷ ପଟ୍ଟନାୟକ ନନ୍ଦୀଶ ପୋଦ୍ଦାରଙ୍କୁ ୧୫–୨୧,୨୧–୧୩, ୨୧–୯ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୭ ବର୍ଷରୁ କମ୍ ବାଳକ ଡବଲ୍ସରେ ସମ୍ବଲପୁରର ଚାୟାଁ ସହରିଆ ଓ ମହମ୍ମଦ ସାହିଲ ଭୁବନେଶ୍ୱରର ଯଶରାଜ ବିଶ୍ୱାଳ ଓ ପ୍ରିୟାଂଶୁ ମହାନ୍ତିଙ୍କୁ ୨୧–୧୯, ୧୪–୨୧ ୨୧–୧୪ରେ ହରାଇ ଟାଇଟଲ ଜିତିଛନ୍ତି। ପୁରୁଷ ଡବଲ୍ସରେ ଭୁବନେଶ୍ୱରର ଜ୍ଞାନଚାନ୍ଦ ଓ ମାନସ ରଞ୍ଜନ ରାଉତରାୟ ୨୧–୧୩, ୨୬– ୨୪ କଟକର ଅଜିତ୍ କୁମାର ମହାନ୍ତି ଓ ପ୍ରମୋଦ କୁମାର ରଣାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି।

ସମ୍ବଲପୁରର ଅନିର୍ବାଣ ସାମନ୍ତ ଓ ହର୍ଷିତା ରାଉତଙ୍କୁ ଟୁର୍ନାମେଣ୍ଟର ଉଦୀୟମାନ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା। ମୋଟ ଉପରେ ୪୩ ହଜାର ଟଙ୍କା ପୁରସ୍କାର ଆକାରରେ ଖେଳାଳିମାନଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଏୟାର ମାର୍ଶାଲ ଜ୍ୟୋତି ନାରାୟଣ ବର୍ମା, ଆସୋସିଏଶନ କାର୍ଯ୍ୟକାରୀ ସଭାପତି ଉମା ଶଙ୍କର ମହାପାତ୍ର, ଓଏସଏସବିଏ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ରାଉତ, ଉପ–ସଭାପତି ବିଶ୍ୱଜିତ୍ ମହାନ୍ତି, ଆସୋସିଏଶନ ମୁଖ୍ୟ ଉପଦେଷ୍ଟା ତଥା ଆୟୋଜକ କମିଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ମହାପାତ୍ର, ଯୁଗ୍ମ ସମ୍ପାଦକ ତପନ କୁମାର ପଟ୍ଟନାୟକ, ଗେମ୍ ଡାଇରେକ୍ଟର ଶଶାଙ୍କ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ବରେଣ ନାଥ ପ୍ରଧାନ ଓ ମୁଖ୍ୟ ରେଫରି ମନୋଜ କୁମାର ସାବତ୍ ଉପସ୍ଥିତ ଥିଲେ।

# ଆଡଭାନୀଙ୍କୁ ୯ମ ଜାତୀୟ ସ୍ନୁକର ଟାଇଟଲ

ଇନ୍ଦୋର, ୧୦।୨ (ପି.ଟି.)

ଭାରତୀୟ କ୍ୟୁଇଷ୍ଟ ପଙ୍କଜ ଆଡ୍‌ଭାନୀ ରବିବାର ଏକ ଏକତରଫା ଫାଇନାଲରେ ଯୁବ ଖେଳାଳି ଲକ୍ଷ୍ମଣ ରାୱତଙ୍କ ବିପକ୍ଷରେ ବିଜୟ ସହ ଆଉ ଏକ ଜାତୀୟ ସ୍ନୁକର ଟାଇଟଲ ହାସଲ କରିଛନ୍ତି। ଏହା ହେଉଛି ତାଙ୍କର ୯ମ ଜାତୀୟ ସ୍ନୁକର ଟାଇଟଲ। ଏଥିସହିତ ଜାତୀୟ ଚାମ୍ପିୟନଶିପ୍‌ରେ ତାଙ୍କ ସ୍ୱର୍ଣ୍ଣ ସଂଖ୍ୟା ୩୨ରେ ପହଞ୍ଚିଛି। ଆଡଭାନୀ ଜୁନିୟର ଖେଳାଳି ହିସାବରେ ସେ ୧୧ ଭାରତୀୟ ଟାଇଟଲ ଏବଂ ସିନିୟର ଭାବେ ସେ ୯ ବିଲିୟାର୍ଡ୍ସ, ୩ ସିକ୍ସ–ରେଡ୍ ସ୍ନୁକର ଏବଂ ବର୍ତ୍ତମାନ ୯ମ ସ୍ନୁକର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପରିସଂଖ୍ୟାନ ଦୃଷ୍ଟିରୁ ଆଡଭାନୀ ବର୍ତ୍ତମାନ ଜଣେ ପୁରୁଷ ଖେଳାଳି ହିସାବରେ ଉଭୟ ସ୍ନୁକର ଓ ବିଲିୟାର୍ଡ୍ସରେ ୨୧ ବିଶ୍ୱ ଟାଇଟଲ ଏବଂ ୨୧ ଜାତୀୟ ଟାଇଟଲ ହାସଲ କରିସାରିଛନ୍ତି।

# ମୋଟେଟ୍ ଜିତିଲେ ଚେନ୍ନାଇ ଓପନ୍ ଏଟିପି ଚ୍ୟାଲେଞ୍ଜର

ଚେନ୍ନାଇ, ୧୦।୨ (ପି.ଟି.)

ଫ୍ରାନ୍ସର ତଥା ଦ୍ୱିତୀୟ ସିଡ୍ କୋରେଣ୍ଟିନ୍ ମୋଟେଟ୍ ଏଠାରେ ଚେନ୍ନାଇ ଓପନ୍ ଏଟିପି ଚ୍ୟାଲେଞ୍ଜର ଟେନିସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ରବିବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲରେ ସେ ଅଷ୍ଟ୍ରେଲିଆର ଆଣ୍ଡ୍ରୁ ହାରିସ୍‌ଙ୍କୁ ୬–୩, ୬–୩ ସେଟ୍‌ରେ ହରାଇ ଦେଇଛନ୍ତି। ମୋଟେଟ୍‌ଙ୍କର ଏହା ହେଉଛି ଦ୍ୱିତୀୟ ଚ୍ୟାଲେଞ୍ଜର ଟାଇଟଲ। ଏଠାରେ ଟାଇଟଲ ବିଜୟୀ ହେବାଦ୍ୱାରା ସେ ୭,୨୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ଏବଂ ୮୦ ଏଟିପି ପଏଣ୍ଟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଆଣ୍ଡ୍ରୁ ୪,୨୪୦ ଆମେରିକୀୟ ଡଲାର ଏବଂ ୪୮ ଏଟିପି ପଏଣ୍ଟ ଅର୍ଜନ କରିଛନ୍ତି।

# ଓଡ଼ିଶା ଭଲିବଲ୍ ରେଫରି ସଂଘର ନୂତନ କର୍ମକର୍ତ୍ତା





ଓଡ଼ିଶା ଭଲିବଲ୍ ରେଫରି ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ଓ ସଦସ୍ୟ ।

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଭଲିବଲ୍ ରେଫରି ସଂଘର ବାର୍ଷିକ ସାଧାରଣ ବୈଠକ ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ସ୍ଥାନୀୟ ସତ୍‌ସଙ୍ଗ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସମସ୍ତ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୨୦୨୨ ପର୍ଯ୍ୟନ୍ତ ରହିବ। ଏହି ବୈଠକରେ ଭଲିବଲ୍ ଖେଳର ଲୋକପ୍ରିୟତା, ପ୍ରଚାର ଓ ପ୍ରସାର ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ୫୩ଜଣ ରେଫରି ସଂଘର ସଦସ୍ୟ ଏହି ବୈଠକରେ ଉପସ୍ଥିତ ରହିଥିଲେ ବୋଲି ଓଡ଼ିଶା ଭଲିବଲ୍ ରେଫରି ସଂଘର ସମ୍ପାଦକ ରାମଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି। ନୂତନ କର୍ମକର୍ତ୍ତା ହେଲେ ଜୟପ୍ରକାଶ ମହାନ୍ତି (ସଭାପତି), ଅଶୋକ କୁମାର ପ୍ରଧାନ (କାର୍ଯ୍ୟକାରୀ ସଭାପତି), ଲକ୍ଷ୍ମୀନାରାୟଣ ମହାନ୍ତି (ଉପସଭାପତି), ରାମଚନ୍ଦ୍ର ସେଠୀ (ସାଧାରଣ ସମ୍ପାଦକ), ନିରଞ୍ଜନ ନାୟକ, କଳାକାର ସାମଲ (ଉଭୟ ସହସମ୍ପାଦକ), ପ୍ରକାଶ ଚନ୍ଦ୍ର ବେହେରା (କୋଷାଧ୍ୟକ୍ଷ), ସୁଜନ କୁମାର ନାୟକ, ବିଶ୍ୱଜିତ୍ ଦାସ, ରଜନୀକାନ୍ତ ମିଶ୍ର, ରମାକାନ୍ତ ପଟ୍ଟନାୟକ ଓ ଆନ୍ନା କେର୍କେଟା (ସମସ୍ତେ କାର୍ଯ୍ୟକାରୀ ପରିଷଦ ସଭ୍ୟ)।

# ପାରାମାଉଣ୍ଟ ଜିତିଲା ମହାବୀର କପ୍

ଭଣ୍ଡାରିପୋଖରୀ, ୧୦।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରିଠାରେ ଅନୁଷ୍ଠିତ ଆନ୍ତଃ ଜିଲା ମହାବୀର କପ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଭଦ୍ରକ ସାଳନ୍ଦୀ କ୍ଲବକୁ ହରାଇ ଭୁବନେଶ୍ୱର ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ସାଳନ୍ଦୀ କ୍ଲବ ଟସ୍ ଜିତି ୨୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ ରନ୍ କରିଥିଲା। ସଞ୍ଜୟ ଜେନା ୩୬ ରନ୍ (୪ ଚୌକା), ଅମିର ଖାଁ ୩୬ ରନ୍ (ଗୋଟିଏ ଛକା ଓ ୪ଟି ଚୌକା) କରିଥିଲେ। ପ୍ରତିପକ୍ଷର ମିଲନ ପରିଡା ୫ ଓଭରରେ ୧୩ ରନ୍ ଦେଇ ୬ ଉଇକେଟ ନେଇଥିଲେ। ୧୨୨ ରନ୍ ପିଛା କରି ପାରାମାଉଣ୍ଟ ୧୭ ଓଭରରେ ୩ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆୟୁଷ ରାଜ ଚୌଧୁରୀ ୩୪ ବଲ୍‌ରେ ୧୦୦ ରନ୍ (୩ ଛକା, ୧୬ ଚୌକା) କରି ଅପରାଜିତ ରହିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍, ମ୍ୟାନ ଅଫ୍ ଦି ସିରିଜ, ବେଷ୍ଟ ବ୍ୟାଟ୍‌ସମ୍ୟାନ ଭାବେ ଆୟୁଷରାଜ ଚୌଧୁରୀ, ବେଷ୍ଟ ବୋଲର ମିଲନ ପରିଡା, ଅମିର ଖାଁଙ୍କୁ ବେଷ୍ଟ ଫିଲ୍ଡର ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜଗନ୍ନାଥ ସ୍ୱାଇଁ, ଗୋଲକ ଚନ୍ଦ୍ର ବେହେରା, ସ୍ଥାନୀୟ ସରପଞ୍ଚ ବଦ୍ରିନାରାୟଣ ରାଉତ, ତପସ୍ୱିନୀ ଜେନା, ଜିଲା କ୍ରୀଡ଼ା ଅଧିକାରୀ ମନୋଜ ଦାସ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ କପ୍ ପ୍ରଦାନ କରିବା ସହ ଅନ୍ୟମାନଙ୍କୁ ପୁରସ୍କୃତ କରିଥିଲେ। କାଳନ୍ଦୀ ପଣ୍ଡା, ଦୁର୍ଗା ପଟ୍ଟନାୟକ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ମାନସ ପଣ୍ଡା, ସିମନ୍ତ ରଥ ସ୍କୋରର, କୈଳାସ ଦ୍ୱିବେଦୀ ରେଫରି ଥିବାବେଳେ ପ୍ରତ୍ୟୁଷ ସାହୁ, ଦିଲୀପ ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ବିଜୟୀ ଦଳ।

### ଆୟୁଷରାଜଙ୍କ ଶତକ



ବର୍ତ୍ତମାନର ଫର୍ମକୁ ଅନୁଧ୍ୟାନ କଲେ ଏଥର ଭାରତ ଓ ଇଂଲଣ୍ଡକୁ ବିଶ୍ୱକପ୍ ଟାଇଟଲ ଫେଭରାଇଟ୍ କୁହାଯାଇପାରେ, କିନ୍ତୁ ଆମ ଦେଶର ମଧ୍ୟ ସମ୍ଭାବନା ରହିଛି।
-ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



ଭାରତ ବିପକ୍ଷ ଟି୨୦ ସଫଳତା ଦ୍ୱାରା ଆମ ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି, ବାଂଲାଦେଶ ବିପକ୍ଷ ଆଗାମୀ ଘରୋଇ ସିରିଜରେ ଭଲ କରିବୁ ବୋଲି ଆଶା।
-କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ

## ସଂକ୍ଷେପରେ

### ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ଡ୍ର'ରେ ଶେଷ

**ୱାୟାନାଡ (କେରଳ), ୧୦।୨ (ପି.ଟି.):** ସ୍ଥାନୀୟ କ୍ରିଷ୍ଣାଗିରି ଷ୍ଟାଡିୟମରେ ଭ୍ରମଣକାରୀ ଇଂଲଣ୍ଡ ଲାୟନ୍ସ ଓ ଭାରତ-ଏ ମଧ୍ୟରେ ଅନୁଷ୍ଠିତ ୪ ଦିନିଆ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଇଂଲଣ୍ଡ ଲାୟନ୍ସ ଏହାର ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋର ୨୦/୦ ରନ୍‌ରୁ ଅନ୍ତିମ ଦିବସ ତଥା ରବିବାର ଖେଳ ଆରମ୍ଭ କରି ୮୩ ଓଭରରେ ୫ ଉଇକେଟ୍ ବିନିମୟରେ ୨୧୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାମ୍ ହେଇନ୍ ୫୭ (୭ ଚୌକା) ଓ ୨୧ ବର୍ଷୀୟ ଯୁବ ବ୍ୟାଟ୍ସମ୍ୟାନ ଓଲି ପୋପ୍ ୬୩ (୧୦ ଚୌକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ତଥା ଉଇକେଟ୍‌କିପର ସାମ୍ ବିଲିଙ୍ଗ ୫, ମାକ୍ସ ହୋଲ୍ଡେନ ୨୯, ବେନ୍ ଡକେଟ୍ ୩୦, ଷ୍ଟିଭେନ୍ ମୁଲାନୀ ୩* ଓ ୱିଲି ଜ୍ୟାକ୍ସ ୧୩* ରନ୍ କରିଥିଲେ। ଘରୋଇ ଭାରତ-ଏ ପକ୍ଷରୁ ଦୁଇ ସ୍ପିନର ଜଲାଜ ସାକ୍ସେନା ଓ ଶାହାବାଜ୍ ନଦୀମ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ଇଂଲଣ୍ଡ-ଏ ଏହାର ପ୍ରଥମ ଇନିଂସରେ ୩୪୦ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହାର ଜବାବରେ ଭାରତ-ଏ ୬ ଉଇକେଟ୍‌ରେ ୫୪୦ ରନର ବିଶାଳ ସ୍କୋର କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଭାରତ ପକ୍ଷରୁ ପ୍ରିୟଙ୍କ ପଞ୍ଚଲଙ୍କ (୨୦୬) ଦ୍ୱିଶତକ ଓ ଉଇକେଟ୍‌କିପର ଶ୍ରୀକର ଭରତଙ୍କ (୧୪୨) ଦମ୍‌ଦାର ଶତକୀୟ ଇନିଂସ ମ୍ୟାଚ୍‌ର ଉଲ୍ଲେଖନୀୟ ଘଟଣା ରହିଥିଲା। ଦ୍ୱିଶତକୀୟ ଇନିଂସ ପାଇଁ ପଞ୍ଚଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଦୁଇ ଦଳ ମଧ୍ୟରେ ଅନ୍ତିମ ତଥା ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ବୁଧବାରଠାରୁ ମହୀଶୂରରେ ଆରମ୍ଭ ହେବ।

### ମହିଳା ହକି: ଭାରତ ଏ' ଦଳ ବିଜୟୀ

**ଗୋରଖପୁର (ଉତ୍ତର ପ୍ରଦେଶ), ୧୦।୨ (ପି.ଟି.):** ଭ୍ରମଣକାରୀ ଫ୍ରାନ୍ସ 'ଏ' ମହିଳା ହକି ଦଳ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ଭାରତ 'ଏ' ୩-୨ ଗୋଲରେ ଜିତି ନେଇଛି। ସ୍ଥାନୀୟ ବୀର ବାହାଦୁର ସିଂ ସ୍ପୋର୍ଟ୍ସ କଲେଜ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ମିକାଏଲା ଲାଲା ୧୪ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଫ୍ରାନ୍ସ 'ଏ'କୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ମାତ୍ର ପରେ ମାରିଆନା କୁଜୁର (୧୯ତମ), ଲାଲ୍‌ରେମସିଆମି (୩୦ତମ) ଓ ମମ୍‌ତାଜ ଖାଁ (୩୪ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ମ୍ୟାଚକୁ ଘରୋଇ ଦଳ ସପକ୍ଷକୁ ନେଇ ଆସିଥିଲେ। ଭ୍ରମଣକାରୀଦଳ ପକ୍ଷରୁ ଗୁସ୍‌ଜେ ଭାନ୍ ବୋଲ୍‌ହୁଇସ୍ (୫୮ତମ) ଶେଷକ୍ୱାର୍ଟରରେ ଏକ ଗୋଲ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ପ୍ରଥମ ମ୍ୟାଚରେ ପରାଜିତ ହୋଇଥିବା ଭାରତ ଏ' ସିରିଜକୁ ୧-୧ ସ୍ତରକୁ ନେଇ ଆସିଛି।

### ଆର୍‌ଏସ୍‌ପିବି ଚାମ୍ପିୟନ

**ଗ୍ୱାଲିୟର,୧୦।୨ (ପି.ଟି.):** ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି) ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ଦଳ ରବିବାର ଅନୁଷ୍ଠିତ ଫାଇନାଲରେ ୩-୨ ଗୋଲରେ ଗତଥରର ଚାମ୍ପିୟନ ପଞ୍ଜାବକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ହରସାହିବ ସିଂ (୩୫ ତମ, ୪୫ ତମ ମିନିଟ) ବ୍ୟକ୍ତିଗତ ଦୁଇଟି ଗୋଲ ସ୍କୋର କରିଥିବାବେଳେ ଦିଲପ୍ରୀତ ସିଂ (୫୭ତମ) ଅନ୍ୟ ଗୋଲଟିକୁ ସ୍କୋର କରିଥିଲେ। ପରାଜିତ ପଞ୍ଜାବ ତରଫରୁ ରୁପିନ୍ଦର ପାଲ୍‌ସିଂ (୨୩ତମ) ଓ ରମଣଦୀପ ସିଂ (୬୦ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ୪-୧ ଗୋଲରେ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କକୁ ହରାଇ ବ୍ରୋଞ୍ଜ ପଦକ ଲାଭ କରିଛି।

### ଏକାମ୍ର କପ୍ ଜିତିଲା ବଡ଼ଗଡ଼ ସ୍ପୋର୍ଟିଂ

**ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କେଶୁରା ଖେଳପଡ଼ିଆରେ ୩ଦିନ ଧରି ଚାଲିଥିବା ଏକାମ୍ର କପ୍ ଟେନ୍-୧୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମେଣ୍ଢାଶାଳକୁ ପରାସ୍ତ କରି ବଡ଼ଗଡ଼ ସ୍ପୋର୍ଟିଂ ଚଳିତ ବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି। ଏହି ୧୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ବଡ଼ଗଡ଼ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ୍ ହରାଇ ୬୩ ରନ କରିଥିଲା। ଜବାବରେ ମେଣ୍ଢାଶାଳ ୬ ଉଇକେଟ୍ ବିନିମୟରେ ୫୫ ରନ୍ ସଂଗ୍ରହ କରି ଟାର୍ଗେଟ୍‌ଠାରୁ ୯ ରନ୍ ଦୂରରେ ରହିଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ବଡ଼ଗଡ଼ ସ୍ପୋର୍ଟିଂକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ରନର୍ସଅପ୍ ମେଣ୍ଢାଶାଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ୪ ରନ୍‌ରେ ହାରିଲା ଭାରତ

# ନ୍ୟୁଜିଲାଣ୍ଡ ୨-୧ରେ ବିଜୟୀ

ହାମିଲଟନ,୧୦।୨(ପି.ଟି.)

ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ଟି୨୦ରେ ନେଇଛି ନ୍ୟୁଜିଲାଣ୍ଡ। ଭାରତଠାରୁ ଦିନିକିଆ ସିରିଜରେ ୪-୧ରେ ହାରିବା ପରେ ନ୍ୟୁଜିଲାଣ୍ଡ ଟି୨୦ ସିରିଜକୁ ୨-୧ରେ ହାତେଇ ନେଇଛି। ଫଳରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତ ଅତ୍ୟନ୍ତ ସଫଳ ହୋଇଥିଲେ ମଧ୍ୟ ଶେଷରେ ପରାଜୟ ସହ ଭାରତକୁ ସ୍ୱଦେଶ ଫେରିବାକୁ ପଡ଼ିଛି। ରବିବାର ସ୍ଥାନୀୟ ସେଡନ ପାର୍କରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତ ମାତ୍ର ୪ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ଓପନର କଲିନ୍ ମୁନରୋଙ୍କ ଧୂଆଁଧାର ୭୨ ରନର ଅର୍ଦ୍ଧଶତକୀୟ ପାଳି (୪୦ ବଲ, ୫ ଚୌକା, ୫ ଛକା) ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଭାରତୀୟ ବୋଲର ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇ ନ ଥିଲେ। ଫଳରେ ନ୍ୟୁଜିଲାଣ୍ଡ ବଡ଼ ସ୍କୋର ହାସଲ କରିଥିଲା। ଜବାବରେ ଭାରତ ଜବରଦସ୍ତ ଲଢେଇ କରିଥିଲେ ମଧ୍ୟ ୪ ଉଇକେଟ ହରାଇ ୨୦୮ ରନରେ ସୀମିତ ରହି ବିଜୟଠାରୁ ୫ ରନ ଦୂରରେ ରହିଯାଇଥିଲା। ବିଜୟୀ ହୋଇଥିଲେ ନ୍ୟୁଜିଲାଣ୍ଡ ମାଟିରେ ପ୍ରଥମ ଟି୨୦ ସିରିଜ ଜିତି ଭାରତ ଇତିହାସ ସୃଷ୍ଟି କରିଥାନ୍ତା। ଧୂଆଁଧାର ମ୍ୟାଚ୍ ବିଜୟୀ ଇନିଂସ ପାଇଁ ମୁନରୋଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଛି। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଅନ୍ୟତମ ନ୍ୟୁଜିଲାଣ୍ଡ ଓପନର ଟିମ୍ ସେଇଫର୍ଟ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।



ଟ୍ରଫି ସହ ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳର ଖେଳାଳିମାନେ ।

୨୧୩ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତ ପାଇଁ ଅନ୍ତିମ ଓଭରରେ ଅଭିଜ୍ଞ ସାଉଦିଙ୍କ ୬ ବଲରୁ ବିଜୟ ପାଇଁ ୧୬ ରନ ଆବଶ୍ୟକ ହେଉଥିବା ବେଳେ ଦୀନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ଯୋଡ଼ି ୧୨ ରନ ସଂଗ୍ରହ କରିଥିଲେ। ଅନ୍ତିମ ବଲ୍‌ରେ ଛକା ମାରିଥିଲେ ମଧ୍ୟ ଦ୍ୱିତୀୟ ଓ ତୃତୀୟ ବଲ୍‌ରେ କାର୍ତ୍ତିକ ରନ ନେଇ ପାରି ନ ଥିଲେ ଓ ଶେଷରେ ଏହା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଭାରତ ପ୍ରଥମେ ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ହରାଇଥିଲା। ୪ ରନ କରିଥିବା ବେଳେ ଧାୱନ ମିଚେଲ ସାଣ୍ଟନରଙ୍କ ଫୁଲ୍ ଲେଛ ବଲ୍‌କୁ ସୁଇପ୍ କରିବାକୁ ଯାଇ ମିଡ୍ ଉଇକେଟରେ ଡାରେଲ ମିଚେଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦ୍ୱିତୀୟ ଉଇକେଟ ଯୋଡିରେ ଅଧିନାୟକ ରୋହିତ ଶର୍ମା ଓ ଅଲରାଉଣ୍ଡର ବିଜୟ ଶଙ୍କର ୪୬ ବଲରୁ ୭୫ ରନ କରି ସ୍ଥିତି ସମ୍ଭାଳିଥିଲେ। ତେବେ ଶଙ୍କର ୨୮ ବଲରୁ ୫ ଚୌକା ଓ ୨ ଛକା ସହ ୪୩ ରନ କରିଥିବା ବେଳେ ସାଣ୍ଟନରଙ୍କ ଅଫ୍ ସାଇଡ ବଲକୁ ସୁଇପ୍ କରିଥିଲେ ଓ ଡିପ୍ ସ୍କୋୟାରରେ କଲିନ୍ ଡି ଗ୍ରାଣ୍ଡହୋମଙ୍କ ହାତରେ ଧରା ପଡି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୨ ବଲରୁ ୧ ଚୌକା ଓ ୩ ଛକା ସହ ୨୮ ରନ କରି ଜମିଆସୁଥିବା ବେଳେ ବ୍ଲେୟାର ଟିକନରଙ୍କ ଫୁଲଟସ୍ ବଲକୁ ମାରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବଲ ବ୍ୟାଟର ଏଜ୍ ନେଇଥିଲା। ଫଳରେ ସେ ମିଡଉଇକେଟ୍‌ରେ ୱିଲିୟମସନଙ୍କ ହାତରେ ଧରାପଡିଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୧୧ ବଲରୁ ୧ ଚୌକା ଓ ୨ ଛକା ସହ ୨୧ ରନ କରି ସ୍କଟ କୁଗେଲେଜିନ୍‌ଙ୍କ ବଲ୍‌ରେ ମିଡ୍ ଅଫ୍‌ରେ କେନ୍ ୱିଲିୟମସନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୨ ରନ କରି ଡାରେଲ ମିଚେଲଙ୍କ ବଲ୍‌ରେ ଟିମ୍ ସାଉଦିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସପ୍ତମ ଉଇକେଟ ଯୋଡିରେ ଦିନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ୨୮ଟି ବଲରୁ ଅପରାଜିତ ୬୩ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ସାଣ୍ଟନର ଓ ମିଚେଲ ୨ଟି ଲେଖାଏ, କୁଗେଲେଜିନ୍ ଓ ଟିକନର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ତରଫରୁ ମୁନରୋଙ୍କ ଦ୍ରୁତ ୭୨ ରନକୁ ବାଦ୍ ଦେଲେ ଅନ୍ୟତମ ଓପନର ସେଇଫର୍ଟ ୨୫ ବଲରୁ ୩ ଚୌକା ଓ ୩ ଛକା ସହ ୪୩ ରନ କରିଥିଲେ। ଓପନିଂ ଯୋଡିରେ ଦୁଇ ଓପନର ୮୦ ରନ କରିଥିଲେ। ୱିଲିୟମସନ ୨୧ ବଲରୁ ୨୭, ଗ୍ରାଣ୍ଡହୋମ ୧୬ ବଲରୁ ୩ ଚୌକା ଓ ୧ ଛକା ସହ ୩୦ ରନ କରି ଆଉଟ ହୋଇଥିଲେ। ଡାରେଲ ମିଚେଲ ୧୧ ବଲରୁ ୧୯, ଟେଲର ୭ ବଲରୁ ୧୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ କୁଲଦୀପ ଯାଦବ ୨, ଭୁବନେଶ୍ୱର କୁମାର ଓ ଖଲିଲ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୧୨/୪ (ମୁନରୋ- ୭୨, ସେଇଫର୍ଟ- ୪୩, ଗ୍ରାଣ୍ଡହୋମ- ୩୦, ୱିଲିୟମସନ- ୨୭, କୁଲଦୀପ- ୨/୨୬)।

ଭାରତ ୨୦ ଓଭରରେ ୨୦୮/୬ (ଶଙ୍କର- ୪୩, ରୋହିତ- ୩୮, ପନ୍ତ- ୨୮, ହାର୍ଦ୍ଦିକ- ୨୧, କାର୍ତ୍ତିକ- ୩୩*, କ୍ରୁନାଲ- ୨୬*, ସାଣ୍ଟନର- ୨/୩୨, ମିଚେଲ- ୨/୨୭)।

### ଧୋନୀ ପ୍ରଥମ ଭାରତୀୟ କ୍ରିକେଟର

ନୂଆଦିଲ୍ଲୀ,୧୦।୨

ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରବିବାର ନିଜ କ୍ୟାରିୟରରେ ଆଉ ଏକ ସଫଳତା ପାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଟି୨୦ ମ୍ୟାଚ୍ ଖେଳି ସେ ଦେଶର ପ୍ରଥମ କ୍ରିକେଟର ଭାବେ ୩୦୦ ଟି୨୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ମୋଟ ଉପରେ ୩୦୦ରୁ ଊର୍ଦ୍ଧ୍ୱ ଟି୨୦ ମ୍ୟାଚ୍ ଖେଳିଥିବା କ୍ରିକେଟରଙ୍କ ତାଲିକାରେ ଧୋନୀ ଦ୍ୱାଦଶ ସ୍ଥାନରେ ରହିଛନ୍ତି।



ଭେଟେରାନ ଉଇକେଟକିପର ଧୋନୀଙ୍କ ସହ ଇଂଲଣ୍ଡର ଅଲ୍‌ରାଉଣ୍ଡର ଲ୍ୟୁକ ରାଇଟ୍ ମିଳିତ ଭାବେ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଧୋନୀ ଟି୨୦ କ୍ୟାରିୟରରେ ଏପର୍ଯ୍ୟନ୍ତ ୩୮.୩୫ ହାରରେ ୬୧୩୬ ରନ୍ କରିଛନ୍ତି। ଏଥିରେ ୨୪ଟି ଅର୍ଦ୍ଧଶତକ ରହିଛି। ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ଧୋନୀଙ୍କ ପଛକୁ ରୋହିତ ଶର୍ମା (୨୯୮) ଓ ସୁରେଶ ରାଇନା (୨୯୬) ରହିଛନ୍ତି। ସୂଚନାଯୋଗ୍ୟ, ସର୍ବାଧିକ ୪୪୬ ଟି୨୦ ମ୍ୟାଚ୍ ଖେଳି ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର କିରନ ପୋଲାର୍ଡ ଶୀର୍ଷରେ ରହିଛନ୍ତି।

## ୩ ବର୍ଷ ପରେ ଜାତୀୟ ଦଳକୁ ଫେରିଲେ କଳ୍ପନା

ନୂଆଦିଲ୍ଲୀ,୧୦।୨

ଆଗାମୀ ଇଂଲଣ୍ଡ ଗସ୍ତ ଲାଗି ରବିବାର ଭାରତୀୟ ମହିଳା କ୍ରିକେଟ ଦଳ ଘୋଷିତ ହୋଇଯାଇଛି। ଏହି ଦଳରେ ରବି କଳ୍ପନା ସ୍ଥାନ ପାଇଛନ୍ତି। ଦୀର୍ଘ ୩ ବର୍ଷର ବ୍ୟବଧାନ ପରେ ସେ ଜାତୀୟ ଦଳରେ ସାମିଲ ହୋଇଛନ୍ତି। ୨୦୧୫ରେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ଉଇକେଟକିପର ବ୍ୟାଟ୍ସୱମ୍ୟାନ କଳ୍ପନା ଅନ୍ତିମଥର ଲାଗି ୨୦୧୬ ଫେବୃୟାରୀରେ ଖେଳିଥିଲେ। ତାଙ୍କୁ ଦାୟାଲାନ ହେମଲତାଙ୍କ ବଦଳ ଖେଳାଳି ଭାବେ ଦଳରେ ସ୍ଥାନ ମିଳିଛି। ହେମଲତା ନ୍ୟୁଜିଲାଣ୍ଡ ବିପକ୍ଷ ୨ୟ ଟି୨୦ ମ୍ୟାଚ୍‌ରେ ଆହତ ହୋଇଥିଲେ। ତାଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡଠାରେ ଖେଳୁଥିବା ଦଳରେ କୌଣସି ପରିବର୍ତ୍ତନ ହୋଇନାହିଁ। ଇଂଲଣ୍ଡ ଦଳ ଭାରତ ଗସ୍ତରେ ଆସି ୩ ଦିନିକିଆ ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ ୱାଙ୍ଖେଡେ ଷ୍ଟାଡିୟମ୍‌ଠାରେ ଚଳିତ ମାସ ୨୨, ୨୩ ଓ ୨୮ ତାରିଖରେ ଖେଳାଯିବ। ଏହି ସିରିଜ ଆଇସିସି ମହିଳା ଚାମ୍ପିୟନଶିପ୍‌ର ଅଂଶବିଶେଷ। ଦିନିକିଆ ସିରିଜ୍ ଭଳି ଗୁଆହାଟୀଠାରେ ଉଭୟ ଦଳ ମଧ୍ୟରେ ୩ଟି ଟି୨୦ ମ୍ୟାଚ୍ ଅନୁଷ୍ଠିତ ହେବ।

ଭାରତୀୟ ମହିଳା ଦଳ: ମିଥାଲି ରାଜ(ଅଧିନାୟିକା), ଝୁଲଣ ଗୋସ୍ୱାମୀ, ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗୁଏଜ, ହରମନପ୍ରୀତ୍ କୌର, ଦୀପ୍ତି ଶର୍ମା, ତାନିୟା ଭାଟିଆ ଓ ଆର. କଳ୍ପନା(ଉଇକେଟକିପର), ମୋନା ମେଶ୍ରମ, ଏକ୍ତା ବିଷ୍ଟ, ରାଜେଶ୍ୱରୀ ଗାଏକ୍ୱାଡ୍, ପୁନମ ଯାଦବ, ଶିଖା ପଣ୍ଡେ, ମାନସୀ ଯୋଶୀ ଓ ପୁନମ୍ ରାଉତ।

## ମହିଳା ଟି୨୦ରେ ନ୍ୟୁଜିଲାଣ୍ଡର କ୍ଲିନ ସୁଇପ୍

ହାମିଲଟନ,୧୦।୨

ସ୍ଥାନୀୟ ସେଡନ ପାର୍କଠାରେ ଖେଳାଯାଇଥିବା ଭାରତୀୟ ଦଳ ବିପକ୍ଷ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ଦଳ ୨ ରନ୍‌ରେ ଜିତି ନେଇଛି। ଏହି ବିଜୟ ସହ ଘରୋଇ ନ୍ୟୁଜିଲାଣ୍ଡ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ କ୍ଲିନ ସୁଇପ ହାସଲ କରିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୬୨ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ଭାରତୀୟ ଦଳ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୧୫୯ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଘରୋଇ ଦଳ ସୋଫି ଡେଭିନଙ୍କ ୭୨ ରନ୍‌ର ଇନିଂସ ବଳରେ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୧୬୧ ରନ୍ କରିଥିଲା। ଦଳ ପାଇଁ ଅଧିନାୟିକା ଆମି ସାଟ୍ଟରଥୱେଟ ୩୧ ଓ ସୁଜି ବାଟେ ୨୪ ରନ୍ କରିଥିଲେ। ଭ୍ରମଣକାରୀ ବୋଲରଙ୍କ ମଧ୍ୟରେ ଦୀପ୍ତି ଶର୍ମା ୨ ଉଇକେଟ ନେଇଥିଲେ। ଜବାବରେ ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ୮୬ ରନ୍ ଇନିଂସ ସତ୍ତ୍ୱେ ଭାରତ ବିଜୟ ଲକ୍ଷ୍ୟଠାରୁ ୩ ରନ୍ ପଛରେ ରହିଯାଇଥିଲା। ମନ୍ଧାନା ୬୨ ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୧ ଛକା ଲଗାଇଥିଲେ। ଜେମିମା ରୋଡ୍ରିଗୁଏଜ ୨୧, ମିଥାଲି ରାଜ ୨୪ ଓ ଦୀପ୍ତି ଶର୍ମା ୨୧ ରନ କରିଥିଲେ। ବିଜୟୀ ଦଳର ଡେଭିନ ୨ ଉଇକେଟ ନେଇଥିଲେ।



ଭାରତକୁ ୩-୦ରେ ପରାସ୍ତ କରିଥିବା ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍ ଟିମ୍ ।

## ଦୃଷ୍ଟିହୀନ ନାଗେଶ ଟ୍ରଫି କ୍ରିକେଟ: ଓଡ଼ିଶା ଚାମ୍ପିୟନ



ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଟିମ୍‌ର ଖେଳାଳି ଟ୍ରଫି ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର,୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

କୋଲକାତାରେ ଚାଲିଥିବା ଦୃଷ୍ଟିହୀନ ନାଗେଶ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଟାଇଟଲ ହାସଲ କରିଛି। ରବିବାର ସ୍ଥାନୀୟ ଇଡେନ ଗାର୍ଡେନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୧୪ ରନରେ ଆନ୍ଧ୍ରପ୍ରଦେଶକୁ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଜବାବରେ ଆନ୍ଧ୍ରପ୍ରଦେଶ ୫ ଉଇକେଟ ହରାଇ ୧୯୧ ରନ କରି ପରାସ୍ତ ହେବା ସହ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ବି ୩ ଓ ବି୧ କାଟାଗୋରୀରେ ଓଡ଼ିଶାର ପଙ୍କଜ ଭୁଏ ଓ ଜାଫର ଇକ୍‌ବାଲ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ସେହିପରି ଆନ୍ଧ୍ରର ଅଜୟ ରେଡ୍ଡୀ ବି୨ କାଟାଗୋରୀରେ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ପଙ୍କଜ ସେମିଫାଇନାଲ ଓ ଫାଇନାଲ ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚାମ୍ପିୟନ ଓଡ଼ିଶା ଟ୍ରଫି ସହ ଆସୋସିଏଶନ ଅଫ୍ ବ୍ଲାଇଣ୍ଡ ଇନ୍ ଇଣ୍ଡିଆଠାରୁ ଏକ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଛି। ଶନିବାର ଭାରତ ସେମିଫାଇନାଲରେ ଝାଡଖଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଓଡ଼ିଶା ଏହି ଟୁର୍ଣ୍ଣାମେଣ୍ଟରେ ଗ୍ରୁପ୍ ଡି'ରେ ସାମିଲ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ଉପରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଗୋଆ, ରାଜସ୍ଥାନ, ପଣ୍ଡିଚେରୀ ଓ ପଞ୍ଜାବକୁ ହରାଇଥିଲା। ତେବେ ଓଡ଼ିଶା ଏକମାତ୍ର ମ୍ୟାଚ୍ କର୍ଣ୍ଣାଟକଠାରୁ ପରାସ୍ତ ହୋଇଥିଲା। ଫଳରେ ଗ୍ରୁପ୍ ଡି'ର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଗତ୨୫ ତାରିଖରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ହରିୟାଣାକୁ ପରାସ୍ତ କରି ତୃତୀୟ ଦଳ ଭାବେ ସେମିରେ ପ୍ରବେଶ କରିଥିଲା। ଚତୁର୍ଥଥର ପାଇଁ ଓଡ଼ିଶା ଏହି ଜାତୀୟସ୍ତର ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ୨୦୧୬ରେ ଓଡ଼ିଶା ଗୁଜରାଟକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା।

ଦଳର ମୁଖ୍ୟ ଉପଦେଷ୍ଟା ପ୍ରକାଶ ରଥ, ସମ୍ପାଦକ ସନ୍ନ୍ୟାସ ବେହେରା, ମହିଳା ଟିମ୍ କୋଚ୍ ଅର୍ପିତା ମହାପାତ୍ର, ଉପ- ସଭାପତି ଅଶୋକ କୁମାର ସାହୁ ଓ ବି.ଆର.ଏମ.ଏ.ଏସ.ଏଚ୍.ଏ. ଉପ- ସଭାପତି ପ୍ରଦୀପ୍ତ ରଥ ଚାମ୍ପିୟନ ଓଡ଼ିଶା ଦଳକୁ ଅଭିନନ୍ଦନ ତଥା ଶୁଭେଚ୍ଛା ଜଣାଇଛନ୍ତି।

## ଅଜିତ୍ ୱାଡେକର ଟ୍ରଫି ଜିତିଲା ଓଡ଼ିଶା

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଅଜିତ୍ ୱାଡେକର ମେମୋରିଆଲ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଟିମ୍ ଚାମ୍ପିୟନ ହୋଇଛି। ରବିବାର ସ୍ଥାନୀୟ ପାରାମାଉଣ୍ଟ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଖେଳାଯାଇଥିବା ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୨୧ ରନରେ ପ୍ରତିପକ୍ଷ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ୍ ହରାଇ ୧୪୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବଳରାମ ବସ୍ତିଆ ୨୯ ବଲରୁ ୧୦ ଚୌକା ଓ ୨ ଛକା ସହାୟତାରେ ୬୨ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ସାହୁ ୩୨, ଲଳିତ ସେନାପତି ୧୯ ରନ କରିଥିଲେ। ଝାଡ଼ଖଣ୍ଡ ପକ୍ଷରୁ ବବନ ସିଂ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଝାଡ଼ଖଣ୍ଡ ବବୁଲ ଗୋପେ (୩୨), ଅମିତ୍ କୁମାର (୨୧) ଓ ବବନଙ୍କ (୨୧) ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍‌ରେ ୧୨୦ ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ପକ୍ଷରୁ ମହମ୍ମଦ ସୋହେଲ ଖାଁ ୨ଟି ଏବଂ ଉଦିତ୍ ଅକ୍ଷୟ, ବଳରାମ ପଣ୍ଡା ଓ ସୁରେନ୍ଦ୍ର ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଡେପୁଟି କମିଶନର ଅନୁପ କୁମାର ସାହୁ, ପ୍ରତାପ ଜେନା ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।



ଅଜିତ୍ ୱାଡେକର ଟ୍ରଫି ଚାମ୍ପିୟନ ଓଡ଼ିଶା ଦଳ ।



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉନ୍ନତର ଜୀବନ ମିଳେ
- ଗୌତମବୁଦ୍ଧ

# ନିର୍ବାଚନୀ ସଜବାଜ: ଭୋଟରମୁହାଁ ନେତା

**ଝାରସୁଗୁଡ଼ା ଅଫିସ,୧୦।୨**

ସାଧାରଣ ନିର୍ବାଚନ ପାଖେଇ ଆସିଲାଣି। ହାତରେ ଆଉ ଖୁବ୍ କମ୍ ଦିନ ରହିଛି। ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ଆକୃଷ୍ଟ କରିବା ଏବଂ ପାଖରେ ବାନ୍ଧି ରଖିବା ପାଇଁ ନେତାଙ୍କ ପ୍ରୟାସ ଆରମ୍ଭ ହୋଇଛି। ସବୁ ରାଜନୈତିକ ଦଳର ଆଶାୟୀମାନେ ଭୋଟରଙ୍କ ନିକଟତର ହେବାରେ ଲାଗିଛନ୍ତି। ସେଥିପାଇଁ ଆପଣାଉଛନ୍ତି ଭିନ୍ନ ଭିନ୍ନ ପନ୍ଥା। କିଏ କ୍ରିକେଟ ଓ ଫୁଟବଲ ଟୁର୍ନାମେଣ୍ଟ କରି ଯୁବ ଭୋଟରଙ୍କୁ ଆକୃଷ୍ଟ କରୁଛନ୍ତି ତ ଆଉ କିଏ ସମ୍ବର୍ଦ୍ଧନା ସଭା ଓ ଦଳୀୟ ସଭା ଆୟୋଜନ କରି ଭୋଟରଙ୍କ ନିକଟତର ହେଉଛନ୍ତି। ସେଥିପାଇଁ ଗାଁ ଗାଁରେ ଆରମ୍ଭ ହୋଇଯାଇଛି ନିର୍ବାଚନୀ ଭୋଜିଭାତର ଆସର। ଭାଜପା, ବିଜେଡି ଓ କଂଗ୍ରେସ କିଏ ବି ପଛରେ ପଡ଼ିବାକୁ ଚାହୁଁନାହାନ୍ତି। ଏହି ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି ୨୦୧୯ ନିର୍ବାଚନର ଟିକେଟ ଆଶାୟୀ। ଖୁବ୍‌ଶୀଘ୍ର ଟିକେଟ ଘୋଷଣା ହେବାକୁ ଥିବାବେଳେ ଆଶାୟୀମାନେ ଲୋକଙ୍କ ନିକଟତର ହୋଇ ଦଳର ଉପର ମହଲର ଦୃଷ୍ଟି ଆକର୍ଷଣ କରି ଟିକେଟ ନିଶ୍ଚିତ କରିବା ପ୍ରୟାସ ଜାରି ରଖିଛନ୍ତି।

ଝାରସୁଗୁଡ଼ା ଜିଲାରେ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଗତ ନିର୍ବାଚନରେ ଜିଲାରେ ଶାସକ ବିଜେଡି ଖାତା ଖୋଲିପାରି ନ ଥିଲା। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀକୁ କଂଗ୍ରେସ ଏବଂ ବ୍ରଜରାଜନଗର ନିର୍ବାଚନମଣ୍ଡଳୀକୁ ଭାଜପା ଅକ୍ତିଆର କରିଥିଲା। କଂଗ୍ରେସ ଟିକେଟରୁ ବିଜୟୀ ହୋଇଥିବା ନବ କିଶୋର ଦାସ କିଛିଦିନ ପୂର୍ବରୁ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି ଏବଂ ଅବଧି ଶେଷହେବା ପୂର୍ବରୁ ବିଧାୟକ ପଦରୁ ଇସ୍ତଫା ମଧ୍ୟ ଦେଇଛନ୍ତି। ୨୦୧୯ ନିର୍ବାଚନ ବିଜେଡି ଟିକେଟରେ ଲଢ଼ିବା ପାଇଁ ସେ ଆଶାବାଦୀ ଅଛନ୍ତି। ସେଥିପାଇଁ ଗତ କିଛିଦିନ ହେବ ଝାରସୁଗୁଡ଼ା, ଲଇକେରା, କୋଲାବିରା, କିର୍ମିରା ବ୍ଲକ ସମେତ ଝାରସୁଗୁଡ଼ା ସହରାଞ୍ଚଳରେ ବିଜେଡି କର୍ମୀଙ୍କୁ ନେଇ ସଭା ସମିତି ଆରମ୍ଭ କରି ଦେଇଛନ୍ତି ସେ। ଗତ ପଞ୍ଚାୟତ ନିର୍ବାଚନରେ ରାଜ୍ୟରେ କଂଗ୍ରେସ ବିପର୍ଯ୍ୟୟର ସାମ୍ନା କରିଥିବାବେଳେ ଝାରସୁଗୁଡ଼ାରେ ଓଲଟା ଫଳ ଫଳିଥିଲା। ଜିଲାର ସମସ୍ତ ବ୍ଲକ ଅଧ୍ୟକ୍ଷ ପଦକୁ କଂଗ୍ରେସ ଅକ୍ତିଆର କରିଥିଲା। ସେହିପରି ମୋଟ ୯ଟି ଜିଲା ପରିଷଦ ଜୋନରୁ ୮ଟି କଂଗ୍ରେସ ଦଖଲ କରିଥିଲା। ନବଙ୍କ ଦଳ ପରିବର୍ତ୍ତନ ପରେ ଜିଲାର ରାଜନୈତିକ ସମୀକରଣ ସମ୍ପୂର୍ଣ୍ଣ ବଦଳିଯାଇଛି। ନିର୍ବାଚିତ ପ୍ରତିନିଧିମାନେ ନବଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ତେବେ ପାରମ୍ପରିକ କଂଗ୍ରେସ ଭୋଟର ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେଣୁ ନବ ନିର୍ବାଚନର ବହୁ ପୂର୍ବରୁ ଗୋଟିଚାଳନା ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷରେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ଏବଂ ଭାଜପାର ପ୍ରାର୍ଥୀ କିଏ ହେବ ତାହା ଏଯାଏ ଅନ୍ଧାରରେ ରହିଛି। ସେଥିପାଇଁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ସଙ୍ଗଠନକୁ ନେଇ ଭୋଟରଙ୍କ ପାଖରେ ପହଞ୍ଚିବା ସହ ଟିକେଟ ପାଇଁ ହାଇକମାଣ୍ଡଙ୍କ ପାଖରେ ଲବି ଆରମ୍ଭ କରିଛନ୍ତି।

ଜିଲାର ଅନ୍ୟତମ ନିର୍ବାଚନମଣ୍ଡଳୀ ବ୍ରଜରାଜନଗରରେ ଅଧିକାଂଶ ନିର୍ବାଚନରେ ସରକାର ବିପକ୍ଷରେ ଜନମତ ସୃଷ୍ଟି ହେଉଥିବା ନଜିର ରହିଛି। ପୂର୍ବ ନିର୍ବାଚନରେ ଏଠାରେ ଭାଜପାର ରାଧାରାଣୀ ପଣ୍ଡା ବିଜେଡି ପ୍ରାର୍ଥୀ ଅନୁପ କୁମାର ସାଏଙ୍କୁ ପରାଜିତ କରି ପ୍ରଥମଥର ପାଇଁ ବିଧାୟିକା ହୋଇଥିଲେ। ଇତିମଧ୍ୟରେ ୫ ବର୍ଷ ବିତିବାକୁ ବସିଛି। ୨୦୧୯ ନିର୍ବାଚନ ଘୋଷଣାକୁ ଆଉ କିଛିଦିନ ବାକି ଥିବାବେଳେ ଗତ ମାସେ ହେବ ପଣ୍ଡା ନିଜ ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁକୁ ଘନ ଘନ ଗସ୍ତକରି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରୁଛନ୍ତି। ସମାନ୍ତରାଳ ଭାବେ ସଭାସମିତି କରି କେନ୍ଦ୍ରର ଜନହିତକର ଯୋଜନାର ପ୍ରଚାରପ୍ରସାର କରି ଆଗାମୀ ନିର୍ବାଚନ ବୈତରଣୀ ପାର୍ ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସମାନ ଭାବେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ଏବଂ ବିଜେଡିର ଟିକେଟ ଆଶାୟୀମାନେ ମଧ୍ୟ ସକ୍ରିୟ ହୋଇଉଠିଛନ୍ତି। ଏହି ନିର୍ବାଚନମଣ୍ଡଳୀରୁ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ପ୍ରସନ୍ନ ପଣ୍ଡା ୬ଥର ବିଧାୟକ ହୋଇଥିଲେ। ତେଣୁ ଏହି ନିର୍ବାଚନମଣ୍ଡଳୀରେ ଭାଜପା, ବିଜେଡି, କଂଗ୍ରେସ ସହ କମ୍ୟୁନିଷ୍ଟ ଦଳ ମଧ୍ୟରେ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୀତି ସମୀକ୍ଷକ ଆକଳନ କରିଛନ୍ତି।

## ସଂକ୍ଷେପରେ

### ସରସ୍ୱତୀ ପୂଜାରେ ବିଦ୍ୟାଳୟ ଉତ୍ସବମୁଖର

କୋଲାବିରା,୧୦।୨(ଡି.ଏନ୍.ଏ.)
କୋଲାବିରା ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ, ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ରବିବାର ପାରମ୍ପରିକ ରୀତିନୀତିରେ ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ପୂଜା ସମ୍ପନ୍ନ ହୋଇଛି। ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଛାତ୍ରୀଛାତ୍ରମାନେ ପୁଷ୍ପାଞ୍ଜଳି ଅର୍ପଣ କରି ଆଶୀର୍ବାଦ ଲଭିଥିଲେ। ଶିଶୁମାନେ ପ୍ରାଥମିକ ଶିକ୍ଷା ଅଧ୍ୟୟନ ପାଇଁ ମା'ଙ୍କ ନିକଟରେ ଖଡ଼ିଛୁଇଁ ବିଦ୍ୟାରମ୍ଭ କରିଥିଲେ। ଏହି ଅବସରରେ ରବିବାର ସାହ୍ଲେପାଲି, ସନ୍ୟାସୀପାଲି, କେଲଡ଼ା ଆଦି ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା ଅନୁଷ୍ଠିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଭୂତବଙ୍ଗଳା ଛକରୁ ଚୋରି

ବ୍ରଜରାଜନଗର,୧୦।୨(ଡି.ଏନ୍.ଏ.)
ଓରିଏଣ୍ଟ ଥାନା ଅନ୍ତର୍ଗତ ଭୂତବଙ୍ଗଳା ଛକରେ ରହୁଥିବା ବିଷ୍ଣୁ ଦାସଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ବିଷ୍ଣୁ ତାଙ୍କ ନିଜ ଘର ଅନୁଗୋଳରେ ଝିଅ ବାହାଘରରେ ବ୍ୟସ୍ତ ଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଭୂତବଙ୍ଗଳା ଛକ ଘରୁ ଚୋରି କରି ନେଇଛନ୍ତି। ଘଟଣା ଦିନ ରାତିରେ ବିଷ୍ଣୁଙ୍କ ଘରେ ତାଙ୍କର ଦୁଇଜଣ ସମ୍ପର୍କୀୟ ଶୋଇଥିଲେ। ଘରର ସମ୍ମୁଖ ଭାଗ ତାଲା ଖୋଲାଯାଇ ଚୋରି ହୋଇଥିବା ଜଣାପଡ଼ିଛି। ତେବେ ବିଷ୍ଣୁ ଫେରିବା ପରେ ସମସ୍ତ ଘଟଣା ଜଣାପଡ଼ିବ ବୋଲି ସମ୍ପର୍କୀୟମାନେ ପ୍ରକାଶ କରିଛନ୍ତି। ଏଠାରେ ପୋଲିସ ପାଟ୍ରୋଲିଂ ହେଉ ନ ଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।

### ଜୁଆ ଚଢ଼ାଉ, ୫ ଗିରଫ

ଝାରସୁଗୁଡ଼ା ଅଫିସ,୧୦।୨:
ରବିବାର ରାତି ୯ଟାରେ ଝାରସୁଗୁଡ଼ା ସହରାଞ୍ଚଳରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଟାଉନଥାନା ପୋଲିସ ଚଢ଼ାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ୧ ଲକ୍ଷ ୨୬ ହଜାର ୯ ଶହ ଟଙ୍କା ସହ କେତେକ ମୋବାଇଲ, ତାସ ପତା ଆଦି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ସହରର ପ୍ରତିଷ୍ଠିତ ବ୍ୟବସାୟୀ ବୋଲି ଜଣାପଡ଼ିଛି।

## ଜୋନ୍‌ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

**ଲଖନପୁର,୧୦।୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତେଲେନପାଲି ପଞ୍ଚାୟତ ସାପ୍ତାହିକ ବଜାର ପ୍ରାଙ୍ଗଣରେ ରବିବାର ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ୩ନଂ ଜୋନ୍ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ୧୦ ପଞ୍ଚାୟତର ଶତାଧିକ କର୍ମୀ ଯୋଗଦେଇ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ମତାମତ ଦେଇଥିଲେ। ଆଗକୁ ନିର୍ବାଚନ ଆସୁଛି। ଏହାକୁ ଦୃଷ୍ଟିରେ ରଖି କର୍ମୀ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଜରୁରୀ। ଦଳର ନୀତି ଆଦର୍ଶକୁ ପାଥେୟ କରି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଏଥିରେ ପ୍ରସନ୍ନ ପ୍ରଧାନ, ଟିକେଶ୍ୱର ସେନାପତି, ଜନାର୍ଦ୍ଦନ ଷଣ୍ଢ, ସୀମାଞ୍ଚଳ ବିଶୋଇ, ଅଶ୍ୱିନୀ ପ୍ରଧାନ, କିଶୋର ଖରସେଲ୍, ରଘୁମଣି ପ୍ରଧାନ, ରଞ୍ଜନ ଭୋଇ, ବସନ୍ତ ପାଢ଼ୀ, ଜନ୍ମେଜୟ ପ୍ରଧାନ, ବିଶାଖା ମାଝି, ପଦ୍ମିନୀ ସିଂ, ସୁରେଖା ଖମାରୀ, ମନବୋଧ ପ୍ରଧାନ, ମଙ୍ଗଳା ଲାକ୍ରା, ମନୋରଞ୍ଜନ ମିଶ୍ର, କିରଣ ପ୍ରଧାନ, ଈଶ୍ୱର କଉଡ଼ି, ଘନଶ୍ୟାମ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ନେତା ଓ କର୍ମୀମାନେ।

## ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

**ପୁରୀ ଅଫିସ, ୧୦।୨:**

ମହାପ୍ରଭୁଙ୍କ ବେଣ୍ଟ ନୀତି ରବିବାର ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଠାକୁରଙ୍କ ଚାଚେରୀ ବେଶ ଓ ଭୋଗ ପରେ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ବେଣ୍ଟ (ଶିକାର) ନୀତି ନିମନ୍ତେ ବିମାନରେ ବିଜେ ହୋଇଥିଲେ। ବିମାନବଡୁମାନେ ବିମାନରେ ଠାକୁରାଣୀ ଠାକୁରଙ୍କୁ ବିଜେ କରାଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ଯାଇଥିଲେ। ସେଠାରେ ମହାଜନ ସେବକ ଦେବୀଦେବଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦପନା ପରେ ଶ୍ରୀଦେବୀ, ଭୁଦେବୀ ଓ ଦୋଳଗୋବିନ୍ଦ ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀ କୂଳକୁ ବିଜେ କରିଥିଲେ। ଭିତରଚ୍ଛ ତୀର କମାଣ ଶ୍ରୀଅଙ୍ଗରେ ଲାଗି ଦେବା ପରେ ଦଳବେହେରା (ଲେଙ୍କା) ସେବକ ପଇଡ଼ରେ ବେଣ୍ଟ ବିନ୍ଧିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କର ଏହା ଏକ ରାଜକୀୟ ଲୀଳାର ପରିପ୍ରକାଶ।





ବାର୍ଷିକୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ସାହ୍ଲେପାଲି ୟୁପି ସ୍କୁଲର ବାର୍ଷିକୋତ୍ସବ

**କୋଲାବିରା,୧୦।୨(ଡି.ଏନ୍.ଏ.)**

କୋଲାବିରା ବ୍ଲକ ଅନ୍ତର୍ଗତ ସାହ୍ଲେପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଏବିଇଓ ଛତ୍ରକୁମାର ପଟେଲ ମୁଖ୍ୟଅତିଥି, କୋଲାବିରା ସରପଞ୍ଚ କୁମୁଦିନୀ ମହାପାତ୍ର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସନ୍ତୋଷ କିଷାନ, ଚେତାନନ୍ଦ ପଟେଲ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଗୋରେଖ ଜୟପୁରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶୃଙ୍ଖଳିତ ଆଚରଣ ଉପରେ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନ ଶିକ୍ଷକ ଟଙ୍କଧର କୁଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରମାନେ ନୃତ୍ୟ, ଗୀତ, ନାଟକ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସମୀର ଭୂଷଣ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଲକ୍ଷ୍ମଣ ପଧାନ, ଗୁରୁଚରଣ ମହାନନ୍ଦିଆ, ବାବୁଲାଲ ପଧାନ, ଶିକ୍ଷୟିତ୍ରୀ ସସ୍ମିତା ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ। ସରସ୍ୱତୀ ପୂଜା ଅବସରରେ ପାଳିତ ଏହି ବାର୍ଷିକୋତ୍ସବରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୩୪ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟରେ କାର୍ଯ୍ୟ କରିଥିବା ସମସ୍ତ ପ୍ରଧାନ ଶିକ୍ଷକ ଏବଂ ପରିଚାଳନା କମିଟି ଅଧ୍ୟକ୍ଷଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରାମବାସୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ପ୍ରଧାନ ଶିକ୍ଷକ କୁଆଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ୩ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ଲଖନପୁର,୧୦।୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ୩ନଂ ଜୋନ୍‌ରେ ରବିବାର ୩ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ। ଏମ୍‌ସିଏଲ୍ ସିଏସ୍‌ଆର୍ ପାଣ୍ଠିରୁ ୪ଲକ୍ଷ ୭୫ହଜାର ଟଙ୍କା ବ୍ୟୟରେ ଦଲଗାଁ ରୋହିଦାସପଡ଼ାରେ ନିର୍ମିତ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଛି। ସେହିଭଳି ଆମ ଗାଁ ଆମ ବିକାଶ ପାଣ୍ଠିରୁ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୁଶ୍ରାଲୋଇ ପଞ୍ଚାୟତ ଅଢ଼ାପଡ଼ା ଗ୍ରାମ ରାମଚଣ୍ଡୀ ମନ୍ଦିର ପରିସରରେ ବୈଠକ ଘର ଓ ଅଢ଼ାପଡ଼ା ପାପ୍‌ପଡ଼ାରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବୈଠକ ଘର ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଅଧ୍ୟକ୍ଷା ପ୍ରଧାନ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିଳାନ୍ୟାସ ଓ ଉଦ୍‌ଘାଟନ ଉତ୍ସବରେ ଦଲଗାଁ ସମିତିସଭ୍ୟା ସାବିତ୍ରୀ ଧୁରୁଆ, ବସନ୍ତ ପାଢ଼ୀ, ପ୍ରସନ୍ନ ପ୍ରଧାନ, ରଞ୍ଜନ ଭୋଇ, ରଘୁମଣି ପ୍ରଧାନ, ଉପେନ୍ଦ୍ର ଭୋଇ, କୃଷ୍ଣଚନ୍ଦ୍ର ପ୍ରଧାନ, ଗଜପତି ପ୍ରଧାନ, ସନତ ପ୍ରଧାନ, ବିଶ୍ୱନାଥ ଭୋଇ, ବିନୋଦ ରାଉତ, ରାଜୁ ଭୋଇ, କଲ୍ୟାଣୀ ସା, ତିଳୋତ୍ତମା ପ୍ରଧାନ, ବିଳାସିନୀ ପ୍ରଧାନ, ଗୀତା ଭୋଇ, ଭୀଷ୍ମ ରୋହିଦାସ, ସହଦେବ ରୋହିଦାସ ପ୍ରମୁଖ ଯୋଗଦେଇଥିଲେ।



ଅଢ଼ାପଡ଼ା ଗ୍ରାମର ଏକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ।

## ଝଗଡ଼ା ନେଲା ଜୀବନ

**ଭଦ୍ରକ ଅଫିସ, ୧୦।୨**

ସାମାନ୍ୟ ଝଗଡ଼ାରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଦୁଇ ଭଉଣୀ ଆତ୍ମହତ୍ୟା ଭଳି ପନ୍ଥା ଆପଣେଇ ନେବା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଥିରେ ସାନ ଭଉଣୀର ମୃତ୍ୟୁ ହୋଇଥିବା ବେଳେ ବଡ଼ ଭଉଣୀ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ହଠାତ୍ ଏଭଳି ପରିସ୍ଥିତିକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଘଟଣା ଘଟିଛି ବଣିଆ ପଞ୍ଚାୟତ କ୍ଷୀରସାହିରେ। ରବିବାର ଅପରାହ୍ନରେ କ୍ଷୀରସାହିର ଲକ୍ଷ୍ମୀଧର ଦାଶ ସଂକୀର୍ତ୍ତନ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ତାଙ୍କ ସ୍ତ୍ରୀ ବାପଘରକୁ ଯାଇଥିଲେ। ଏହି ସମୟରେ ଘରେ ଥିବା ତାଙ୍କର ୨ ଝିଅ ସୁନାଓ ରୂପାଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ରୁପା ଉତ୍ତ୍ୟକ୍ତ ହୋଇ ଘରେ ଫ୍ୟାନରେ ରଶି ଲଗାଇ ଝୁଲି ପଡ଼ିଥିଲେ। ସୁନା ମଧ ଅନ୍ୟ ଏକ ଘରେ ବିଷ ପିଇ ଦେଇଥିଲେ। ସ୍ଥାନୀୟ ଲୋକେ ଖବର ପାଇ ୨ ଭଉଣୀଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ରୂପାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ଭଉଣୀ ସୁନାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ପାଣି, ରୋଗୀ ହନ୍ତସନ୍ତ

**କୋଲାବିରା,୧୦।୨(ଡି.ଏନ୍.ଏ.)**

କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଭାଡ଼ିମାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ପାଇଁ ରୋଗୀ ଏବଂ ସେମାନଙ୍କ ପରିଜନ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଝିଲ୍ଲାପାଲି ପଞ୍ଚାୟତ ଭାଡ଼ିମାଲସ୍ଥିତ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଅବ୍ୟବସ୍ଥା ଲାଗି ରହିଥିବା ୱାର୍ଡସଭ୍ୟ ନବ କୁମାର ପଟେଲ ଅଭିଯୋଗ କରିଛନ୍ତି। ରବିବାର ସକାଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ରୋଗୀମାନେ ପାଣି ଟୋପାଏ ପାଇଁ ଉହଳବିକଳ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା କୌଣସି ଟ୍ୟାପ୍‌ରୁ ପାଣି ବାହାରୁ ନ ଥିବାରୁ ଲୋକେ ନିକଟସ୍ଥ ନଳକୂପକୁ ଆଶ୍ରା କରିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଥିବା ୱାର୍ଡସଭ୍ୟ ପଟେଲଙ୍କ ସମେତ ବିରଞ୍ଚି କିଷାନ, ଶଙ୍କର ମହାନନ୍ଦି ଏବଂ କୁମତୀ ସୂତାର ପ୍ରମୁଖ ଏ ସମ୍ପର୍କରେ ଡାକ୍ତରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ କହିବାନୁଯାୟୀ ଓଭର ହେଡ୍ ଟାଙ୍କିରେ ପାଣି ରହୁଥିଲେ ମଧ୍ୟ ତ୍ରୁଟିପୂର୍ଣ୍ଣ ଏବଂ ଅସମ୍ପୂର୍ଣ୍ଣ ପାଇପ୍ ସଂଯୋଗ ଯୋଗୁ ଟ୍ୟାପ୍‌ରୁ ପାଣି ଆସୁନାହିଁ। ଏ ସମ୍ପର୍କରେ ମତାମତ ପାଇଁ ଡାକ୍ତର ନିକିତା ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କିଛି କହି ନ ଥିଲେ। ତେବେ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ପି.ସି. ଦଳାଇଙ୍କୁ ପଚାରିବାରୁ ସେ କହିଲେ, ସମସ୍ତ ଟ୍ୟାପ୍ ଏବଂ ପାଣି ଯୋଗାଣ ଠିକ୍ ଭାବରେ ଚାଲିଛି। ସେଠାରେ ପାଣିକୁ ନେଇ କୌଣସି ଅସୁବିଧା ନାହିଁ ବୋଲି ଡାକ୍ତର ଦଳାଇ କହିଛନ୍ତି।





ଭାଡ଼ିମାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।


OFFICE OF THE CHILD DEVELOPMENT PROJECT OFFICER, BADAMBA

**QUOTATION CALL NOTICE**

Sealed tenders are invited from valid registered vender for supply of Anganwadi items. Quotations must reach to the undersigned on or before 19.02.2019. For details visit Website **www.cuttack.nic.in.**

**Sd./- Child Dev. Project Officer, Badamba**

**TENDER CALL NOTICE**

**No.105** **Date.08.02.2019**

Regulated Market Committee, Digapahandi invites tender in online mode from the approved Contractors of appropriate Class for the Work "Development of Infrastructure & Allied Works in Different Market Yard under RMC, Digapahandi" Detailed Tender Notice along with conditions contract and notice inviting tender may be seen and downloaded from the website **www.tenderodisha.gov.in** from 17.00 hours of 09.02.2019 to 17.00 hours of 26.02.2019 and the opening of tender would be 11.00 hours on 27.02.2019.

**Sd./-**
**Sub- Collector, Berhampur-cum-Chairman, RMC, Digapahandi**

OFFICE OF THE PANCHAYAT SAMITI, CHITRAKONDA

**No. 492/ III-32/2019** **Dated 07.02.2019**

**TENDER CALL NOTICE**

The Block Development Officer, Chitrakonda invites sealed tenders on behalf of Governor, Odisha as per annexure from registered and eligible Firms/ Suppliers of Odisha State P.W.D. (R&B)/ C.P.W.D/ Water Resources/ Rural Works/ M.I. having authorized dealership in agreement in F-2 contract forms of Govt. of Odisha. The details of commodities given below. The tenderer has to submit the sealed tender paper in complete shape with details i.e. (1) EPM Regd. Certificate, (2) EM-II, (3) DIC PMT, (4) GSTIN Certificate, (5) VAT Clearance, (6) PAN Card, (7) GSTIN Certificate, (8) Drawing & Specification through Registered Post/Speed Post addressing to this official Postal address i.e. **Block Develpment Officer, Chitrakonda, At/PO: Chitrakonda, Dist: Malkangiri, Pin No: 764052.** The last date of receipt of tender paper is 22.02.2019 upto 1.00 PM. The undersigned will not be responsible for postal delay if any or non-receipt of the papers in time. The date of opening of the tender paper is 22.02.2019 at 3.00 PM.

| Sl. No. | Name of the Block | Name of the Commodities | Tender value in Rs. | Cost of article | Size of article |
|---|---|---|---|---|---|
| 1 | Chitra-konda | Supply of 60 Nos. double decker bed | Rs. 5,66,000/- | 60 Nos. Rs. 9300/- each | Size 80" (Length) x 34" (width) x 60" (Height) Bed frame- 75" (Length) x 33" (Width) Bed- 19 mm thick plywood ISI Marked Size- 72" (Length) x 30" (Width) |

**NB:-** The details terms and condition of this tenders will be available in this Panchayat Samiti office during working hour.

**Sd./- Block Development Officer, Chitrakonda**

ରେଳ ବିକାଶ ନିଗମ ଲିମଟେଡ୍
"ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ"
"ସର୍ବସାଧାରଣ ବିଜ୍ଞପ୍ତି"

ସମ୍ବଲପୁର ଏବଂ ୱାଲଟିଅର ଡିଭିଜନ, ପୂର୍ବତଟ ରେଳପଥର ନିମ୍ନଲିଖିତ ୩ୟ ଲାଇନ୍‌ର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନର ରେଳ ଧାରଣା ଏବଂ ପରିସରର ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ନିମ୍ନଦର୍ଶିତ ସେକ୍ସନ ନିକଟରେ ପ୍ରଦାନ କରାଯାଇଥିବା ତାରିଖ ପରଠାରୁ ୨୫୦୦୦ ଭୋଲ୍ଟ, ଏସି ଓଭରହେଡ୍ ଟ୍ରାକ୍ସନ୍ ଓ୍ୱାୟରଗୁଡିକୁ ଶକ୍ତି ପ୍ରଦାନ କରାଯିବ । ଏହି ତାରିଖଠାରୁ ସେହି ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟ ପାଇଁ ଜିବନ୍ତ ଭାବେ ବିବେଚିତ କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ପରିସରରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| ସାଇଜ୍ ସେକ୍ସନ | ତାରିଖ |
|---|---|
| ଟିଟିଲାଗଡ଼ (ବହିର୍ଭୂତ) - ଜିମିଡ଼ିପେଟା (ଅନ୍ତର୍ଭୁକ୍ତ) ୩ୟ ଲାଇନ୍ କିମି ୨୦୨.ସିଏଚ୍.୬୮୬ରୁ କିମି ୩୫୭ ସିଏଚ୍.୨୬୮ | ୧ ମାର୍ଚ୍ଚ ୨୦୧୯ |

ମହାପ୍ରବନ୍ଧକ (ଇଲେକ୍ଟ୍ରିକାଲ),
ରେଳ ବିକାଶ ନିଗମ ଲିମିଟେଡ୍, ୱାଲ୍‌ଟିଅର

idco ODISHA NEW OPPORTUNITIES
Your power to grow
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD, IDCO MSME-I BHUBANESWAR
Tender Call Notice No. 168 Dated :- 07.02.2019

**SHORT TENDER CALL NOTICE**

| | |
|---|---|
| Name of the Work | : Repair, Maintenance and Improvement of Balance Drain at Industrial Estate, Rasulgarh, Bhubaneswar. |
| Estimated Cost of the Work | : Rs.829012.00 (inlcuding 12%GST) |
| Period of Completion | : One Month |
| EMD Amount | : Rs. 8,290.00 |
| Cost of Bid Document | : Rs.4000.00+GST@18% |
| Date of Availability of Tender Paper | : Dt: 12.02.2019 to Dt: 14.02.2019 |
| Last Date of Submission of Tender | : Dt: 16.02.2019 up 15.00 hours |
| Date of Opening of Tender | : Dt: 16.02.2019 at 16.00 hours |
| Procurement Officer | : Divisional Head, MSME-I, IDCO, Bhubaneswar |

Further details of tender call notice can be seen in the IDCO Website **www.idco.in** or Contact Dy. Manager(Civil), Sri Sachikanta Sahoo, Telephone No.: 7978693320(M).

Sd/-
Divisional Head, MSME-I, IDCO, Bhubaneswar

idco ODISHA NEW OPPORTUNITIES
Your power to grow
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR.
RFP Call Notice No. IDCO/H.O./P&C/EST/E-960/01/2018/2596 Dated :- 08.02.2019

**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Procurement of PVC-O (Oriented PVC) pipes.
2. Completion Period : 09 (Nine) Calendar Months
3. Other details :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar -751022 | Bid ID. No. PC-EST-E- 78 / 2018-19 | 14.02.2019 at 16.00 hrs. | 01.03.2019 upto 17.00 hrs. |

**Further details can be seen from the e-Procurement Portal. www.tendersodisha.gov.in.** Corrigendum or addendum if any will not be published in news papers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in.**

**Sd/-**
**Chief General Manager (P&C) I/C**
**IDCO, Bhubaneswar**



ଖଡ଼ିଆଳ ଗଡ଼ଜାତ ଅଞ୍ଚଳର ରାଜଧାନୀ ଥିଲା କୋମନାଗଡ଼। ୧୮୨୦ ମସିହାରେ ତତ୍କାଳୀନ ରାଜା ରତନ ସିଂ କୋମନାଗଡ଼ ବଦଳରେ ଖଡ଼ିଆଳକୁ କରିଥିଲେ ରାଜଧାନୀ। ସେହି ଦିନଠାରୁ ଖଡ଼ିଆଳ ରାଜଧାନୀର ମାନ୍ୟତା ପାଇଲା। ଖଡ଼ିଆଳ ଗଡ଼ଜାତ ସ୍ଥାପନ ହେବା ଦିନଠାରୁ ଲୋକକଳା, ସାହିତ୍ୟ ଓ ସଂସ୍କୃତି ଏକ ଭିନ୍ନ ରୂପରେ ପରିଚୟ ସୃଷ୍ଟି କରିଛି। ଖଡ଼ିଆଳର ଇତିହାସ ଯେତିକି ମହାନ୍, ଲୋକକଳା, ସାହିତ୍ୟ ଓ ସଂସ୍କୃତି ମଧ୍ୟ ସେତିକି ପୁରାତନ। ଖଡିଆଳର ଭାବାର୍ଥ କରିବାକୁ ଯାଇ ଗୁଣୀମାନେ କୁହନ୍ତି, ଖଡିର ଅର୍ଥ ବିଦ୍ୟା ଓ ଆଳର ଅର୍ଥ ଭଣ୍ଡାର। ଖଡିଆଳ ହେଉଛି ବିଦ୍ୟାର ଭଣ୍ଡାର। ନିଜକୁ ବଳିଷ୍ଠ ସାଧକର ପରିଚୟ ଦେଉଥିବା ତତ୍କାଳୀନ ରାଜା ବ୍ରଜରାଜ ସିଂଦେଓଙ୍କ ଉଦ୍ଦେଶ୍ୟରେ ୧୮୮୩ ମସିହାରେ ସ୍ଥାପିତ ହୋଇଥିଲା ଖଡିଆଳ ସାହିତ୍ୟ ସମିତି। ରାଜ୍ୟର ଅନ୍ୟତମ ସର୍ବପୁରାତନ ସାହିତ୍ୟ ସମିତି ରୂପେ ପରିଚିତ ଏହି ସାରସ୍ୱତ ସଂଗଠନ ସ୍ୱାଧୀନତା ପୂର୍ବରୁ ରାଜାଙ୍କ ପୃଷ୍ଠପୋଷକତାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସେହିପରି ନାଟ୍ୟ ଆନ୍ଦୋଳନର ମଧ୍ୟ ଅୟମାରମ୍ଭ ହୋଇଥିଲା ଏହି ସମୟରେ। ତତ୍କାଳୀନ ରାଜା ବୀର ବିକ୍ରମ ସିଂଦେଓଙ୍କ ଦ୍ୱାରା ୧୮୯୫ରେ ସ୍ଥାପିତ ହୋଇଥିଲା ସ୍ଥାୟୀ ରଙ୍ଗମଞ୍ଚ ବୀର ବିକ୍ରମ ଥିଏଟର। କୁହାଯାଏ, ଏହାଥିଲା ଓଡିଶାର ପ୍ରଥମ ସ୍ଥାୟୀ ରଙ୍ଗମଞ୍ଚ। ଏହି ରଙ୍ଗମଞ୍ଚରେ ଓଡିଆ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ଇଂରାଜୀ ଓ କୋଶଲି ଭାଷାରେ ଅନେକ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ଅନ୍ୟ ରାଜ୍ୟର କଳାକାରମାନେ ମଧ୍ୟ ସାମିଲ ହୋଇ କଳା ପ୍ରତିଭାର ପରିଚୟ ଦେଇଥିଲେ। ସ୍ୱାଧୀନତା ପୂର୍ବରୁ ଖଡିଆଳ ରାଜ୍ୟ ସେଣ୍ଟ୍ରାଲ ପ୍ରୋଭିନ୍ସରେ ହିନ୍ଦୀ ଭାଷାର ବହୁଳ ପ୍ରଚଳନ ହୋଇ ଆସୁଥିଲା। ତା' ସତ୍ତ୍ୱେ ଓଡ଼ିଆ ଭାଷାରେ ସାହିତ୍ୟିକମାନେ ସାହିତ୍ୟ ରଚନା କରି ଆସୁଥିଲେ। ଏପରିକି ତତ୍କାଳୀନ ରାଜା ବ୍ରଜରାଜ ସିଂଦେଓ ୧୮୮୯ରେ ପୁରୀକୁ ଜଗନ୍ନାଥ ଦର୍ଶନ କରିବାକୁ ଯାଇଥିଲେ। ସେହି ସମୟରେ ପୁରୀରେ ପ୍ରସିଦ୍ଧ ଚନ୍ଦନ ଯାତ୍ରା ହେଉଥିଲା। ସେହି ଯାତ୍ରା ଦେଖିବା ପରେ ଖଡିଆଳରେ ବି ଆରମ୍ଭ କରିଥିଲେ ଚନ୍ଦନ ଯାତ୍ରା। ରାଜ ଦରବାର ହଲ କଡରେ ଥିବା ନିଳଜୀବନ୍ଧ କୂଳରେ ଚନ୍ଦନ ଯାତ୍ରା ଆୟୋଜନ କରିଥିଲେ। ଏବେବି ତାହାର ଭଗ୍ନାବଶେଷ ଦଣ୍ଡାୟମାନ ହୋଇ ରହିଛି। ୧୮୯୦ରୁ ୧୯୫୨ ପର୍ଯ୍ୟନ୍ତ ଦୀର୍ଘ ୬୨ବର୍ଷ ଧରି କ୍ରମାଗତ ଭାବେ କୌଣସି କାରଣରୁ ଚନ୍ଦନ ଯାତ୍ରା ବନ୍ଦ ହେବା ପରେ ଗତ ୫ବର୍ଷ ହେଲା ପୁଣି ଆରମ୍ଭ କରାଯାଇଛି।



କୋଟପାଡ଼ କଳା ପରିଷଦର ଡେମସା ନୃତ୍ୟ।

# ସାହିତ୍ୟ, ସଂସ୍କୃତିର ରଙ୍ଗମଞ୍ଚ

ଖଡ଼ିଆଳର ବିଲୁପ୍ତ କଳା ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ୨୦୦୫ରେ ବିନା ସରକାରୀ ସହାୟତାରେ ମହୋତ୍ସବ ପାଳନର ପରିକଳ୍ପନା ହୋଇଥିଲା। ପ୍ରଥମ ବର୍ଷରେ ଲଘୁଚାପଜନିତ ଲଗାଣ ବର୍ଷା ମହୋତ୍ସବକୁ ଧୋଇଦେଲା ସତ, କିନ୍ତୁ ୨୦୦୬ ମସିହାଠାରୁ ନିରବଚ୍ଛିନ୍ନ ଭାବେ ମହୋତ୍ସବ ଧୁମଧାମରେ ପାଳନ ହେଉଛି। ୨୦୦୫ରେ ମାତ୍ର ୨.୫ଲକ୍ଷ ଟଙ୍କାରେ ଆରମ୍ଭ ହୋଇଥିବା ମହୋତ୍ସବର ବ୍ୟୟ ଅଟକଳ ବର୍ତ୍ତମାନ ୩୦ଲକ୍ଷରେ ପହଞ୍ଚିଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ସାଂସ୍କୃତିକ ଦଳଗୁଡିକ ମହାସମାଗମ ହେଉଛି। କହିବାକୁ ଗଲେ, ସାଂସ୍କୃତିକ ଜାଗରଣର ନୂଆ ଅଧ୍ୟାୟ ସୃଷ୍ଟି କରିଛି ଖଡିଆଳ ମହୋତ୍ସବ। କେବଳ ସାହିତ୍ୟ, ସଂସ୍କୃତି ଓ କଳାର ପର୍ବ ନୁହେଁ ବରଂ ଖଡିଆଳର ଅତୀତକୁ ମନେପକାଇବା ଓ ଲୁପ୍ତ ହେବାକୁ ବସିଥିବା ଐତିହ୍ୟକୁ ସାଉଁଟି ଆଣିବାରେ ଏହି ମହୋତ୍ସବ ଏକ ଅଭିନବ ପ୍ରୟାସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଖାଲି ସେତିକି ନୁହେଁ ପ୍ରତିବର୍ଷ ଖଡିଆଳ ଗଡଜାତର ଅଞ୍ଚଳ ଐତିହ୍ୟ ସହ ରାଜ୍ୟର ବିଭିନ୍ନ ଐତିହ୍ୟକୁ ନେଇ ମଞ୍ଚ ତିଆରି କରାଯାଇଥାଏ। ଚଳିତ ବର୍ଷ ଏହି ମଞ୍ଚକୁ ବାହୁବଳୀ ରଙ୍ଗମଞ୍ଚର ରୂପ ଦିଆଯାଇଛି। ବିଲୁପ୍ତ ଲୋକକଳା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇବା ସହ ଲୋକେ ନୃତ୍ୟ ଓ ସଙ୍ଗୀତକୁ ଆପଣାଇ କଳାକାରଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରୁଛି ଖଡିଆଳ ମହୋତ୍ସବ।




ପାଟଣାଗଡ଼ ସାରକୁଆଁରୀ ଅନୁଷ୍ଠାନର ଡାଲଖାଇ ନୃତ୍ୟ।

**ଉପସ୍ଥାପନା:**
**ବିମଳ ସିଂ ଦଳପତି, ଖଡିଆଳ**

# ଖଡ଼ିଆଳ-ଛତିଶଗଡ଼ ସମ୍ପର୍କ ହଜାର ବର୍ଷର: ଭୂପେଶ



ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଜଗନ୍ନାଥ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରୁଛନ୍ତି।

**ଖଡିଆଳ,୧୦।୨(ଡି.ଏନ.ଏ.)** ଖଡ଼ିଆଳ ଓ ଛତିଶଗଡ଼ ଭିତରେ କୌଣସି ପାର୍ଥକ୍ୟ ନାହିଁ। ଉଭୟ ସ୍ଥାନ ମଧ୍ୟରେ ହଜାର ବର୍ଷର ସମ୍ପର୍କ ରହିଛି। ଖଡିଆଳ ଉତ୍ସବର କଳା ସଂସ୍କୃତି ଓ ଛତିଶଗଡ଼ର କଳା ସଂସ୍କୃତି ସମାନ ରହିଛି ବୋଲି ଖଡ଼ିଆଳ ମହୋତ୍ସବ ଉଦ୍‌ଯାପିତ ସନ୍ଧ୍ୟାରେ ଯୋଗଦେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ କହିଛନ୍ତି। ମହୋତ୍ସବ ପାଳନ କମିଟି ଉପଦେଷ୍ଟା ଅଧିରାଜ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଆକର୍ଷଣ ସ୍ୱରୂପ ମୁଖ୍ୟଅତିଥି ଭାବେ ଛତିଶଗଡ ମୁଖ୍ୟମନ୍ତ୍ରୀ ବାଘେଲ, କଂଗ୍ରେସ ମିଡିଆ ସେଲର ସତ୍ୟ ପ୍ରକାଶ ନାୟକ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ଇଂ. ବିଭୂତି ଭୂଷଣ ଦାସ, ଛତିଶଗଡ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଗିରିଶ ଦେବାଙ୍ଗନ ଓ ଛତିଶଗଡ ରାୟଗଡ ବିଧାୟକ ପ୍ରକାଶ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିନା ସରକାରୀ ସହାୟତାରେ ଏହି ମହୋତ୍ସବ ୧୫ ବର୍ଷ ଧରି ପାଳନ କରାଯାଉଥିବାରୁ ପ୍ରମାଣ କରୁଛି ଖଡିଆଳ ମହୋତ୍ସବ ମହାନ ବୋଲି ଛତିଶଗଡ ମୁଖ୍ୟମନ୍ତ୍ରୀ ବାଘେଲ କହିଥିଲେ। ଆୟୋଜକ କମିଟି ସଦସ୍ୟ ସାମୁଏଲ ଦାନୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ବିଶ୍ୱଜିତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଫଳ ପ୍ରତିଷ୍ଠିତ ବ୍ୟବସାୟୀ ଜୟନ୍ତ କୁମାର ଚଲାନ ଏବଂ ଖଡିଆଳ ଥାନାରେ ଦୀର୍ଘ ୪ବର୍ଷ ଧରି ଜନସାଧାରଣଙ୍କ ସହ ଉତ୍ତମ ସମ୍ପର୍କ ରଖି ପ୍ରିୟପାତ୍ର ହୋଇଥିବା ଏସଆଇ ଆଦିତ୍ୟ ମହାକୁଡଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ୬ ତାରିଖରୁ ୫ ଦିନ ବ୍ୟାପୀ ଖଡିଆଳ ଗଡଜାତ ଅଞ୍ଚଳର ବିଲୁପ୍ତକଳା, ସାହିତ୍ୟ ଓ ସଂସ୍କୃତିର ପୁନରୁଦ୍ଧାର ପାଇଁ ଚାଲିଥିବା ଖଡିଆଳ ମହୋତ୍ସବ ଉଦ୍‌ଯାପିତ ସନ୍ଧ୍ୟାରେ ଷ୍ଟାର ନାଇଟ୍ କାର୍ଯ୍ୟକ୍ରମ ସ୍ୱରୂପ ବଲିଉଡର ସୁପ୍ରସିଦ୍ଧ ଗାୟକ ଅଭିଜିତ ଭଟ୍ଟାଚାର୍ଯ୍ୟଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କ ମନୋମୁଗ୍ଧ କରିଥିଲା। ଏଥିସହ ଭୁବନେଶ୍ୱର ଜିଏସପିଏ ଡ୍ୟାନ୍ସ ଗ୍ରୁପର ଡ୍ୟାନ୍ସ ଦର୍ଶକଙ୍କ ମନମୋହିଥିଲା। ଷ୍ଟାର ନାଇଟ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା।

## ଖଡ଼ିଆଳ ମହୋତ୍ସବ ଉଦ୍‌ଯାପିତ

### ବଲିଉଡ୍‌ର ଗାୟକ ଅଭିଜିତଙ୍କ ଗୀତରେ ଝୁମିଲେ ଦର୍ଶକ

ଖଡ଼ିଆଳ ମହୋତ୍ସବ ୨୦୧୯ ପାଳନ ଅବସରରେ
ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

କଳ୍ପନା ପ୍ରଧାନ (ହୀନା)
ଖଡ଼ିଆଳ

କଳା, ସାହିତ୍ୟ ଓ ସଂସ୍କୃତି ସମାହାରର ପର୍ବ ଖଡ଼ିଆଳ ମହୋତ୍ସବ ୨୦୧୯ ପାଳନ ଅବସରରେ ଖଡ଼ିଆଳ ସହର ସମେତ ଅଞ୍ଚଳର ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ବିକାଶ ସିଙ୍ଘଲ୍
ନଗର ସଭାପତି, ଭାରତୀୟ ଜନତା ପାର୍ଟି
ଖଡ଼ିଆଳ

Mahindra Rise.
With Best Compliments From:
M/S RASHMI AUTOMOBILES
-:Authorised Dealer:-
Mahindra & Mahindra Tractor
For Nuapada District
ମହିନ୍ଦ୍ରା ଟ୍ରାକ୍ଟର ବର୍ଷ ବର୍ଷ ଧରି ଭାରତର ନଂ.୧ ଟ୍ରାକ୍ଟର

ଖଡିଆଳ ମହୋତ୍ସବ-୨୦୧୯ ଅବସରରେ ନୂଆପଡାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
CHALE CHALO Let's Move Forward
ଚଲେଚଲୋ
ଚଲେଚଲୋ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଖୋଲାପାଦ ଓକିଲ ପ୍ରକଳ୍ପ (ଅନୁସରଣ), ନୂଆପଡା ଜିଲ୍ଲାର ଖଡିଆଳ, ସିନାପାଲି ଓ ବୋଡେନ ବ୍ଲକରେ କାର୍ଯ୍ୟକାରୀ କରାଯାଉଅଛି। ଏହି ପ୍ରକଳ୍ପ ମାଧ୍ୟମରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ମାଁ ମାନଙ୍କୁ ଆବଶ୍ୟକୀୟ ଆଇନ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରିବା ସହିତ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଓ ମୌଳିକ ସେବା କାର୍ଯ୍ୟକ୍ରମକୁ ସେମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ ଜାରୀ ରହିଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରୁଅଛୁ।
ରଞ୍ଜିତ କୁମାର ସ୍ୱାଇଁ
(ନିର୍ଦ୍ଦେଶକ)
ଖଡିଆଳ, ଜି- ନୂଆପଡା

## ଭୂ-ଅର୍ଜନ ସକାଶେ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ବିଷୟରେ କେତୋଟି ବିଶେଷ ସୂଚନା ଜାଣିବା କଥା

୧. ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ୨୦୦୦ ମସିହାରୁ ଆରମ୍ଭ ହୋଇ ଅଦ୍ୟାବଧି ଚାଲୁ ରହିଅଛି।
୨. ଭୂ-ଅର୍ଜନ ସମ୍ବନ୍ଧୀୟ ପ୍ରାପ୍ୟ ଯେଉଁମାନେ ନୋଟିସ୍ ପାଇବା ସତ୍ତ୍ୱେ ଗ୍ରହଣ କରୁନାହାନ୍ତି ଉକ୍ତ ଟଙ୍କା ସରକାର ନିର୍ଦ୍ଦେଶମତେ ଓ ନିୟମ ଅନୁଯାୟୀ ସରକାରଙ୍କ ପାଖରେ ରାଜସ୍ୱ ଜମା ପାଇଁ ପଦକ୍ଷେପ ନିଆଯାଉଛି।
୩. ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ପ୍ରତ୍ୟେକ ଗୁରୁବାର ଦିନ ଭୂ-ଅର୍ଜନ ସମ୍ବନ୍ଧୀୟ ଟଙ୍କା ପୈଠ କରାଯାଏ। ଏହା ବ୍ୟତୀତ ସମ୍ପୃକ୍ତ ଗ୍ରାମରେ କ୍ୟାମ୍ପ ମାଧ୍ୟମରେ ଟଙ୍କା ଦେବାର ବ୍ୟବସ୍ଥା ହୋଇଛି।
୪. ଜମିର ବର୍ଦ୍ଧିତ ମୂଲ୍ୟ ପାଇବା ପାଇଁ ନିର୍ଦ୍ଧାରିତ ସମୟରେ ଧାରା ୨୮(କ) ମୁତାବକ ଆବେଦନ କରନ୍ତୁ।

ସ୍ୱା./- ଡା. ହିମାଞ୍ଚଳ ମାଝୀ, (ଓ.ରା.ସେ.)
ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡ଼ିଆଳ, ଜିଲ୍ଲା-ନୂଆପଡ଼ା

## ପ୍ରତିଭା ପଥରେ ବିଜ୍ଞାପିତ ଅଞ୍ଚଳ ପରିଷଦ,ଖଡ଼ିଆଳ (ଖଡ଼ିଆଳ ମହୋତ୍ସବ ୨୦୧୯ ଉପଲକ୍ଷେ)

୧. ଗତ ବର୍ଷକ ମଧ୍ୟରେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଆବାସ କାର୍ଯ୍ୟକ୍ରମ ମାଧ୍ୟମରେ ମଞ୍ଜୁର ହୋଇଥିବା ୬୧୦ ବାସଗୃହ ମଧ୍ୟରୁ ୪୮୪ ବାସଗୃହ ତିଆରି ହୋଇସାରିଛି। ବର୍ତ୍ତମାନ ୮୧୫ଟି ବାସଗୃହ ପାଇଁ ଡି.ପି.ଆର. ମଞ୍ଜୁର ହୋଇଛି।
୨. ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମାଧ୍ୟମରେ ୮୫୮ ଗୋଟି ପାଇଖାନା ତିଆରି ପାଇଁ ମଞ୍ଜୁର ହୋଇଥିଲା ସେଥିମଧ୍ୟରୁ ୬୮୨ ଟି ତିଆରି ହୋଇସାରିଛି।
୩. ୧୪୫୧ ଏଲ.ଇ.ଡି. ଷ୍ଟ୍ରିଟ୍ ଲାଇଟ୍ ଲାଗିବା ଦ୍ୱାରା ଖଡ଼ିଆଳ ସହର ଉଜ୍ଜ୍ୱଳମୟ ହୋଇଛି।
୪. ଖଡ଼ିଆଳ ସହର ମଧ୍ୟରେ ୬.୮୭ ଏକର ଜମିରେ ଏକ ପାର୍କ ତିଆରି କାମ ଚାଲୁରହିଛି। ଖଡ଼ିଆଳବାସୀଙ୍କ ସହଯୋଗ ମିଳିଲେ ଆହୁରି ଅନେକ ବିକାଶ କାର୍ଯ୍ୟକ୍ରମ ଆଗକୁ ହୋଇପାରିବ।

(ଶ୍ରୀ କିଶୋର କୁମାର ସାହୁ)
କାର୍ଯ୍ୟନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡ଼ିଆଳ

ଖଡ଼ିଆଳ ଗଡ଼ଜାତ ଅଞ୍ଚଳର ବିଲୁପ୍ତ କଳା, ସାହିତ୍ୟ ଓ ସଂସ୍କୃତିର ପୁନରୁଦ୍ଧାର ପାଇଁ ଆୟୋଜିତ ଖଡ଼ିଆଳ ମହୋତ୍ସବ ୨୦୧୯ ପାଳନ ଅବସରରେ ଖଡ଼ିଆଳ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ସୁନୀଲ କୁମାର ସାହୁ
ସମ୍ପାଦକ
ମହୋତ୍ସବ ପାଳନ କମିଟି

ଖଡ଼ିଆଳ ମହୋତ୍ସବ ୨୦୧୯ ପାଳନ ଅବସରରେ ଗଡ଼ରାମୁଣ୍ଡା ପଞ୍ଚାୟତ ସମେତ ଖଡ଼ିଆଳ ଅଞ୍ଚଳର ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ବୃନ୍ଦାବନ ବାଗ
ନାଏବ ସରପଞ୍ଚ, ଗଡ଼ରାମୁଣ୍ଡା ପଞ୍ଚାୟତ
ଖଡ଼ିଆଳ ବ୍ଲକ୍

ଖଡ଼ିଆଳ ମହୋତ୍ସବ ୨୦୧୯ ପାଳନ ଅବସରରେ ମୋ ତରଫରୁ କିରକିଟା ପଞ୍ଚାୟତ ସମେତ ଖଡ଼ିଆଳ ବ୍ଲକ୍‌ର ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ହେମବତୀ ଦାସ
ସରପଞ୍ଚ, କିରକିଟା ପଞ୍ଚାୟତ
ଖଡ଼ିଆଳ ବ୍ଲକ୍

ଖଡ଼ିଆଳ ମହୋତ୍ସବ ୨୦୧୯ ପାଳନ ଅବସରରେ ଚିନ୍ଦାଗୁଡ଼ା ପଞ୍ଚାୟତ ସମେତ ଖଡ଼ିଆଳ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଈଶ୍ୱରୀ ବିଶି
ସରପଞ୍ଚ, ଚିନ୍ଦାଗୁଡ଼ା ପଞ୍ଚାୟତ
ଖଡ଼ିଆଳ ବ୍ଲକ୍

With Best Compliments From:
JAGADAMBA AUTOCOMBINE
-:Associate Dealer:-
Hero Motocorp
For Raj Khariar, Nuapada
Hero
World No. 1 Two Wheeler Company

## ସଂକ୍ଷେପରେ

### ମାଲ୍ୟାଙ୍କ ନିକଟରେ ୭୫୦୦କୋଟିର ଶେୟାର ଥିଲା: ଇଡି

**ନୂଆଦିଲ୍ଲୀ,୧୦-୨:** ସଙ୍କଟରେ ଫସିଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା,ୟୁନାଇଟେଡ ବ୍ରିଓରିଜ ହୋଲ୍ଡିଂସ୍ ଲିମିଟେଡ(ୟୁବିଏଚ୍ଏଲ୍) ଓ କିଙ୍ଗଫିଶର ଏୟାରଲାଇନ ଲିମିଟେଡ (କେଏଏଲ୍)ର ପ୍ରମୋଟରଙ୍କ ନିକଟରେ ବିଭିନ୍ନ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ୭୫୦୦ କୋଟି ଟଙ୍କାର ଶେୟାର ରୂପରେ ଅସ୍ଥାବର ସମ୍ପତ୍ତି ଥିଲା। ତେବେ ସେମାନେ ବ୍ୟାଙ୍କରୁ ନେଇଥିବା ଋଣ ଶୁଝିବାକୁ ଚାହିଁ ନ ଥିଲେ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ କୁହାଯାଇଛି। ବିଭିନ୍ନ ଭାରତୀୟ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନ ପଳାଇଥିବା ମାଲ୍ୟା ବାସ୍ତବରେ ଋଣ ପରିଶୋଧ କରିବାକୁ ଚାହୁଁ ନ



ଥିଲେ ବୋଲି ଇଡି କହିଛି। ପିଏମ୍ଏଲ୍ଏ ଆଇନ ଅଧୀନରେ ଇଡି ପକ୍ଷରୁ ଯାଞ୍ଚ କରାଯିବା ପରେ ଜଣାପଡ଼ିଛି ଯେ, ମାଲ୍ୟା ଏବଂ ୟୁବିଏଚ୍ଏଲ୍ ନିକଟରେ ୩,୮୪୭.୪୫ କୋଟି ଟଙ୍କାର ଶେୟାର ରହିଥିଲା। ଅସଲରେ ୟୁବିଏଚ୍ଏଲ, ୟୁନାଇଟେଡ ସ୍ପିରିଟ୍, ୟୁନାଇଟେଡ ବ୍ରିଓରିଜ ଓ ମ୍ୟାକ୍‌ଡୋଏଲର ୧୭୭୩.୪୯ କୋଟି ଟଙ୍କା ଶେୟାର ମାଲ୍ୟାଙ୍କ ନିକଟରେ ରହିଥିଲା ଏବଂ ୟୁଟିଆଇ ଇନଭେଷ୍ଟର୍ସ ସର୍ଭିସେସ୍ ନିକଟରେ ୧,୭୫୩ କୋଟି ଟଙ୍କାର ଶେୟାର ଥିଲା। ଇଡି ଯାଞ୍ଚରୁ ଜଣାପଡିଥିଲା ଯେ, ମାଲ୍ୟା ନିଜର ଅର୍ଥକୁ ଲୁଚାଇବା ଲାଗି ବହୁ ଜାଲ୍ କମ୍ପାନୀ ଖୋଲି ଥିଲେ। ସେମାନଙ୍କ ମଧ୍ୟରେ ଦେବୀ ଇନଭେଷ୍ଟମେଣ୍ଟ, କିଙ୍ଗଫିଶର ଫିନଭେଷ୍ଟ, ମ୍ୟାକଡୋଏଲ ହୋଲ୍ଡିଂସ୍, ଫାର୍ମା ଟ୍ରେଡିଂ କମ୍ପାନୀ, ଜେମ୍ ଇନଭେଷ୍ଟମେଣ୍ଟ ଆଣ୍ଡ ଟ୍ରେଡିଂ, ୱାଟସନ ଲିମିଟେଡ, ବିଟ୍ଟଲ ଇନଭେଷ୍ଟମେଣ୍ଟ, କାମସ୍କୋ ଇଣ୍ଡଷ୍ଟ୍ରିଜ, ଫାର୍ଷ୍ଟଷ୍ଟାର୍ଟ ଇଙ୍କ ଓ ମାଲ୍ୟା ପ୍ରାଇଭେଟ ଲିମିଟେଡ ରହିଛି। ଏଗୁଡ଼ିକର ଶେୟାର ମୂଲ୍ୟ ମୋଟ ୩,୮୨୨ କୋଟି ଟଙ୍କା।

### ୫୭୪୦ କୋଟିର ଏନ୍‌ପିଏ ସମ୍ପତ୍ତି ବିକିବେ ଏସ୍‌ବିଆଇ, ଓରିଏଣ୍ଟାଲ ବ୍ୟାଙ୍କ

**ନୂଆଦିଲ୍ଲୀ,୧୦-୨:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ୫,୭୪୦ କୋଟି ଟଙ୍କାର ଏନ୍‌ପିଏ ସମ୍ପତ୍ତି ବିକିବାକୁ ଯାଉଛନ୍ତି। ଏସ୍‌ବିଆଇ ପକ୍ଷରୁ ୪,୯୭୫ କୋଟି ଟଙ୍କାର ଏନ୍‌ପିଏ ବିକ୍ରି ଲାଗି ଆର୍ଥିକ ସଂସ୍ଥାଗୁଡ଼ିକଠାରୁ ନିଲାମ ଆହ୍ୱାନ କରାଯାଇଛି। ବିକ୍ରି ପାଇଁ ରଖାଯାଇଥିବା ଏନ୍‌ପିଏ ଆକାଉଣ୍ଟ ମଧ୍ୟରେ ବଡ଼ ସଂଖ୍ୟାରେ ଏସ୍ଏମ୍ଇ ଆକାଉଣ୍ଟ ରହିଛି। ମୋଟ ୨୮୧ ଆକାଉଣ୍ଟ ଉପରେ ୪,୬୬୭ କୋଟି ଟଙ୍କା ବକେୟା ରହିଛି। ୱେବସାଇଟରେ ପକାଯାଇଥିବା ଟେଣ୍ଡର କାଗଜପତ୍ର ଅନୁଯାୟୀ, ମୋଟ ୭୬୪.୪୪ କୋଟି ଟଙ୍କା ବକେୟା ପଡ଼ିଥିବା ୧୩ଟି ଆକାଉଣ୍ଟକୁ ଓବିସି ବିକ୍ରି କରିବ। ଓବିସି ପକ୍ଷରୁ ଆସନ୍ତା ୨୫ରେ ଏବଂ ଏସ୍‌ବିଆଇରେ ୨୭ ତାରିଖରେ ନିଲାମୀ ହେବାକୁ ଯାଉଛି।

### ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥର ତେଲ ନଦୀ ଉପରେ ପୋଲ ନିର୍ମାଣ

**ଭୁବନେଶ୍ୱର,୧୦-୨:** ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥର ନିର୍ମାଣ କାର୍ଯ୍ୟର ଏକ ଅଂଶ ବିଶେଷ ତେଲ ନଦୀ ଉପରେ ଗୁରୁତ୍ୱପୂର୍ଣ୍ଣ ରେଳ ପୋଲ ନିର୍ମାଣ ହେବ। ଏଥି ଲାଗି ପୂର୍ବତଟ ରେଳପଥ ପକ୍ଷରୁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପୋଲ ନିର୍ମାଣ ଲାଗି ୨୩ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟର ସୋନପୁର ସହର ନିକଟସ୍ଥ ତେଲ ନଦୀ ଉପରେ ଏହି ପୋଲ ନିର୍ମାଣ ହେବ। ପୋଲଟି ମହାନଦୀ ଏବଂ ତେଲ ନଦୀର ସଙ୍ଗମ ସ୍ଥଳଠାରୁ ପ୍ରାୟ ଅଢେଇ କିମି ଦୂରରେ ରହିଛି। ଅଧିକ ବନ୍ୟା ସମୟରେ ମହାନଦୀର ମାତ୍ରାଧିକ ଜଳ ତେଲ ନଦୀକୁ ଆସୁଥିବାରୁ ଖୋର୍ଦ୍ଧାରୋଡ ବଲାଙ୍ଗୀର ରେଳପଥ ପାଇଁ ରେଳପୋଲ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

---

ଆଇଏଲ୍ଆଣ୍ଡଏଫ୍ଏସ୍‌ରେ ଉପୁଜିଥିବା ସମସ୍ୟା ଏକ ଇନସଲଭେନ୍ସି ପ୍ରସଙ୍ଗ।
– ୱାଇ.ଭି ରେଡ୍ଡୀ, ପୂର୍ବତନ ଗଭର୍ନର, ଆର୍‌ବିଆଇ



ଭାରତ ଗ୍ରହଣ କରୁଥିବା ସ୍ଥିର ଏବଂ ସକାରାତ୍ମକ ନୀତି ଯୋଗୁ ଉଦ୍ୟୋଗୀଙ୍କ ପାଇଁ ଏକ ଉନ୍ନତ ବାତାବରଣ ସୃଷ୍ଟି ହୋଇଛି।
– ଗଏ ସରମନ, ଫ୍ରାନ୍ସ ଅର୍ଥନୀତିଜ୍ଞ



# ସବୁ ପରିବାରକୁ ଉପଲବ୍ଧ ହେବ ସ୍ୱଚ୍ଛ ଇନ୍ଧନ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ, ୧୦-୨**

ଦେଶର ସବୁ ପରିବାରକୁ ଶୀଘ୍ର ସ୍ୱଚ୍ଛ ଇନ୍ଧନ ଯୋଗାଇ ଦିଆଯିବ। ୫୫ ମାସରେ ସରକାର ଏଲ୍‌ପିଜି କଭରେଜକୁ ୪୦% ବୃଦ୍ଧି କରିବାକୁ ସକ୍ଷମ ହୋଇଛନ୍ତି। ଏହାକୁ ଦେଶର ସବୁ ପରିବାରରେ ଉପଲବ୍ଧ କରାଇବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କହିଛନ୍ତି।

ଏଠାରେ ଅନୁଷ୍ଠିତ ପେଟ୍ରୋଟେକ-୨୦୧୯ ସମ୍ମିଳନୀରେ ଯୋଗ ଦେଇ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ଦେଶର ୯୦ପ୍ରତିଶତ ପର୍ଯ୍ୟନ୍ତ ସ୍ଥାନରେ ଏଲ୍‌ପିଜି ପହଞ୍ଚିଛି। ୨୦୧୪ରେ ଏହା ୫୫% ଥିବା ବେଳେ ଏହା ପରଠାରୁ ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ଆସିଛି। ସବୁ ଘରକୁ ସ୍ୱଚ୍ଛ ଇନ୍ଧନ ସୁବିଧା ଯୋଗାଇବାକୁ ସରକାର ସକ୍ଷମ ହେବେ। ଏଲ୍‌ପିଜି ସହ ବାୟୋମାସ ଏବଂ ବିକଳ୍ପ ସୂତ୍ରରୁ ଉକ୍ତ ଗ୍ୟାସ୍ ଯୋଗାଣ ହେବ।

ଉଜ୍ଜ୍ୱଳାର ସଫଳତାକୁ ପ୍ରଶଂସା କରିବା ସହ ଏଥିରେ ୬.୪ କୋଟି ପରିବାର ଉପକୃତ ହୋଇଥିବା ଧର୍ମେନ୍ଦ୍ର ପ୍ରକାଶ କରିଛନ୍ତି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହି ସଂଖ୍ୟା ୮ କୋଟି ଛୁଇଁବ।




**ପେଟ୍ରୋଟେକ୍ ୨୦୧୯ ସମ୍ମିଳନୀ**

- ୨୦୨୦ ମାର୍ଚ୍ଚ ସୁଦ୍ଧା ଉଜ୍ଜ୍ୱଳାରେ ୮ କୋଟି ସଂଯୋଗ
- ତୈଳ ପେଟ୍ରୋଲିୟମ ସାମଗ୍ରୀ ବ୍ୟବହାରରେ ଭାରତ ତୃତୀୟ
- ଶକ୍ତି ନିରାପତ୍ତା ସୁନିଶ୍ଚିତ କରାଇବା ଉପରେ ଫୋକସ୍

ପାରମ୍ପରିକ ଜାଳେଣିକୁ ବାଦ ଦେବା ସହ ପରିବେଶ ସୁରକ୍ଷା ଏବଂ ମହିଳାଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱଚ୍ଛ ଇନ୍ଧନ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ତୈଳ ଏବଂ ଗ୍ୟାସ କ୍ଷେତ୍ର ଦେଶର ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ସେ ପ୍ରକାଶ କରିଛନ୍ତି। ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ ବ୍ୟବହାରରେ ଭାରତ ତୃତୀୟ ବୃହତ ଦେଶ ହୋଇଥିବା ବେଳେ ବିଶ୍ୱର ମୋଟ ବ୍ୟବହାର କ୍ଷେତ୍ରରେ ଦେଶର ଅଂଶ ୪.୫% ରହିଛି। ଦେଶର ହାଇଡ୍ରୋକାର୍ବନ ନୀତିରେ ପରିବର୍ତ୍ତନ ଆଣିବା ସହ ଶକ୍ତି ନିରାପତ୍ତାକୁ ସୁନିଶ୍ଚିତ କରାଇବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ସେ ସ୍ପଷ୍ଟ କରିଛନ୍ତି।

ଦେଶର ଉତ୍ପାଦନ ଜୈବ ବିବିଧତାରେ ଉନ୍ନତି ଆଣିବା ବେଳେ ତୈଳ ଓ ଗ୍ୟାସ୍ ଉତ୍ତୋଳନକୁ ପ୍ରୋତ୍ସାହିତ କରିବାକୁ ସରକାର ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ନୂଆ ରାଜସ୍ୱ ବଣ୍ଟନ ମଡେଲ, ହାଇଡ୍ରୋକାର୍ବନ ଲାଗି ୟୁନିଫର୍ମ ଲାଇସେନ୍ସ, ତୈଳ ଏବଂ ବାଷ୍ପ କ୍ଷେତ୍ର ମାର୍କେଟିଂରେ ସ୍ୱାଧୀନତା ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହାବାଦ, ଷ୍ଟେଟ ଅଫ୍ ଆର୍ଟ ଜାତୀୟ ଡାଟା ରିପୋଜିଟୋରୀ ଦ୍ୱାରା ଭାରତ ବିଶ୍ୱସ୍ତରୀୟ ବ୍ୟବସ୍ଥା ଗ୍ରହଣ କରିଛି। ଆରମକୋ, ଆଡନକ ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କ ଉପସ୍ଥିତି ଜାହିର କରିଥିବା ସେ କହିଛନ୍ତି।

## ୯କୋଟି ଗ୍ରାହକ ଚୟନ କରିଛନ୍ତି ନୂଆ ଟାରିଫ: ଟ୍ରାଇ ମୁଖ୍ୟ

**ନୂଆଦିଲ୍ଲୀ,୧୦-୨**

ଟେଲିକମ ନିୟାମକ(ଟ୍ରାଇ)ର ନିର୍ଦ୍ଦେଶ ଅନୁଯାୟୀ ଦେଶର ୧୭ କୋଟି କେବୁଲ ଓ ଡିଟୁଏଚ୍ ଗ୍ରାହକଙ୍କ ମଧ୍ୟରୁ ୯ କୋଟି ନୂଆ ଟାରିଫ ବ୍ୟବସ୍ଥାରେ ନିଜର ମନପସନ୍ଦ ଚ୍ୟାନେଲ ଚୟନ କରିସାରିଛନ୍ତି ବୋଲି ଟ୍ରାଇ ଅଧ୍ୟକ୍ଷ ଆର.ଏସ୍. ଶର୍ମା ପ୍ରକାଶ କରିଛନ୍ତି। ଉପଭୋକ୍ତାଙ୍କ ଅସୁବିଧା ଉପରେ ଟ୍ରାଇ କ୍ରମାଗତ ନଜର ରଖିଛି ବୋଲି ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ନୂଆ ବ୍ୟବସ୍ଥାକୁ ଆପଣାଉଥିବା ଗ୍ରାହକଙ୍କ ସଂଖ୍ୟା କ୍ରମାଗତ ବଢ଼ିବାରେ ଲାଗିଛି। ୯ କୋଟି ଗ୍ରାହକଙ୍କ ମଧ୍ୟରେ ୬.୫ କୋଟି କେବୁଲ ଟିଭି ଏବଂ ୨.୫ କୋଟି ଡିଟିଏଚ୍‌ର ରହିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ନୂଆ ବ୍ୟବସ୍ଥା ଆପଣାଇବାରେ ହେଉଥିବା ଅସୁବିଧା ଦୂର କରିବା ଲାଗି ନିୟମିତ ସମୀକ୍ଷା କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ନୂଆ ସଂଯୋଗ ନେଉଥିବା ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଯୋଜନା ଆସୁଛି ବୋଲି ସେ ପ୍ରକାଶ କରିଛନ୍ତି।

# ବନ୍ଦେ ଭାରତ ଟ୍ରେନ ଯାତ୍ରୀ ଖାଦ୍ୟ ପାଇଁ ଦେବେ ୩୯୯ ଟଙ୍କା

**ନୂଆଦିଲ୍ଲୀ, ୧୦-୨**

ଦେଶର ପ୍ରଥମ ସେମି ହାଇସ୍ପିଡ ଟ୍ରେନ କୁହାଯାଉଥିବା ଟ୍ରେନ୧୮ ଅଥବା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଯାତ୍ରୀଙ୍କୁ ଆଇଆରସିଟିସି ଦ୍ୱାରା ପ୍ରସ୍ତୁତ କ୍ୟାଟରିଂ ଖାଦ୍ୟ ନେବା ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ସେମାନଙ୍କୁ ୩୯୯ ଟଙ୍କା ଦେବାକୁ ପଡ଼ିବ। ଦିଲ୍ଲୀରୁ ବାରାଣସୀ ଯାତ୍ରା କରୁଥିବା ଏହି ଟ୍ରେନର ଯାତ୍ରୀ ଶେଷ ପର୍ଯ୍ୟାୟ ଅର୍ଥାତ୍ ଆଲ୍ଲାହାବାଦରୁ ବାରାଣସୀକୁ ଯାତ୍ରା କରିବା ଲାଗି ଟିକେଟ ବୁକିଂ କରିବା ବେଳେ କ୍ୟାଟରିଂ ଖାଦ୍ୟ ନ ନେବାର ବିକଳ୍ପ ବାଛି ପାରିବେ। ସେମାନଙ୍କ ଟିକେଟରେ କ୍ୟାଟରିଂ ଚାର୍ଜ ଆଦାୟ କରାଯିବ ନାହିଁ ବୋଲି ଟ୍ରେନ୧୮ ସହ ଜଡ଼ିତ ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଟିକେଟ ବୁକିଂ ବେଳେ କ୍ୟାଟରିଂ ଖାଦ୍ୟ ନେବାକୁ ଚାହୁଁ ନ ଥିବା ଯାତ୍ରୀ ଯାତ୍ରା ବେଳେ ଏହା ଚାହୁଁଥିଲେ ତାଙ୍କୁ ଏଥିପାଇଁ ଖାଦ୍ୟ ମୂଲ୍ୟ ସହ ଅଧିକ ୫୦ ଟଙ୍କା ଦେବାକୁ ପଡ଼ିବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ଆଇଆରସିଟିସି ପକ୍ଷରୁ ୨୦୧୭ରୁ ରାଜଧାନୀ, ଶତାବ୍ଦୀ ଓ ଦୁରନ୍ତୋ ଏକ୍ସପ୍ରେସରେ ପ୍ୟାଣ୍ଟ୍ରି ବ୍ୟବସ୍ଥାକୁ ଇଚ୍ଛାଧୀନ କରାଯାଇଛି। ଖାଦ୍ୟର ଅଧିକ ମୂଲ୍ୟ ଆଦାୟ କରିବା, କମ୍ ପରିମାଣ ତଥା ନିମ୍ନ ମାନର ଖାଦ୍ୟ ଦେବା ସମସ୍ୟାକୁ ନିୟନ୍ତ୍ରଣ କରିବା ଲାଗି ସେତେବେଳେ ଉକ୍ତ ପଦକ୍ଷେପ ନିଆଯାଇଥିଲା। ତେବେ ସେମାନଙ୍କୁ କ୍ୟାଟରିଂ ଖାଦ୍ୟ ନେବାର ଏକ ବିକଳ୍ପ ଦିଆଯାଉଥିଲା। କିନ୍ତୁ ବନ୍ଦେ ଭାରତ ଏକ୍ସପ୍ରେସ ଲାଗି ଟିକେଟ ସହ ଖାଦ୍ୟ ନେବା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଟ୍ରେନ ୧୮ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ପ୍ରତ୍ୟେକ ଷ୍ଟେଶନ ମଧ୍ୟରେ ଖାଦ୍ୟ ମୂଲ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଯାତ୍ରୀଙ୍କ ଟିକେଟ ମୂଲ୍ୟ ସହ ଏହାକୁ ଯୋଡାଯିବ। ଟ୍ରେନରେ ଏକ୍‌ଜିକ୍ୟୁଟିଭ କ୍ଲାସ ଓ ଚେୟାର କାର୍ ପାଇଁ ଖାଦ୍ୟ ଲାଗି ଚାର୍ଜ ଅଲଗା ହେବ। ନୂଆଦିଲ୍ଲୀରୁ ବାରାଣସୀ ମଧ୍ୟରେ ଏକ୍‌ଜିକ୍ୟୁଟିଭ କ୍ଲାସ୍‌ର ଯାତ୍ରୀଙ୍କୁ ସକାଳେ ଚା',ଜଳଖିଆ ଓ ଦ୍ୱିପ୍ରହର ଖାଦ୍ୟ ପାଇଁ ୩୯୯ ଟଙ୍କା ବ୍ୟୟ କରିବାକୁ ହେବ। ସେହିଭଳି ଚେୟାର କାର୍ ଲାଗି ଏହା ୩୪୪ ଟଙ୍କା ହେବ। ନୂଆଦିଲ୍ଲୀରୁ କାନପୁର ଓ ପ୍ରୟାଗରାଜ ମଧ୍ୟରେ ଯାତ୍ରା କରୁଥିବା ଏକ୍‌ଜିକ୍ୟୁଟିଭ କ୍ଲାସ ଯାତ୍ରୀ ୧୫୫ ଓ ଚେୟାର କାର୍ ପାଇଁ ୧୨୨ ଟଙ୍କା ଦେବେ। ସେହିପରି ବାରାଣସୀରୁ ନୂଆଦିଲ୍ଲୀକୁ ଯାତ୍ରା ବେଳେ ଏକ୍‌ଜିକ୍ୟୁଟିଭ କ୍ଲାସ୍‌ରେ ୩୪୯ ଓ ଚେୟାର କାର୍ ପାଇଁ ୨୮୮ ଟଙ୍କା ବ୍ୟୟ କରିବାକୁ ହେବ। ସେମାନଙ୍କୁ ଯାତ୍ରା ବେଳେ ଚା', ସ୍ନାକ୍ସ ଓ ରାତିଭୋଜନ ଦିଆଯିବ। ସୂଚନାଥାଉ କି, ୭୫୫ କିମି ରାସ୍ତାକୁ ବନ୍ଦେ ଭାରତ ଏକ୍ସପ୍ରେସ ୮ ଘଣ୍ଟାରେ ପୂରଣ କରିବ। ଯାତ୍ରା କାଳରେ ଏହା କେବଳ କାନପୁର ଓ ପ୍ରୟାଗରାଜରେ ରହିବ। ଆସନ୍ତା ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ପତାକା ଦେଖାଇ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ।




## ରେନୋ ଇଣ୍ଡିଆ ଲିଡରଶିପରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୧୦-୨**

ରେନୋ ଏସ୍ଏଏସ୍ ଫ୍ରାନ୍ସ ଭାରତର ଲିଡରଶିପରେ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରିଛି। ରେନୋର ଭାରତ୍ ଅପରେଶନ ଲାଗି ଭେଙ୍କଟରାମ ମାମିଲାପଲ୍ଲେଙ୍କୁ ଏମ୍‌ଡ଼ି ଦାୟିତ୍ୱଭାର ପ୍ରଦାନ କରାଯାଇଛି। ଏହି ଦାୟିତ୍ୱରେ ଥିବା ସୁମିତ ସହନୀଙ୍କୁ ଗ୍ରୁପର ଅନ୍ୟ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ରେନୋକୁ ଭାରତରେ ଏକ ଦୃଢ ବ୍ରାଣ୍ଡ ଭାବେ ଗଢି ତୋଳିବାରେ ସୁମିତଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଆଫ୍ରିକା-ମିଡିଲ ଇଷ୍ଟ-ଇଣ୍ଡିଆ ରେଜିଅନର ବରିଷ୍ଠ ସଭାପତି ତଥା ଅଧ୍ୟକ୍ଷ ଫାବ୍ରିସ କାମ୍ବୋଲିଭ କହିଛନ୍ତି। ଏହି ରେଜିଅନର ସଦସ୍ୟ ଭାବେ ସୁମିତ କାର୍ଯ୍ୟ କରିବେ। ତାଙ୍କର ପରବର୍ତ୍ତୀ କାର୍ଯ୍ୟପନ୍ଥା କାର୍ଯ୍ୟ ନିର୍ବାହୀ କମିଟି ଘୋଷଣା କରିବ ବୋଲି କାମ୍ବୋଲିଭ କହିଛନ୍ତି। ଭେଙ୍କଟରାମ ମାମିଲାପଲ୍ଲେ ବର୍ତ୍ତମାନ ରୁଷିଆରେ ରେନୋ-ନିଶାନ ଅଭଟୋଭାଜର ପରଚେଜିଂ ଅର୍ଗାନାଇଜେଶନର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଅଟୋମୋଟିଭ କ୍ଷେତ୍ରରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି।

## ତୃତୀୟ ତ୍ରୈମାସରେ ୬୧୬ କୋଟି ଲାଭ କଲା ସେଲ୍

**ନୂଆଦିଲ୍ଲୀ,୧୦-୨**

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ସେଲ୍) ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ୬୧୬ କୋଟି ଟଙ୍କା ଲାଭ ଅର୍ଜନ କରିଛି। ଗତ ବର୍ଷ ସମାନ ସମୟରେ ଏହା ମାତ୍ର ୪୩ କୋଟି ଟଙ୍କା ରହିଥିଲା। ଦ୍ୱିତୀୟ ତ୍ରୈମାସରେ କମ୍ପାନୀର ନେଟ ଲାଭରେ ୧୧% ବୃଦ୍ଧି ଘଟି ୫୫୪ କୋଟି ଟଙ୍କା ରହିଛି। ତୃତୀୟ ତ୍ରୈମାସରେ କମ୍ପାନୀର କାରବାର ୩% ବଢି ୧୫,୬୬୦ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୫,୧୯୦ କୋଟି ଟଙ୍କା ରହିଥିଲା। କମ୍ପାନୀ ବର୍ତ୍ତମାନ ଉତ୍ପାଦନ ବୃଦ୍ଧି ତଥା ଆଧୁନିକୀକରଣକୁ ପ୍ରାଥମିକତା ଦେଉଛି। ସେହିଭଳି ଉତ୍ପାଦନ ଖର୍ଚ୍ଚ ହ୍ରାସ ଏବଂ କାର୍ଯ୍ୟଧାରାରେ ଉନ୍ନତି ନେଇ ପ୍ରୟାସ ଜାରି ରହିଥିବା ଏହା ପ୍ରକାଶ କରିଛି। ବଜାରର ଆବଶ୍ୟକତା ପୂରଣ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେଲ ଅଧ୍ୟକ୍ଷ ଅନିଲ କୁମାର ଚୌଧରୀ ସୂଚନା ଦେଇଛନ୍ତି।

# ଚାପରେ ରହିଛି ୨.୫ ଲକ୍ଷ କୋଟିର ତାପଜ ବିଦ୍ୟୁତ୍ ପ୍ରକଳ୍ପ

**ନୂଆଦିଲ୍ଲୀ,୧୦-୨**

ଦେଶର ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଏବେ ଚାପଗ୍ରସ୍ତ ହୋଇଛନ୍ତି। ସେମାନେ ଏବେ ସଙ୍କଟ ଦେଇ ଗତିକରୁଛନ୍ତି। ଏଥିରୁ ସେମାନଙ୍କୁ ମୁକୁଳାଇବା ଲାଗି ତତ୍କାଳ ସମାଧାନସୂଚକ ପଦକ୍ଷେପ ନେବାକୁ ହେବ ବୋଲି ଆସୋଚାମ୍-ଗ୍ରାଣ୍ଟ ଥର୍ନଟନ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ କରାଯାଇଥିବା ରିପୋର୍ଟରେ କୁହାଯାଇଛି। ଘରୋଇ ଏବଂ ଆମଦାନୀ ହେଉଥିବା କୋଇଲା ଓ ଗ୍ୟାସ୍ ଉପରେ ନିର୍ଭରଶୀଳ ଏହି ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଏବେ ଅତ୍ୟନ୍ତ ସଙ୍କଟ ଦେଇ ଗତି କରୁଛନ୍ତି। ବିଜୁଳି କ୍ଷେତ୍ରକୁ ଦିଆଯାଇଥିବା ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଏବେ ଏନ୍‌ପିଏ(ଅନାଦାୟ ଋଣ) ହୋଇଗଲାଣି ଅଥବା ପୁନର୍ଗଠିତ ହେଲାଣି। ରିପୋର୍ଟରେ କୁହାଯାଇଛି ଯେ, ପ୍ରାୟ ୬୬ ହଜାର ମେଗାୱାଟ କ୍ଷମତାବିଶିଷ୍ଟ ପ୍ରକଳ୍ପଗୁଡ଼ିକ ଏବେ ବିଭିନ୍ନ ଚରଣରେ ଅଟକି ଯାଇଛି। ସେମାନେ ଏବେ ଘୋର ଆର୍ଥିକ ସଙ୍କଟର ସାମ୍ନା କରୁଛନ୍ତି। ଏଗୁଡ଼ିକ ମଧ୍ୟରୁ ୫୪,୮୦୦ ମେଗାୱାଟ୍ କୋଇଲା ଆଧାରିତ ପ୍ରକଳ୍ପ ହୋଇଥିବା ବେଳେ, ୬୮୯୦ ମେଗାୱାଟର ଗ୍ୟାସ ଆଧାରିତ ଏବଂ ୪୫୭୦ ମେଗାୱାଟ୍‌ର ଜଳବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ଋଣ ଏବେ ଫସିଯାଇଛି। ଏହା ବ୍ୟାଙ୍କିଙ୍ଗ ସେକ୍ଟର ଓ ଅର୍ଥନୀତି ପାଇଁ ବିପଦ ଘଣ୍ଟି ବୋଲି ମନେ କରାଯାଉଛି। ରିପୋର୍ଟରେ କୁହାଯାଇଛି ଯେ, ତାପଜ ବିଦ୍ୟୁତ ପ୍ରକଳ୍ପ ପାଇଁ ଇନ୍ଧନ ଯୋଗାଣ ସଂକ୍ରାନ୍ତରେ ଚୁକ୍ତି ସ୍ୱାକ୍ଷର ନ ହେବା,ବିଦ୍ୟୁତ କ୍ରୟ ଚୁକ୍ତିର ଅଭାବ ଆଦି ଯୋଗୁ ପ୍ରକଳ୍ପଗୁଡ଼ିକ ଆଗେଇବାରେ ବାଧା ସୃଷ୍ଟି କରିଛି। ସଙ୍କଟଗ୍ରସ୍ତ ଏହି ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ପାଇଁ ଗୋଟିଏ ପ୍ରକାର ସମାଧାନ ପନ୍ଥା ହୋଇପାରିବ ନାହିଁ ବୋଲି ରିପୋର୍ଟରେ ଜୋର୍ ଦିଆଯାଇଛି।




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଆର୍‌ପିଆର୍‌ସି ଶାଖା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପିଏନ୍‌ବି ଓଡ଼ିଶା ମଣ୍ଡଳ ମୁଖ୍ୟ ଗଣପତି ଲାଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ପ୍ରବନ୍ଧକ ପ୍ରତାପ କୁମାର ବଇରୀ ଗଞ୍ଜନ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡ. ମହେଶ ରଥ, ଡ. ସମ୍ବିତ ଦାସ ଏବଂ ଟିମ୍ ଏଥିରେ ଯୋଗ ଦେଇଥିଲେ।

# ଆର୍‌ବିଆଇଠାରୁ ୨୭,୩୮୦ କୋଟି ମାଗିଲେ ସରକାର

**ନୂଆଦିଲ୍ଲୀ,୧୦-୨**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୭,୩୮୦ କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ଦେଉ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆର୍‌ବିଆଇ ଏହି ଅର୍ଥକୁ ବିଗତ କିଛି ବର୍ଷ ହେବ ବିପଦ ପରିଚାଳନା ଏବଂ ସଂରକ୍ଷିତ ଭଣ୍ଡାର ଭାବେ ସଞ୍ଚୟ କରି ରଖିଥିଲା।

ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ରିଜର୍ଭ ବ୍ୟାଙ୍କ ୨୦୧୬-୧୭ ଆର୍ଥିକ ବର୍ଷର ବିପଦ ଏବଂ ସଂରକ୍ଷିତ ଭଣ୍ଡାର ରୂପରେ ୧୩,୧୯୦କୋଟି ଟଙ୍କା ନିଜ ପାଖରେ ରଖିଥିଲା। ସେହିପରି ୨୦୧୭-୧୮ରେ ଏହା ୧୪,୧୯୦ କୋଟି ଟଙ୍କା ପୁଞ୍ଜି ସଞ୍ଚୟ କରିଥିଲା। ଏଭଳି ଭାବେ ଏହା ନିକଟରେ ଏବେ ଉକ୍ତ ଟଙ୍କା ସଞ୍ଚିତ ହୋଇ ରହିଛି, ଯାହାକୁ ସରକାର ମାଗୁଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ସରକାର ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କକୁ ଅନ୍ତରୀଣ ଲାଭାଂଶ ଏବଂ ଗତ ଦୁଇ ବର୍ଷର ଅତିରିକ୍ତ ପାଣ୍ଠିରେ ରଖାଯାଇଥିବା ଅର୍ଥକୁ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଆର୍‌ବିଆଇ ଠାରୁ ସରକାର ଅନ୍ତରୀଣ ଲାଭାଂଶ ବାବଦରେ ୨୮ ହଜାର କୋଟି ଟଙ୍କା ପାଇପାରନ୍ତି ବୋଲି କେନ୍ଦ୍ର ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଥିଲେ। ଆର୍ଥିକ ବର୍ଷ ୨୦୧୮-୧୯ରେ ସରକାରଙ୍କୁ ଆର୍‌ବିଆଇ ୪୦ହଜାର କୋଟି ଟଙ୍କାର ଲାଭାଂଶ ଦେଇସାରିଥିଲା। ଯଦି ବୋର୍ଡର ମଞ୍ଜୁରୀ ପରେ ଏହା ୨୮ ହଜାର କୋଟି ଟଙ୍କା ପ୍ରଦାନ କରେ, ତେବେ ମୋଟ ଲାଭାଂଶ ପରିମାଣ ୬୮ ହଜାର କୋଟି ଟଙ୍କାରେ ପହଞ୍ଚିବ। ଉକ୍ତ ସୂତ୍ରରୁ କୁହାଯାଇଛି ଯେ, କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷରେ ଲାଭାଂଶ ବାବଦରେ ରିଜର୍ଭ ବ୍ୟାଙ୍କରୁ ୬୯ହଜାର କୋଟି ଟଙ୍କା ପାଇବାକୁ ଆଶାବାନ୍ଧିଛନ୍ତି। ରାଷ୍ଟ୍ରୀୟ ବ୍ୟାଙ୍କ, ଆର୍ଥିକ ସଂସ୍ଥା ଓ ଆର୍‌ବିଆଇ ଲାଭାଂଶକୁ ହିସାବକୁ ନେଲେ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରାୟ ୮୨,୯୧୧.୫୬ କୋଟି ଟଙ୍କା ପାଇବାକୁ ଯାଉଛନ୍ତି।




# ଆଇଡିବିଆଇ ବ୍ୟାଙ୍କର ଆର୍ଥିକ ଫଳାଫଳ ଘୋଷଣା

**ମୁମ୍ବାଇ,୧୦-୨**

ରାଷ୍ଟ୍ରାୟତ୍ତ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏଲ୍ଆଇସି ଆଇଡିବିଆଇ ବ୍ୟାଙ୍କର ୫୧% ଅଂଶଧନ ଅଧିଗ୍ରହଣ କାର୍ଯ୍ୟ ଚୂଡାନ୍ତ କରିବା ପରେ ବ୍ୟାଙ୍କରେ ଏହା ୨୧,୬୨୪ କୋଟି ଟଙ୍କା ପୁଞ୍ଜି ନିବେଶ କରିଛି। ଏହି ନିବେଶ ପରେ ଆଇଡିବିଆଇ ୨୦୧୮ ଡିସେମ୍ବର ସୁଦ୍ଧା ନିର୍ଦ୍ଧାରିତ ପୁଞ୍ଜି ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇଛି। ଡିସେମ୍ବର ୩୧ ସୁଦ୍ଧା ବ୍ୟାଙ୍କର ସିଇଟି-୧ ପୁଞ୍ଜି ୯.୩୨% ବୃଦ୍ଧି ଘଟିଛି। ୨୦୧୭ ସମାନ ସମୟରେ ଏହା ୬.୬୨% ଥିଲା। କାସା ୮୮,୨୦୬ କୋଟି, ସିଆର୍ଏଆର ୧୧.୯୩%ରୁ ୧୨.୫୧%, ମୋଟ ଜମାର ୩୮% କାସା ରହିଛି। ଜମାରେ ୧୦% ବୃଦ୍ଧି ଘଟି ୫୨,୨୨୫ କୋଟି ଟଙ୍କା ଛୁଇଁଛି। ମୋଟ ଏନ୍‌ପିଏ ଏବଂ ନେଟ୍ ଏନ୍‌ପିଏ ସଂଗ୍ରହରେ ଉନ୍ନତି ଘଟି ୨୯.୬୭% ଏବଂ ୧୪.୦୧% ରହିଛି, ଯାହା ପୂର୍ବେ ଚଳିତ ବର୍ଷ ସେପ୍ଟେମ୍ବରରେ ଯଥାକ୍ରମେ ୩୧.୭୮% ଏବଂ ୧୭.୩୦% ରହିଥିଲା। ଏନ୍‌ପିଏ ଆଦାୟ ଉନ୍ନତ ରହିବା ସହ ୩୪୪୦ କୋଟି ଟଙ୍କା ଛୁଇଁଛି। ବ୍ୟାଙ୍କ ୧୩୫୭ କୋଟି ଟଙ୍କା ନେଟ୍ ସୁଧ ଆୟ ଲାଭ କରିଛି। ସେହିଭଳି ପରିଚାଳନାଗତ ଲାଭ ୭୨୫ କୋଟି ଟଙ୍କା ରହିଛି। ଏହି ସମୟରେ ନେଟ୍ କ୍ଷତି ୪୧୮୫ କୋଟି ଟଙ୍କା ରହିଛି। ଅଧିଗ୍ରହଣ ପରେ ବ୍ୟାଙ୍କର ୧୮୦୦ ଶାଖାରେ ଏଲ୍ଆଇସି ପ୍ରଡକ୍ଟ ଉପଲବ୍ଧ ହେବ ବୋଲି ଆଇଡିବିଆଇ ପକ୍ଷରୁ ସୂଚନା ରହିଛି।




# ବଲାଙ୍ଗୀର ପହଞ୍ଚିଲେ ତେଲେଙ୍ଗାନାରୁ ଉଦ୍ଧାର ଦାଦନ ଶ୍ରମିକ



ତେଲେଙ୍ଗାନାରୁ ଉଦ୍ଧାର ହୋଇ ବଲାଙ୍ଗୀର ପହଞ୍ଚିଥିବା ୨୪ ଦାଦନ ଶ୍ରମିକ।

**ବଲାଙ୍ଗୀର ଅଫିସ, ୧୦।୨**

- ୯ ଶିଶୁ ସହ ୧୫ ଶ୍ରମିକଙ୍କୁ ମାଡ଼ ଅଭିଯୋଗ
- ଗାଁକୁ ପଠାଇବା ବ୍ୟବସ୍ଥା କଲା ଶ୍ରମ ବିଭାଗ

ତେଲେଙ୍ଗାନାର ପେଦ୍ଦାପଲ୍ଲୀ ଜିଲାର କଲ୍‌ଭାଚେର୍ଲ୍ଲା ଗ୍ରାମର ଏକ ଇଟାଭାଟିରେ ଦୀର୍ଘ ୫ ମାସ ଧରି ବନ୍ଧକ ଥିବା ୯ ଶିଶୁ ସହ ୧୫ଦାଦନ ଶ୍ରମିକ ଉଦ୍ଧାର ହୋଇଛନ୍ତି। ରବିବାର ଅପରାହ୍ଣରେ ଏମାନେ ବଲାଙ୍ଗୀର ରେଳ ଷ୍ଟେଶନ୍‌ରେ ପହଞ୍ଚିଛନ୍ତି। ଏହି ଦାଦନ ଶ୍ରମିକମାନେ ଜିଲାର ଦେଓଗାଁ, ଗୁଡଭେଲା, ଲୋଇସିଂହା, ସଇଁନ୍ତଲା ଓ ଟୁରେକେଲା ବ୍ଲକର ବିଭିନ୍ନ ଗାଁର। ଏହି ଦାଦନ ଶ୍ରମିକମାନଙ୍କୁ ସେଠାକାର ଇଟାଭାଟି ମାଲିକ ମାଡ ମାରିବା ସହି ଆର୍ଥିକ ଓ ଶାରୀରିକ ଶୋଷଣ କରିଥିବା ସେମାନେ ଅଭିଯୋଗ କରିଛନ୍ତି । ବଲାଙ୍ଗୀର ପହଞ୍ଚିବା ପରେ ନୂଆ ଜୀବନ ପାଇଲେ ବୋଲି ଉଦ୍ଧାର ଶ୍ରମିକମାନେ ଏଠାରେ କହିଛନ୍ତି। ଏମାନଙ୍କୁ ସରକାରୀ ରେଳବାଇ ଥାନାରେ ହସ୍ତାନ୍ତର କରାଯାଇଥିଲା। ଏହାପରେ ଶ୍ରମ ବିଭାଗ ଅଧିକାରୀମାନେ ଏହି ଦାଦନ ଶ୍ରମିକ ପରିବାରକୁ ସେମାନଙ୍କ ଗାଁକୁ ପଠାଇଛନ୍ତି।

ଗତ ପ୍ରାୟ ୬ ମାସ ତଳେ କଣ୍ଟାବାଞ୍ଜି ନିକଟସ୍ଥ ଖୁର୍ଲୁମୁଣ୍ଡା ଗାଁର ପୁରନ୍ଦର ବାଗ ନାମକ ଦାଦନ ସର୍ଦ୍ଦାର ଉପରୋକ୍ତ ଶ୍ରମିକ ପରିବାରକୁ ଅଗ୍ରୀମ ଦେଇ ତେଲେଙ୍ଗାନା ପଠାଇଥିଲେ। ଇଟା ଗଢ଼ିବାକୁ ଶ୍ରମିକମାନଙ୍କୁ ଜଣପିଛା ୨୦ରୁ ୨୫ହଜାର ଟଙ୍କା ଦିଆଯାଇଥିଲା । ଏହାବାଦ୍ ସେଠାରେ ଖାଇବା ଖର୍ଚ୍ଚ ସହ ବଳକା ଟଙ୍କା ଦିଆଯିବ ବୋଲି କୁହାଯାଇଥିଲା। ଅଧିକ ଇଟା ଗଢ଼ିବାକୁ ହେଲେ ଆହୁରି ଅଧିକ ଟଙ୍କା ଦିଆଯିବ ଓ ସେଠାରେ ସମସ୍ତ ଶ୍ରମିକଙ୍କ ପାଇଁ ରହିବା ସୁବ୍ୟବସ୍ଥା କରାଯିବ ବୋଲି ସର୍ଦ୍ଦାର କହିଥିଲେ। ସର୍ଦ୍ଦାରଙ୍କ କଥାରେ ପଡି ଏହି ଦାଦନ ଶ୍ରମିକ ପରିବାର ସହ ପେଦ୍ଦାପଲ୍ଲୀର କଲ୍‌ଭାଚେର୍ଲ୍ଲା ଗାଁର ଏମଏଏସ୍ ଇଟାଭାଟିକୁ ଯାଇଥିଲେ। ତେବେ ସେଠାରେ କାମ କଲାବେଳେ ଇଟାଭାଟି ମାଲିକ ଆରିଫ୍ ଦାଦନ ଶ୍ରମିକମାନଙ୍କୁ ଠିକ୍ ଭାବେ ଖାଇବାକୁ ଦେଇ ନ ଥିଲେ। ସପ୍ତାହରେ ଖାଇବା ପାଇଁ ପରିବାର ପିଛା ଦେଢ଼ଶହ ଟଙ୍କା ଦେଉଥିଲେ। ଅସୁସ୍ଥ ହେଲେ ମଧ୍ୟ ମାଡଦେଇ କାମ କରାଉଥିଲେ । ପୁରୁଷ ଶ୍ରମିକ ସହ ମହିଳାମାନଙ୍କୁ ମଧ୍ୟ ଇଟାଭାଟି ମାଲିକ ଆରିଫ୍ ନିସ୍ଥୁକ ମାଡ ମାରିଥିବା ଅଭିଯୋଗ କରିଛନ୍ତି । ତେବେ ଦାଦନ ଶ୍ରମିକ ଲୋଚନ ତମଲିଆ (ମେଘ) କୌଣସି ସୂତ୍ରରୁ ସେଠାକାର ମାନବିକ ଅଧିକାର ସଙ୍ଗଠନ ସିଭିଲ ଲିବର୍ଟିଜ୍ କମିଟି (ସିଏଲ୍‌ସି) ସଦସ୍ୟ ମଦାନ କୁମାର ସ୍ୱାମୀଙ୍କ ସହ ଯୋଗଯୋଗ କରିବାରୁ ତାଙ୍କରି ଉଦ୍ୟମରେ ଉକ୍ତ ଇଟାଭାଟିରୁ ୨୪ଦାଦନ ଶ୍ରମିକ ଉଦ୍ଧାର ହୋଇଥିଲେ । ଦଳିତ ଲିବେରେସନ୍ ଫ୍ରଣ୍ଟର ମାରୱାଡି ସୁଦର୍ଶନ ମଧ୍ୟ ଦାଦନ ଶ୍ରମିକ ଉଦ୍ଧାରରେ ବିଶେଷ ସହଯୋଗ କରିଥିବା ସୂଚନା ଦେଇଛନ୍ତି । ଇଟାଭାଟି ମାଲିକ ୨୪ ଦାଦନ ଶ୍ରମିକଙ୍କୁ କାଜିପେଟ୍ ରେଳ ଷ୍ଟେଶନ୍‌ରେ ନିସ୍ଥୁକ ମାଡ ମାରି ଏକ ଟ୍ରେନରେ ବସାଇ ଦେଇଥିଲେ । ସେମାନେ ବିଜୟୱାଡା ପହଞ୍ଚିବା ପରେ ସିଏଲସିର କୁମାର ସ୍ୱାମୀ ଦାଦନ ଶ୍ରମିକଙ୍କ ଖାଇବା ବ୍ୟବସ୍ଥା କରି ବିଜୟୱାଡାରୁ ରାୟଗଡା ପାସେଞ୍ଜର ଟ୍ରେନ୍‌ରେ ପଠାଇଥିଲେ । ରାୟଗଡାର କିଛି ସ୍ୱେଚ୍ଛାସେବୀ ଉଦ୍ଧାର ଦାଦନ ଶ୍ରମିକଙ୍କ ଅବସ୍ଥା ବୁଝି ଜିଆରପି ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ରାୟଗଡା ଜିଆରପି କନଷ୍ଟେବଲ ଦାମୋଦର ପାତ୍ର ଉକ୍ତ ୨୪ ଦାଦନ ଶ୍ରମିକଙ୍କୁ ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ୍‌ରେ ଏଠଶରେ ପହଞ୍ଚିବା ପରେ ବଲାଙ୍ଗୀର ରେଳବାଇ ପୋଲିସକୁ ହସ୍ତାନ୍ତର କରି ସେମାନଙ୍କ ଘରକୁ ପହଞ୍ଚାଇବାର ବ୍ୟବସ୍ଥା କରିବାକୁ କହିଥିଲେ । ଜିଲା ଶ୍ରମ ଅଧିକାରୀ ସୁରେଶ ବେହେରା ଓ ଜିଲା ଶ୍ରମ କମିଶନର ସରୋଜ ରଞ୍ଜିତ ରେଳବାଇ ଥାନାକୁ ଆସି ଉଦ୍ଧାର ସମସ୍ତ ଶ୍ରମିକଙ୍କୁ ବୋଲେରୋ ଯୋଗେ ସେମାନଙ୍କ ଗାଁକୁ ପଠାଇଥିଲେ ।

# ନାଟକ ସମାଜର ଦର୍ପଣ

**ସୋନପୁର,୧୦।୨(ନି.ପ୍ର.)**

ସୁବର୍ଣ୍ଣପୁରର ନାଟ୍ ଅନୁଷ୍ଠାନ ପକ୍ଷରୁ ଭୀମଭୋଇ କଳାମଣ୍ଡପଠାରେ ଚାଲିଥିବା ଦ୍ୱିତୀୟ ବହୁ ଭାଷୀୟ ନାଟକ ପ୍ରତିଯୋଗିତା ରାଷ୍ଟ୍ରୀୟ ନାଟ୍ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନାଟକ ଦରମରା ରାବଣ। ସୁବର୍ଣ୍ଣପୁର ଜିଲା ବଡକର୍ଲେର ବୀଣାପାଣି କଳା ସଂସଦ ଦ୍ୱାରା ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ରାବଣ ମରିନି, ବର୍ତ୍ତମାନ ସମାଜରେ ଏବେ ବି ବଞ୍ଚିଛି । ଲାଞ୍ଚ ନେଇ ଲୋକଙ୍କୁ ଲୁଣ୍ଠନ କରୁଛି। ବିକାଶ ବାଧାପ୍ରାପ୍ତ ହେଉଛି। ସମସ୍ତଙ୍କ ମିଳିତ ଉଦ୍ୟମ ଫଳରେ ରାବଣ ରୂପି ଦୁର୍ନୀତିଗ୍ରସ୍ତଙ୍କୁ ସାବାଡ କରା ଯାଇପାରିବ ବୋଲି ନାଟକ ମାଧ୍ୟମରେ କଳାକାର ମାନେ ବାର୍ତ୍ତା ଦେଇଥିଲେ।

ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସିନେ ଅଭିନେତା ଅଟଳ ବିହାରୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ନାଟକ ସମାଜର ଦର୍ପଣ ବୋଲି ଅଭିହିତ କରିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସିନେ ଅଭିନେତା ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କୁ ରାଷ୍ଟ୍ରୀୟ ନାଟ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ମରଣିକା ନାଟ୍ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ମରଣିକାର ମୁଖ୍ୟ ସମ୍ପାଦକ ନରେନ୍ଦ୍ର ଭୋଇ ଓ ସମ୍ପାଦକ କ୍ଷୀରୋଦ ବିହାରୀ ବିଶ୍ୱାଳ ଉପସ୍ଥିତ ଥିଲେ। ବାରଣାସୀର ମଞ୍ଚଦୂତମ୍ ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହିନ୍ଦୀ ନାଟକ ପ୍ରେମ କା ଉଦୟର ନିର୍ଦ୍ଦେଶକ ଅଜୟ ରୋଶନଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏହି ନାଟ୍ୟ ଅନୁଷ୍ଠାନକୁ ଶ୍ରେଷ୍ଠ ପ୍ରଯୋଜନା, ନାଟକର ଅଭିନେତ୍ରୀ ଜ୍ୟୋତିଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଓ ଅଭିନେତା ଅଜୟ ରୋଶନଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଯାଇଥିଲା। ହୀରାକୁଦର ଶବ୍ଦ ସାଂସ୍କୃତିକ ଅନୁଷ୍ଠାନକୁ ୨ୟ ଶ୍ରେଷ୍ଠ ପ୍ରଯୋଜନା ଓ ସୋହେଲାର ଡ୍ରାମା ଚେତନା ଅନୁଷ୍ଠାନକୁ ୩ୟ ଶ୍ରେଷ୍ଠ ପ୍ରଯୋଜନା ପୁରସ୍କାର ମିଳିଛି। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୭ଟି ଦଳର ୭୭କଳାକାର ଅଂଶଗ୍ରହଣ କରିଥିଲେ। ଶନିବାର ସମସ୍ତ କଳାକାରଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ରବିବାର ସାମ୍ପ୍ରତିକ ନାଟକର ପ୍ରୟୋଗ ଶୈଳୀକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପଦ୍ମଶ୍ରୀ ଡ. ସାଧୁ ମେହେର ମୁଖ୍ୟ ଅତିଥି, ଡ. ଜ୍ୟୋତିରଞ୍ଜନ ବହିଦାର ଆଲୋଚକ ଏବଂ ଡ. ସୁଧାଂଶୁ ପଟ୍ଟନାୟକ, ଗଦାଧର ବାରିକ ଓ ଶିକ୍ଷାବିତ୍ ହରପ୍ରସାଦ ରଥ ପ୍ରମୁଖ ଯୋଗ ଦେଇଥିଲେ। ନାଟକ ପ୍ରତି କଳାକାରଙ୍କର ସମର୍ପଣ ଭାବ ରହିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ନାଟ୍‌ର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ, ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା ମଞ୍ଚାସୀନ ଥିଲେ। ସାଂସ୍କୃତିକ ସମ୍ପାଦକ ଅବିନାଶ ହୋତା ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଞ୍ଜୟ କୁମାର ପଣ୍ଡା, ସମୀର ସାହୁ, ଦେବାଶିଷ ପଟ୍ଟନାୟକ ଓ ଜ୍ୟୋତି ବିକାଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ବିଶିଷ୍ଟ ସିନେ ଅଭିନେତା ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କୁ ରାଷ୍ଟ୍ରୀୟ ନାଟ୍ ସମ୍ମାନ ପ୍ରଦାନ କରାଯାଉଛି।

**ରାଷ୍ଟ୍ରୀୟ ନାଟ୍ ମେଳା ଉଦ୍‌ଯାପିତ**

- ସିନେ ଅଭିନେତା ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କୁ ରାଷ୍ଟ୍ରୀୟ ନାଟ୍ ସମ୍ମାନ
- ଜ୍ୟୋତି, ଅଜୟ ଶ୍ରେଷ୍ଠ ଅଭିନେତ୍ରୀ, ଅଭିନେତା
- ଦରମରା ରାବଣ ମଞ୍ଚସ୍ଥ

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଭାରତ ସରକାର
ଏକ ପାଦ ସ୍ୱଚ୍ଛତା ଆଡ଼କୁ



ସାରା ଓଡ଼ିଶାରେ
ଏକ ସାଥିରେ ପାଳନ ହେଉଛି

ଉଜ୍ଜ୍ୱଳା
"ସ୍ୱାଭିମାନ ଉତ୍ସବ"

ଶୁଶ୍ରୀ ଉମା ଭାରତୀ
ପାନୀୟ ଜଳ ଏବଂ ପରିମଳ ମନ୍ତ୍ରୀ
ଭାରତ ସରକାର

ଧର୍ମେନ୍ଦ୍ର ପ୍ରଧାନ
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍,
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦେବେ

ଉତ୍ସବ ସ୍ଥଳ

| ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ |
|---|---|
| ମୟୂରଭଞ୍ଜ | ମେଳଣ ପଡ଼ିଆ, କରଞ୍ଜିଆ |
| ମୟୂରଭଞ୍ଜ | ଗାନ୍ଧି ପଡ଼ିଆ, ନଛିପୁରିଆ, ବେତନଟୀ |
| ବାଲେଶ୍ୱର | ଚଣ୍ଡିମନ୍ଦିର ସାମ୍ନା ପଡ଼ିଆ, ସଜନାଗଡ଼, ନୀଳଗିରି |
| ଭଦ୍ରକ | ବ୍ଲକ୍ ଅଫିସ୍ ସାମ୍ନା ପଡ଼ିଆ, ବନ୍ତ |
| କେନ୍ଦ୍ରାପଡ଼ା | ରାଜନଗର ହାଇସ୍କୁଲ ପଡ଼ିଆ, ରାଜନଗର |
| ଯାଜପୁର | ବାସନ୍ତୀ ପଡ଼ିଆ, ଦାଣ୍ଡିସାହି, ଦଶରଥପୁର |
| କେନ୍ଦୁଝର | ଗାଁ ପଡ଼ିଆ, ବାଲିପାଳ, ଘସିପୁରା |
| ଅନୁଗୋଳ | ମକର ମେଳଣ ପଡ଼ିଆ, ବାଲିସାହି |
| ଢେଙ୍କାନାଳ | ବିଶ୍ୱକର୍ମା ପଡ଼ିଆ, ଖଜୁରିଆକଟା, ହିନ୍ଦୋଳ |
| କଟକ | ବନିପଦା ଫୁଟବଲ ପଡ଼ିଆ, ଟାଙ୍ଗୀ |
| କଟକ | ଗୋବରୀ ବ୍ରିଜ୍ ପାଖ ପଡ଼ିଆ, ଅଳିଜୋଡ଼ା, ମାହାଙ୍ଗା |
| ଜଗତସିଂହପୁର | ବିବେକାନନ୍ଦ ହାଇସ୍କୁଲ ପଡ଼ିଆ, ଜୋତ |
| ପୁରୀ | ଶୁଭପ୍ରଭା ମଣ୍ଡପ ପଡ଼ିଆ, କୁସୁପୁର, ଗୋପ |
| ଖୋର୍ଦ୍ଧା | ନୂଆ ବସ୍‌ଷ୍ଟାଣ୍ଡ ପଡ଼ିଆ, ଜଟଣୀ |
| ନୟାଗଡ଼ | ବାଲୁଙ୍କେଶ୍ୱର ପଡ଼ିଆ, କଞ୍ଚନବିଲି |

| ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ |
|---|---|
| କନ୍ଧମାଳ | ଶିବ ମନ୍ଦିର ପଡ଼ିଆ, କେ ନୂଆଗାଁ |
| ଗଞ୍ଜାମ | ରଥଦାଣ୍ଡ, ଜରଡ଼ା, ପାତ୍ରପୁର |
| ଗଞ୍ଜାମ | ସମଲେଇ ମନ୍ଦିର ପାଖ ପଡ଼ିଆ, ବୁରୁପଦା, ହିଞ୍ଜିଳି |
| ରାୟଗଡ଼ା | ବସ୍‌ଷ୍ଟାଣ୍ଡ ପାଖ ପଡ଼ିଆ, ଶିକରପଇ, କଲ୍ୟାଣସିଂହପୁର |
| କୋରାପୁଟ | ବ୍ଲକ୍ ଅଫିସ୍ ପାଖ ପଡ଼ିଆ, ଲକ୍ଷ୍ମୀପୁର |
| ମାଲ୍‌କାନଗିରି | ମାଥିଲି ଖେଳ ପଡ଼ିଆ, ମାଥିଲି |
| ନବରଙ୍ଗପୁର | ରତାଖଣ୍ଡିଗୁଡ଼ା ଷ୍ଟାଡିୟମ, ରତାଖଣ୍ଡିଗୁଡ଼ା, ଝରିଗାଁ |
| କଳାହାଣ୍ଡି | ପଞ୍ଚାୟତ ହାଇସ୍କୁଲ ପଡ଼ିଆ, ଦୁଆରସୁଣି, ଭବାନୀପାଟଣା |
| ନୂଆପଡ଼ା | ସାପ୍ତାହିକ ବଜାର ପଡ଼ିଆ, ବୋଡ଼େନ, ଖରିଆର |
| ବଲାଙ୍ଗୀର | କରମତଳା ହାଇସ୍କୁଲ ପଡ଼ିଆ, ସଇଁତଳା |
| ବରଗଡ଼ | ଗାଁ ପଡ଼ିଆ, କଣ୍ଟାପାଲ୍ଲୀ |
| ଝାରସୁଗୁଡ଼ା | ସତସଙ୍ଗ ଭବନ ପଡ଼ିଆ, ମନମୋହନ ଏମ୍‌ଇ ସ୍କୁଲ ପାଖ |
| ସମ୍ବଲପୁର | ମିନି ଷ୍ଟାଡିୟମ, ନାକଟିଦେଉଳ |
| ସୁନ୍ଦରଗଡ଼ | ରାଜାବଙ୍ଗଳା ପଡ଼ିଆ, ବାଲିଶଙ୍କରା |
| ସୁନ୍ଦରଗଡ଼ | ରାହାସ ପଡ଼ିଆ, ଜଗନ୍ନାଥ ମନ୍ଦିର ପାଖ, କୁଆଁରମୁଣ୍ଡା |

୧୧ ଫେବୃୟାରୀ ୨୦୧୯

## ସେଲ୍‌ଫି କର୍ଣ୍ଣର



@ ବିବେକାନନ୍ଦ



@ ଆନନ୍ଦ



@ ପ୍ରଦୀପ୍ତ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)


airasia.com
AirAsia
Take off with
LOVE
to Thailand, Malaysia
and Beyond
Thailand
FREE
VISA-ON-ARRIVAL
till 30 April 2019
For lowest fares book only on www.airasia.com or the AirAsia Mobile App
Fly from Bhubaneswar
Bangkok
Kuala Lumpur
ALL-IN FARE FROM
₹2,999
Fly thru
Bali • Ho Chi Minh City • Melbourne
Langkawi • Manila • Krabi • Phuket
Sydney • Singapore
and many more destinations
ALL-IN FARE FROM
₹4,799
airasia.com
Now Everyone Can Fly
Book now till 17 Feb 2019
Travel from 25 Feb till 31 Jul 2019
AirAsia
AirAsia
All India domestic flights are operated by AirAsia India Ltd. and all international flights are operated by either AirAsia Berhad, Thai AirAsia Co. Ltd., AirAsia X Berhad or PT. Indonesia Co. Ltd. Our seats are limited and may not be available on all flights during public holidays, school breaks and weekends. Discount is applicable only on the base fare. All-in fares include fares, fuel surcharges and airport taxes. Inclusive of one-way only. A payment processing fee is applicable to all payments made via credit, debit or charge cards. Our other terms and conditions of arriage apply. Skytrax has named AirAsia Group as World's Best Low-Cost Airline for the tenth year in a row. **AirAsia India being a joint-venture of AirAsia Berhad, is a part of AirAsia Group and is permitted by Skytrax to use this logo for Indian market.

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଫେବୃଆରୀ ୧୧/୨୦୧୯ Sambalpur, Monday, February 11 / 2019

# ବନ କର୍ମଚାରୀଙ୍କୁ ମାଡ଼ମାରି ଜଣେ ଗିରଫ

**ଉଲୁଣ୍ଡା, ୧୦।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନବିଭାଗ କର୍ମଚାରୀଙ୍କୁ ମାଡ ମାରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଜଣେ ଫେରାର ହୋଇଯାଇଛନ୍ତି। କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ପିପଲକଟା ଗ୍ରାମର ରସାନନ୍ଦ ବାରିକ। ପୋଲିସ ସୂଚନା ଅନୁସାରେ ଫରେଷ୍ଟଗାର୍ଡ ଚୌଦୁରି ଦଳପତି ଅନ୍ୟ ତିନି କର୍ମଚାରୀଙ୍କ ସହ ଚାନ୍ଦିଲି ଜଙ୍ଗଲରେ କଟା ହୋଇ ପଡିଥିବା ଏକ ମହୁଲ ଗଛକୁ ଜବତ କରିବାକୁ ଯାଇଥିଲେ। ସେତେବେଳେ ଘଟଣାସ୍ଥଳରେ ପିପଲକଟା ଗ୍ରାମର ରସାନନ୍ଦ ଏବଂ ଅନ୍ୟଜଣେ ବ୍ୟକ୍ତି ଉପସ୍ଥିତ ଥିଲେ। ସେମାନେ ବନ ବିଭାଗ କର୍ମଚାରୀଙ୍କୁ ଉକ୍ତ କାଠ ଜବତ କରିବାକୁ ବାଧା ଦେଇଥିଲେ। ଆମ ଗଛ କାହିଁକି ନେଉଛ ବୋଲି କହି ଉଭୟେ ଏକ ଟାଙ୍ଗିଆରେ ସେମାନଙ୍କୁ ଆକ୍ରମଣ କରିବା ସହିତ ମାଡ ମାରିଥିଲେ। ଫଳରେ ସ୍କ୍ୱାଡରେ ଥିବା ଶେଷଦେବ ବେହେରା ଆହତ ହୋଇଥିଲେ। ଏ ନେଇ ଶେଷଦେବ ଏବଂ ଚୌଦୁରି ଉଲୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୧୩/୧୯)ରୁଜୁ କରି ରସାନନ୍ଦଙ୍କୁ ଗିରଫ କରିଥିଲା।

TATA MOTORS
Connecting Aspirations
TATA

୨୦୧୮ର ସର୍ବୋତ୍ତମ ଅଫର - ଏବେ ମଧ୍ୟ ସର୍ବଶ୍ରେଷ୍ଠ
ଶୀଘ୍ର ! ଅଫର ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ ଅଟେ ।




National EXCHANGE Campaign
5th Feb to 11th Feb, 2019
ସବୁ ଟାଟା ମୋଟର କାର୍ ଗୁଡ଼ିକ ଉପରେ ସର୍ବାଧିକ ଏକ୍ସଚେଞ୍ଜ ଅଫର

| Models | Hexa | Nexon | Tiago | Tigor |
|---|---|---|---|---|
| Ex-Showroom Price | ₹12.99Lakh* | ₹6.50Lakh* | ₹4.37Lakh* | ₹5.63Lakh* |
| Exchange Offer | ₹20,000* | ₹20,000* | ₹15,000* | ₹25,000* |
| Maximum Benefit | ₹1,07,000* | ₹76,000* | ₹56,000* | ₹90,000* |

TATA NEXON
ଭାରତର ନିରାପଦ କାର
GLOBAL NCAP
TATA NEXON 2018 TEST (2 airbags)
#SAFERCARSFORINDIA

Special offers for Government / Corporate Employees, Police Dept., LIC Employee & Agents, Government Hospital - Doctors & Staff, Hardware & Paint Shop Owners*

TRUST OF INDIA
EXCHANGE THROUGH TATA MOTORS ASSURED

Authorised TATA Motors Dealerships:

BALANGIR: Laxmi Sales & Service- 7574891502
BARGARH: Laxmi Sales & Service 7574891502
BHAWANIPATNA: Laxmi Sales & Service 8448994722
BOUDH: Monalisha Motors 8448994720
JHARSUGUDA: Maa Samaleshwari Automobiles- 8527232176
SAMBALPUR: Maa Samleswari Auto- 8884498973
SONEPUR: Maa Samaleshwari Automobiles-8884498973
ROURKELA: Balaram Motors 8884498974
SUNDARGARH: Balaram Motors 8448994748

*Offer valid on select model/colour and on available stocks at Tata Motors authorized dealerships. February benefits include exchange bonus, savings due to expected price hike, corporate offers and cash discounts if any. Images and illustrations are indicative and for information purposes only. All features/specifications are not available in all variants and may vary for different variants. Accessories may or may not be a part of standard fitment. Finance is at the sole discretion of the Financier. Price is Ex-Showroom Bhubaneswar. Terms & Conditions apply.

SUZUKI
Way of Life!

SUZUKI
ଡବଲ୍ ଧମାକା
ଯେକୌଣସି ସୁଜୁକି ଟୁ-ହ୍ୱୀଲର୍ କିଣନ୍ତୁ ଆଉ ପାଆନ୍ତୁ

2ଗ୍ରା* ସ୍ୱର୍ଣ୍ଣ ମୁଦ୍ରା ଜିତିବାର ସୁଯୋଗ + ₹5000/-* ର ଏକ୍ସଚେଞ୍ଜ ବୋନସ୍




ଯେକୌଣସି ସୁଜୁକି ଟୁ-ହ୍ୱୀଲର୍ କିଣନ୍ତୁ ଏବଂ ₹12,000/-* ପର୍ଯ୍ୟନ୍ତର ଲାଭ ହାସଲ କରନ୍ତୁ

₹5,000/-* ପର୍ଯ୍ୟନ୍ତର ନିଶ୍ଚିତ ବୀମା ଲାଭ

100%* ପର୍ଯ୍ୟନ୍ତର ଫାଇନାନ୍ସ ଉପଲବ୍ଧ - ଅନ୍-ଦ-ସ୍ପଟ୍ ଆପ୍ରୁଭାଲ୍

Paytm mall ଜରିଆରେ ବୁକ୍ କରନ୍ତୁ ଆଉ ₹7,000/-* ପର୍ଯ୍ୟନ୍ତର ଲାଭ ପାଆନ୍ତୁ
Scan and Book

ସରକାରୀ କର୍ମଚାରୀ/ କର୍ପୋରେଟ୍ ସ୍କିମ୍ - ₹2,000/-* ପର୍ଯ୍ୟନ୍ତର ଲାଭ

**Disclaimer:** • Images used are for illustration purposes only. • Accessories shown in the pictures are not a part of the standard product and may vary from variant to variant. • Fuel efficiency as certified by iCAT under rule 115 of CMVR, 1989. • Finance at sole discretion of the finance company. • Paytm Benefits as per Paytm offer(s). • Offers are from Suzuki Motorcycle Authorized dealer(s). • Gold Coin is of 22 carat.

Ride safe. Wear a helmet.

**For further information call Suzuki Motorcycle India Private Limited (toll-free): 1800 - 121 - 7996 or write to us at: customer.queries@suzukimotorcycle.in**

**Orissa: Bhubaneswar: Jyote Suzuki Patia,** Ph: 8338033885, **Super Sales Bapuji Nagar,** Ph: 7873978600, 0674-2597491, 2597823, **Cuttack: Shree Mahaveer Suzuki,** Ph: 0671-2367441, 7440036300, 7440036303, **Jajpur Road: Om Sai Suzuki,** Ph: 8598899002, 8598899001, **Berhampur: Berhampur Suzuki,** Ph: 9437558282, 9040023499, 0680-2226633, 7873942227, **Bhawanipatna: Aditya Suzuki,** Ph: 9437092325, 06670-234475, **Rourkela: Sinha Suzuki, Panposh Road, Rourkela,** Ph: 7077704214, 9090246046, **Jeypore: Surya Suzuki, beside IDBI BANK,** Ph: 7873656466, 8763811186, **Baripada: Seba Motors, Chhamch (Near Income Tax Office) Baripada,** Ph: 8249440465, **Keonjhar: Sai Kritika Suzuki, Madhupur Square, NH 49, Keonjhar,** Ph: 9437056114, 8249660711, **Bhadrak: Toshali Suzuki, Bonch Chowk, Near Bus Stand, Bhadrak,** Ph: 7008217628, 9437084997, **Sambalpur: Trinity Suzuki, NH -6, Panchgachia, Baraipali, Sambalpur,** Ph: 7205950221, 8093450221.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



କେହି ଧାର୍ମିକ କି ଅଧାର୍ମିକ ପରୀକ୍ଷା କରିବାକୁ ହେଲେ ପ୍ରଥମେ ଦେଖିବାକୁ ହେବ ଯେ ସେହି ବ୍ୟକ୍ତି କେତେଦୂର ସ୍ୱାର୍ଥପର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଅଧ୍ୟାପକଙ୍କ ଜାତିଆଣ ଆକ୍ଷେପ ଅଭିଯୋଗ

ସୋନପୁର,୧୦।୨(ନି.ପ୍ର.)
ସୋନପୁର କଲେଜ ବାଣିଜ୍ୟ ବିଭାଗର ପ୍ରାଧ୍ୟାପକ ସନ୍ତୋଷ କୁମାର ମହାପାତ୍ରଙ୍କ ନାମରେ ଟାଉନ ଥାନାରେ ଜାତିଆଣ ଆକ୍ଷେପ ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ମହାପାତ୍ରଙ୍କ ନାମରେ ଏକ ମାମଲା ରୁଜୁ କରିଛି। ସହରର ଟିକିରିପଡାର ପ୍ରମୋଦ କୁମାର ବାଘଙ୍କ ପତ୍ନୀ ସସ୍ମିତା ପ୍ରାଧ୍ୟାପକ ମହାପାତ୍ରଙ୍କ ନାମରେ ଏହି ଅଭିଯୋଗ କରିଛନ୍ତି। ସସ୍ମିତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ପ୍ରମୋଦ ଶନିବାର ସକାଳେ ସୋନପୁର ଥାନାକୁ ଯାଉଥିଲେ। ସମଲେଇ ମନ୍ଦିର ନିକଟରେ ପ୍ରାଧ୍ୟାପକ ମହାପାତ୍ର ତାଙ୍କ ସ୍ୱାମୀଙ୍କୁ ଅଟକାଇ କୁଆଡେ ଜାତି ଉଠାଇ ଗାଳି ଗୁଲଜ ସହିତ ହତ୍ୟା ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି । ଏପରିକି ତାଙ୍କ ଟିକିରିପଡାସ୍ଥିତ ଘରେ ପହଞ୍ଚି ପ୍ରାଧ୍ୟାପକ ଧମକ ଚମକ ଦେଇଥିବା ମଧ୍ୟ ସସ୍ମିତା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ପ୍ରାଧ୍ୟାପକ ସନ୍ତୋଷ ମହାପାତ୍ର କୁହନ୍ତି ଅଭିଯୋଗ କପୋଳକଳ୍ପିତ ଓ ସମ୍ପୂର୍ଣ୍ଣ ମନଗଢା । ତଦନ୍ତ ହେଲେ ସବୁ ଜଣାପଡିବ। ଅଭିଯୋଗକାରିଣୀଙ୍କ ସ୍ୱାମୀ ସୋନପୁର କଲେଜର ମୁଖ୍ୟ କିରାଣି ତଥା ଆକାଉଣ୍ଟାଣ୍ଟ ଥିଲେ। କଲେଜ ପରିଚାଳନା କମିଟି ଗତ ୫ ତାରିଖରେ ତାଙ୍କୁ ନିଲମ୍ବନ କରିଛି। ଆର୍ଥିକ ଅନିୟମିତତା ଅଭିଯୋଗରେ ତାଙ୍କ ନାମରେ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। କଲେଜରେ ହୋଇଥିବା ଅନିୟମିତତାର ତଦନ୍ତ କମିଟିରେ ସେ ଥିବାରୁ ତାଙ୍କ ନାମରେ ଏହି ଅଭିଯୋଗ ଅଣା ଯାଇଥିବା କହିଛନ୍ତି।

## ଶିଶୁବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

# ଶୈକ୍ଷିକ ପରିବେଶ ଭଲମଣିଷ ତିଆରି କରେ

ଉଲୁଣ୍ଡା, ୧୦।୨(ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଚଡେଇପଙ୍କ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନବମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଶ୍ରୀବନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସେହିପରି ବକ୍ତା ଭାବେ ଡ. କୈଳାସ ଚାନ୍ଦ ଯୋଗଦେଇ ଶୃଙ୍ଖଳିତ ଓ ସଂସ୍କାରିତ ଶୈକ୍ଷିକ ପରିବେଶ ଶିଶୁକୁ ଭଲମଣିଷ ଭାବେ ଗଢି ତୋଳିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସଙ୍କୁଳ ପ୍ରମୁଖ ପବିତ୍ର ମୋହନ ନେଗି ଏଥିରେ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି ମାଧ୍ୟମରେ ଶିଶୁଙ୍କୁ ନିଜକୁ ଆଦର୍ଶ ଭାବରେ ଗଢିବାର ରାସ୍ତା ଦେଖାଇଥିଲେ। ଅନୁଷ୍ଠାନ ସମ୍ପାଦକ ମନୋଜ କୁମାର ସାହୁ ଅତିଥି ପରିଚୟ ଓ ପ୍ରଧାନ ଆଚାର୍ଯ୍ୟ ସଞ୍ଜୀବ କୁମାର ପୁରୋହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସୁମୀ ମହାଲିଙ୍ଗ, ସରୋଜ ଡୁଙ୍ଗଡୁଙ୍ଗ, ବିବେକ ମୁଣ୍ଡା, ଝୁମି ମହାଲିଙ୍ଗଙ୍କ ସମେତ ପଠାଣୀ ସାମନ୍ତ ଶିକ୍ଷାବୃତ୍ତି ପାଇଥିବା ରାହୁଲ ଝାଙ୍କର, ସ୍ମୃତୀ ପଧାନ, ଶିବାନୀ ପାଢୀ, ତୃତୀୟ ବୃତ୍ତି ପାଇଥିବା ତୃପ୍ତିମୟୀ ମେହେର ଏବଂ ମେଧାବୃତ୍ତିରେ ଓମକାର ଶୁଭ୍ରଜ୍ୟୋତୀ ମିଶ୍ର ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଏବଂ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ପ୍ରକାଶ ବଡେଇଙ୍କ ମଞ୍ଚ ପରିଚାଳନାରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ହୃଷିକେଶ ଦାଶଙ୍କ ନିର୍ଦ୍ଦେଶିତ କୋସଲୀ ନାଟକ 'କରିଆ' ମଞ୍ଚସ୍ଥ ହୋଇଥିଲା। ଶେଷରେ ଧନଞ୍ଜୟ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।



ଚଡେଇପଙ୍କ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ବହଲପଦର,କୁସୁର୍ଡା ସେମିରେ

ଅମରପାଲି, ୧୦।୨(ଡି.ଏନ.ଏ)
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଓ ଜେମସ ଷ୍ଟାର କ୍ଲବର ମିଳିତ ଆନୁକୂଲ୍ୟରେ ଚାଲିଥିବା ଅମରପାଲି କ୍ରିକେଟ କପ୍‌ର ରବିବାର ଥିଲା ତୃତୀୟ ଦିବସ। ଏହି ଦିନ ଖେଳା ଯାଇଥିବା ମ୍ୟାଚରେ ବହଲପଦର ଓ କୁସୁର୍ଡା ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ ବିଶାଳପାଲି ଓ କୁସୁର୍ଡା ମଧ୍ୟରେ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ବିଶାଳପାଲି ୯ ଓଭରରେ ସମସ୍ତ ଉଇକେଟ ହରାଇ ୫୦ ରନ ସଂଗ୍ରହ କରିଥିଲା। ଯବାବରେ କୁସୁର୍ଡା ଆବଶ୍ୟକ ୫୧ରନକୁ ୬ ଓଭରରେ ୨ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅମରପାଲି ଓ ପ୍ରଥମ ମ୍ୟାଚର ବିଜେତା କୁସୁର୍ଡା ମଧ୍ୟରେ ହୋଇଥିଲା। ଅମରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୮୬ ରନ କରିଥିଲା। ଯବାବରେ କୁସୁର୍ଡା ଦଳ ଆବଶ୍ୟକ ରନକୁ ୮ଉଇକେଟ ହରାଇ ୯.୪ ଓଭରରେ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଛି। ତୃତୀୟ ମ୍ୟାଚ ଡାହାଣିପାଲି ଓ ସାନକିରାସିରା ମଧ୍ୟରେ ହୋଇଥିଲା। ଡାହାଣିପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୭୩ ରନ କରିଥିଲା। ଯବାବରେ ସାନକିରାସିରା ଦଳ ଆବଶ୍ୟକ ୭୪ ରନକୁ ୮.୧ ଓଭରରେ ୫ଉଇକେଟ ହରାଇ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ ବହଲପଦର ଓ ସାନକିରାସିରା ମଧ୍ୟରେ ହୋଇଥିଲା । ସାନକିରାସିରା ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୨ ଉଇକେଟ ହରାଇ ୫୦ ରନ କରିଥିଲା। ଯବାବରେ ବହଲପଦର ଦଳ ଆବଶ୍ୟକ ୫୧ ରନକୁ ୩.୪ ଓଭରରେ କୌଣସି ଉଇକେଟ ନହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା।

## ଏକଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ: ସିଂଘିଯୁବା ଚାମ୍ପିୟନ

ବିନିକା,୧୦।୨(ଡି.ଏନ୍.ଏ.)
ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ଗ୍ରାମର ଖେଳ ପଡିଆରେ ରବିବାର ଯୁବ କ୍ରିକେଟ୍ ଖେଳାଳି ସ୍ୱର୍ଗତ ଅଶୋକ ପାଣ୍ଡେଙ୍କ ସ୍ମୃତିରେ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ଆୟୋଜିତ ହୋଇଯାଇଛି । ମ୍ୟାଚ୍‌ରେ ୮ ଗ୍ରାମୀଣ ଦଳ ଭାଗ ନେଇଥିଲେ। ୨ଓଭର ବିଶିଷ୍ଟ ମ୍ୟାଚ୍‌ର ଫାଇନାଲ ଖେଳ ସିଂଘିଯୁବା ଏବଂ ବ୍ରାହ୍ମଣୀପାଲି ମଧ୍ୟରେ ହୋଇଥିଲା । ବ୍ରାହ୍ମଣୀପାଲି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ନିଷ୍ପତ୍ତି ନେଇଥିଲା। ବ୍ରାହ୍ମଣୀପାଲି ୨ ଓଭର ମଧ୍ୟରେ କୌଣସି ଉଇକେଟ୍ ପତନ ନ କରି ୨୩ ରନ୍ କରିଥିଲା । ଯବାବରେ ସିଂଘିଯୁବା କ୍ରିକେଟ ଦଳ ଗୋଟିଏ ଉଇକେଟ୍ ହରାଇ ବିଜୟ ରନ୍ ହାସଲ କରି ଚାମ୍ପିୟନ ଘୋଷିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବନମାଳୀ ପାଣ୍ଡେ, ଆର୍ଯ୍ୟନ ପାଣ୍ଡେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ।



ଚାମ୍ପିୟନ ସିଂଘିଯୁବା ଦଳର ଖେଳାଳିମାନେ।

# ସ୍ୱାମୀଙ୍କ ମୃତଦେହ ଦେଖି ଜୀବନ ହାରିଲେ ସ୍ତ୍ରୀ

## ଅସହାୟ ହୋଇଗଲେ ଦେଢ଼ବର୍ଷର ଶିଶୁପୁତ୍ର

ଖୋର୍ଦ୍ଧା ଅଫିସ,୧୦।୨:
ବିପଦ ସମୟରେ ଧୈର୍ଯ୍ୟ ନ ଧରିଲେ କେଉଁଭଳି ଦୁଃଖଦ ପରିସ୍ଥିତି ସୃଷ୍ଟି ହୁଏ ତାହା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନାରୁଣୀ ପଞ୍ଚାୟତ ଅଧୀନ ବଡ଼ପଦର ଗାଁରେ। ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ମୃତଦେହ ଦେଖି ଏତେ ମ୍ରିୟମାଣ ହୋଇଗଲେ ଯେ, ଅନ୍ୟ ସବୁକଥାକୁ ତୁଚ୍ଛ ମନେକରି ନିଜ ଜୀବନ ହାରିଦେଲେ। ଫଳରେ ମା'ବାପା ବୋଲି କିଛି ଜାଣିବା ପୂର୍ବରୁ ସେମାନଙ୍କ ଦେଢ଼ବର୍ଷର ଶିଶୁପୁତ୍ର ଅସହାୟ ହୋଇଯାଇଛନ୍ତି। ଏବେ ତାଙ୍କ ଲାଳନପାଳନ ଭାର ଠିକ୍ ଭାବେ ଉଠିବସିପାରୁ ନ ଥିବା ୭୨ ବର୍ଷ ବୟସ୍କା ଜେଜେମା'ଙ୍କ ଉପରେ ରହିଛି। ଗୋଟିଏ ପଟେ ଜୀବନର ଶେଷ ସମୟରେ ପୁଅବୋହୂଙ୍କୁ ହରାଇବାର ଦୁଃଖ ତାଙ୍କୁ ଭାଙ୍ଗିଦେଇଥିବାବେଳେ ଅନ୍ୟପଟେ ନାତିର ଲାଳନପାଳନ ଚିନ୍ତା ଘାରୁଛି।

ଘଟଣାଟି ଏହିପରି। ବଡପଦର ଟାଙ୍ଗିମୁଣ୍ଡସାହିର ଶଙ୍କର ଭୋଳଙ୍କର ୫ ପୁଅ। ଶଙ୍କରଙ୍କ ମୃତ୍ୟୁ ଘଟିସାରିଥିବାବେଳେ ୫ ପୁଅ ଅଲଗା ରହୁଥିଲେ। ଶଙ୍କରଙ୍କ ସ୍ତ୍ରୀ ଶଶି ପୁଅମାନଙ୍କ ପାଖରେ ରହିଆସୁଥିଲେ। ସାନପୁଅ ମହାଦେବ ଭୋଳ(୨୬) ଗଞ୍ଜାମ ଜିଲାର ରେବତୀ(୨୨)ଙ୍କୁ ବିବାହ କରିଥିଲେ। ଦେଢ଼ବର୍ଷ ତଳେ ସେମାନଙ୍କ ଶିଶୁପୁତ୍ର ଜନ୍ମ ହୋଇଥିଲା। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ମହାଦେବ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଜଣେ ଠିକାଦାରଙ୍କର ପୋକ୍‌ଲିନ୍ ଚାଳକ ଭାବେ କାମ କରୁଥିଲେ। ଯାହା ରୋଜଗାର ହୁଏ ସେଠାରେ ନିଜେ ଚଳିବା ସହ ପରିବାର ପାଇଁ ଟଙ୍କା ପଠାନ୍ତି। ହେଲେ ଗତ ୭ ତାରିଖ ଥିଲା ତାଙ୍କ ପାଇଁ କାଳର ଦିନ। ମହାଦେବ ବସା ଘରେ ବିଶ୍ରାମ ନେଉଥିଲେ। ଏହିସମୟରେ ଏକ ରଣା ସାପ ତାଙ୍କ ପେଟକୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫୋନ ଯୋଗେ ମହାଦେବଙ୍କ ମୃତ୍ୟୁ ଖବର ପରିବାର ସଦସ୍ୟ ପାଇଥିଲେ। ଫଳରେ ଘରେ ଚୁଲି ଜଳି ନ ଥିଲା। ମହାଦେବଙ୍କ ଭାଇ ମୃତଦେହ ଆଣିବା ପାଇଁ କେତେଜଣ ସହଯୋଗୀଙ୍କ ସହ ହାଇଦ୍ରାବାଦ ଯାଇଥିଲେ। ଶନିବାର ରାତିରେ ମହାଦେବଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଆତ୍ମୀୟ ସ୍ୱଜନ, ଗାଁ ଲୋକ ମୃତଦେହକୁ ଶ୍ମଶାନ ନେବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ସ୍ୱାମୀଙ୍କ ଏଭଳି ଅକାଳ ମୃତ୍ୟୁକୁ ସହ୍ୟ କରିପାରି ନ ଥିଲେ ରେବତୀ। ଜୀବନ ହାରିବାକୁ ଚରମ ନିଷ୍ପତ୍ତି ନେଇ ବିଷ ପିଇଦେଇଥିଲେ। ଗୋଟିଏ ପଟେ ମହାଦେବଙ୍କ ମୃତ୍ୟୁଦେହ ସତ୍କାର ହେଉଥିବାବେଳେ ଅନ୍ୟପଟେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରେବତୀ ମୃତ୍ୟୁ ସହ ସଂଗ୍ରାମ ଚଳାଇଥିଲେ। କିନ୍ତୁ ରବିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ୨୪ ଘଣ୍ଟା ମଧ୍ୟରେ ଗାଁ ଶ୍ମଶାନରେ ପୁଣି ଜଳିଥିଲା ଜୁଇ। ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ପୂର୍ବତନ ଆଚାର୍ଯ୍ୟା, ଆଚାର୍ଯ୍ୟ ସମ୍ମିଳନୀ



ଉଲୁଣ୍ଡା ବ୍ଲକ ସଦର ଶିଶୁ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅନୁଷ୍ଠାନର ପୂର୍ବତନ ଆଚାର୍ଯ୍ୟା, ଆଚାର୍ଯ୍ୟ।

ଉଲୁଣ୍ଡା, ୧୦।୨(ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠାନର ପୂର୍ବତନ ଆଚାର୍ଯ୍ୟା, ଆଚାର୍ଯ୍ୟଙ୍କ ସମ୍ମିଳନୀ ଓ ସମର୍ପଣ ଦିବସ ରବିବାର ଆୟୋଜିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲବ ଭରାସାଗରଙ୍କ ଆବାହକତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ମହତ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ବିଦ୍ୟାଳୟର ବାତାବରଣରେ ଉନ୍ନତି ସାଧନ ସହ ଆଗାମୀ ରୌପ୍ୟଜୟନ୍ତୀ ପାଇଁ ସମସ୍ତଙ୍କର ସହଯୋଗ ନେଇ ଆଲୋଚନା କରାଯାଇଥିଲା। ଏଥିରେ ସତ୍ୟନାରାୟଣ ପୂଝାରୀ, ଗୋବିନ୍ଦ ସାହୁ, ପଦ୍ମଲୋଚନ ଭୋଇ, ବିଶ୍ୱନାଥ ନାଏକ, ବାସୁଦେବ କର୍ମୀ, କୁନ୍ତିସୂତା ପୁରୋହିତ, ସ୍ୱୟଂଭୁ ପ୍ରସାଦ ପୁରୋହିତ, ସୁଦାମ କର୍ମୀ, ସୁଜିତ ପୁରୋହିତ, ଦିଗବିଜୟ ପଧାନ, ପ୍ରଶାନ୍ତ ସେଠୀଙ୍କ ସମେତ ସମସ୍ତ ପୂର୍ବତନ ଗୁରୁଜୀ, ଗୁରୁମା ଉପସ୍ଥିତ ଥିଲେ। ସସ୍ମିତା ପାଣିଗ୍ରାହୀଙ୍କ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶେଷରେ କୈଳାସ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ପାପକ୍ଷୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବିନିକା,୧୦।୨(ଡି.ଏନ୍.ଏ)
ସୁବର୍ଣପୁର ଜିଲା ବିନିକା ପାପକ୍ଷୟ ମହୋତ୍ସବର ଦ୍ୱିତୀୟ ଦିବସ ରବିବାର କାର୍ଯ୍ୟକ୍ରମ ଜୟମଙ୍ଗଳ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଓ ସ୍ୱତନ୍ତ୍ର ଅତିଥିଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଭୀମସାରର ପୂର୍ବତନ ନିର୍ଦ୍ଦେଶକ ଡା ଅଶ୍ୱିନୀ ପୂଜାହାରୀ, ଅକ୍ଷୟ କୁମାର ସେଠୀ, ଅଜିତ କୁମାର ପତି ଓ କଣ୍ଠଶିଳ୍ପୀ ଶାଶ୍ୱତ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ । ସ୍ୱାଗତ ଅଭିଭାଷଣ ହିମାଂଶୁ ଭୂଷଣ ପଣ୍ଡା ଦେଇଥିବା ବେଳେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ବିନିକା ବିଜେଡି ନଗର ସଭାପତି ଶେଖର ଶର୍ମା। ଏହାପରେ ଡାକ୍ତର ଅଶ୍ୱିନୀ ପୂଜାହାରୀଙ୍କୁ ପଦ୍ମଶ୍ରୀ ହଳଧର ନାଗ ଓ ମହୋତ୍ସବ କମିଟି ସଭାପତି ଜୟମଙ୍ଗଳ ବିଶି ଉପଢୌକନ ଦେଇ ପାପକ୍ଷୟ ସମ୍ମାନ ପ୍ରଦାନ କରିଥିଲେ। ଏହା ପରେ ମହୋତ୍ସବ ମଞ୍ଚରେ ଜମିଥିଲା ଲୋକନୃତ୍ୟ ଓ ଲୋକଗୀତ ଆସର ।



ଡାକ୍ତର ଅଶ୍ୱିନୀ ପୂଜାହାରୀଙ୍କୁ ପାପକ୍ଷୟ ସମ୍ମାନରେ ସମ୍ମାନୀତ କରାଯାଉଛି।

## ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

# ସଚେତନତା ଦ୍ୱାରା ଦୁର୍ଘଟଣା ହ୍ରାସ ପାଇବ

ସୋନପୁର,୧୦।୨(ନି.ପ୍ର.)
ସୁବର୍ଣ୍ଣପୁରରେ ୩୦ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟାଉନ ହଲ ପରିସରରେ ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନସାଧାରଣ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ ହେଲେ ଦୁର୍ଘଟଣା ବହୁ ପରିମାଣରେ ହ୍ରାସ ପାଇବ ବୋଲି କହିଥିଲେ। ସେହିଭଳି ଯାନ ଆରୋହଣ ସମୟରେ ମାନସିକ ଭାରସାମ୍ୟ ପ୍ରତି ସଜାଗ ରହିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯାନ ଚଳାଚଳର ଭାରସାମ୍ୟକୁ ନିୟନ୍ତ୍ରଣ କରାଯିବା ଦ୍ୱାରା ଦୁର୍ଘଟଣାକୁ କେତେକାଂଶରେ ଏଡାଯାଇ ପାରିବ ବୋଲି ମତ ଦେଇଥିଲେ। ବେପରୁଆ ଗାଡିଚାଳନାକୁ ରୋକିବା ପାଇଁ ଯାନବାହାନ ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସଡକ ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ବୁଝାଇଥିଲେ। ଛାତ୍ରୀଛାତ୍ର ଓ ସାଧାରଣ ଲୋକମାନଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ଶିକ୍ଷିତ କରାଯିବା ସହିତ ସେହି ଅନୁସାରେ ରାସ୍ତା ନିର୍ମାଣ, ବାଇକ୍ ଚାଳକ ହେଲମେଟ୍ ବ୍ୟବହାର କଲେ ଦୁର୍ଘଟଣା ଅନେକ ପରିମାଣରେ ହ୍ରାସ ପାଇବ। ତେବେ ମଦ୍ୟପାନ କରି ଦୃତ ଗତିରେ ଗାଡି ଚଳାଇବା ଯୋଗୁଁ ଅଧିକ ଦୁର୍ଘଟଣା ଘଟୁଥିବା ପଣ୍ଡା ଓ ଦାଶ କହିଥିଲେ। ସୋନପୁର ଉପଜିଲାପାଳ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ବଳରାମ ମଲ୍ଲିକ ସଭାରେ ଅଧ୍ୟକ୍ଷତା କରି ଟ୍ରାଫିକ୍ ନିୟମ ମାନିବା, ମୋବାଇଲ ଫୋନ ବ୍ୟବହାର କରି ଗାଡି ନ ଚାଳାଇବା ଓ ଦୃତ ଗତିରେ ଗାଡି ଚାଳନା ନ କରିବା ପାଇଁ ପରାମର୍ଶ ଦେଇଥିଲେ। ସୁବର୍ଣ୍ଣପୁରର ଯାନବାହାନ ଯାଞ୍ଚ ଅଧିକାରୀ ରବିନ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିବା ସହ ଜିଲାବାସୀଙ୍କ ସହଯୋଗରେ ସାରା ରାଜ୍ୟରେ ସୁବର୍ଣ୍ଣପୁର ୨୭.୭% ସଡକ ଦୁର୍ଘଟଣା ହ୍ରାସ କରି ୨୦୧୮ରେ ସଫଳତା ହାସଲ କରିଥିବା କହିଥିଲେ। ମନୋରଞ୍ଜନ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଟ୍ରାଫିକ ସବ୍ ଇନ୍ସପେକ୍ଟର ସୁଶାନ୍ତ କୁମାର ପାତ୍ର ଓ ପରିବହନ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସଭା ପୂର୍ବରୁ ବ୍ଲକ ଛକ ଠାରୁ ଛାତ୍ରୀଛାତ୍ର, ପୋଲିସ, ଅଗ୍ନିଶମ ବିଭାଗ ଓ ଅବକାରୀ ବିଭାଗର କର୍ମଚାରୀଙ୍କୁ ନେଇ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା ।



ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

**ପୁରୀ ଅଫିସ, ୧୦।୨:** ମହାପ୍ରଭୁଙ୍କ ବେଣ୍ଟ ନୀତି ରବିବାର ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଠାକୁରଙ୍କ ଚାଚେରୀ ବେଶ ଓ ଭୋଗ ପରେ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ବେଣ୍ଟ (ଶିକାର) ନୀତି ନିମନ୍ତେ ବିମାନରେ ବିଜେ ହୋଇଥିଲେ। ବିମାନବଡୁମାନେ ବିମାନରେ ଠାକୁରାଣୀ ଠାକୁରଙ୍କୁ ବିଜେ କରାଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ଯାଇଥିଲେ। ସେଠାରେ ମହାଜନ ସେବକ ଦେବୀଦେବଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦପନା ପରେ ଶ୍ରୀଦେବୀ, ଭୂଦେବୀ ଓ ଦୋଳଗୋବିନ୍ଦ ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀ କୂଳକୁ ବିଜେ କରିଥିଲେ। ଭିତରଚ୍ଛ ତୀର କମାଣ ଶ୍ରୀଅଙ୍ଗରେ ଲାଗି ଦେବା ପରେ ଦଳବେହେରା (ଲେଙ୍କା) ସେବକ ପଇଡ଼ରେ ବେଣ୍ଟ ବିନ୍ଧିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ମହାପ୍ରଭୁଙ୍କର ଏହା ଏକ ରାଜକୀୟ ଲୀଳାର ପରିପ୍ରକାଶ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ, ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ଅଭିଭାବିକା, ଅଭିଭାବକ ବୈଠକ

**ଅତାବିରା, ୧୦।୨ (ଡି.ଏନ.ଏ):** ଭେଡେନ ବ୍ଲକ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ସରସ୍ୱତୀ ପୂଜା ପାଳିତ ହୋଇଛି । ଛାତ୍ରୀଛାତ୍ର ପ୍ରତିନିଧି ଶାଶ୍ୱତ ସ୍ୱରୂପ ମିଶ୍ର କର୍ତ୍ତା ଓ ପଣ୍ଡିତ ଜଗନ୍ନାଥ ପୁରୋହିତ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଅଭିଭାବିକା, ଅଭିଭାବକଙ୍କ ବୈଠକ ହୋଇଥିଲା । ପରିଚାଳନା କମିଟି ସଭାପତି ସଞ୍ଜୀବ ଦାଶ ଅଧ୍ୟକ୍ଷତା କରିଥିଲେ । ଆଚାର୍ଯ୍ୟ ମୁନୁ ବଡ଼େଇ, ପରିଚାଳନା କମିଟି ସମ୍ପାଦକ ସୂର୍ଯ୍ୟନାରାୟଣ ପଣ୍ଡା, ଉପସଭାପତି ଶମ୍ଭୁରାମ ତ୍ରିପାଠୀ, ଶିଶୁ ବାଟିକା ବିଭାଗ ପ୍ରମୁଖ ଆଚାର୍ଯ୍ୟା ପଦ୍ମିନୀ ଭୋଇ, ଜ୍ୟୋସ୍ନାମୟୀ ନାୟକ, ସାଗରିକା ମାହାଣା, ଝରଣା ସେଠ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଶିଶୁ ମନ୍ଦିରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ପରେ ପ୍ରାଚୀର ପତ୍ରିକା ବାଗବାଦିନୀ ଉନ୍ମୋଚିତ ହୋଇଥିଲା । ଶେଷରେ ପ୍ରଧାନଆଚାର୍ଯ୍ୟ ଶିବାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ

**ଅତାବିରା, ୧୦।୨ (ଡି.ଏନ.ଏ):** ଅତାବିରା ଏନଏସି ଅନ୍ତର୍ଗତ ଲାଦେରପାଲି ପଞ୍ଚାୟତ ରାଜୀବ ଭବନ ପରିସରରେ ରବିବାର ଭୂମିହୀନମାନଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି । ୧୭୪ ଜଣ ଭୂମିହୀନଙ୍କୁ ଜମିପଟ୍ଟା ଓ ୪୯ ଜଣ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଏହି ଅବସରରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତପସ୍ୱିନୀ ଗୁରୁ, ଅତାବିରା ବ୍ଲକ ଅଧକ୍ଷା ରୀତା ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଏନଏସିର ୧୨ଟି ୱାର୍ଡର କାଉନସିଲରମାନେ ଯୋଗ ଦେଇଥିଲେ ।

### ଯୋଗ ସାଧନ ଶିବିର ପ୍ରସ୍ତୁତି ବୈଠକ

**ପାଇକମାଳ, ୧୦।୨ (ଡି.ଏନ.ଏ);** ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ଯୋଗ ସାଧନ ଶିବିର ପାଇଁ ଏକ ବୈଠକ ପରିପୂର୍ଣ୍ଣାନନ୍ଦ ଅବଧୂତଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୨୯, ୩୦ ଓ ୩୧ ତାରିଖ ତିନି ଦିନ ଧରି ନୃସିଂହନାଥ ପରିସରରେ ଏକ ବିରାଟ ଯୋଗସାଧନ ଶିବିର କରାଯିବ ବୋଲି ପରିପୂର୍ଣ୍ଣାନନ୍ଦ ଅବଧୂତ ଜଣାଇଛନ୍ତି । ଏହି ଶିବିର ଆନନ୍ଦ ମାର୍ଗ ପ୍ରଚାରକ ସଂଘ ବରଗଡ ତରଫରୁ କରାଯିବ। ଏହି ଶିବିରରେ ଭାରତର ବିଭିନ୍ନ ପ୍ରାନ୍ତରୁ ଆଚାର୍ଯ୍ୟ, ଯୋଗଚାର୍ଯ୍ୟମାନେ ଆସି ଯୋଗାସନ, ଯୋଗ ସମ୍ବନ୍ଧିତ ପ୍ରବଚନ, ପ୍ରାକୃତିକ ଚିକିତ୍ସା ସମ୍ପର୍କରେ ଚର୍ଚ୍ଚା ତଥା କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିସହ ମାର୍ଚ୍ଚ ୧୭ରୁ ୨୮ ତାରିଖ ଯାଏ ନୃସିଂହନାଥ ଆୟୁର୍ବେଦ କଲେଜ ପରିସରରେ ମଧ ଯୋଗଶିବିର କରାଯିବାର ସ୍ଥିରୀକୃତ ହୋଇଥିଲା। ତ୍ରିଲୋଚନ ଭୋଇ, ସୁବାଷ ସାହୁ, ସୁବାଷ ପ୍ରଧାନ, ଯଶୋବନ୍ତ ଗୁରୁ, ଲକ୍ଷ୍ମଣ ସାହୁ, ଯୋଗେଶ୍ୱର ନାୟକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

### ହୋମ୍‌ୱାର୍କ କରି ନ ଥିବାରୁ ମାଡ଼

**ଅତାବିରା, ୧୦।୨ (ଡି.ଏନ.ଏ):** ହାମୱାର୍କ କରି ନ ଥିବାରୁ ଜଣେ ଶିକ୍ଷୟିତ୍ରୀ ଶନିବାର ଦୁଇ ଜଣ ଛାତ୍ରୀ ଓ ଜଣେ ଛାତ୍ରଙ୍କୁ ମାଡ ମାରଛନ୍ତି । ଏହି ଘଟଣାରେ ସ୍କୁଲ କମିଟି ଅଧକ୍ଷ ଥାନାରେ ଅଭିଯୋଗ କରିବା ପରେ ପୋଲିସ ରବିବାର ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ମାମଲା (ନଂ.୩୩/୧୯) ରୁଜୁ କରି ତଦନ୍ତ ଚଳାଇଛି। ଡନବସ୍କୋ ପବ୍ଲିକ ସ୍କୁଲର ତୃତୀୟ ଶ୍ରେଣୀରେ ପଢୁଥିବା ଉକ୍ତ ଛାତ୍ରୀଛାତ୍ର ସେମାନଙ୍କୁ ଜଣେ ଶିକ୍ଷୟିତ୍ରୀ ମାଡ ମାରିଥିବା ପ୍ରଥମେ ସ୍କୁଲର ଅଧକ୍ଷଙ୍କୁ ଜଣାଇଥିଲେ। ଏ ନେଇ ଅଧକ୍ଷ ସୁନୀଲ କୁମାର ସିଂ ଅତାବିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଉକ୍ତ ଛାତ୍ରୀଛାତ୍ରମାନଙ୍କୁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲା । ଏ ନେଇ ଏସ୍‌ଆଇ ଶ୍ୱେତପଦ୍ମା ବିଶ୍ୱାଳଙ୍କୁ ପଚରାଯିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ ।

# ଅଭିଯୁକ୍ତଙ୍କୁ ପୋଲିସର ଅନୁକମ୍ପା

**ବରଗଡ଼ ଅଫିସ୍,୧୦।୨**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଡୁଙ୍ଗୁରିପାଲି ଗ୍ରାମରେ ଗତ ୫ତାରିଖରେ ସଂଘଟିତ ଏକ ଆକ୍ରମଣ ଘଟଣାର ଅଭିଯୁକ୍ତଙ୍କ ପ୍ରତି ପୋଲିସ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି । ଘଟଣାର ୫ ଦିନ ବିତିଯିବା ସତ୍ତ୍ୱେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଏଭଳି ଅଭିଯୋଗ ନେଇ ରବିବାର ଆକ୍ରମଣରେ ଆହତ ଡୁଙ୍ଗୁରିପାଲି ନିବାସୀ ରେବତୀ ପ୍ରଧାନ(୫୫) ପରିବାର ଲୋକଙ୍କ ସହିତ ବରଗଡ଼ ଏସପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇଥିଲେ ।

ସୂଚନା ଅନୁସାରେ, ଗତ ୫ତାରିଖ ମଧ୍ୟାହ୍ନରେ ଘର ସମ୍ମୁଖରେ ମଇଳା ଗଦା କରିବାକୁ ନେଇ ଉପୁଜିଥିବା କଳହରୁ ଆକ୍ରମଣ ଘଟିଥିଲା । ରେବତୀ ଏବଂ ପରିବାରର ଅନ୍ୟ ଲୋକଙ୍କୁ ତାଙ୍କ ପଡ଼ୋଶୀ ଆକ୍ରମଣ କରିଥିବା ରେବତୀ ଅଭିଯୋଗ କରିଛନ୍ତି। ସେମାନଙ୍କ ଆକ୍ରମଣରେ ରେବତୀ ଗୁରୁତର ଆହତ ହୋଇ ଶଯ୍ୟାଶାୟୀ ଅଛନ୍ତି। ଏ ନେଇ ଏତଲା ଦିଆଯିବା ପରେ ଜଗଦଲପୁର ଥାନା ପୋଲିସ ଦଫା ୪୪୮, ୩୨୩, ୨୯୪, ୩୫୪, ୫୦୬ ଆଇପିସିରେ ଏକ ମାମଲା (ନଂ.୧୪/୧୯) ରୁଜୁ କରିଛି । କିନ୍ତୁ ଅଭିଯୁକ୍ତମାନେ ଅବାଧରେ ବୁଲାବୁଲି କରୁଥିଲେ ମଧ୍ୟ ସେମାନଙ୍କୁ ପୋଲିସ ଗିରଫ କରୁ ନ ଥିବା ଅଭିଯୋଗ ହୋଇଛି। ଶଯ୍ୟାଶାୟୀ ଥିଲେ ହେଁ ଏଭଳି ଅଭିଯୋଗ ନେଇ ରେବତୀ ପରିବାର ଲୋକଙ୍କ ସହିତ ବରଗଡ଼ ଏସପିଙ୍କ ପାଖକୁ ଆସିଥିଲେ ଏବଂ ଅଭିଯୁକ୍ତଙ୍କୁ ଗିରଫ ସହିତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଥିଲେ ।

**ଏସ୍‌ପିଙ୍କୁ ଅଭିଯୋଗ କଲେ ଆହତ ମହିଳା**



ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ଏସପିଙ୍କୁ ଫେରାଦ ହୋଇଥିବା ଆହତ ମହିଳା ।

# ବିଧାୟକଙ୍କ ମାରାଥନ କାର୍ଯ୍ୟକ୍ରମ



ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୧୦।୨**

ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହତା ଗ୍ରାମରେ ରବିବାର ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଦ୍ୱାରା ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେ ଏହି ଗ୍ରାମରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଶିଳାନ୍ୟାସ ମଧ୍ୟ କରିଥିଲେ । ଯୁବନେତା ଅଶ୍ୱିନୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବହୁ ପ୍ରତୀକ୍ଷିତ ଜୟ ଜଗନ୍ନାଥ ହାଇସ୍କୁଲର ନବନିର୍ମିତ ସମସ୍ତ ଶ୍ରେଣୀ କୋଠରୀକୁ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ସ୍ମୃତିରେ ନାମିତ ଆନନ୍ଦ କ୍ଲବର ନବନିର୍ମିତ ଗୃହକୁ ମଧ୍ୟ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ହରିଜନପଡ଼ାରେ କଲ୍ୟାଣ ମଣ୍ଡପ, ଅଙ୍ଗନୱାଡ଼ି କେନ୍ଦ୍ର, ତ୍ରିବେଣୀ ବନ୍ଧ ପାହାଚ ଘାଟ ଓ ପଡ଼ା ମଧ୍ୟ ଦେଇ ଯାଇଥିବା କେନାଲ ଉନ୍ନତୀକରଣ ଆଦି ଉନ୍ନୟନମୂଳକ ଯୋଜନା ଗୁଡ଼ିକର ଶିଳାନ୍ୟାସ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ବିଜେଡ଼ି ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାଏକ, ପୂର୍ବତନ ସରପଞ୍ଚ କ୍ଷୀରୋଦ୍ର ସାହୁ, ଜୟ ଜଗନ୍ନାଥ ହାଇସ୍କୁଲର ପ୍ରଧାନଶିକ୍ଷକ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୧୨ଜଣଙ୍କୁ ମିଳିଲା ଭୂମି ଅଧିକାର ପ୍ରମାଣପତ୍ର



ମୁଖ୍ୟଅତିଥିଙ୍କ ଗହଣରେ ହିତାଧିକାରୀମାନେ ।

**ବରଗଡ଼ ଅଫିସ୍/ବରପାଲି,୧୦।୨(ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ରବିବାର ବରପାଲି ଗଙ୍ଗାଧର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୧୨ଜଣ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗୀରଥି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ମୀନା ସେଠ, ପୂର୍ବତନ ଉପନଗରପାଳ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ତହସିଲଦାର ଯୁଧିଷ୍ଠିର ମେହେର ପ୍ରମୁଖ ଉପସ୍ଥିତ ଥିଲେ । ତେଜସ୍ୱିନୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଭିକର୍ତ୍ତା ସଂଘର ବାର୍ଷିକ ସାଧାରଣ ବୈଠକ

**ପଦ୍ମପୁର, ୧୦।୨ (ଡି.ଏନ.ଏ)**

ପଦ୍ମପରର ଏକ କଲ୍ୟାଣ ମଣ୍ଡପଠାରେ ଭାରତୀୟ ଜୀବନ ବୀମା ନିଗମ ପଦ୍ମପୁର ଶାଖା ଅଭିକର୍ତ୍ତା ସଂଘର ୧୫ତମ ବାର୍ଷିକ ସାଧାରଣ ବୈଠକ ଏବଂ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରବିବାର ଅନୁଷ୍ଠିତ ୧୫ତମ ବାର୍ଷିକ ସାଧାରଣ ବୈଠକରେ ସଂଘ ସଭାପତି ଧମ କୁମାର ସାହୁ ଅଧକ୍ଷତା କରିଥିଲେ। ଏଥିରେ ସଂଘର ବିଭିନ୍ନ କାର୍ଯ୍ୟକଳାପ ଓ ଆଗାମୀ ଦିନରେ ସଂଘର ଆଭିମୁଖ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ସମ୍ବଲପୁର ଡିଭିଜନାଲ କାଉନସିଲ ସଭାପତି ତପନ କୁମାର ମିଶ୍ର ମୁଖ୍ୟଅତିଥି, ସମ୍ପାଦକ ଅଜିତ କୁମାର କର, ସହ ସମ୍ପାଦକ ବିଶ୍ୱଜିତ ବଡପଣ୍ଡା, ଝାରସୁଗୁଡା ବ୍ରାଞ୍ଚ ସମ୍ପାଦକ ଅମିତ କୁମାର ତିୱାରୀ, ଟିଟିଲାଗଡ ଉପସଭାପତି ମନୋଜ କୁମାର ଶତପଥି, ପଦ୍ମପୁର ଶାଖା ପରିଚାଳକ ଝସକେତନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମନୋଜ କୁମାର ଶତପଥି ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିଲେ । ଆଗାମୀ ବର୍ଷ ପାଇଁ ସଭାପତି ଶିଶିର କୁମାର ପଣ୍ଡା, ଉପସଭାପତି ମନୋଜ କୁମାର ସାହୁ, ଦେବେନ୍ଦ୍ର କୁମାର ସାହୁ, ସମ୍ପାଦକ ସଞ୍ଜୀବ କୁମାର ମାଝୀ, କୋଷାଧକ୍ଷ ଡିଲେଶ୍ୱର ବେହେରାଙ୍କୁ ନିର୍ବାଚିତ କରିଥିଲେ । ଶୁଶୀଲ ପଟ୍ଟନାୟକ, ପ୍ରହଲ୍ଲାଦ ଭୋଇ, ଝସକେତନ ଦାଶ, ସଂକୀର୍ତ୍ତନ ମେହେର, ତେଜରାଜ ଭୋଇ, ଉମେଶ ଚନ୍ଦ୍ର କୁମ୍ଭାର, ରାମରାଜ ବିଶ୍ୱାଳ, ବୀରସେନ ପ୍ରଧାନ, ଚିତ୍ତରଞ୍ଜନ ପାଣ୍ଡେ, ମେଘନାଦ ସାହୁ, ବିନୋଦ ବିହାରୀ ପ୍ରଧାନ ଓ ମନୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବରିଷ୍ଠ ଅଭିକର୍ତ୍ତା ମନୋଜ କୁମାର ସାହୁ ମଞ୍ଚ ପରିଚାଳନା କହିଥିଲେ। ଶେଷରେ ପୁରନ୍ଦର ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।

■ କୁମେଲସିଂହା ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ

# ଉତ୍ତମ ଶିକ୍ଷା ଗ୍ରହଣ କରି ନିଜକୁ ପ୍ରତିଷ୍ଠିତ କର



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍/ଅତାବିରା,୧୦।୨(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କୁମେଲସିଂହା ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପରିଚାଳନା କମିଟି ଅଧକ୍ଷ ହାଡୁ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜେନ୍ଦ୍ର କଲେଜର ଅଧ୍ୟାପକ ପ୍ରମୋଦ ଚନ୍ଦ୍ର ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅଭିଭାବକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ଜିଲା ପରିଷଦ ସଭ୍ୟା ମୀରା ବଘାର, ଗୋଷ୍ଠୀ ସାଧନ ସଂଯୋଜକ ଧର୍ମେନ୍ଦ୍ର ପତି, ଦଧିବାମନ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଦଳପତି, ସରପଞ୍ଚ ଜ୍ୟୋତିର୍ମୟୀ ନାଏକ, ସମିତିସଭ୍ୟା ନିରୁପମା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ପଦ୍ମିନୀ ଶତପଥୀ ନିଜ ବକ୍ତବ୍ୟରେ ଉତ୍ତମ ଶିକ୍ଷା ଗ୍ରହଣ କରି ସବୁକ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ । ଏହି ଅବସରରେ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ବୁଦ୍ଧଦେବ ଭୁଏ, ଖୁସି ପାଇକ, ଲୋପାମୁଦ୍ରା ବିଶି ବିଭିନ୍ନ ବର୍ଗରେ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ । ସପ୍ତମ ଶ୍ରେଣୀର ସୁରଜ ପ୍ରଧାନଙ୍କୁ ଶ୍ରେଷ୍ଠ ବିଦ୍ୟାର୍ଥୀ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ଡ୍ରାମା 'ମାଙ୍କଡ଼ ତାମସା' ପରିବେଷଣ କରିଥିଲେ । ଏହା ସହିତ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହୋଇଥିଲା ।

# ପତ୍ରାପାଲି ହାଇସ୍କୁଲର ବାର୍ଷିକୋତ୍ସବ

**ବରଗଡ଼ ଅଫିସ୍/ଅତାବିରା, ୧୦।୨(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପତ୍ରାପାଲି ଗ୍ରାମ ପଞ୍ଚାୟତ ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନରେଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଲରମ୍ଭା କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ମନୋରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ପୁଷ୍ପକାନ୍ତି ସେଠ, ଅବସରପ୍ରାପ୍ତ ଶିକ୍ଷକ ସୁରେଶ୍ୱର ପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।




ଲୁପୁରସିଂହା ଛକରେ ବାଇକ୍ ଚାଳକଙ୍କୁ ଉପହାର ପ୍ରଦାନ କରାଯାଉଛି ।

# ହେଲମେଟ ପିନ୍ଧା ଚାଳକଙ୍କୁ ଉପହାର ପ୍ରଦାନ

**ଭେଡ଼େନ, ୧୦।୨(ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଲୁପୁରସିଂହା ଛକରେ ରବିବାର ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି । ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗରଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ହେଲମେଟ ପିନ୍ଧିଥିବା ବାଇକ ଚାଳକମାନଙ୍କୁ ବିସ୍କୁଟ ଏବଂ ଫୁଲ ଉପହାର ପ୍ରଦାନ କରାଯାଇଥିଲା। ଯେଉଁମାନେ ହେଲମେଟ୍ ପିନ୍ଧି ନ ଥିଲେ ସେମାନଙ୍କୁ ହେଲମେଟ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଥିଲା। ଦିଲୀପ ଦାଶ, ମୀନକେତନ ମଲିକ, ଜୟନ୍ତ ମିଶ୍ର, ପଙ୍କଜ ଭୁଏ, ଦୁଃଖୁ ଭୁଏ, ଆନନ୍ଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଶିଶୁ ମନ୍ଦିରରେ ଚିତ୍ରକଳା ପ୍ରଦର୍ଶନୀ

**ବରଗଡ଼ ଅଫିସ୍,୧୦।୨**

ବରଗଡ଼ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ରବିବାର ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରୀଛାତ୍ରମାନେ ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ସ୍ଥାନୀୟ କେଶବନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ଛାତ୍ରୀଛାତ୍ରଙ୍କ ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ହୋଇଥିଲା । ସେହିପରି ବ୍ରହ୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡିଆ ବିଭାଗ)ରେ ସହ-ପ୍ରଧାନଆଚାର୍ଯ୍ୟ ପ୍ରଦୀପ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସରସ୍ୱତୀ ପୂଜା ହୋଇଥିଲା । ଗୁରୁମା ରଶ୍ମିରେଖା ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତେଜସ୍ୱୀ ଦିଶ୍ରୀ, ପୂର୍ବତନ ଉପସଭାପତି ଦିବ୍ୟକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର (ହିନ୍ଦୀ ବିଭାଗ)ରେ ମଧ୍ୟ ସରସ୍ୱତୀ ପୂଜା ପାଳିତ ହୋଇଥିଲା। ଏଠାରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ, ସେବିକା, ସେବକ, ବାଳଭାରତୀ ଦଳ ସକ୍ରିୟ ଅଂଶଗ୍ରହଣ କରି ସରସ୍ୱତୀ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ ।



କେଶବନଗର ସରସ୍ୱତୀ ଶିଶୁ ମନ୍ଦିରରେ ଚିତ୍ରକଳା ପ୍ରଦର୍ଶନୀକୁ ଶିଶୁମାନେ ଦେଖୁଛନ୍ତି ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଶୋଭାଯାତ୍ରାରେ ଟ୍ରାଫିକ ସଚେତନତା

**ବରଗଡ଼ ଅଫିସ୍/ଅତାବିରା, ୧୦।୨(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପତ୍ରାପାଲି ଗ୍ରାମପଞ୍ଚାୟତ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ରବିବାର ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ । ସେହିପରି ନିକଟସ୍ଥ ପେଟ୍ରୋଲ ପମ୍ପକୁ ଯାଇ ସେଠାରେ ବାଇକ୍ ଚାଳନା ସମୟରେ ହେଲମେଟ୍ ପିନ୍ଧିବା, ଟ୍ରାଫିକ ନିୟମ କାନୁନ ମାନିବା ପାଇଁ ଗାଡ଼ି ଚାଳକଙ୍କୁ ସଚେତନ କରାଇଥିଲେ । କ୍ରୀଡ଼ା ଶିକ୍ଷକ ଗିରିଜା ପ୍ରସାଦ ନାଥଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା । ସେହିପରି ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଶିକ୍ଷକମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

### ବୌଦ୍ଧ ଜିଲା ବିଏସ୍‌ପି କମିଟି ଗଠିତ

**ମନମୁଣ୍ଡା, ୧୦।୨ (ଡି.ଏନ.ଏ):** ବହୁଜନ ସମାଜ ପାର୍ଟି (ବିଏସପି) ବୌଦ୍ଧ ଜିଲା କମିଟି ରବିବାର ଗଠିତ ହୋଇଛି । ରାଜ୍ୟ ପ୍ରଭାରୀ ଆଇନଜୀବୀ ସୁବ୍ରତ ସାମଲଙ୍କ ଅଧ୍ୟକ୍ଷତାରେ କଣ୍ଟାମାଳ ଡାକ ବଙ୍ଗଳାରେ ଏ ନେଇ ଏକ ବୈଠକ ହୋଇଥିଲା । ବିଏସପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ବେହେରା, ନିହାଲ ସିଂଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଜିଲାର କୋଣ ଅନୁକୋଣରୁ ବିଏସପିକୁ ପସନ୍ଦ କରୁଥିବା ବହୁ ସଂଖ୍ୟକ ବ୍ୟକ୍ତି ଯୋଗ ଦେଇଥିଲେ । ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମନୋରଞ୍ଜନ କୁଅଁରଙ୍କୁ ସଭାପତି, ସର୍ଜନ ରଣା ଉପସଭାପତି, ତ୍ରୟମ୍ବକ ବାରିକ ସମ୍ପାଦକ ଏବଂ ଅଷ୍ଟମ କର୍ମୀ, ଯୁଧିଷ୍ଠିର ଭୋଇ, ପ୍ରଦୀପ ମହାକୁଡ, ସୁରେଶ ବଘାରଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି । ଆଗାମୀ ୧୨ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସଭାରେ ଜିଲାସ୍ତର ଅନୁଯାୟୀ ପୂର୍ଣ୍ଣାଙ୍ଗ କମିଟି ଘୋଷଣା କରାଯିବା ପରେ ବିଧାନସଭା, ଜୋନସ୍ତରୀୟ ତଥା ବୁଥ ସ୍ତରୀୟ କମିଟିମାନେ ଗଠନ କରାଯିବ ବୋଲି କୁହାଯାଇଛି ।

# ଅନିଶ୍ଚିତତାରେ ମନମୁଣ୍ଡା ବାଇପାସ୍

**ମନମୁଣ୍ଡା, ୧୦।୨ (ଡି.ଏନ.ଏ)**

**ଶାସକ-ପ୍ରଶାସକଙ୍କ ପ୍ରତିଶ୍ରୁତି ପାଣିର ଗାର**

ବୌଦ୍ଧ ଜିଲା ମନମୁଣ୍ଡା ବାଇପାସ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି । ମନମୁଣ୍ଡା ସହର ଦେଇ ଯାଇଥିବା ଏନଏଚ-୫୭ ଅଣଓସାରିଆ ଯୋଗୁ ଟ୍ରାଫିକ ସମସ୍ୟାକୁ ସୃଷ୍ଟି ହେଉଥିଲା । ତେଣୁ ଏଠାରେ ବାଇପାସ ପାଇଁ ୨୦୧୬ରେ ଜମି ଅଧିଗ୍ରହଣ ବିଜ୍ଞପ୍ତି ପ୍ରକାଶ ପାଇ ଅଦ୍ୟାବଧି ପ୍ରାୟ ୭୫ ପ୍ରତିଶତ ଅଧିଗ୍ରହଣ ସରିଯାଇଛି । ସମ୍ପୂର୍ଣ୍ଣ ଅଧିଗ୍ରହଣ କରାଯାଇ ନ ଥିବା ସତ୍ତ୍ୱେ ଟେଣ୍ଡର ହୋଇ କାର୍ଯ୍ୟାରମ୍ଭ ହୋଇଥିଲା । ୪.୮୦ କୋଟି ବ୍ୟୟ ଅଟକଳରେ ନିର୍ମାଣଧୀନ ଏହି ବାଇପାସ ୨୦୧୭ ମସିହାରେ ସମାପ୍ତି ସମୟ ଅବଧି ଥିଲା । କିନ୍ତୁ ଜମି ଅଧିଗ୍ରହଣରେ ବିବାଦୀୟ ପରିସ୍ଥିତି ଦେଖାଦେବା ସହ ତାହା ସମ୍ପୂର୍ଣ୍ଣ ହୋଇ ନ ପାରିବାରୁ କାମ ଅଧାପନ୍ତରିଆ ହୋଇ ରହିଛି । ଫଳରେ ବାସ୍ତୁହରା ହୋଇଥିବା ପରିବାର ବାସସ୍ଥାନ ଓ ରୋଜଗାରକୁ ନେଇ ଚିନ୍ତିତ ହୋଇପଡିଥିବା ବେଳେ ଟ୍ରାଫିକକୁ ନେଇ ଗ୍ରାମବାସୀ ପୋଲିସଠାରୁ ମାଡ ଖାଇବାକୁ ପଡୁଛି । ଘଣ୍ଟା ଘଣ୍ଟା ଟ୍ରାଫିକ ଜାମ୍ ରହି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ ପୂର୍ବକ କାମ ପୁନ ଆରମ୍ଭ ପାଇଁ ଗ୍ରାମବାସୀ ଗତ ଡିସେମ୍ବର ମାସରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଥିଲେ ଏବଂ ୧୫ ଦିନ ମଧ୍ୟରେ କାମ କରା ନ ଗଲେ ୨୪ ଘଣ୍ଟିଆ ମନମୁଣ୍ଡା ବନ୍ଦ ପାଇଁ ଚେତାବନୀ ଦେଇଥିଲେ । ଏ ନେଇ ପ୍ରଶାସନ ପଦକ୍ଷେପ ଗ୍ରହଣ ନ କରିବାରୁ ଡିସେମ୍ବର ୨୧ରେ ୨୪ ଘଣ୍ଟିଆ ମନମୁଣ୍ଡା ବନ୍ଦ କରାଯାଇଥିଲା । ସେହିଦିନ ଅପରାହ୍ନ ୨ଟା ସମୟରେ ମନମୁଣ୍ଡା ଡାକ ବଙ୍ଗଳାଠାରେ ବୌଦ୍ଧ ଏଡିଏମ ଏବଂ ବିଧାୟକ ମହୀଧର ରଣା ଉଭୟେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଏକମାସ ମଧ୍ୟରେ ଅର୍ଥାତ ୨୦୧୯ ଜାନୁୟାରୀ ୨୧ ମଧ୍ୟରେ ଜମି ଅଧିଗ୍ରହଣ କାମ ସମ୍ପୂର୍ଣ୍ଣ କରାଯିବା ସହ କାମ ପୁନା ଆରମ୍ଭ ହେବ ବୋଲି ଏଡିଏମ ଏବଂ ବିଧାୟକ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ବନ୍ଦ ହୋଇଥିଲା । କିନ୍ତୁ ଶାସକ ଓ ପ୍ରଶାସକଙ୍କ ପ୍ରତିଶ୍ରୁତି ଏବେ ପାଣିର ଗାର ପାଲଟିଛି । ରାସ୍ତା ନିର୍ମାଣ ନେଇ ପ୍ରତାରଣା କରାଯାଇଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇଛି । ପ୍ରତିଶ୍ରୁତି ଦେଇ କିଛି ହେଲେ କାମ ନ କରି ଚୁପ ରହିବା ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ । ଜନସାଧାରଣଙ୍କୁ ଅଯଥା ହଇରାଣ ଓ ହନ୍ତସନ୍ତ ହେବାକୁ ପଡୁଛି ବୋଲି ସ୍ଥାନୀୟ ଗ୍ରାମବାସୀ ବିପ୍ରଚନ୍ଦ୍ର ବେହେରା କହିଛନ୍ତି । କରିପାରବାର ଯଦି ଦମ ନାଇଁ ଥିଲା ତ କଥା ଦେଉଥିଲେ କାହିଁର ଲାଗି, ଇଲେକସନ୍ ଆସୁ ଜାନ୍ ବେ ମିଛ କହଲେ କେନ୍‌ତା ହେସି ବଲି କହିଛନ୍ ଘନଶ୍ୟାମ ସେନାପତି । ଏ ସମ୍ପର୍କରେ କଣ୍ଟାମାଳ ବିଧାୟକ ମହୀଧର ରଣାଙ୍କୁ ପଚାରିବାରୁ ସେ କହିଲେ, ୩୩ କେଭି ଲାଇନ ତାର ରାସ୍ତା ନିର୍ମାଣରେ ବାଧକ ସାଜିଛି । ଲାଇନ ତାର ହଟାଯିବା ପରେ ରାସ୍ତାକାମ କରାଯିବ ।

# ପଞ୍ଚାୟତ କଲେଜରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ,୧୦।୨(ସ୍ୱ.ପ୍ର)**




ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଯୁବ ରେଡକ୍ରସ ତରଫରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ସହରରେ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଲୋକମାନଙ୍କୁ ବିଭିନ୍ନ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିବାକୁ ପ୍ରଚାରପତ୍ର ବଣ୍ଟନ କରିଥିଲେ । ପରେ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଆଞ୍ଚଳିକ ପରିବହନ ଅଧିକାରୀ ଭାଗୀରଥି ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡକ ସୁରକ୍ଷାର ନିୟମକାନୁନ ସମ୍ପର୍କରେ ଅବଗତ କରାଇବା ସହିତ ରାସ୍ତାରେ ଦୁର୍ଘଟଣାର ଶିକାର ହୋଇପଡିଥିବା ବ୍ୟକ୍ତିମାନଙ୍କୁ ମୃତ୍ୟୁମୁଖରେ ଛାଡି ନ ଦେଇ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଆହତଙ୍କୁ ଡାକ୍ତରଖାନାରେ ପହଞ୍ଚାଇଥିବା ବ୍ୟକ୍ତିବିଶେଷଙ୍କ ପାଇଁ ସରକାରଙ୍କ ପକ୍ଷରୁ ୨୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନର ବ୍ୟବସ୍ଥା ରହିଥିବା ନାୟକ ସୂଚନା ପ୍ରଦାନ କରିଥିଲେ । ଯୁବ ରେଡକ୍ରସର ସମ୍ପାଦକ ଅଧ୍ୟାପକ ଶ୍ରୀଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବୀର ନାରାୟଣ ମହାପାତ୍ର ଯୋଗ ଦେଇଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଜଣେ ମେଧାବୀ ଛାତ୍ର ରଜତ କୁମାର ସାହୁ ନିକଟରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିବାରୁ ତାଙ୍କ ଅମର ଆତ୍ମାର ସଦଗତି କାମନା ପୂର୍ବକ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଶେଷରେ ପରିବହନ ବିଭାଗର ବରିଷ୍ଠ କିରାଣୀ ସୁରେଶ ଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଯୁବରେଡକ୍ରସ୍ ସ୍ୱେଚ୍ଛାସେବୀ ଅର୍ପଣ ବିଶି, କିଷାନ ମହାକୁଡ, ଶ୍ରଦ୍ଧାଞ୍ଜଳି ସାହୁ, ଦେବଯାନୀ ମେହେର ସହଯୋଗ କରିଥିଲେ ।

## ସ୍ଥାୟୀ ନିଯୁକ୍ତି ଦାବିରେ ଧାରଣାରେ କର୍ମଚାରୀ

# ୭ ଦିନ ହେଲା ସର୍ବଶିକ୍ଷା ଅଭିଯାନ ଅଫିସ୍ ବନ୍ଦ



ସର୍ବଶିକ୍ଷା ଅଭିଯାନ କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

**ବୌଦ୍ଧ,୧୦।୨(ସ୍ୱ.ପ୍ର)**

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ କର୍ମଚାରୀ ସେବା ସଂଘ ଆହ୍ୱାନ କ୍ରମେ ବୌଦ୍ଧ ସର୍ବ ଶିକ୍ଷା ଅଭିଯାନର ସମସ୍ତ କାର୍ଯ୍ୟରତ କର୍ମଚାରୀ ଦୁଇ ଦଫା ଦାବିରେ ଗତ ୪ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଧାରଣାରେ ବସିଛନ୍ତି। ଫଳରେ ଜିଲା ଶିକ୍ଷା ବିଭାଗରେ ଅଚଳାବସ୍ଥା ଦେଖାଦେଇଛି । ଉକ୍ତ କର୍ମଚାରୀମାନେ ଶିକ୍ଷା ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇଥାନ୍ତି। କୌଣସି ସଂସ୍ଥାରେ ନିୟମିତ ୬ ବର୍ଷ କାର୍ଯ୍ୟ ସମ୍ପାଦନ କରିଥିଲେ କର୍ମଚାରୀମାନଙ୍କୁ ନିୟମିତ କରିବା ପାଇଁ ମାନ୍ୟବର ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ରହିଥିଲେ ମଧ୍ୟ ରାଜ୍ୟ ସରକାର ତାହାକୁ ଅଣଦେଖା କରୁଛନ୍ତି । ସର୍ବ ଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ଦୀର୍ଘ ୨୨ବର୍ଷ ଧରି କାର୍ଯ୍ୟକରି ଆସୁଥିବା ଏହି କର୍ମଚାରୀମାନଙ୍କ ନ୍ୟାଯ୍ୟ ଦାବିକୁ ବାରମ୍ବାର ଅଗ୍ରାହ୍ୟ କରି ସରକାର ନିୟମିତ ପ୍ରତାରଣା କରିଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଚାକିରୀର ନିୟମିତକରଣ ଓ ୭ମ ବେତନ କମିଶନଙ୍କ ସୁପାରିଶ ଆଧାରରେ ବେତନ ପ୍ରଦାନ ଆଦି ମୂଳ ଦାବି ଗ୍ରହଣ ଦିଗରେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ରାଜ୍ୟ ସେବା ସଂଘଙ୍କ ନିଷ୍ପତ୍ତିକ୍ରମେ ବୌଦ୍ଧ ସର୍ବଶିକ୍ଷା ଅଭିଯାନର ସମସ୍ତ କର୍ମଚାରୀ ଭୁବନେଶ୍ୱର ଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ସାମିଲ ହୋଇଥିବା ଜିଲା ସେବା ସଂଘ ସଭାପତି ଚିତ୍ତ ରଞ୍ଜନ ସାସମଲ ସୂଚନା ଦେଇଛନ୍ତି । କର୍ମଚାରୀଙ୍କ ଧାରଣା ଯୋଗୁ ୭ ଦିନ ଜିଲା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ବନ୍ଦ ରହିଥିବାରୁ ଦୂରଦୂରାନ୍ତରୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ସାଧାରଣଲୋକ ନିରାଶ ହୋଇ ଫେରୁଛନ୍ତି ।

# ଦୁଇ ଘରୋଇ ବସ୍ ପଛରେ ପିଟିଲା ଟ୍ରକ୍

**ଭବାନୀପାଟଣା,୧୦।୨(ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ନୂଆବସଷ୍ଟାଣ୍ଡ ରାସ୍ତାରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଥିଲା । ଦୁଇଟି ବସକୁ ପଛରୁ ସିମେଣ୍ଟ ବୋଝେଇ ଟ୍ରକ ପିଟିଲା ପରେ ଦୁଇଟି ବସ ଗଡିଯିବା ଯୋଗୁ ଜୀବନ ବିକଳେ ଲୋକେ ଧାଇଁଥିଲେ । ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଠେଲାପେଲା ଯୋଗୁ ଜଣେ ଆହତ ହୋଇଥିବା ଜଣାଯାଇଛି। ସକାଳେ ଭବାନୀପାଟଣା ନୂଆବସଷ୍ଟାଣ୍ଡ ଠାରେ ମୁଖ୍ୟ ଜାତୀୟ ରାଜପଥ ଉପରେ ଜଗଦଲପୁର ଯାଉଥିବା ଗୁପ୍ତା ଘରୋଇ ବସ ଛିଡା ହୋଇଥିଲା । ଏହା ପଛକୁ ବିକ୍କି ଘରୋଇ ବସ ମଧ୍ୟ ଆସି ଅଟକି ରହିଥିଲା । ଏହି ସମୟରେ ହଠାତ ଏକ ସିମେଣ୍ଟ ବୋଝେଇ ଟ୍ରକ (ନଂ. ଓଆର ୧୦ଇ୬୦୧୭) ବିକ୍କି ବସକୁ ପଛରୁ ଆସି ଖୁବ ଜୋରରେ ଧକ୍କା ଦେଇଥିଲା । ଏହି ଧକ୍କା ଯୋଗୁ ବିକ୍କି ବସ ଗୁପ୍ତା ବସ ସହିତ ଜୋରରେ ଝଟକା ଦେଇ ଅସନ୍ତୁଳିତ ହୋଇ ଆଗକୁ ଗଡିଯାଇଥିଲା ।

# ଘରୋଇ ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା

**ବୌଦ୍ଧ,୧୦।୨(ସ୍ୱ.ପ୍ର)**

ବୌଦ୍ଧ ଘରୋଇ ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ସଦସ୍ୟ ରାଧାମାଧବ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ହୋଇଥିଲା । ସେକ୍ ସେଫୁଉଲା ସଭାପତି, ରାଜ କିଶୋର ପଟ୍ଟନାୟକ ସାଧାରଣ ସମ୍ପାଦକ ଓ ଅନୀଲ କୁମାର ମହାପାତ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଥିଲା ।

# ଭେଡେନରେ ସରସ୍ୱତୀ ପୂଜା

**ଭେଡ଼େନ,୧୦।୨(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାଦେବୀ ସରସ୍ୱତୀଙ୍କ ପୂଜା ଉତ୍ସବ ରବିବାର ପାଳିତ ହୋଇଛି । ଏହି ଅବସରରେ ଭେଡ଼େନ ଠାରେ ଏକ ନୂତନ ପବ୍ଲିକ ସ୍କୁଲ ଉଦ୍‌ଘାଟିତ ହୋଇଛି । ପଣ୍ଡିତ ପ୍ରେମ ପ୍ରକାଶ ପୁରୋହିତ ପୂଜାର୍ଚ୍ଚନା କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଲମ୍ବୋଦର ହୋତାଙ୍କ ସମେତ ସ୍କୁଲ କମିଟିର ସମସ୍ତ ସଦସ୍ୟ ଏବଂ ଅଭିଭାବକ ଯୋଗ ଦେଇଥିଲେ । ସେହିପରି ସମସ୍ତ ସ୍କୁଲ କଲେଜ ଓ ଅନ୍ୟ ଶିକ୍ଷାନୁଷ୍ଠାନରେ ପୂଜା ସମ୍ପନ୍ନ ହୋଇଥିଲା ।

# ଫଟାମୁଣ୍ଡା ସ୍କୁଲରେ ସାଂସ୍କୃତିକ ଉତ୍ସବ

**ଘଣ୍ଟାପଡା,୧୦।୨(ଡି.ଏନ.ଏ.)**



ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତର ଫଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୁଆଦେଇ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ଦୁର୍ଗା ଦୀପ ମୁଖ୍ୟ ଅତିଥି ଓ ସ୍କୁଲ ପରିଚାଳନା ସଭାପତି ପବିତ୍ର ବଗର୍ତ୍ତୀ, ସହକାରୀ ଶିକ୍ଷକ ଶାନ୍ତନୁ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦିଗସନ ସୁନା ମଞ୍ଚ ପରିଚାଳନା କରିଥିବା ବେଳେ ସ୍ମାରକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନାଚ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସୁଦାମ ମାଝୀ, ସୁଦାମ ଭୋଇ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟା, ସଦସ୍ୟା ଏବଂ ଅଭିଭାବକ ଉପସ୍ଥିତ ଥିଲେ ।

# କ୍ରିକେଟ: ଜେନା ବ୍ଲାଷ୍ଟର ଚାମ୍ପିୟନ

**ଜହ୍ନାପଙ୍କ, ୧୦।୨ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଜହ୍ନାପଙ୍କ ୟୁଥ ସ୍ପୋର୍ଟିଂ ଆନୁକୂଲ୍ୟରେ ଗତ ୩ ତାରିଖରୁ ମେଡିକାଲ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ଜହ୍ନାପଙ୍କ ଜେନା ବ୍ଲାଷ୍ଟର ଓ ବୁରକଟା ମଧ୍ୟରେ ହୋଇଥିଲା । ତିନି ସେଟ ବିଶିଷ୍ଟ ମ୍ୟାଚରେ ପ୍ରଥମ ମ୍ୟାଚ୍‌ରେ ବୁରକଟା ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୬୮ ରନ କରିଥିଲା । ଏହା ଜବାବରେ ଜେନା ବ୍ଲାଷ୍ଟର ୫.୨ ଓଭରରେ ୨ ଉଇକେଟ ହରାଇ ୬୯ ରନ କରିଥିଲା । ୨ୟ ସେଟ ମ୍ୟାଚରେ ବୁରକଟା ୬ଓଭରରେ ୨ ଉଇକେଟ ହରାଇ ୮୩ ରନ କରିଥିଲା । ଜବାବରେ ଜେନା ବ୍ଲାଷ୍ଟର ୫.୩ ଓଭରରେ ୪ ଉଇକେଟ ହରାଇ ୮୪ ରନ କରି ଚାମ୍ପିୟନ ହୋଇଛି । ଫାଇନାଲ ଖେଳକୁ ମୋତିଲାଲ କଲତା ଓ ଗାର୍ଗବ ପ୍ରଧାନ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ପିଣ୍ଟୁ ପ୍ରଧାନ ଓ ଅଜୁ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ । ମଙ୍ଗୁଲୁ ଦୋରା ଓ ଶାନ୍ତନୁ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ପୁରସ୍କାର ବିତରଣ ଉତ୍ସବରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟଅତିଥି, ଲକ୍ଷ୍ମୀପ୍ରସାଦ ସରପଞ୍ଚ ରାଜେନ୍ଦ୍ର ମେହେର, ବରିଷ୍ଠ ଖେଳାଳି ଶାନ୍ତନୁ ଜେନା, ୟୁଥ ସ୍ପୋର୍ଟିଂ ସଭାପତି କଷ୍ଟ ପ୍ରଧାନ, ସ୍ୱାଧୀନ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ ଓ ସିରିଜ ଯଥାକ୍ରମେ ସତ୍ୟ ମେହେର ଓ ଗୁଲୁ ପ୍ରଧାନଙ୍କୁ ଦିଆଯାଇଥିଲା । ଉପବିଜେତା ଦଳ ବୁରକଟାକୁ ସମ୍ମାନିତ ଅତିଥି ଟ୍ରଫି ସହ ୩ହଜାର ଟଙ୍କା ପୁରସ୍କୃତ କରିଥିବା ବେଳେ ଚାମ୍ପିୟନ ଜେନା ବ୍ଲାଷ୍ଟର ଦଳକୁ ମୁଖ୍ୟଅତିଥି ଟ୍ରଫି ସହ ୪ହଜାର ଟଙ୍କା ପୁରସ୍କୃତ କରିଥିଲେ । ବେଷ୍ଟ ସ୍ୱେଚ୍ଛାସେବୀ ଭାବେ ଅମ୍ବରୀଶ ବଡପଣ୍ଡା ପୁରସ୍କୃତ ହୋଇଥିଲେ । ସୁଧାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିବାନନ୍ଦ ମିଶ୍ର କ୍ରୀଡା ବିବରଣୀ ପାଠ କରିଥିବା ବେଳେ ମଙ୍ଗୁଲୁ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।


**OFFICE OF THE CHILD DEVELOPMENT PROJECT OFFICER, BADAMBA**

**QUOTATION CALL NOTICE**

Sealed tenders are invited from valid registered vender for supply of Anganwadi items. Quotations must reach to the undersigned on or before 19.02.2019. For details visit Website **www.cuttack.nic.in.**

**Sd./- Child Dev. Project Officer, Badamba**

**TENDER CALL NOTICE**

**No.105** **Date.08.02.2019**

Regulated Market Committee, Digapahandi invites tender in online mode from the approved Contractors of appropriate Class for the Work "Development of Infrastructure & Allied Works in Different Market Yard under RMC, Digapahandi" Detailed Tender Notice along with conditions contract and notice inviting tender may be seen and downloaded from the website **www.tenderodisha.gov.in** from 17.00 hours of 09.02.2019 to 17.00 hours of 26.02.2019 and the opening of tender would be 11.00 hours on 27.02.2019.

**Sd./-**
**Sub- Collector, Berhampur-cum-Chairman, RMC, Digapahandi**

**OFFICE OF THE PANCHAYAT SAMITI, CHITRAKONDA**

**No. 492/ III-32/2019** **Dated 07.02.2019**

**TENDER CALL NOTICE**

The Block Development Officer, Chitrakonda invites sealed tenders on behalf of Governor, Odisha as per annexure from registered and eligible Firms/ Suppliers of Odisha State P.W.D. (R&B)/ C.P.W.D/ Water Resources/ Rural Works/ M.I. having authorized dealership in agreement in F-2 contract forms of Govt. of Odisha. The details of commodities given below. The tenderer has to submit the sealed tender paper in complete shape with details i.e. (1) EPM Regd. Certificate, (2) EM-II, (3) DIC PMT, (4) GSTIN Certificate, (5) VAT Clearance, (6) PAN Card, (7) GSTIN Certificate, (8) Drawing & Specification through Registered Post/Speed Post addressing to this official Postal address i.e. **Block Develpment Officer, Chitrakonda, At/PO: Chitrakonda, Dist: Malkangiri, Pin No: 764052.** The last date of receipt of tender paper is 22.02.2019 upto 1.00 PM. The undersigned will not be responsible for postal delay if any or non-receipt of the papers in time. The date of opening of the tender paper is 22.02.2019 at 3.00 PM.

| Sl. No. | Name of the Block | Name of the Com-modities | Tender value in Rs. | Cost of article | Size of article |
|---|---|---|---|---|---|
| 1 | Chitra-konda | Supply of 60 Nos. double decker bed | Rs. 5,66,000/- | 60 Nos. Rs. 9300/- each | Size 80" (Length) x 34" (width) x 60" (Height) Bed frame- 75" (Length) x 33" (Width) Bed- 19 mm thick plywood ISI Marked Size- 72" (Length) x 30" (Width) |

**NB:-** The details terms and condition of this tenders will be available in this Panchayat Samiti office during working hour.

**Sd./- Block Development Officer, Chitrakonda**

**ରେଳ ବିକାଶ ନିଗମ ଲିମଟେଡ୍**

"ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ"

"ସର୍ବସାଧାରଣ ବିଜ୍ଞପ୍ତି"

ସମ୍ବଲପୁର ଏବଂ ୱାଲଟିଅର ଡିଭିଜନ, ପୂର୍ବତଟ ରେଳପଥର ନିମ୍ନଲିଖିତ ୩ୟ ଲାଇନ୍‌ର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନର ରେଳ ଧାରଣା ଏବଂ ପରିସରର ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ନିମ୍ନଦର୍ଶିତ ସେକ୍ସନ ନିକଟରେ ପ୍ରଦାନ କରାଯାଇଥିବା ତାରିଖ ପରଠାରୁ ୨୫୦୦୦ ଭୋଲ୍ଟ, ଏଚ୍‌ଜେଡ୍, ଏସି ଓଭରହେଡ୍ ଟ୍ରାକ୍ସନ୍ ଓୟାରଗୁଡିକୁ ଶକ୍ତି ପ୍ରଦାନ କରାଯିବ । ଏହି ତାରିଖଠାରୁ ସେହି ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟ ପାଇଁ ଜିବନ୍ତ ଭାବେ ବିବେଚିତ କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ପରିସରରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| ସାଇଜ୍ ସେକ୍ସନ | ତାରିଖ |
|---|---|
| ଟିଟିଲାଗଡ଼ (ବହିର୍ଭୂତ) - ଜିମିଡ଼ିପେଟା (ଅନ୍ତର୍ଭୁକ୍ତ) ୩ୟ ଲାଇନ୍ କିମି ୨୦୨.ସିଏଚ୍.୬୮୭ରୁ କିମି ୩୫୭ ସିଏଚ୍.୨୭୮ | ୧ ମାର୍ଚ୍ଚ ୨୦୧୯ |

ମହାପ୍ରବନ୍ଧକ (ଇଲେକ୍ଟ୍ରିକାଲ),
ରେଳ ବିକାଶ ନିଗମ ଲିମିଟେଡ୍, ୱାଲ୍‌ଟିଅର

**idco ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**OFFICE OF THE DIVISIONAL HEAD, IDCO MSME-I BHUBANESWAR**
Tender Call Notice No. 168 **Dated :- 07.02.2019**

**SHORT TENDER CALL NOTICE**

| | |
|---|---|
| Name of the Work | : Repair, Maintenance and Improvement of Balance Drain at Industrial Estate, Rasulgarh, Bhubaneswar. |
| Estimated Cost of the Work | : Rs.829012.00 (inlcuding 12%GST) |
| Period of Completion | : One Month |
| EMD Amount | : Rs. 8,290.00 |
| Cost of Bid Document | : Rs.4000.00+GST@18% |
| Date of Availability of Tender Paper | : Dt: 12.02.2019 to Dt: 14.02.2019 |
| Last Date of Submission of Tender | : Dt: 16.02.2019 up 15.00 hours |
| Date of Opening of Tender | : Dt: 16.02.2019 at 16.00 hours |
| Procurement Officer | : Divisional Head, MSME-I, IDCO, Bhubaneswar |

Further details of tender call notice can be seen in the IDCO Website **www.idco.in** or Contact Dy. Manager(Civil), Sri Sachikanta Sahoo, Telephone No.: 7978693320(M).

Sd/-
Divisional Head, MSME-I, IDCO, Bhubaneswar

**idco ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR.**
RFP Call Notice No. IDCO/H.O./P&C/EST/E-960/01/2018/2596 **Dated :- 08.02.2019**

**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work** : Procurement of PVC-O (Oriented PVC) pipes.
2. **Completion Period** : 09 (Nine) Calendar Months
3. **Other details** :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar -751022 | Bid ID. No. PC-EST-E- 78 / 2018-19 | 14.02.2019 at 16.00 hrs. | 01.03.2019 upto 17.00 hrs. |

**Further details can be seen from the e-Procurement Portal. www.tendersodisha.gov.in.** Corrigendum or addendum if any will not be published in news papers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in.**

**Sd/-**
**Chief General Manager (P&C) I/C**
**IDCO, Bhubaneswar**



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ
ଉଚ୍ଚତର ଜୀବନ ମିଳେ

- ଗୌତମବୁଦ୍ଧ



## ସଂକ୍ଷେପରେ



### ସରକାରୀ ଯୋଜନା ପାଇଁ ପଥପ୍ରାନ୍ତ ନାଟକ

ରିଷିଡା,୧୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ରବିବାର ସରକାରୀ ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଛି। ସରକାରୀ ଯୋଜନାକୁ ଗୀତ ଓ ନୃତ୍ୟ ମାଧମରେ କେସିଙ୍ଗାର କଳାକାରମାନେ ନାଟକ ଓ ନୃତ୍ୟ ପରିବେଷଣ କରିଥିଲେ । ଏହି ବ୍ଲକର ଶିରାବାହାଲ, ପୌରକେଲଶ, ଅବୁଜବାହାଲଠାରେ ଏହି ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି ।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସହ ଜିଲା ଯାଦବ ମହାସଭା ପ୍ରତିନିଧି ମଣ୍ଡଳୀର ଆଲୋଚନା

ଭବାନୀପାଟଣା,୧୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଯାଦବ ମହାସଭା ଡମ୍ବରୁଧର ଲହଜଲ ଓ ଜିଲା ଅଭ୍ୟର୍ଥନା କମିଟି ସଭାପତି ହରିଶଙ୍କର ବାଗଙ୍କ ନେତୃତ୍ୱରେ ଏକ ୬ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱରଠାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି । ଜୁନାଗଡରେ ହେବାକୁ ଥିବା ଆଗାମୀ ଜିଲା ଯାଦବ ସମାବେଶରେ କେନ୍ଦ୍ରମନ୍ତ୍ରୀ ରାମକ୍ରିଷ୍ଣା ପାଲ ଯାଦବଙ୍କୁ ମୁଖ୍ୟଅତିଥି ଭାବେ ଯୋଗଦେବା ସକାଶେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଜରିଆରେ ନିମନ୍ତ୍ରଣ କରାଯାଇଥିଲା । ଏହା ସହିତ ଓଡିଶାରେ ୫୨ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକ୍ରାରୀ କରାଯାଉଥିବା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଆଗାମୀ ନିର୍ବାଚନରେ ଭାଜପା ତରଫରୁ ରାଜ୍ୟରେ ଓବିସିମାନଙ୍କ ପାଇଁ ୨୭% ସଂରକ୍ଷଣ ପ୍ରଦାନ ପାଇଁ ନିର୍ବାଚନୀ ଇସ୍ତାହାରରେ ପ୍ରକାଶ କରିବାକୁ ତଥା ଓବିସି ମାନଙ୍କୁ ଅଧିକରୁ ଅଧିକ ବିଧାନସଭା ଆସନରେ ଟିକେଟ ପ୍ରଦାନ କରିବାକୁ ଏହି ଆଲୋଚନା ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କଳାହାଣ୍ଡି ଜିଲା ଯାଦବ ମହାସଭାର ପ୍ରତିନିଧିମାନଙ୍କ ଏହି ଦାବିକୁ ଗୁରୁତ୍ୱର ସହ ବିଚାର କରିବା ସକାଶେ ପ୍ରତିଶ୍ରୁତି ଦେବା ସହ ୫୨ ପ୍ରତିଶତ ଓବିସି ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସେ କାର୍ଯ୍ୟ କରିବେ ଏବଂ ଓବିସିମାନଙ୍କୁ ଅଧିକରୁ ଅଧିକ ବିଧାନସଭା ଟିକେଟ ପ୍ରଦାନ କରିବା ନେଇ କଥା ଦେଇଥିଲେ । ଏହି ଆଲୋଚନା ବେଳେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଓ ଉପସଭାପତି ସମିର ମହାନ୍ତି ଉପସ୍ଥିତ ଥିଲେ। ହିମାଳୟ ପର୍ବତାରୋହୀ ଯୋଗବ୍ୟାସ ଭୋଇଙ୍କ ଉଦ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜିଲା ଯାଦବ ମହାସଭାର ପ୍ରତିନିଧିମାନଙ୍କ ମଧ୍ୟରେ ଏହି ସାକ୍ଷାତ ଆଲୋଚନା ହୋଇଥିଲା । ଜିଲା ଯାଦବ ମହାସଭାର ପ୍ରତିନିଧି ମଣ୍ଡଳୀରେ ଜିଲା ସଭାପତି ଡମ୍ବରୁଧର ଲହଜଲ, ଉପସଭାପତି ଧନେଶ୍ୱର ଭାଟି, ଭାଜପା ନେତା ତଥା ଯୁବ ଯାଦବ ମହାସଭା ଜିଲା ସଭାପତି ଗୋବିନ୍ଦ ବନ୍ଦିଛୋର, ବରିଷ୍ଠ ଭାଜପା ନେତା ତଥା ଅଭ୍ୟର୍ଥନା କମିଟି ଜିଲାସଭାପତି ହରିଶଙ୍କର ବାଗ, ଧନୁ ଗୋପାଳ ଏବଂ ପର୍ବତାରୋହୀ ଯୋଗବ୍ୟାସ ଭୋଇ ପ୍ରମୁଖ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

### ମଉଳିକ୍ ସୁବିଧାରୁ ବଁଚିତ ମହିନାଲ, ତେତେଲପଡ଼ାବାସୀ

# ସୁଆସ୍ତିଅ ସେବାରୁ ବଁଚିତ ଗାଁବାସୀ

ଭବାନୀପାଟଣା,୧୦।୨(ଡି.ଏନ.ଏ.)



ଗାଁର ମାଏକିନାମାନେ ପାସର ନାଲରୁ ପିଇଲା ପାଏନ୍ ଆନୁଛନ୍।

- ନାଲର ପାଏନ୍‌କେ ପିଇବାରେ ବେଭାର କରୁଛନ୍ ଗାଁବାସୀ
- ଅଙ୍ଗନୱାଡି କେନ୍ଦ୍ର ଅଭାବୁ ଅପପୁଷ୍ଟିର ଶିକାର ହେଉଛନ୍ ଛୁଆମାନେ
- ସମସିଆର ସମାଧାନ ନାଇଁହେଲେ ଭୋଟ ବରଜନ କରବେ ଗାଁବାସୀ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଭୂର୍ଟିଗଡ଼ ପଁଚେତ୍‌ର ମହିନାଲ ଆର ତେତେଲପଡ଼ା ଗାଁବାସୀ ଆଏଜ୍ ବି ମଉଳିକ୍ ସୁବିଧାନୁ ବଁଚିତ୍ ହେଇ ରହିଛନ୍। ୨୫ଟା ଆଦିବାସୀ ପରିବାର ରହୁଥିବାର ଇ ଗାଁରେ ରାସ୍ତାଘାଟ, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ନାଁଇଁନ। ଏନ୍ତା କି ତେତେଲପଡ଼ାରେ ନଲଟୁଆଁଟେ ନାଇଁଥିବାର ଲାଗି ଗାଁବାସୀ ପିଇଲା ପାଏନ୍ ଲାଗି ଗୁଲଗୁଲା ହେଉଛନ୍। ସେନ୍ତା ଗାଁବାସୀକର ଲାଗି ସୁଆସ୍ତିଅ ସେବା ଆଏଜ୍ ବି ଅପହଁଚ୍ ହେଇ ରହିଛେ। ଗାଁର ଛୁଆମାନେ ଅପପୁଷ୍ଟିର ଶିକାର ହେଉଥିଲା ବେଲେ ଲୋକ୍ ଆଏଜ୍ ବି ନାନା ପରକାର ରୋଗ୍‌ରେ ପଡୁଛନ୍। ଇଠାନୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୩୦ କି.ମି. ଦୂର। ଗାଁକେ ସବୁଦିନିଆଁ ରାସ୍ତା ନାଇଁଥିବାର ଲାଗି ଜନନୀ ସୁରକ୍ଷା ଗାଡ଼ି ନାଇଁ ଆସିପାରବାର। ଇଠାନେ ଅସୁରକ୍ଷିତ ହିସାବେ ଝନେ ମା' ଛୁଆ ଜନମ୍ କରୁଥିଲା ବେଲେ ସରକାରକଁର ସବୁ ଯୋଜ୍‌ନା ଅପହଁଚ୍ ହେଇ ରହିଛେ। ପାହାଡ଼ିଆ ଅଂଚଲ ଲାଗି ଇଠାନେ ଭଲ ଚାଷ୍‌ବାସ ନାଇଁହୁଏ, ଯେନ୍‌ଥିରଲାଗି ଲୁକ୍‌କର ଆରଥିକ ଅବସ୍ତା ବହୁତ୍ ଖରାପ। ସରକାରକଁର ତରଫୁ ଗାଁର କେତେ ଲୁକ୍‌କର ନାଁରେ ଇନ୍ଦିରା ଆବାସ ଆସିଛେ, ହେଲେ ଘର ତିଆରିରେ ଠିକାଦାର ନିୟୋଜିତ୍ ହେଇଛନ୍। ଘରମାନେ ବାହାରଫାଲୁ ପଲସ୍ତରା ହେଇଥିଲା ବେଲେ ଭିତରଫାଲ ଯେନ୍‌ତାକେ ସେନ୍‌ତା ଅଛେ। ଦରଖଁଡ଼ିଆ ଅବସ୍ତାରେ ହିତାଧିକାରୀମାନକୁ ଠିକାଦାର ଆର ସରକାରୀ ବାବୁମାନେ ଘର ଦେଇଛନ୍। ଗାଁକେ ଯିବା ଆଏବାକେ ହେଲେ ଦୁଇଟା ନାଲ ଡେଗିକରି ଯିବାକେ ପଡ଼ସି। ବଛରକୁତା ଇ ନାଲ୍‌ମାନକେ ପାଏନ୍ ରହୁଥିବାର ଲାଗି ଲୋକ୍ ନାନା ସମସିଆର ସାମନା କରୁଛନ୍। ନାଲ ଉପରେ ଛୋଟ ବ୍ରିଜ, ରାସ୍ତା ତିଆର କରବାକେ ଗାଁବାସୀ ଥାନୀୟ ଜନପରତିନିଧି ଆର ବ୍ଲକ ପରଶାସନକେ ବାରବାର ଗୁହାରି କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ତେତେଲପଡ଼ା ଗାଁକେ ଚାଲିକରି ଯିବାର ଛଡ଼ା ଉନିଆ ଉପେ ନାଁଇଁନ, ଗାଁକେ କେହେନ୍‌ସି ଗାଡ଼ିମଟର ନାଇଁଯାଏ। ଏହେଦ୍‌କା ମହିନାଲ ସଂଗେ ପ୍ରଧାନମନ୍ତ୍ରୀ ସଡ଼କ ଯୁଡ଼ି ହେବାକେ ଯାଉଛେ। ଗାଁର ସବୁନୁ ବଡ଼ ସମସିଆ ହେଲା ପିଇଲା ପାଏନ୍। ରାଏଜ୍ ସରକାର ସବୁ ଗାଁକେ ନିରମଲ ପିଇଲା ପାଏନ୍ ଯୁଗେଇ ଦେବାକେ କୋଟି କୋଟି ଟଁକା ଖରଚ୍ କରୁଛନ୍ ସତ୍, ହେଲେ ଦୁଖର କଥା ଗାଁବାସୀ ବେଭାର କରବାର ଲାଗି ନଲଟୁଆଁଟେ ନାଁଇଁନ। ଯେନ୍‌ଥିରଲାଗି ଗାଁର ମାଏକିନାମାନେ ନାଲୁ ବଡ଼ା ଦୁଖେ ପାଏନ୍ ଆନୁଛନ୍। ଖରାଦିନେ ଇ ପାଏନ୍ ସମସିଆ ଦୁଇଗୁନା ହେଇଯାଉଛେ। ଗାଁରେ ନଲଟୁଆଁଟେ କୁଡ଼ବାର ଲାଗି ପଁଚେତ୍ ଆର ବ୍ଲକ ପରଶାସନକେ ବାରବାର ଗୁହାରି କଲେ ବି କେହି ନାଇଁ ଶୁନୁଥିବାର ଗାଁର ଗୁରୁବାରୀ ମାଝି କହିଛନ୍। ଭୋଟ ସମିଆରେ ନେତାମାନେ ଗାଁରେ ବଡ଼ ବଡ଼ କଥା ହାକି କରି ଯାଉଛନ୍, ହେଲେ ଭୋଟ ସଏଲେ ସବୁ ପାସରି ଦେଉଛନ୍। ଆର ମାସକେତେ ଉତାରୁ ଫେର ସାଧାରନ ନିରବାଚନ ହେବା। ଭୋଟ ଆଗରୁ ଯଦି ଥାନୀୟ ନେତା ଆର ପରଶାସନ ଗାଁର ସମସିଆର ସମାଧାନ ନାଇଁ କଲେ ଗାଁବାସୀ ଭୋଟ ବର୍‌ଜନ କରବାରଟା ସାର ଆଏବ ବଲି ଚେତାବନୀ ଦେଇଛନ୍।

# ଦୁଇଟି ଘରୋଇ ବସ୍‌କୁ ପଛରେ ପିଟିଲା ଟ୍ରକ୍, ଜଣେ ଆହତ

ଭବାନୀପାଟଣା,୧୦।୨(ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ନୂଆବସଷ୍ଟାଣ୍ଡ ରାସ୍ତାରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଥିଲା। ଦୁଇଟି ବସକୁ ପଛରୁ ସିମେଣ୍ଟ ବୋଝେଇ ଟ୍ରକ ପିଟିଲା ପରେ ଦୁଇଟି ବସ ଗଡିଯିବା ଯୋଗୁ ଜୀବନ ବିକଳେ ଲୋକେ ଧାଇଁଥିଲେ। ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଠେଲାପେଲା ଯୋଗୁ ଜଣେ ଆହତ ହୋଇଥିବା ଜଣାଯାଇଛି। ସକାଳେ ଭବାନୀପାଟଣା ନୂଆବସଷ୍ଟାଣ୍ଡ ଠାରେ ମୁଖ୍ୟ ଜାତୀୟ ରାଜପଥ ଉପରେ ଜଗଦଲପୁର ଯାଉଥିବା ଗୁପ୍ତା ଘରୋଇ ବସ ଛିଡା ହୋଇଥିଲା। ଏହା ପଛକୁ ବିକ୍କି ଘରୋଇ ବସ ମଧ୍ୟ ଆସି ଅଟକି ରହିଥିଲା। ଏହି ସମୟରେ ହଠାତ ଏକ ସିମେଣ୍ଟ ବୋଝେଇ ଟ୍ରକ (ନଂ. ଓଆର ୧୦ଇ୬୦୧୭) ବିକ୍କି ବସକୁ ପଛରୁ ଆସି ଖୁବ ଜୋରରେ ଧକ୍କା ଦେଇଥିଲା। ଏହି ଧକ୍କା ଯୋଗୁ ବିକ୍କି ବସ ଗୁପ୍ତା ବସ ସହିତ ଜୋରରେ ଝଟକା ଦେଇ ଅସନ୍ତୁଳିତ ହୋଇ ଆଗକୁ ଗଡିବାକୁ ଲାଗିଲା। ଫଳରେ ଲୋକେ ଭୟଭୀତ ହୋଇ ଜୀବନ ବିକଳରେ ଦୌଡିବା ଆରମ୍ଭ କରିଥିଲେ। ଏହି ଦୁର୍ଘଟଣା ଯୋଗୁ ଗୋଟିଏ ଠେଲା ଚୂରମାର ହୋଇଥିବା ବେଳେ ଠେଲା ଚାଳକ ଗୁରୁତର ଆହତ ହୋଇଥିଲେ। ସେହିଭଳି ଦାଶରଥୀ ସ୍ୱାଇଁ ନାମକ ଜଣେ ବ୍ୟକ୍ତି ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ଘଟଣାସ୍ଥଳରେ ସାମୟିକ ଉତ୍ତେଜନା ଦେଖାଯାଇଥିବା ବେଳେ ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ସଦଳବଳେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ପରେ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ସାମାନ୍ୟ ଭାଙ୍ଗିଥିବା ବିକ୍କି ବସକୁ ବସଷ୍ଟାଣ୍ଡକୁ ନେଇଥିଲେ। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।




ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା।

# ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭବାନୀପାଟଣା,୧୦।୨(ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଗତ ମଙ୍ଗଳବାରଠାରୁ ଚାଲିଥିବା ଦ୍ୱିତୀୟ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା-୨୦୧୯ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଓଡିଶା ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ତରଫରୁ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ସହଯୋଗରେ ଆୟୋଜିତ ଏହି ମେଳାରେ ୬୦ଟି ଷ୍ଟଲ ଖୋଲାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସ୍‌ପି ବି.ଗଙ୍ଗାଧର, ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି. ଅଶୋକ କୁମାର, ଉତ୍ତର ବନଖଣ୍ଡ ଅଧିକାରୀ ନିତେଶ କୁମାର ପ୍ରମୁଖ ଯୋଗଦେଇଥିଲେ। ହୁଏତ କିଛି ବର୍ଷ ମଧ୍ୟରେ ଏ ମେଳା ବନ୍ଦ ହୋଇଯାଇପାରେ ତେଣୁ ଉପସ୍ଥିତ ଜନସାଧାରଣ ମୁଲ୍ୟବାନ ଏଲୋପାଥିକ ଚିକିତ୍ସାରୁ ଦୂରେଇ ରହି ସୁବିଧାରେ ଆୟୁର୍ବେଦ ଚିକିତ୍ସା ପଦ୍ଧତିକୁ ଆପଣେଇ ନେବା ଉଚିତ୍ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ମେଳାରେ ବହୁ ଲୋକ ସମାଗମ ହୋଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ବହୁ ଲୋକ ଆୟୁର୍ବେଦ ଔଷଧ କିଣୁଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୁପେ କର୍ଲାପାଟ ରେଞ୍ଜ ଅଫିସର ଭବାନୀଶଙ୍କର କୁଅଁର ପରିଚାଳନା କରିଥିଲେ। ହର୍ବାଲ ମେଳାରେ ମୟୂରଭଞ୍ଜ, ବଲାଙ୍ଗୀର, ସୋନପୁର, ନୂଆପଡା, ଗଞ୍ଜାମ ଆଦି ବିଭିନ୍ନ ଅଞ୍ଚଳରୁ ବହୁ ବୈଦ୍ୟ, ଏସଏଚଜି ଗ୍ରୁପ, ଏନ୍‌ଜିଓ, ବନ ସୁରକ୍ଷା ସମିତି, ଔଷଧୀୟ ଉଦ୍ଭିଦଜାତ ପଦାର୍ଥର ଉତ୍ପାଦନକାରୀ ଓ ବ୍ୟବସାୟୀ ପ୍ରତିଷ୍ଠାନ, ପାରମ୍ପରିକ ଚିକିତ୍ସକ, ବ୍ୟକ୍ତି ବିଶେଷ (ଆୟୁର୍ବେଦ/ହୋମିଓପାଥି/ୟୁନାନୀ) ଓ ଅନୁଷ୍ଠାନ ଅଂଶ ଗ୍ରହଣ କରିଥିଲେ। ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ଆୟୁର୍ବେଦିକ ଔଷଧର ସୁଫଳ ବ୍ୟବହାର, ସଚେତନ, ବ୍ୟବହାରିକ ପ୍ରଣାଳି ବିଷୟରେ ଅବଗତ କରିବା, ଆମର ସ୍ୱାସ୍ଥ୍ୟରେ ଔଷଧୀୟ ଉଦ୍ଭିଦର ମହତ୍ତ୍ୱ, ଓଡିଶାର ବିଭିନ୍ନ ଯାଗାରେ ଥିବା ବୈଦ୍ୟ, ତାଙ୍କର ଚିକିତ୍ସା ପ୍ରଣାଳୀ ଓ ତାଙ୍କ ଦ୍ୱାରା ପ୍ରସ୍ତୁତି ଚେରିମୂଳି ଔଷଧକୁ ପ୍ରୋତ୍ସାହନ ଦେବା ଏହି ମେଳାର ଉଦ୍ଦେଶ୍ୟ ଥିଲା। ପ୍ରତ୍ୟେକ ଦିନ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବା ସହିତ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଥିଲା। ଦ୍ୱିତୀୟ ଦିବସରେ ସକାଳ ୫ ଘଟିକାଠାରୁ ୬ ଘଟିକା ପର୍ଯ୍ୟନ୍ତ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା।

## ଅବାଧରେ ଚାଲିଛି ଶୁଆଶାରୀ କାରବାର

ରାଉରକେଲା ଅଫିସ,୧୦।୨

ଷ୍ଟିଲ ଟାଉନଶିପ ସମେତ, ସିଭିଲ ଓ ଫର୍ଟିଲାଇଜର ଟାଉନଶିପ ଅଞ୍ଚଳରେ ଅବାଧ ଶୁଆଶାରୀ ବିକ୍ରି ବଢ଼ିବାରେ ଲଗିଛି। ସଚେତନତା ଅଭାବରୁ ଅନେକ ଲୋକ ଏହି ନିରୀହ ପକ୍ଷୀକୁ ପଞ୍ଜୁରୀ ଭିତରେ ଆବଦ୍ଧ କରି ରଖୁଛନ୍ତି। ପକ୍ଷୀ ଉଡ଼ିଯିବା ଭୟରେ ପରୋକ୍ଷରେ ଏହାକୁ ନିର୍ଯାତନା ଦିଆଯାଉଛି। ଏହାର ଡେଣା କାଟିବା ଭଳି ଅମାନବୀୟ ପଦକ୍ଷେପ ନିଆଯାଇ ଘରେ ବା ପଞ୍ଜୁରୀ ଭିତରେ ସେଗୁଡ଼ିକୁ ପଙ୍ଗୁ କରି ରଖାଯାଉଛି। ଜୀବେଦୟା ଓ ବିଭାଗୀୟ ଆଇନର ଏହା ଖୋଲା ଉଲ୍ଲଂଘନ ବୋଲି ପ୍ରାଣୀ କଲ୍ୟାଣ ସଂଗଠନ ଆର୍ମି ପକ୍ଷରୁ ଅଭିଯୋଗ କରାଯାଇଛି। ଏବେ ଷ୍ଟିଲ ସିଟିରେ ଶୁଆ ପୋଷିବା କିଛି ଲୋକଙ୍କ ନିଶା ପାଲଟିଛି। ଫଳରେ ଶୁଆ କିମ୍ବା ଶାରୀଟିଏ କଣିବାକୁ ହେଲେ ୬ ଶହରୁ ହଜାରେ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡୁଛି। ସହରତଳି ଜଙ୍ଗଲରୁ ବହୁ ସଂଖ୍ୟାର ଶୁଆ ବଜାରକୁ ଆସୁଥିବା ବେଳେ ଏସବୁ ଅତି ସହଜରେ ବିକ୍ରି ହୋଇଯାଉଛି। ଏଣୁ କିଛି ଲାଭଖୋର ବେପାରୀ ଶୁଆ ଶାବକଙ୍କୁ ଆଣି ମହଜୁଦ ରଖୁଛନ୍ତି ବୋଲି ପରିଡ଼ା ଅଭିଯୋଗ କରିଛନ୍ତି। ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ ଅନୁସାରେ ଶୁଆ ପୋଷିବା ଦଣ୍ଡନୀୟ ଅପରାଧ। ଏହା ସତ୍ତ୍ୱେ ସଚେତନତା ଅଭାବରୁ ଦିନକୁ ଦିନ ଅଧିକ ସଂଖ୍ୟକ ଶୁଆଶାରୀ ପଞ୍ଜୁରୀରେ ଆବଦ୍ଧ ହୋଇ ବନ୍ଦୀ ଜୀବନ କାଟୁଛନ୍ତି। ଏ ଦିଗରେ ସମସ୍ତେ ସଚେତନ ହେବା ଓ ବନ ବିଭାଗ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

### ଏମ୍.ସି.ସି. କ୍ରିକେଟ୍ ଟୁର୍ନାମେଣ୍ଟ

# ପ୍ରଥମ ସେମିଫାଇନାଲରେ ଏମ୍.ସି.ସି. ବିଜୟୀ

ମଦନପୁର,୧୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଖେଳ ପଡିଆଠାରେ ଚାଲିଥିବା ଏମ୍.ସି.ସି. କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମଦନପୁର ଏମ୍.ସି.ସି ଦଳ ବିଜୟୀ ହୋଇଛି। ମଦନପୁର ଏମ୍.ସି.ସି ଓ ମଦନପୁର ଆର୍.ସି.ସି ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିଣି ପ୍ରଥମେ ଆର୍.ସି.ସି ଦଳ ନିର୍ଦ୍ଧାରିତ ୧୨ ଓଭରରେ ୭୬ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ମଦନପୁର ଏମ୍.ସି.ସି. ଦଳ ୯ ଓଭର ୦୫ ବଲ୍‌ରେ ୭୭ ରନ୍ କରି ବିଜୟ ହୋଇ ଫାଇନାଲକୁ ପ୍ରବେଶ କରିଛି । ଏମ୍.ସି.ସି. ଦଳର ଆକାଶ ହେର୍ଣ୍ଣା ଗୋଟିଏ ଓଭରରେ ୩ ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ସୁନୀଲ ହେର୍ଣ୍ଣା ଓ ଲକ୍ଷ୍ମୀ ସୁନା ଅମ୍ପାୟର ଦ୍ୱୟ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋର ବୋର୍ଡ ଦାୟିତ୍ୱରେ ଦୁର୍ଯ୍ୟୋଧନ ବଗର୍ତ୍ତି ରହିଥିବା ବେଳେ ଅମିତ କୁମାର ଥପା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।



ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିମାନେ ।

# ଫୁଟବଲ୍ ଟୁର୍ନାମେଣ୍ଟ: ଲୋଏତରା ଚାମ୍ପିୟନ

ପଲମ,୧୦।୨(ଡି.ଏନ.ଏ.)



ଫାଇନାଲ ମ୍ୟାଚ୍ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ବାଗପୁର ପଞ୍ଚାୟତସ୍ଥିତ ବାଗପୁର ଖେଳ ପଡିଆଠାରେ ନେହେରୁ ଯୁବ କେନ୍ଦ୍ର ଭବାନୀପାଟଣା ଆନୁକୁଲ୍ୟରେ ବାଗପୁର ଫୁଟବଲ ଆସୋସିଏଶନ କ୍ଲବର କର୍ମକର୍ତ୍ତାଙ୍କ ସହଯୋଗରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗୀତାରେ ପେନାଲଟିକରେ ୭-୬ ଗୋଲରେ ଲୋଏତରା ଦଳ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ଖେଳ ପରିଚାଳନା ଦେବପ୍ରସାଦ ପ୍ରଧାନ କରିଥିଲେ । ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଲେଖପାଳ ଦୁତିଆ ବନଛୋର ଓ ସମ୍ମାନିତ ଅତିଥି ଭାବେ ମନ୍ମୋୟ ଚାନ୍ଦ, ରୋହନ ନାଏକ, ଶୁଭମ ସାହୁ, ଡୁଲେନ୍ଦ୍ର ସାହୁ, ଜଗଦାନନ୍ଦ ପଧାନ ଓ ହେମସାଗର ସାହୁ ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରିଥିଲେ । ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ଲୋଏତରା ଦଳକୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।

### କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ କର୍ମଚାରୀଙ୍କ ଆନ୍ଦୋଳନ

# ହଷ୍ଟେଲ ପରିଚାଳନାରେ ଅସୁବିଧା ସୃଷ୍ଟି

ଭବାନୀପାଟଣା,୧୦।୨(ଡି.ଏନ.ଏ.)

କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁ କଳାହାଣ୍ଡି ଜିଲାର୧୩ଟି ବ୍ଲକରେ ଥିବା ହଷ୍ଟେଲର ୧୪୦୦ ଛାତ୍ରୀଙ୍କ ସମସ୍ୟା ବୃଦ୍ଧି ପାଇଛି। କଳାହାଣ୍ଡି ଜିଲାରେ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ କେଜିବିଭି ସ୍କୁଲ ହିସାବରେ ୧୩ଟି ସ୍କୁଲ ରହିଛି । ଲାଞ୍ଜିଗଡ ଓ ଥୁ.ରାମପୁର ବ୍ଲକରେ ଥିବା କେଜିବିଭିରେ ୧୫୦ ଜଣ ଅନ୍ତେବାସୀ ଛାତ୍ରୀ ଥିବା ବେଳେ ଅବଶିଷ୍ଟ ୧୧ଟି ବ୍ଲକରେ ପ୍ରତ୍ୟେକ କେଜିବିଭିରେ ୧୦୦ ଜଣ ଛାତ୍ରୀ ଅଛନ୍ତି । ଗତ ଜାନୁୟାରୀ ୨୮ ତାରିଖରୁ ଦରମା ବୃଦ୍ଧି ଦାବିରେ କେଜିବିଭିଠାରେ ନିୟୋଜିତ ୱାର୍ଡେନ୍, ଆଟେଣ୍ଡାଣ୍ଟ, ତିନି କୁକ୍ ଓ ତିନିଜଣ ପାର୍ଟ ଟାଇମ୍ ଟିଚର ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ଜିଲାର କେଜିବିଭିଗୁଡିକରେ ଅଚଳାବସ୍ଥା ଦେଖାଦେଇଛି। କେଜିବିଭି କର୍ମଚାରୀଙ୍କ ଆନ୍ଦୋଳନକୁ ଦୃଷ୍ଟିରେ ରଖି ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ପ୍ରତ୍ୟେକ କେଜିବିଭିକୁ ଏମ୍‌ଡିଏମ୍ କର୍ମଚାରୀଙ୍କୁ ନେଇ କୌଣସି ପ୍ରକାରେ ହଷ୍ଟେଲ ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଫେବୃୟାରୀ ପହିଲାରୁ ଏମ୍‌ଡିଏମ୍ କର୍ମଚାରୀମାନେ ମଧ୍ୟ ଦରମା ବୃଦ୍ଧି ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିବାରୁ ଜିଲାର ୧୩ଟି କେଜିବିଭି ହଷ୍ଟେଲରେ ଅଚଳାବସ୍ଥା ଦେଖାଦେଇଛି। ଶିକ୍ଷା ବିଭାଗ ଏହି ସମସ୍ୟା ପ୍ରତି ଆଖି ବନ୍ଦ କରି ଦେଇଥିବା ବେଳେ ସମ୍ପୃକ୍ତ କେଜିବିଭିର ପ୍ରଧାନ ଶିକ୍ଷୟିତ୍ରୀମାନଙ୍କୁ ଯେ କୌଣସି ପ୍ରକାରେ ହଷ୍ଟେଲ ଓ ସ୍କୁଲ ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇ ନିଜର ଦାୟିତ୍ୱ ସମ୍ପନ୍ନ କରିଛନ୍ତି । ଅପରପକ୍ଷେ କେଜିବିଭି କର୍ମଚାରୀ ଓ ଏମ୍‌ଡିଏମ୍ କର୍ମଚାରୀ ଆନ୍ଦୋଳନରେ ଥିବାରୁ ବାସ୍ତବ ପକ୍ଷେ ଜିଲାର ୧୩ଟି କେଜିବିଭିରେ ନାହିଁ ନ ଥିବା ସମସ୍ୟା ଦେଖାଦେଇଛି । ସମ୍ପୃକ୍ତ କେଜିବିଭିର ପ୍ରଧାନ ଶିକ୍ଷୟିତ୍ରୀମାନେ ହଷ୍ଟେଲ ଚଳାଇବା, ସ୍କୁଲ ଚଳାଇବା ଓ ରାତିରେ ହଷ୍ଟେଲ ଅନ୍ତେବାସୀମାନଙ୍କ ଦେଖାରେଖା କରିବା ସହ ଆବଶ୍ୟକ ସ୍ଥଳେ ମେଡିକାଲ କାର୍ଯ୍ୟ ମଧ୍ୟ ଚଳାଇବାକୁ ପଡୁଛି । ଏତେ ସମସ୍ୟା ହେବା ସତ୍ତ୍ୱେ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ଏବଂ ଜିଲାର ଜିଲା ଶିକ୍ଷା ଅଧିକାରୀ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ଏହି ସମସ୍ୟା ପ୍ରତି ଉଦାସିନ ରହୁଥିବାରୁ କେଜିବିଭି ହଷ୍ଟେଲ ଗୁଡିକରେ ରହୁଥିବା ୧୪୦୦ ଛାତ୍ରୀଙ୍କ ସମସ୍ୟା ଦ୍ୱିଗୁଣିତ ହେବାରେ ଲାଗିଛି । ରାଜ୍ୟ ସରକାର ଓ ଜିଲା ଶିକ୍ଷା ଅଧିକାରୀ ତଥା ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ଏହି ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଦେବା ସହ ଜିଲାର ୧୩ଟି କେଜିବିଭିରେ ରହୁଥିବା ଅନ୍ତେବାସୀମାନଙ୍କ ସମସ୍ୟା ପ୍ରତି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର

**ପାଟଣାଗଡ, ୧୦।୨ (ଡି.ଏନ.ଏ.)-** ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ ଭଇଁଷା ଗ୍ରାମର କଣ୍ଟା ଲେଞ୍ଜି ପୋଖରୀରୁ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଭଇଁଷା ଗ୍ରାମର କିଛି ବ୍ୟକ୍ତି ରବିବାର ଶୌଚ ପାଇଁ ଯାଇଥିବା ବେଳେ ପୋଖରୀ ନିକଟରେ ଅତ୍ୟନ୍ତ ଦୁର୍ଗନ୍ଧ ହେଉଥିଲା। ଲୋକେ ଦେଖିଲାବେଳକୁ ଅମରି ବୁଦା ଭିତରେ ଏକ ଗଳିତ ମୃତଦେହ ପଡିଥିଲା। ପାଟଣାଗଡ ପୋଲିସକୁ ଲୋକେ ଏ ନେଇ ଖବର ଦେଇଥିଲେ। ଘଟଣାସ୍ଥଳରେ ପାଟଣାଗଡ ପୋଲିସ ପହଞ୍ଚି ମୃତଦେହକୁ ପାଣି ଭିତରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇଛି। ତେବେ ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥାଇ ପାରେ ବୋଲି ଜଣାପଡୁଛି। ଅଜଣା ବ୍ୟକ୍ତି ଜଣକ ପ୍ୟାଣ୍ଟ, ସାର୍ଟ, ଜ୍ୟାକେଟ, ବୁଟ୍ ପିନ୍ଧିଥିବା ବେଳେ ବୟସ ୩୦ରୁ ୩୫ ବର୍ଷ ହେବା ବୋଲି ଅନୁମାନ କରାଯାଉଛି। ଏ ନେଇ ପାଟଣାଗଡ ଥାନାରେ ୩/୧୯ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

### 'ମୋ ସ୍କୁଲ ଅଭିଯାନ'ରେ ଧବଳେଶ୍ୱର ବିଦ୍ୟାଳୟର ରେକର୍ଡ

# ସ୍କୁଲ ପାଣ୍ଠିକୁ ଆସିଲା ୧ କୋଟି ୫ ଲକ୍ଷ ଟଙ୍କା

**ଟିଟିଲାଗଡ଼, ୧୦।୨ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ 'ମୋ ସ୍କୁଲ' ଯୋଜନାରେ ସ୍ଥାନୀୟ ଧବଳେଶ୍ୱର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏକ ବିରଳ ରେକର୍ଡ ସୃଷ୍ଟି କରିଛି। ୧୯୬୨ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟର ପାଣ୍ଠିକୁ ପୁରାତନ ଛାତ୍ରଛାତ୍ରୀ ତଥା ସ୍ଥାନୀୟ ଶିକ୍ଷାବିତ ୩୫ ଲକ୍ଷ ଟଙ୍କା ଦାନ କରିଛନ୍ତି। ରାଜ୍ୟ ସରକାର ଏହାର ଦୁଇ ଗୁଣ ଅର୍ଥାତ ୭୦ ଲକ୍ଷ ଟଙ୍କା ସ୍କୁଲ ପାଇଁ ମଞ୍ଜୁର କରିଛନ୍ତି। ଗତ ଜାନୁୟାରୀ ୨୬ରେ ଜିଲା ସ୍ତରରେ ଅନୁଷ୍ଠିତ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂଦେଓ ତାଙ୍କ ଏମ୍‌ପି ଲ୍ୟାଡରୁ ଏହି ସ୍କୁଲକୁ ୧୦ ଲକ୍ଷ ଟଙ୍କା ପ୍ରଦାନ ଘୋଷଣା କରିଛନ୍ତି। ରବିବାର ସ୍କୁଲର ନୂତନ କୋଠା ଶିଳାନ୍ୟାସ ପର୍ବ ଅବସରରେ ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ଏମଏଲଏ ଲ୍ୟାଡରୁ ୩ ଲକ୍ଷ ଟଙ୍କା ସହ ନିଜ ହସ୍ତରୁ ୧ ଲକ୍ଷ ଟଙ୍କା ସ୍କୁଲର ବିକାଶ ପାଇଁ ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ଏଣୁ ସମୁଦାୟ ୧ କୋଟି ୧୯ ଲକ୍ଷ ଟଙ୍କା ସ୍କୁଲ ପାଣ୍ଠିକୁ ଆସିଛି। ଏଥିରୁ ୧ କୋଟି ୫ ଲକ୍ଷ ଟଙ୍କା ସ୍କୁଲ ଆକାଉଣ୍ଟକୁ ଆସି ସାରିଛି। ଏମ୍‌ପି ଘୋଷଣା କରିଥିବା ୧୦ ଲକ୍ଷ ଓ ବିଧାୟିକା ଘୋଷଣା କରିଥିବା ୪ ଲକ୍ଷ ଟଙ୍କା ଦେଲେ ସ୍କୁଲ ଆକାଉଣ୍ଟରେ ୧ କୋଟି ୧୯ ଲକ୍ଷ ଟଙ୍କା ବାଲାନ୍ସ ହେବ। ତେବେ ଏହି ନୂତନ କୋଠା ଶିଳାନ୍ୟାସ ପର୍ବରେ ପ୍ରଧାନ ଶିକ୍ଷକ ଗଗନ ବାଗ ଅଧ୍ୟକ୍ଷତା କରିଥିଲେ। ବିଧାୟିକା ସାହୁ ରାଜ୍ୟ ସରକାରଙ୍କ ଦ୍ୱାରା ବିଦ୍ୟାଳୟ ଗୁଡିକର ଭିତ୍ତିଭୂମୀ ବିକାଶ ଯୋଜନା ନେଇ ନିଜ ହସ୍ତରୁ ଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିକାଶ କାର୍ଯ୍ୟରେ ସର୍ବଦା ଜଡିତ ଟିଟିଲାଗଡ ସ୍ୱୟଂ ଶାସିତ ଡିଏଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଧବଳେଶ୍ୱର ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ରାମହରି ସାହୁ, ଟିଟିଲାଗଡ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ପୂର୍ବ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ପ୍ରଫେସର ଡ. ବିନୋଦ ବିହାରୀ ଜାଲ, ଟିଟିଲାଗଡ ବାର ଆସୋସିଏସନ ସଭାପତି କୃଷ୍ଣଚନ୍ଦ୍ର ସାହୁ, ପ୍ରହଲ୍ଲାଦ ଅଗ୍ରୱାଲ, ବରିଷ୍ଠ ଶିକ୍ଷାବିତ ଅଶ୍ୱିନୀ ମହାନ୍ତି, ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର, ଏମ୍‌ପି, ବିଧାୟିକାଙ୍କ ସମେତ ଡିଏଭି କଲେଜ ପ୍ରାକ୍ତନ ଅଧ୍ୟକ୍ଷ ସାହୁ, ସମ୍ପାଦକ ଶକ୍ତିନାରାୟଣ ସାହୁ, କଟକ ଟ୍ୟାକ୍ସ ବାର ଆସୋସିଏସନ ଅଧ୍ୟକ୍ଷ ସତ୍ୟନାରାୟଣ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ସୁଶୀଲ ସାହୁ, ସଦସ୍ୟ ସନ୍ନ୍ୟାସୀ ସାହୁ, ଅନନ୍ତ ସାହୁ, ନୃସିଂହ ଚୌଧୁରୀ ପ୍ରମୁଖ ଅନେକ ସଦସ୍ୟ ବିଦ୍ୟାଳୟର ବିକାଶ ପାଇଁ ସହାୟତା ଜାରି ରଖିଥିବା ନେଇ ପ୍ରଧାନ ଶିକ୍ଷକ ବାଗ କୃତଜ୍ଞତା ଜଣାଇଥିଲେ। ମୋ ସ୍କୁଲ ଯୋଜନା ତଥା ବିଦ୍ୟାଳୟ ପ୍ରତି ସ୍ଥାନୀୟ ଶିକ୍ଷାବିତଙ୍କ ସହଯୋଗ ନେଇ ପାଣ୍ଠି ସଂଗ୍ରହରେ ରାଜ୍ୟସ୍ତରରେ ଏହି ବିଦ୍ୟାଳୟ ଏକ ବିରଳ ରେକର୍ଡ ସୃଷ୍ଟି କରିଥିବାରୁ ସ୍କୁଲର ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର, ସ୍ଥାନୀୟ ଶିକ୍ଷାବିତଙ୍କ ପ୍ରଚେଷ୍ଟାକୁ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ଉଚ୍ଚ ପ୍ରଶଂସା କରିଛନ୍ତି।




ଧବଳେଶ୍ୱର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ନୂତନ କୋଠା ଶିଳାନ୍ୟାସ ପର୍ବରେ ଅତିଥି ବୃନ୍ଦ।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଦେଓଗାଁ/ଲୋଇସିଂହା, ୧୦।୨ (ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅର୍ଜ୍ଜୁନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଆଦିବାସୀ କଲ୍ୟାଣ ସଂଘ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭୁବନେଶ୍ୱର କିମ୍‌ସର ଡା. ମହର୍ଷି ରଞ୍ଜନ ସାହୁ, ଡା. ଶ୍ରୀମନ ସାହୁ, ଡା. ମନୋଜ କୁନ୍ଦୁରୀ, ଫର୍ମାସିଷ୍ଟ ସୁବାଷ ସା ପ୍ରମୁଖ ଯୋଗଦେଇ ୩ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ଦେବାସହ ମାଗଣାରେ ଔଷଧ ପ୍ରଦାନ କରିଥିଲେ। ଶିବିରରେ କିମ୍‌ସ ମାର୍କେଟିଂ ବିଭାଗର ପ୍ରିୟବ୍ରତ ଦାସ, ସୂର୍ଯ୍ୟକାନ୍ତ ରଥ ଓ ଅଭିଷେକ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଜୟ କାଲସାଏ, ରୂପାଧର ପୁଟା, ଗିରିଧାରୀ କୁଅଁର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଲକ୍ଷ୍ମୀକାନ୍ତ ନାଗ, ସରୋଜ ସୁନା, ହଟକେଶ୍ୱର ଷଡଙ୍ଗି, ଇଲୁ ସାହୁ, ଗଣେଶ୍ୱର ପୁଟା, ଡୋଲାରାମ ନାଗ, ରାଧେ ମହାନନ୍ଦ, ସତ୍ୟବତୀ ପୁଟା, ସଦାନନ୍ଦ ସାହୁ, କେଶର କୁଅଁର, ବୃନ୍ଦାବନ ନାଏକ ପ୍ରମୁଖ ସହଯୋଗ କରିଥିବା ବେଳେ ବ୍ଲକ ଆଦିବାସୀ ସଂଘ ସମ୍ପାଦକ ବିଜୟ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷେ ଆମ ଲୋଇସିଂହା ପ୍ରତିନିଧି ଜଣାଇଛନ୍ତି ଯେ, ଆଗଲପୁର ବ୍ଲକ ରାମପୁର ପଞ୍ଚାୟତ ପରିସରରେ ମଧ୍ୟ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର କିମ୍‌ସର ୨ ଜଣ ଅଭିଜ୍ଞ ଡାକ୍ତର ଯୋଗ ଦେଇ ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୫୦ ଜଣ ରୋଗୀଙ୍କ ସ୍ୱସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରିଥିଲେ। ଆଦିବାସୀ ସଂଘ ସଭାପତି ବଳଦେବ ବୋଇ, ସରପଞ୍ଚ ତରାସ ସାହ, ଚୂଡାମଣୀ ସାହୁ, ବାଙ୍କାନିଧି ଭୋଇ, ଶଙ୍କର ସହାଣୀ, ଭାଗରଥୀ ଭୋଇ, ଦୁର୍ଲଭ ବର୍ଗେ, କାର୍ତ୍ତିକ ଭୋଇ ପ୍ରମୁଖ ଶବିର ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଲୋଇସିଂହା ବ୍ଲକର ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ମଧ୍ୟ ସ୍ୱାସ୍ଥ୍ୟପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଥିଲା।



ଅର୍ଜ୍ଜୁନପୁରରେ ସ୍ୱାସ୍ଥ୍ୟ ଶିବିର ଅବସରରେ ଚିକିତ୍ସକଙ୍କ ଗହଣରେ ଆୟୋଜକ ବୃନ୍ଦ।

# ପଶ୍ଚିମ ଓଡ଼ିଶାବାସୀଙ୍କୁ ଲଲିପପ୍: ନାଗରିକ କମିଟି

**ବଲାଙ୍ଗୀର ଅଫିସ, ୧୦।୨**

ଓଡିଶା ସରକାରଙ୍କ କାମଚଳା ବଜେଟରେ ହାଇକୋର୍ଟ ବେଞ୍ଚ ପାଇଁ ୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ବିଷୟକୁ ନେଇ ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରାଯାଇଛି। ଏହି ପଦକ୍ଷେପ ସରକାରଙ୍କର ପଶ୍ଚିମଓଡିଶା ପ୍ରତି ଉଦାସୀନ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ନାଗରିକ କମିଟି ସଭାପତି ଭବାନୀ ଶତପଥୀ କହିଛନ୍ତି। କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ରାଜ୍ୟ ସରକାରଙ୍କ ଚିଠିର ଉତ୍ତର ଦେଇ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ସ୍ଥାନ ନିରୂପଣ ଓ ହାଇକୋର୍ଟଙ୍କ ମତ ଦେବାକୁ ରାଜ୍ୟ ସରକାରଙ୍କୁ କହିଥିଲେ। ଏ ନେଇ ରାଜ୍ୟ ସରକାର ସ୍ଥାନ ଚିହ୍ନଟ ନେଇ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନ ନେଇ ବା ହାଇକୋର୍ଟଙ୍କ ମତ ନ ଲୋଡି କାମଚଳା ବଜେଟ୍‌ରେ ପଶ୍ଚିମ ଓଡିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ୫ କୋଟି ବ୍ୟୟ ବରାଦ ବ୍ୟବସ୍ଥା କରିବା ଏହା ପଶ୍ଚିମ ଓଡିଶାବାସୀଙ୍କୁ ରାଜ୍ୟ ସରକାରଙ୍କ ଲଲିପପ୍ ବୋଲି ବଲାଙ୍ଗୀର ନାଗରିକ କମିଟି ସଭାପତି ଶତପଥୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସ୍ଥାନ ନିରୂପଣ ନ ହେଲେ ଏହି ଘୋଷିତ ବ୍ୟୟବରାଦ କିଭଳି ଖର୍ଚ୍ଚ ହେବ ଏବଂ କେଉଁଠି ଖର୍ଚ୍ଚ ହେବ ବୋଲି ଶତପଥୀ ପ୍ରଶ୍ନ କରିଛନ୍ତି। ସରକାର ବଲାଙ୍ଗୀରର ଯଥାର୍ଥ ଦାବି ପ୍ରତି ସମ୍ବେଦନଶୀଳ ହୋଇ ଯଥାଶୀଘ୍ର ପଶ୍ଚିମ ଓଡିଶାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ସ୍ଥାପନ କରିବା ପାଇଁ ଘୋଷଣା କରନ୍ତୁ ଏବଂ ଏହି ବ୍ୟୟବରାଦକୁ ଏଠାରେ ଖର୍ଚ୍ଚ କରିବାର ନିଷ୍ପତ୍ତି ନିଅନ୍ତୁ ବୋଲି ଶତପଥୀ ଦାବି କରିଛନ୍ତି।

# ଭାଜପାର ମିଶିଲେ ବୈଜ୍ଞାନିକ ଡ. ମୁକେଶ ମହାଲିଙ୍ଗ

**ଲୋଇସିଂହା, ୧୦।୨ (ଡି.ଏନ.ଏ.)**

ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁର୍ଡା ଗ୍ରାମରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ରବିବାର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଓଡିଶା ରାଜ୍ୟ ପ୍ରଦୂଷଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ ଡ଼. ମୁକେଶ ମହାଲିଙ୍ଗ ଭାଜପାରେ ଯୋଗ ଦେଇ କହିଥିଲେ ଯେ, ୧୯୮୫ରେ ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ଆରଏସଏସ ଓ ଭାରତୀୟ ଜନତା ପାର୍ଟି ଅଭିମୁଖ୍ୟର ଅନୁପ୍ରାଣିତ ହୋଇଥିଲେ। ଏବେ ସେ ମା ମାଟି ତଥା ଦେଶର ସେବା ଓ ଉନ୍ନତି ପାଇଁ ରାଜନୀତିକୁ ଆସିଥିବା ପ୍ରକାଶ କରିଥିଲେ। ଭାଜପା ଆଗାମୀ ଦିନରେ ଓଡିଶାରେ ବିକଳ୍ପ ସରକାର ଦେବା ଦକ୍ଷତା ରଖିଛି। ଏଠାରୁ ବିଜୟ ଯାତ୍ରା ଆରମ୍ଭ ହେବ ବୋଲି ସେ କହିଥିଲେ। ଜିଲା ସଭାପତି ଭକ୍ତବନ୍ଧୁ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବ ସଭାରେ ବିଧାୟକଦଳ ନେତା ତଥା ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି, ପୂର୍ବତନ ଏମ୍‌ପି ସଙ୍ଗୀତା ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ଲୋଇସିଂହା ନିର୍ବାଚନମଣ୍ଡଳୀର ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଲୋଇସିଂହା ପୂର୍ବତନ ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ କଲସାଏଙ୍କ ସ୍ୱାମୀ ନାରାୟଣ କାଲାସାଏ ମଧ୍ୟ ଦଳରେ ଯୋଗ ଦେଇଥିଲେ। ଜିଲା ସାଧରଣ ସମ୍ପାଦକ ପିତାମ୍ବର ଖମାରୀ ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



ଭାଜପାରେ ଯୋଗଦାନ ଅବସରରେ ଡ଼. ମୁକେଶ ମାହାଲିଙ୍ଗ।

# ସଂକୀର୍ତ୍ତନ ବଞ୍ଚାଇ ରଖିବାକୁ କଳାକାରଙ୍କ ଆହ୍ୱାନ

**ଖପ୍ରାଖୋଲ, ୧୦।୨ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ମଟିଆଭଟା ପଞ୍ଚାୟତ ହାଇସ୍କୁଲ ପଡିଆଠାରେ ଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ କଳା ବିକାଶ ପରିଷଦ ଆନୁକୂଲ୍ୟରେ ସଂକୀର୍ତ୍ତନ କଳାକାର ସମ୍ମିଳନୀ ରବିବାର ଆୟୋଜିତ ହୋଇଯାଇଛି। ବ୍ଲକ ସଭାପତି ଥବୀର ଚରଣ ସାହୁଙ୍କ ପରିଚାଳନାରେ ଅତିଥି ଭାବେ ଜିଲା ସଭାପତି ଅନୀଲ ପୁଟେଲ, ବ୍ଲକ କଳାସଂସ୍କୃତି ସଂଗଠନ ସଭାପତି ହରିବୋଲ ପୋଢ, ସ୍ଥାନୀୟ ସରପଞ୍ଚ ନରସିଂହ ସାହୁ, ସମିତି ସଭ୍ୟ ଟୁନୁ ଜ୍ୟୋତିଷ, ତିଲ ଝାଙ୍କର ପ୍ରମୁଖ ଯୋଗ ଦେଇ ସଂକୀର୍ତ୍ତନ କଳା ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। କେଛୋବାହାଲ, ଅନକମରା, ହିର୍ଲି, କେନ୍ଦୁଭଟା, ଦମେଇପାଲି, କଟାପାଲି, ଗୌଡପାଲି, ଲୁହୁରେଟ, କାଦୋପାଣି, ମଟିଆଭଟା ପ୍ରମୁଖ ଗାଁର କଳାକାର ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହି ଅବସରରେ ମାଲପଡାର ବରିଷ୍ଠ ଗାୟକ ମୋହନ ସାହୁ, ମାଟିଆଭଟାର ଟଙ୍କଧର ସାହୁ, ଦେଷଣ୍ଡର ମହିଳା ଗାୟିକା ଜୋସ୍ନା ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଧାଗୋବିନ୍ଦ ସଂକୀର୍ତ୍ତନ ମଣ୍ଡଳୀ, ଚୈତନ୍ୟ ମହାପ୍ରଭୁ ସଂକୀର୍ତ୍ତନ ମଣ୍ଡଳୀ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ମଧୁସୂଦନ ସାହୁ ପରିଚାଳନା କରିଥିବା ବେଳେ ଜୀବର୍ଦ୍ଧନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃସମ୍ମିଳନୀ ଅବସରରେ ଉପସ୍ଥିତ ମାଁମାନେ।

### ଦେଓଗାଁ ସରସ୍ୱତୀ ଶିଶୁମନ୍ଦିରର ମାତୃ ସମ୍ମିଳନୀ

# ଶିଶୁଙ୍କ ଚରିତ୍ର ଗଠନରେ ମାଁର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଦେଓଗାଁ, ୧୦।୨ (ଡି.ଏନ.ଏ.)**

ଦେଓଗାଁ ସରସ୍ୱତୀ ଶିଶୁମନ୍ଦିର ପରିସରରେ ରବିବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସୂର୍ଯ୍ୟ କୁମାର ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ଆଚାର୍ଯ୍ୟା ସଞ୍ଜୁ ପାଣ୍ଡେ ସଂଯୋଜନା କରିଥିଲେ। ଅତିଥି ଭାବେ ଆର୍ଯ୍ୟ ସମାଜ ପ୍ରଚାରକ ରତ୍ନମଣି ସାହୁ,ସମ୍ମାନୀତ ଅତିଥି ଭାବେ ପୂର୍ବତନ ସଭାପତି ଡା. ଶିବବ୍ରତ ଦାସ, ଜୟନ୍ତୀ ମିଶ୍ର, ଭକ୍ତ ଚରଣ ସାହୁ, ବସନ୍ତ କୁମାର ଅଗ୍ରୱାଲ, ଶ୍ୟାମ ସୁନ୍ଦର ସାହୁ, ଦେବେନ୍ଦ୍ର କୁମାର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁମାନଙ୍କ ଚରିତ୍ର ଗଠନରେ ମାଁମାନଙ୍କ ଭୂମିକା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶିଶୁ ଭଉଣୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶୀଳ କୁମାର ଦାଶ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ଭଉଣୀ, ଭାଇଙ୍କ ମାଁମାନେ ଉପସ୍ଥିତ ଥିଲେ। ପରିଶେଷରେ ଜୟନ୍ତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀରାମଚରିତ ମାନସ ପାରାୟଣ ଲାଗି କଳସ ଶୋଭାଯାତ୍ରା

**ଦେଓଗାଁ, ୧୦।୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଁଚେତ ମୁରସିଂହରେ ଶ୍ରୀରାମଚରିତ ମାନସ ପାରାୟଣ ଲାଗି ରଏବାର ବେଲବୁଡ଼େ କଲସ ଶୋଭାଯାତ୍‌ରା ଅନୁଷ୍‌ଠିତ ହେଇଯାଇଛେ। ଗାଁବାସୀକର ଆୟୋଜନରେ ୧୦ ତାରିଖ୍‌ରୁ ୧୯ ତାରିଖ୍ ତକ୍ ୯ ଦିନ୍ ଧରି ଅନୁଷ୍‌ଠିତ ହେବାକେ ଥିବାର ଶ୍ରୀରାମଚରିତ ମାନସ ପାରାୟଣରେ ସରପଁଚ୍ ବଡ଼ ପଦାନକଁର ଦେଖ୍‌ରେଖ୍‌ରେ ଇ ଦିନ ଶତାଧିକ୍ ମହିଲା ଥାନୀୟ ବଁଧେ କଲସବୁଡ଼େଇ ନାମ୍ ସଁକିର୍‌ତନ ସଂଗେ ଗାଁବୁଲି ପୂଜାମଡ଼ପ୍‌ରେ ପୁହୁଁଚିଥିଲେ। ସେଠାନେ ଅଧିବାସ କାଯ୍ ଅନୁଷ୍‌ଠିତ ହେଇଥିଲା। ଇଥିରେ ପୂଜାରୀ ହିସାବେ ମୂରଲୀଧର ନାୟକ ଯୋଗଦେଇଥିଲା ବେଲେ କରତା ହିସାବେ ନିରାକାର ପଧାନ ଆର ତାକର ମାଏକିନା ପୁଷ୍ପା ପଧାନ ଦାଇତିଅ ତୁଲଉଛନ୍। ସୋମବାରରୁ ପାରାୟଣ ଆରମ୍ ହେବାକେ ଥିଲାବେଲେ ଇଥିରେ ବ୍ୟାସ ହିସାବେ ନାରାୟଣ ଓଝା ଯୋଗ୍‌ଦେବାର କାଯ୍‌କରମ ରହିଛେ। ଇ ଅବ୍‌ଛରରେ ସାଂସ୍କୃତିକ କାଯ୍‌କରମ ମଂଗଲବାର ଉପରଝରର ରାମଲୀଲା ସୀତାଚୁରୀ ପରିବେଷନ ହେବାକେ ଥିଲାବେଲେ ବୁଧୁବାର ପରୁଆଭାଡ଼ି ଆର ସିକୁଆଁର ସଁକିର୍‌ତନ ବଇଠକି, ଗୁରୁବାର ଚନ୍ଦ୍ରପୁରର ମିକ୍ସଚର ରାମଲୀଲା ଅନୁଷ୍‌ଠିତ ହେବା। ୧୫ ତାରିଖ୍‌ରୁ ୧୯ ତାରିଖ୍ ତକ୍ କଂସ ଦରବାର ଅନୁଷ୍‌ଠିତ ହେବା। ଇଥିରେ ବରଗଡ଼ର ଗୋପବନ୍ଧୁ ସାହୁ କଂସ ଭୂମିକାନେ ଅଭିନଏ କରବେ ବଲି ଆୟୋଜକ୍ କମିଟି ତରଫୁ ଜନାଯାଇଛେ। ଇଥିର ଉଧେ ମୀନାବଜାର ମୁଖିଆ ଆକରଷନ ସାଜିଛେ। କାଯ୍‌କରମରେ ମୁରସିଂହ ଗାଁବାସୀ ସହଯୋଗ କରୁଛନ୍।



ମୁରସିଂହରେ ଶ୍ରୀରାମଚରିତ ମାନସ ପାରାୟଣ ଲାଗି କଲସ ଶୋଭାଯାତ୍‌ରା।

## ଫଟୋରେ ଖବର



ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଛାତ୍ରୀନିବାସଠାରେ ଛାତ୍ରୀମାନେ ରବିବାର ସରସ୍ୱତୀ ପୂଜା ପଳନ କରୁଛନ୍ତି।



ବଲାଙ୍ଗୀର ମ୍ୟୁନିସିପାଲଟି ତୁଲସୀ ନଗରଠାରେ ଜମିଥିବା ଡ୍ରେନ ପାଣିରେ ଗୋଟିଏ ଗାଈ ପଡିଯିବା ପରେ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରୁଛନ୍ତି। (ଫଟୋ - ସୁନିଲ)

### ଇଲେଭେନ ଷ୍ଟାର କ୍ରିକେଟ ଧମାକା

# ଟମାମୁରା ଚାମ୍ପିୟନ

**ଲୋଇସିଂହା, ୧୦।୨ (ଡି.ଏନ.ଏ.)**

ଆଗଲପୁର ବ୍ଲକ କୁଟାସିଂହା ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗରୀପାଲିଗ୍ରାମର ଇଲେଭେନ ଷ୍ଟାର କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଧମାକା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚରେ ଡାହୁକଗୁଡକୁ ହରାଇ ଟମାମୁରା ଚାମ୍ପିୟନ ହୋଇଛି। ଟମାମୁରା ଦଳ ପ୍ରଥମେ ବ୍ୟାଟିଂ କରି ୬୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଡାହୁକଗୋଡ ଦଳ ନିର୍ଦ୍ଧାରିତ ଓଭରରେ ୧୫ ରନ୍ ପଛରେ ପଡି ପରାଜିତ ହୋଇଥିଲା। ଟମାମୁରା ଦଳ ୧୫ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବିଜେଡି ଯୁବନେତା ସମ୍ପତି ନନ୍ଦ ମୁଖ୍ୟ ଅତିଥି, ଜଗବନ୍ଧୁ ପଧାନ, ଦିଲୀପ ବାରିକ, ମୁକୁନ୍ଦ ନାଏକ ସମ୍ମାନୀତ ଅତିଥି ଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଳମଣୀ ବେହେରା, ପିତାମ୍ବର ମେଲ୍ଲି, ଲିଙ୍ଗରାଜ ମେଲ୍ଲି, ରୁଦ୍ରାକ୍ଷର ଅମାତ, ସନଜୀବ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ଦେଇ ପୁରସ୍କୃତ କରିଥିଲେ।



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ

- ଗୌତମବୁଦ୍ଧ



## ସଂକ୍ଷେପରେ



### ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ

ପଲମ,୧୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ କେନ୍ଦୁବାହାଲି ଗ୍ରାମରେ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଗ୍ରାମର ପୂଜା ମଣ୍ଡପଠାରେ ମହାସମାରୋହରେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ରବିବାର ଉଦ୍ଯାପିତରେ ରାଧାମାଧବଙ୍କ ପ୍ରତିମୂର୍ତ୍ତି ଧରି ଗାଁ ନଗର ପରିକ୍ରମା କରିବା ପରେ ପ୍ରହରୀ ମଣ୍ଡପକୁ ଆସ ଦଧିଭାଣ୍ଡ ଭାଙ୍ଗିଥିଲେ। ପୂଜାରେ କର୍ତ୍ତା ଭାବେ ତୀର୍ଥ ନାଏକ ଓ ଦେବକୀ ନାଏକ ରହିଥିଲେ । ସପ୍ତ ଋଷି ଭାବେ ଶ୍ରୀବତ୍ସ ସାହୁ, ମଦନ ସାହୁ, ଶଙ୍କର ନାଏକ, ପୂର୍ଣ୍ଣାନନ୍ଦ ନାଏକ, ଚରଣ ନାଏକ, ହଳଧର ସାହୁ, ରାଧାମୋହନ ସରାଫ ରହି ପ୍ରତ୍ୟେକ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ପୂଜକ ଭାବେ ତ୍ରିଲୋଚନ ନାଏକ ଏବଂ ଜପକ ଭାବେ ଡିଲେଶ୍ୱର ରଥ ପୂଜାର୍ଚ୍ଚନା କରିଥିଲେ । ଏଥିରେ ୯ଟି ସଂକିର୍ତ୍ତନ୍ୟ ଦଳ ଅଂଶ ଗ୍ରହଣ କରି ହରିନାମ ଗାନ କରିଥିଲେ।



### ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା ପାଳିତ

କର୍ଲାମୁଣ୍ଡା,୧୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ରବିବାର ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିଜାପାଟିଠାରେ ନୂତନ ଭାବେ ଖୋଲିଥିବା ଅଙ୍ଗନୱାଡି କେନ୍ଦ୍ରର (ଅସ୍ଥାୟୀ) ଗୃହଠାରେ ସରସ୍ୱତୀ ପୂଜା ପାଳିତ ହୋଇଥିବା ବେଳେ ବ୍ଲକ ସଦର ସମସ୍ତ ଶିକ୍ଷାନୁଷ୍ଠାନଗୁଡିକରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି।



### ଷୋହଳ ପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ସେରଗଡ଼,୧୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ସେରଗଡ ବିଶ୍ୱାଳପଡାଠାରେ ଆସନ୍ତା ଶିବରାତ୍ରି ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ରବିବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ଏହି ଅବସରରେ ଏକ ବିରାଟ ପଟୁଆରରେ ନାମ ସଂକିର୍ତ୍ତନ ସହ ଶୁଭଖମ୍ବକୁ ଅଣାଯାଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଆସନ୍ତା ମାର୍ଚ୍ଚ ୨ ତାରିଖରେ ଅଧିବାସ, ୩ରେ ନାମଯଜ୍ଞ ଆରମ୍ଭ ହୋଇ ୫ ତାରିଖ ପୂର୍ଣ୍ଣାହୂତି ହେବ ବୋଲି କମିଟି ସୂଚନା ଦେଇଛି । କର୍ତ୍ତା ଭାବେ କ୍ଷେତ୍ରମ ମୋହାନ ବାରିକ ଏବଂ ନୀର ବାରିକ ଥିବା ବେଳେ କିର୍ତ୍ତନ ଗୁରୁ ଟିକେଶ୍ୱର ପଧାନ, ଧ୍ରୁବ ଚରଣ ପଧାନ, ମନୋଜ ବାରିକ, ଚତୃଭୁଜ ପଧାନ, ଉପାସୁ ସରାଫ ପ୍ରମୁଖ ନାମଯଜ୍ଞର ଆୟୋଜକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି।



ମେଣ୍ଢାଟାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ର ।

### ମେଣ୍ଢାଟାଲ ଉନ୍ନୀତ ହାଇସ୍କୁଲର ବାର୍ଷିକ ଉତ୍ସବ

# ବିଦ୍ୟାଳୟରେ ଶିଶୁ ସ୍ୱରୂପ ଭଗବାନ ଅଛନ୍ତି

ନୂଆପଡା ଅଫିସ,୧୦।୨

ଗାଁରେ ଦେଶର ଆତ୍ମା ରହିଛି । ସେହି ଗାଁରେ ବିଦ୍ୟାଳୟ ଏକ ମନ୍ଦିର। ଏହି ମନ୍ଦିରରେ ଦେବ ତୁଲ୍ୟ ଶିଶୁମାନେ ରହିଛନ୍ତି। ଏମାନଙ୍କୁ ଆମକୁ ପୂଜା କରିବା ଅଛି।ଏଥିପାଇଁ ବିଦ୍ୟାଳୟରେ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷକମାନଙ୍କ ତ୍ରିବେଣୀ ସଙ୍ଗମରୁ ଗଙ୍ଗାର ଜନ୍ମ ହୋଇଥାଏ ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ମେଣ୍ଢାଟାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା ବ୍ୟକ୍ତ କରିଛନ୍ତି। ରବିବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଖେମ ଦାସ ସଭାପତିତ୍ୱ କରିଥିବାବେଳେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ମୁଖ୍ୟଅତିଥି, ଜିଲା ବିଜ୍ଞାନ ନିରୀକ୍ଷ ଅଶ୍ୱିନୀ କୁମାର ଭୋଇ ମୁଖ୍ୟବକ୍ତା, କୋମନା ବ୍ଲକ ଶିକ୍ଷାଧିକାରୀ ରେଶମ ଲାଲ ନାଏକ, ବୋଡେନ ବ୍ଲକ ଶିକ୍ଷାଧିକାରୀ ଇନ୍ଦ୍ରମଣୀ ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାସୁଦେବ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସହଶିକ୍ଷକ ଧ୍ରୁବଚରଣ ରଣା ବିବରଣୀ ପାଠ କରିଥିବାବେଳେ ଚନ୍ଦ୍ରଭାନୁ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏଭଳି ଏକ ଉପାନ୍ତ ଅଞ୍ଚଳରେ ହାଇସ୍କୁଲ ଶିକ୍ଷାର ପ୍ରଗତି ସକାଶେ ସରକାର ଉନ୍ନିତ ହାଇସ୍କୁଲର ପରିକଳ୍ପନା କରି ଚରିତାର୍ଥ କରିଛନ୍ତି । ଏହାର ସୁଯୋଗ ନେବାକୁ ଅତିଥିମାନେ କହିଥିଲେ। ଏହି ପରିପେକ୍ଷୀରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଯଥା ବକ୍ତୃତା ପ୍ରତିଯୋଗୀତାର ଧନରାଜ ମାଝି ପ୍ରଥମ, ସଙ୍ଗୀତରେ ଦୀପାଞ୍ଜଳୀ ଶବର ଏବଂ ଚିତ୍ରାଙ୍କନରେ ଲମ୍ବୋଦର ବାଗ ପ୍ରଥମ ସ୍ଥାନ ଅକ୍ତିଆର କରିଥିବାବେଳେ ଏମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଉଲ୍ଲେଖନୀୟ କୃତୀତ୍ୱ ସକାସେ ଜାତୀୟସ୍ତରରେ ସମ୍ମାନିତ ହୋଇଥିବା ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା । ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟକୁ ଗ୍ରାମବାସୀଙ୍କ ତରଫରୁ ୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ମିଳିଥିବାରୁ ଜିଲା ଶିକ୍ଷାଧିକାରୀ ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମର ଶେଷାର୍ଦ୍ଧରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଏହାକୁ ସମସ୍ତ ଶିକ୍ଷକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଦେଖିବାକୁ ଅଞ୍ଚଳର ଶତାଧିକ ଲୋକ ରୁଣ୍ଡ ହୋଇଥିଲେ ।

### ପଶ୍ଚିମ ଉତ୍କଳ ସି.ଇ. କନଭେନ୍ସନ ଉଦ୍ଯାପିତ

କଣ୍ଟାବାଞ୍ଜି,୧୦।୨(ଡି.ଏନ.ଏ.)

କଣ୍ଟାବାଞ୍ଜି ସି.ଏନ.ଆଇ. ଚର୍ଚ୍ଚ କମିଟି ଦ୍ୱାରା ୪୭ତମ ପଶ୍ଚିମ ଉତ୍କଳ ସି.ଇ. କନଭେନସନ ରବିବାର ଉଦଯାପିତ ହୋଇଛି । ୩ ଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ଜିଲା ଏବଂ ଜିଲା ବାହାରୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ଯୋଗ ଦେଇଥିଲେ। ରବିବାର ଉଦ୍ଯାପନୀ ଦିବସରେ ସ୍ଥାନୀୟ ବିଧାୟକ ଅୟୁବ ଖାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଭ. ଡ. ପିନୁଲ ଦିପ, କନଭେନର ରବୀନ୍ଦ୍ର ସେନାପତି, ଅନିଲଚନ୍ଦ୍ର ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁବ୍ରତ କୁମାର ଦଲାଇ, ରଜନିକାନ୍ତ ପାତ୍ର, ମନୋଜ ସାହୁ, ଆରତି ବାଗ, ସୁମତି ନାଗ, ସୁଚିତ୍ରା ଦଲାଇ, ତରୁନି ସାହୁ, ଦୀପ୍ତିରାଣି ପାତ୍ର ସହଯୋଗ କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମର୍ପଣ ଦିବସ

କଣ୍ଟାବାଞ୍ଜି,୧୦।୨(ଡି.ଏନ.ଏ.)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା ସହିତ ସମର୍ପଣ ଦିବସ ପାଳନ କରାଯାଇଛି । ଅଭିଭାବିକା, ଅଭିଭାବକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି।

## ସ୍ୱର୍ଗତ ରାଜା ବ୍ରଜରାଜ ଥିଲେ ଓଡ଼ିଆ ସାହିତ୍ୟର ସାଧକ

ଖଡିଆଳ,୧୦।୨(ଡି.ଏନ.ଏ.)

ରାଜ୍ୟ ସ୍ୱର୍ଗତ ବ୍ରଜରାଜ ସିଂଦେଓ କେବଳ ବଳିଷ୍ଠ ଶାସକ ରୂପେ ପରିଚିତ ଥିଲେ ତାହା ନୁହେଁ ତାଙ୍କ ସାହିତ୍ୟ ସାଧନାରେ ଓଡିଆ ସାହିତ୍ୟର ବଳିଷ୍ଠ ସାଧକ ମଧ୍ୟ ପରିଚିତ ସେ ଭଞ୍ଜୀୟ କାବ୍ୟ ପରମ୍ପରାରେ ରହି ନିଜ ସ୍ୱରଚିତ ପ୍ରବନ୍ଧ ଚିତ୍ରକାବ୍ୟ, ବ୍ରଜବସୁ ବିଳାସ, ଶୋଭାବଲ୍ଲରୀ, ରତ୍ନପ୍ରଭା, ରୂପାମଞ୍ଜରୀ, ଉଚତିଶାତ୍ରୟ କାବ୍ୟଗୁଡିକ ଓଡିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ । ରବିବାର ଖଡିଆଳ ସାହିତ୍ୟ ସମିତି ଓ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କବି ରାଜା ବ୍ରଜରାଜ ସିଂଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି । ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ସୁଶାନ୍ତ କୁମାର ବିଶିଙ୍କ ପୌରହିତ୍ୟରେ ବିଶିଷ୍ଟ ସାହିତ୍ୟକ ବଳଭଦ୍ର ମହାଉତି ମୁଖ୍ୟଅତିଥି, ବିଶିଷ୍ଟ କବି ଡ. ମିହିର ପଟ୍ଟନାୟକ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଖଡିଆଳ ସାହିତ୍ୟ ସମିତିର ସମ୍ପାଦକ ଇରଫାନ୍ ମହମ୍ମଦ ଓ ଅଧ୍ୟାପକ ଡ. ଶରତ ଚନ୍ଦ୍ର ଚଲାନ ପ୍ରମୁଖ ଯୋଗଦେଇ ରାଜା ବ୍ରଜରାଜଙ୍କ କୃତୀତ୍ୱ ଓ ଜୀବନି ଉପରେ ଆଲୋକପାତ କରିଥିଲେ । ସମିତିର ପରିଚାଳନା ସମ୍ପାଦକ ଗୌରାଙ୍ଗ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଆଦିତ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ସଙ୍ଗୀତଜ୍ଞ ନନ୍ଦଲାଲ ବାରିକ, ଜୟସିଂ ନାଏକ ଓ ଅରୁଣ ଗହିର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ।




କବି ରାଜା ବ୍ରଜରାଜ ସିଂଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ।

## ଏସ୍‌ୱାଇଏସ୍ ଆନ୍ତଃ ଜିଲା କ୍ରିକେଟ: ଛିନ୍ଦପାଣି ଦଳ ଚାମ୍ପିୟନ

ନୂଆପଡା ଅଫିସ,୧୦।୨

ସ୍ଥାନୀୟ କୁଲିହାବନ୍ଧାଗାଁରେ ଚାଲିଥିବା ଆନ୍ତଃଜିଲା ଏସ୍‌ୱାଇଏସ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ରବିବାର ଛିନ୍ଦପାଣି ଦଳ କୁଲିହାବନ୍ଧା ଦଳକୁ ୬ ଉଇକେଟରେ ହରାଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ମଶାନକୁଣ୍ଡା ଏବଂ ଛିନ୍ଦପାଣି ଦଳ ମଧ୍ୟରେ ହୋଇଥିଲା। ଏଥିରେ ମଶାନକୁଣ୍ଡା ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୭୦ ରନ ସଂଗ୍ରହ କରିଥିଲା । ଜବାବରେ ଛିନ୍ଦପାଣି ଦଳ ମାତ୍ର ୪ ଉଇକେଟ ବିନିମୟରେ ନିର୍ଦ୍ଧାରିତ ଟାର୍ଗେଟକୁ ପିଛା କରି ବିଜୟୀ ହୋଇଥିଲା। ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ଉଦ୍ଯାପନୀ ଉତ୍ସବରେ ସ୍ଥାନୀୟ ଶାସ୍ତ୍ରିଜୀ ଯୁବକ ସଂଘ ସଭାପତି ହୀରାଲାଲ ପଟେଲ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମହେଶ ରାମ ଗୌଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କ୍ଲବର ସକ୍ରିୟ କର୍ମକର୍ତ୍ତା ଘନଶ୍ୟାମ ପଟେଲ, ବସନ୍ତ, ପୁରୁତ୍ତମ, କେଶରାମ, ଦେଓସିଂ, କେୱଲ ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଘନଶ୍ୟାମ ପଟେଲ ଧନ୍ୟବାଦ ଦେଇଥିଲେ ।



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

## ସରସ୍ୱତୀ ଶିଶୁମନ୍ଦିରରେ ବାଗ୍‌ଦେବୀଙ୍କ ପୂଜା

ରାଉରକେଲା ଅଫିସ,୧୦।୨

ଶିବାଜୀ ମାର୍ଗସ୍ଥିତ ସରସ୍ୱତୀ ଶିଶୁମନ୍ଦିର ଓ ବିଶ୍ରା ଡାହାର ରୋଡ୍ ଅଞ୍ଚଳରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ରବିବାର ବିଧିବିଧାନରେ ବିଦ୍ୟାଦାୟିନୀ ମା' ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା କରଯାଇଛି। ଛାତ୍ରୀଛାତ୍ରମାନେ ମା'ଙ୍କ ବନ୍ଦନା ଗାନ କରିବା ସହ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ମନୋଜ ରତରିଆ, ନରେଶ ଅଗ୍ରୱାଲ, ବିକାଶ ପନସାରୀ, ରାମ ଅଗ୍ରୱାଲ, ପୁରୁଷୋତ୍ତମ ଗର୍ଗ, ମୁକେଶ ବରେଲିଆ, ସୀତାରାମ ଗର୍ଗ ଓ ଚନ୍ଦ୍ରଶେଖର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ୫୨୪୮୧ ଜଣଙ୍କ ଚାଷୀଙ୍କଠାରୁ ୬୪୩ କୋଟି ୬୩ ଲକ୍ଷ ଟଙ୍କାର ଧାନ କ୍ରୟ

ଭବାନୀପାଟଣା,୧୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଚଳିତ ଖରିଫ୍ ଋତୁରେ ଧାର୍ଯ୍ୟ ତାରିଖରୁ ୨୮ ଦିନ ପରେ ନଭେମ୍ବର ୨୮ ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ୩୧ ତାରିଖ ସୁଦ୍ଧା କଳାହାଣ୍ଡି ଜିଲାରେ ୩୬୭୭୯୩.୦୯ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହେଲାଣି । ସଂଗୃହୀତ ଧାନ ମୂଲ୍ୟ ଟଙ୍କା ୬୪୩ କୋଟି ୬୩ ଲକ୍ଷ ୩୦ ହଜାର ଟଙ୍କା। କୃଷି ବିଭାଗର ଆକଳନ ଅନୁଯାୟୀ କଳାହାଣ୍ଡି ଜିଲାରେ ଚଳିତ ଖରିଫ୍ ଋତୁରେ ୮୦ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହେବ । ଚଳିତ ଖରିଫ୍ ଋତୁରେ କଳାହାଣ୍ଡି ଜିଲାରେ ୭୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ଜିଲାରେ ସମୁଦାୟ ୧୬୬ଟି ମଣ୍ଡି ଖୋଲାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ସେଥିରୁ ଭବାନୀପାଟଣା ଉପଖଣ୍ଡରେ ୬୯ ଓ ଧର୍ମଗଡ ଉପଖଣ୍ଡରେ ୯୭ ମଣ୍ଡି ଖୋଲାଯିବାକୁ ସ୍ଥିର କରାଯାଇଥିଲା। ଚଳିତ ଖରିଫ୍ ଋତୁରେ ଜିଲାରେ ଯୋଗ୍ୟ ବିବେଚିତ ୭୫ଟି ମିଲର ମଧ୍ୟରୁ ଆଜି ସୁଦ୍ଧା ୭୪ ମିଲର୍ ବିଭିନ୍ନ ମଣ୍ଡିରୁ ଧାନ ସଂଗ୍ରହ କରୁଛନ୍ତି । କଳାହାଣ୍ଡି ଜିଲାରେ ଜାନୁୟାରୀ ୩୦ ତାରିଖ ସୁଦ୍ଧା ୧୩ଟି ବ୍ଲକରେ ୧୫୮ ଟି ମଣ୍ଡିରୁ ଧାନ କିଣାବିକା ଯାଇଥିଲା। ସୂଚନାଯୋଗ୍ୟ ଯେ, ଜିଲାରେ ଜାନୁୟାରୀ ୩୧ ତାରିଖ ସୁଦ୍ଧା ୪୨୦୭୬୮ ମେଟ୍ରିକ ଟନ କୁଇଣ୍ଟାଲ ଧାନ ସଂଗ୍ରହ ନିମନ୍ତେ ଚାଷୀମାନଙ୍କୁ ଟୋକନ ପ୍ରଦାନ କରାଯାଇଥିଲା । ସେଥିରୁ ବର୍ତ୍ତମାନ ଯାଏଁ ୫୨୪୮୧ ଜଣ ଚାଷୀଙ୍କ ଠାରୁ ୩୬୭୭୯୩.୦୯ ମେଟ୍ରିକ ଟନ୍ ଧାନ ସଂଗୃହୀତ ହୋଇଛି । ସଂଗୃହୀତ ଧାନର ମୂଲ୍ୟ ୬୪୩ କୋଟି ୬୩ ଲକ୍ଷ ୩୦ ହଜାର ଟଙ୍କା ହୋଇଥିବା ବେଳେ ବର୍ତ୍ତମାନ ଯାଏଁ ଧାନ ବାବଦକୁ ବିକ୍ରି କରିଥିବା ଚାଷିଙ୍କ ଆକାଉଣ୍ଟରେ ୬୩୮ କୋଟି ୩୫ ଲକ୍ଷ ୭୮ ହାଜର ଟଙ୍କା ଜମା କରାଯାଇଛି ବୋଲି ସିଏସ୍‌ଓ ଶୀବପ୍ରସାଦ ଦୋରା ପ୍ରକାଶ କରିଛନ୍ତି ।

OFFICE OF THE CHILD DEVELOPMENT PROJECT OFFICER, BADAMBA

**QUOTATION CALL NOTICE**

Sealed tenders are invited from valid registered vender for supply of Anganwadi items. Quotations must reach to the undersigned on or before 19.02.2019. For details visit Website **www.cuttack.nic.in.**

**Sd./- Child Dev. Project Officer, Badamba**

**TENDER CALL NOTICE**

**No.105** **Date.08.02.2019**

Regulated Market Committee, Digapahandi invites tender in online mode from the approved Contractors of appropriate Class for the Work "Development of Infrastructure & Allied Works in Different Market Yard under RMC, Digapahandi" Detailed Tender Notice along with conditions contract and notice inviting tender may be seen and downloaded from the website **www.tenderodisha.gov.in** from 17.00 hours of 09.02.2019 to 17.00 hours of 26.02.2019 and the opening of tender would be 11.00 hours on 27.02.2019.

**Sd./-**
**Sub- Collector, Berhampur-cum-Chairman, RMC, Digapahandi**

ରେଳ ବିକାଶ ନିଗମ ଲିମଟେଡ୍

"ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ"
"ସର୍ବସାଧାରଣ ବିଜ୍ଞପ୍ତି"

ସମ୍ବଲପୁର ଏବଂ ୱାଲଟିଅର ଡିଭିଜନ, ପୂର୍ବତଟ ରେଳପଥର ନିମ୍ନଲିଖିତ ୩ୟ ଲାଇନ୍‌ର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନର ରେଳ ଧାରଣା ଏବଂ ପରିସରର ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ନିମ୍ନଦର୍ଶିତ ସେକ୍ସନ ନିକଟରେ ପ୍ରଦାନ କରାଯାଇଥିବା ତାରିଖ ପରଠାରୁ ୨୫୦୦୦ ଭୋଲ୍ଟ, ଏସି ଓଭରହେଡ୍ ଟ୍ରାକ୍ସନ୍ ଓ୍ୱାୟାରଗୁଡିକୁ ଶକ୍ତି ପ୍ରଦାନ କରାଯିବ । ଏହି ତାରିଖଠାରୁ ସେହି ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟ ପାଇଁ ଜିବନ୍ତ ଭାବେ ବିବେଚିତ କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ପରିସରରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| ସାଇଜ୍ ସେକ୍ସନ | ତାରିଖ |
|---|---|
| ଟିଟିଲାଗଡ଼ (ବହିର୍ଭୂତ) – ଜିମିଡ଼ିପେଟା (ଅନ୍ତର୍ଭୁକ୍ତ) ୩ୟ ଲାଇନ୍ କିମି ୨୦୨.ସିଏଚ୍.୬୮୬ରୁ କିମି ୩୫୭ ସିଏଚ୍.୨୭୮ | ୧ ମାର୍ଚ୍ଚ ୨୦୧୯ |

ମହାପ୍ରବନ୍ଧକ (ଇଲେକ୍ଟ୍ରିକାଲ),
ରେଳ ବିକାଶ ନିଗମ ଲିମିଟେଡ୍, ୱାଲ୍‌ଟିଅର

idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD, IDCO MSME-I BHUBANESWAR
Tender Call Notice No. 168 Dated :- 07.02.2019

**SHORT TENDER CALL NOTICE**

| | |
|---|---|
| Name of the Work | : Repair, Maintenance and Improvement of Balance Drain at Industrial Estate, Rasulgarh, Bhubaneswar. |
| Estimated Cost of the Work | : Rs.829012.00 (inlcuding 12%GST) |
| Period of Completion | : One Month |
| EMD Amount | : Rs. 8,290.00 |
| Cost of Bid Document | : Rs.4000.00+GST@18% |
| Date of Availability of Tender Paper | : Dt: 12.02.2019 to Dt: 14.02.2019 |
| Last Date of Submission of Tender | : Dt: 16.02.2019 up 15.00 hours |
| Date of Opening of Tender | : Dt: 16.02.2019 at 16.00 hours |
| Procurement Officer | : Divisional Head, MSME-I, IDCO, Bhubaneswar |

Further details of tender call notice can be seen in the IDCO Website **www.idco.in** or Contact Dy. Manager(Civil), Sri Sachikanta Sahoo, Telephone No.: 7978693320(M).

Sd/-
Divisional Head, MSME-I, IDCO, Bhubaneswar

OFFICE OF THE PANCHAYAT SAMITI, CHITRAKONDA

**No. 492/ III-32/2019** **Dated 07.02.2019**

**TENDER CALL NOTICE**

The Block Development Officer, Chitrakonda invites sealed tenders on behalf of Governor, Odisha as per annexure from registered and eligible Firms/ Suppliers of Odisha State P.W.D. (R&B)/ C.P.W.D/ Water Resources/ Rural Works/ M.I. having authorized dealership in agreement in F-2 contract forms of Govt. of Odisha. The details of commodities given below. The tenderer has to submit the sealed tender paper in complete shape with details i.e. (1) EPM Regd. Certificate, (2) EM-II, (3) DIC PMT, (4) GSTIN Certificate, (5) VAT Clearance, (6) PAN Card, (7) GSTIN Certificate, (8) Drawing & Specification through Registered Post/Speed Post addressing to this official Postal address i.e. **Block Develpment Officer, Chitrakonda, At/PO: Chitrakonda, Dist: Malkangiri, Pin No: 764052.** The last date of receipt of tender paper is 22.02.2019 upto 1.00 PM. The undersigned will not be responsible for postal delay if any or non-receipt of the papers in time. The date of opening of the tender paper is 22.02.2019 at 3.00 PM.

| Sl. No. | Name of the Block | Name of the Commodities | Tender value in Rs. | Cost of article | Size of article |
|---|---|---|---|---|---|
| 1 | Chitra-konda | Supply of 60 Nos. double decker bed | Rs. 5,66,000/- | 60 Nos. Rs. 9300/- each | Size 80" (Length) x 34" (width) x 60" (Height) Bed frame- 75" (Length) x 33" (Width) Bed- 19 mm thick plywood ISI Marked Size- 72" (Length) x 30" (Width) |

**NB:-** The details terms and condition of this tenders will be available in this Panchayat Samiti office during working hour.

**Sd./- Block Development Officer, Chitrakonda**

idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR.
RFP Call Notice No. IDCO/H.O./P&C/EST/E-960/01/2018/2596 Dated :- 08.02.2019

NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement

1. Name of the Work : Procurement of PVC-O (Oriented PVC) pipes.
2. Completion Period : 09 (Nine) Calendar Months
3. Other details :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar -751022 | Bid ID. No. PC-EST-E- **78 / 2018-19** | 14.02.2019 at 16.00 hrs. | 01.03.2019 upto 17.00 hrs. |

**Further details can be seen from the e-Procurement Portal. www.tendersodisha.gov.in.** Corrigendum or addendum if any will not be published in news papers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in.**

Sd/-
Chief General Manager (P&C) I/C
IDCO, Bhubaneswar



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



**ସଂକ୍ଷେପରେ**

### ଝାଡ଼ଖଣ୍ଡକୁ ହରାଇ ସମ୍ବଲପୁର ବିଜୟୀ

**ସମ୍ବଲପୁର, ୧୦।୨ (ବ୍ୟୁରୋ)-** ଆନ୍ତଃ ଏକାଡେମୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ମ୍ୟାଚରେ ସମ୍ବଲପୁର ଫୁଟବଲ ଏକାଡେମୀ ଓ ଝାଡ଼ଖଣ୍ଡ ସ୍ପୋର୍ଟିଂ ଅଥୋରେଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ କୌଣସି ଦଳ ଗୋଲସ୍କୋର କରିପାରି ନ ଥିଲେ। ଟ୍ରାଇବ୍ରେକର ପଦ୍ଧତି ନିଆଯାଇଥିଲା। ଏଥିରେ ୩-୦ରେ ସମ୍ବଲପୁର ଫୁଟବଲ ଏକାଡେମୀ ବିଜୟୀ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିକାଶ ଗ୍ରୁପ ଅଧ୍ୟକ୍ଷ ଡି. ମୂରଲୀକ୍ରିଷ୍ଣା, ସୁରେନ୍ଦ୍ର ନାୟକ, ରାଧେଶ୍ୟାମ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ । ଶଲିଲ ବେହେରା, ସହଦେବ ବେହେରା, ଅଶୋକ ପଣ୍ଡା, କୌଶିକ ଭୋଇ ରେଫରି ଦାୟିତ୍ୱ ତୁଲାଇଥିଲେ।

# ଅବାଧରେ ଚାଲିଛି ଶୁଆଶାରୀ କାରବାର

**ରାଉରକେଲା ଅଫିସ,୧୦।୨**

ଷ୍ଟିଲ ଟାଉନଶିପ ସମେତ, ସିଭିଲ ଓ ଫର୍ଟିଲାଇଜର ଟାଉନଶିପ ଅଞ୍ଚଳରେ ଅବାଧ ଶୁଆଶାରୀ ବିକ୍ରି ବଢ଼ିବାରେ ଲାଗିଛି। ସଚେତନତା ଅଭାବରୁ ଅନେକ ଲୋକ ଏହି ନିରୀହ ପକ୍ଷୀକୁ ପଞ୍ଜୁରୀ ଭିତରେ ଆବଦ୍ଧ କରି ରଖୁଛନ୍ତି। ପକ୍ଷୀ ଉଡ଼ିଯିବା ଭୟରେ ପରୋକ୍ଷରେ ଏହାକୁ ନିର୍ଯାତନା ଦିଆଯାଉଛି। ଏହାର ଡେଣା କାଟିବା ଭଳି ଅମାନବୀୟ ପଦକ୍ଷେପ ନିଆଯାଇ ଘରେ ବା ପଞ୍ଜୁରୀ ଭିତରେ ସେଗୁଡ଼ିକୁ ପଙ୍ଗୁ କରି ରଖାଯାଉଛି। ଜୀବେଦୟା ଓ ବିଭାଗୀୟ ଆଇନର ଏହା ଖୋଲା ଉଲ୍ଲଂଘନ ବୋଲି ପ୍ରାଣୀ କଲ୍ୟାଣ ସଂଗଠନ ଆର୍ମି ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ସଚେତନତା ସତ୍ତ୍ୱେ ପରିସ୍ଥିତିରେ ସୁଧାର ଆସୁନି ବୋଲି ଏହାର କର୍ମକର୍ତ୍ତା ସଂଗ୍ରାମ ପରିଡ଼ା କହିଛନ୍ତି। ଏବେ ଷ୍ଟିଲ ସିଟିରେ ଶୁଆ ପୋଷିବା କିଛି ଲୋକଙ୍କ ନିଶା ପାଲଟିଛି। ଫଳରେ ଶୁଆ କିମ୍ବା ଶାରୀଟିଏ କିଣିବାକୁ ହେଲେ ୬ ଶହରୁ ହଜାରେ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡୁଛି। ସହରତଳି ଜଙ୍ଗଲରୁ ବହୁ ସଂଖ୍ୟାର ଶୁଆ ବଜାରକୁ ଆସୁଥିବା ବେଳେ ଏସବୁ ଅତି ସହଜରେ ବିକ୍ରି ହୋଇଯାଉଛି। ଏଣୁ କିଛି ଲାଭଖୋର ବେପାରୀ ଶୁଆ ଶାବକଙ୍କୁ ଆଣି ମହଜୁଦ ରଖୁଛନ୍ତି ବୋଲି ପରିଡ଼ା ଅଭିଯୋଗ କରିଛନ୍ତି। ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ ଅନୁସାରେ ଶୁଆ ପୋଷିବା ଦଣ୍ଡନୀୟ ଅପରାଧ। ଏହା ସତ୍ତ୍ୱେ ସଚେତନତା ଅଭାବରୁ ଦିନକୁ ଦିନ ଅଧିକ ସଂଖ୍ୟକ ଶୁଆଶାରୀ ପଞ୍ଜୁରୀରେ ଆବଦ୍ଧ ହୋଇ ବନ୍ଦୀ ଜୀବନ କାଟୁଛନ୍ତି। ଏହି କାରଣରୁ ଏମାନଙ୍କ ବଂଶ ବୃଦ୍ଧି ପ୍ରତି ଆଶଙ୍କା ସୃଷ୍ଟି ହୋଇଛି ବୋଲି ପରିଡ଼ା ମତ ପ୍ରକାଶ କରିଛନ୍ତି। ଏ ଦିଗରେ ସମସ୍ତେ ସଚେତନ ହେବା ଓ ବନ ବିଭାଗ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।



## ଅଧ୍ୟାପିକା ଦୀପ୍ତିମୟୀ ବେହେରା ସମ୍ମାନିତ

**ରାଉରକେଲା ଅଫିସ,୧୦।୨**

ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଉରକେଲା ମ୍ୟୁନିସିପାଲ କଲେଜ ଅଧ୍ୟାପିକା ଡ. ଦୀପ୍ତିମୟୀ ବେହେରାଙ୍କୁ ସମ୍ମାନିତ କରାଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ବେହେରାଙ୍କୁ ଓଡ଼ିଆ ବିଭୂଷଣ ଉପାଧିରେ ସମ୍ମାନିତ କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କ ପ୍ରତିବଦ୍ଧତା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି।




ମ୍ୟୁନିସିପାଲ କଲେଜ ଅଧ୍ୟାପିକା ଡ. ଦୀପ୍ତିମୟୀ ବେହେରାଙ୍କୁ ରାଜ୍ୟପାଳ ସମ୍ମାନିତ କରୁଛନ୍ତି।




ସୁନ୍ଦରଗଡ଼ ଅଟୋରିକ୍ସା କର୍ମଚାରୀ ମହାସଂଘ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୧୦।୨**

ସୁନ୍ଦରଗଡ଼ ଅଟୋରିକ୍ସା କର୍ମଚାରୀ ମହାସଂଘ ପକ୍ଷରୁ ୩୦ତମ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଉଦ୍‌ଯାପନୀ ଦିବସରେ ମହାସଂଘ ସାଧାରଣ ସମ୍ପାଦକ ସୁଧୀର ଜେନାଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ରୂପେ ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳ ଯୋଗଦେଇ ସଡ଼କ ସୁରକ୍ଷା ସପ୍ତାହ ପାଳନ ପଛରେ ରହିଥିବା ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, କୌଣସି ଗାଡ଼ିଚାଳକ ନିଶାସେବନ କରି ଗାଡ଼ି ଚଳାଇବା ଅନୁଚିତ। ଗାଡ଼ି ଚାଳନା ସମୟରେ ଅନେକ ଯୁବକ ମୋବାଇଲରେ କଥା ହେଉଥିବା ଦେଖାଯାଉଛି। ଏହା ନିଶ୍ଚିତ ବିପଦକୁ ଆମନ୍ତ୍ରଣ କରିବ। ନିୟମାନୁସାରେ ସଡ଼କ ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବାକୁ ବଳ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜୟରାମ ସିଂ, ବିନୋଦ ସା, ଜାଭେଦ ହୁସେନ, ରାଜେଶ ସାହୁ, ଭୂପିନ୍ଦର ଗୁପ୍ତା, ସୁଶାନ୍ତ ବାରିକ, ଏମ୍‌ଡି ବସିର ଅହମଦ, ସୁନୀଲ ପଣ୍ଡିତ, ରାଜକିଶୋର ସିଂ, ଦୁର୍ଯ୍ୟୋଧନ ଦାସ, ଲାଲବିହାରୀ ସିଂ, ପଙ୍କଜ ସା, ରାମକୃଷ୍ଣ ମହାନନ୍ଦିଆ, ବିକାଶ ସାହୁ ଓ ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ପିଙ୍କୁ କୃତଜ୍ଞତା ଦେଲା ରେଳ ସମନ୍ୱୟ ସମିତି

**ରାଉରକେଲା ଅଫିସ,୧୦।୨**

ପୁରୀ-ବଡ଼ବିଲ-ଚକ୍ରଧରପୁର ଏକ୍ସପ୍ରେସକୁ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଉତ୍ତର ଓଡ଼ିଶା ରେଳ ସମନ୍ୱୟ ସମିତି ପକ୍ଷରୁ ଏ ନେଇ ଦୀର୍ଘଦିନ ହେବ ଦାବି ହୋଇଆସୁଥିଲା। ଏହି ଦାବି ପୂରଣ ହୋଇଥିବାରୁ ସଂଗଠନ କର୍ମକର୍ତ୍ତା ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ସେକ୍ଟର-୩ ଖଣ୍ଡ ଭବନଠାରେ ଆୟୋଜିତ ଏକ ବୈଠକରେ ରେଲୱେ କନଭେନଶନ କମିଟି ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ, ସୁନ୍ଦରଗଡ଼ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଦକ୍ଷିଣ-ପୂର୍ବ ରେଲୱେର ମହାପ୍ରବନ୍ଧକ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ରଙ୍କୁ ଏଥିପାଇଁ ସଂଗଠନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବୈଠକରେ ସଂଗଠନ ଅଧ୍ୟକ୍ଷ ଉପେନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ମହାନ୍ତି, ମନୋଜ ରାଉଳ, କୁଞ୍ଜବିହାରୀ ରାଉତ, ଶଶଧର ପାତ୍ର, ଶମ୍ଭୁନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ-ବଡ଼ବିଲ ଇଣ୍ଟରସିଟି ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରିତ

**ରାଉରକେଲା ଅଫିସ,୧୦।୨**

- ପୂରଣ ହେଲା ଦୀର୍ଘଦିନର ଦାବି
- ପଦକ୍ଷେପକୁ ଭାଜପାର ପ୍ରଶଂସା

ସହରବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ପୁରୀ-ବଡ଼ବିଲ-ଚକ୍ରଧରପୁର ଇଣ୍ଟରସିଟି ଏକ୍ସପ୍ରେସ୍ ରବିବାରଠାରୁ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଏ ନେଇ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ପୂର୍ବରୁ ଏହି ଟ୍ରେନ୍ ପୁରୀରୁ ବଡ଼ବିଲ ଓ ବଡ଼ବିଲରୁ ଚକ୍ରଧରପୁର ପର୍ଯ୍ୟନ୍ତ ଆସୁଥିଲା। ସେହିପରି ଚକ୍ରଧରପୁରରୁ ବଡ଼ବିଲ ଦେଇ ପୁରୀ ଯାଉଥିଲା। ଏହି ଟ୍ରେନ୍‌କୁ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ସହରବାସୀ ଦାବି କରିଆସୁଥିଲେ। ସୁନ୍ଦରଗଡ଼ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ବ୍ୟକ୍ତିଗତ ଭାବେ ଏ ନେଇ ବିଭାଗୀୟ ମନ୍ତ୍ରୀ ପୀୟୂଷ ଗୋଏଲଙ୍କ ସହ ଆଲୋଚନା କରି ଦାବି ଉପସ୍ଥାପନ କରିଥିଲେ।

ଏହି ଟ୍ରେନ୍‌କୁ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଥିବାରୁ ଭାଜପା ପକ୍ଷରୁ ପ୍ରଶଂସା କରାଯାଇଛି। ଏହି ଟ୍ରେନ୍ ସକାଳ ସାଢ଼େ ୪ଟାରୁ ରାଉରକେଲାରୁ ବାହାରି ଚକ୍ରଧରପୁର, ବଡ଼ବିଲ, ଯାଜପୁର ରୋଡ୍ ଦେଇ ପୁରୀରେ ପହଞ୍ଚିବ। ସେହିପରି ପୁରୀରୁ ବାହାରି ସମ୍ପୃକ୍ତ ରୁଟ୍‌ରେ ଆସି ରାତି ୧୦ଟାରେ ରାଉରକେଲାରେ ପହଞ୍ଚିବ। ସମୟ, ଦୂରତା ଓ ସୁଲଭ ଯାତ୍ରୀ ଭଡ଼ା ଯୋଗୁ ରାଉରକେଲାବାସୀ ଉପକୃତ ହେବେ। ଏଥିସହ ଝାଡ଼ଖଣ୍ଡର ଷଢ଼େଇକଳା, ରାଜଖରସୁଆଁ ଓ ଖରସୁଆଁ ଭଳି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସହ ସଂଯୋଗ ସ୍ଥାପିତ ହୋଇ ପାରିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ପଶ୍ଚିମ ଓଡ଼ିଶା ଓ ପୂର୍ବ ଓଡ଼ିଶାବାସୀଙ୍କ ସିଧାସଳଖ ସମ୍ପର୍କ ସ୍ଥାପିତ ହୋଇପାରିବ। ଏହି ଦୃଷ୍ଟିରୁ ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଓରାମ ଓ ଗୋଏଲଙ୍କ ପଦକ୍ଷେପକୁ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି।

# ଜାତୀୟ ସବ୍‌ଜୁନିୟର ଭଲିରେ ରାଉରକେଲା ଖେଳାଳି

**ରାଉରକେଲା ଅଫିସ,୧୦।୨**

ଆସନ୍ତା ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଥିବା ଜାତୀୟ ସବ୍‌ଜୁନିୟର ଭଲିବଲ ପ୍ରତିଯୋଗିତାରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ ଆଶା ମୁଣ୍ଡାରୀ ଓ ଲକ୍ଷ୍ମୀ ଭୂମିଜ ଓଡ଼ିଶା ଦଳରେ ସାମିଲ ହୋଇଛନ୍ତି। ଆଶା ଓ ଲକ୍ଷ୍ମୀ ସମ୍ପ୍ରତି ସେକ୍ଟର-୬ ଏନ୍‌ଏସି (ଏସ୍‌ଟି) ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

ଦୁହେଁ ୧୧ରୁ ୨୦ ଫେବୃୟାରୀ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରରେ ତାଲିମ ଗ୍ରହଣ କରିବେ। ଦେବଦତ୍ତ ଜେନାଙ୍କ ତତ୍ତ୍ୱାବଧାନରେ ଏମାନେ ପ୍ରଶିକ୍ଷଣ ନେଉଥିଲେ। ଦୁଇ ଖେଳାଳିଙ୍କୁ ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ଜାତୀୟ ସବ୍‌ଜୁନିୟର ଭଲିବଲ ଖେଳିବାକୁ ମନୋନୀତ ଦୁଇ ଖେଳାଳି।

**ଫଟୋରେ ଖବର**



ଲାଠିକଟା ବ୍ଲକ ଗର୍ଜନ ଗ୍ରାମରେ ଆୟୋଜିତ ହେବାକୁ ଥିବା ଧର୍ମରକ୍ଷା ଯଜ୍ଞ ପାଇଁ କଳସ ଶୋଭାଯାତ୍ରା।

### ପୁସ୍ତକ ମେଳାର ୯ମ ସନ୍ଧ୍ୟାରେ ଆଲୋଚନାଚକ୍ର, କବିତା ପାଠୋତ୍ସବ

# ‘ଗଣତନ୍ତ୍ରର ୪ ସ୍ତମ୍ଭ ବ୍ୟାଧିଗ୍ରସ୍ତ, ସାହିତ୍ୟିକ ସକ୍ରିୟ ହୁଅନ୍ତୁ’

**ରାଉରକେଲା ଅଫିସ,୧୦।୨**

ଭଞ୍ଜଭବନଠାରେ ଆଦର୍ଶ ପାଠାଗାର ଦ୍ୱାରା ଆୟୋଜିତ ୨୬ତମ ପୁସ୍ତକ ମେଳାର ୯ମ ସନ୍ଧ୍ୟାରେ ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଗଣତନ୍ତ୍ର ସୁରକ୍ଷାରେ ଲେଖକୀୟ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ସଂଗଠନ ସଭାପତି ପ୍ରଶାନ୍ତ ପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ମାର୍କ୍ସବାଦ ବ୍ୟାଖ୍ୟାକାର କେଦାର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏଥିରେ ବକ୍ତବ୍ୟ ପ୍ରଦାନ କରି ପ୍ରଧାନ କହିଥିଲେ, ସମ୍ପ୍ରତି ଗଣତନ୍ତ୍ରର ୪ ସ୍ତମ୍ଭ ବ୍ୟାଧିଗ୍ରସ୍ତ ହୋଇସାରିଛି। ଲେଖକ ତଥା ସାହିତ୍ୟିକଙ୍କୁ ୫ମ ସ୍ତମ୍ଭର ଆଖ୍ୟା ଦେଇ ପ୍ରଧାନ କହିଲେ, ଏକ ସୁସ୍ଥ ସାମାଜିକ ଗଣତନ୍ତ୍ର ପ୍ରତିଷ୍ଠା ଦିଗରେ ଏମାନେ ସହାୟକ ହୋଇପାରିବେ। ବୁଦ୍ଧିଜୀବୀ ସକ୍ରିୟ ହେଲେ ଗଣତାନ୍ତ୍ରିକ ଚିନ୍ତାଧାରା ଓ ଏହାର ମୌଳିକତା ଅକ୍ଷୁଣ୍ଣ ରହିବ। ପ୍ରେରଣାଦାୟୀ ଲେଖା ମାଧ୍ୟମରେ ଅସୁସ୍ଥ ଗଣତନ୍ତ୍ରକୁ ସଜଡ଼ା ଯାଇପାରିବ ବୋଲି ପ୍ରଧାନ ମତ ପ୍ରକାଶ କରିଥିଲେ। ନିଜର ସଭାପତୀୟ ଅଭିଭାଷଣରେ ପତି କହିଥିଲେ, ଦୁଷ୍ଟ ମାନସିକତାଧାରୀ ଗଣତନ୍ତ୍ରର ରକ୍ଷା କବଚ ସାଜିବା ନିଶ୍ଚିତ ରୂପେ ବିପଦକୁ ଆମନ୍ତ୍ରଣ କରିବ। ସାମାଜିକ ସୁରକ୍ଷାରେ ଗଣତନ୍ତ୍ରର ବିକଳ୍ପ ନାହିଁ। ଏହାର ସୁରକ୍ଷା ପ୍ରତ୍ୟେକ ଭାରତୀୟଙ୍କ ମୌଳିକ କର୍ତ୍ତବ୍ୟ। ବିଶ୍ୱାସକୁ ଭିତ୍ତିକରି ବୁଦ୍ଧିଜୀବୀ, ସାହିତ୍ୟିକ ଆଗକୁ ଆସିବା ଦରକାର ବୋଲି ପତି କହିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଯୁବକବି ଅଶୋକ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ବସନ୍ତ କବିତା ପାଠୋତ୍ସବରେ ଅଶୋକ ମହାପାତ୍ର, ସ୍ୱରୂପ ମହାପାତ୍ର, ସୂର୍ଯ୍ୟସ୍ନାତା ପାଇକରାୟ, ବଳରାମ ରାଉଳ, କୁଞ୍ଜବିହାରୀ ରାଉତ, ପିଙ୍କନ ଜେନା, ସୁଶାନ୍ତ ନାୟକ, ରଜତ ସାହୁ, ରଶ୍ମିତା ପ୍ରଧାନ, ଦେବକୁମାର ରାୟ, ବ୍ରଜବିହାରୀ ଦାସ, ଅର୍ପିତା ବେହେରା, ପ୍ରବୋଧ ସାମଲ, ଅନନ୍ୟା ଜେନା, ଶଶିଭୂଷଣ ତ୍ରିପାଠୀ ଓ ଅଧ୍ୟାପକ ସଞ୍ଜୟ ମହାପାତ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଓଏସ୍‌ଏପି ହାଇସ୍କୁଲ ଛାତ୍ରୀ ଅର୍ପିତା ବେହେରା ଆରୋଗ୍ୟ ବିଷୟ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।



ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି ଓ କବି।

# ସରସ୍ୱତୀ ଶିଶୁମନ୍ଦିରରେ ବାଗ୍‌ଦେବୀଙ୍କ ପୂଜା

**ରାଉରକେଲା ଅଫିସ,୧୦।୨**

ଶିବାଜୀ ମାର୍ଗସ୍ଥିତ ସରସ୍ୱତୀ ଶିଶୁମନ୍ଦିର ଓ ବିଶ୍ରା ଡାହାର ରୋଡ୍ ଅଞ୍ଚଳରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ରବିବାର ବିଧିବିଧାନରେ ବିଦ୍ୟାଦାୟିନୀ ମା’ ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା କରଯାଇଛି। ଛାତ୍ରୀଛାତ୍ରମାନେ ମା’ଙ୍କ ବନ୍ଦନା ଗାନ କରିବା ସହ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ମନୋଜ ରତରିଆ, ନରେଶ ଅଗ୍ରୱାଲ, ବିକାଶ ପନସାରୀ, ରାମ ଅଗ୍ରୱାଲ, ପୁରୁଷୋତ୍ତମ ଗର୍ଗ, ମୁକେଶ ବରେଲିଆ, ସୀତାରାମ ଗର୍ଗ ଓ ଚନ୍ଦ୍ରଶେଖର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାଗ୍‌ଦେବୀଙ୍କ ପୂଜା ଅନୁଷ୍ଠିତ ହେଉଛି।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍ଲର



## ସଂକ୍ଷେପରେ

### କନ୍ୟାକୁ ନେବାକୁ ଆସିଥିବା ଅତିଥି କୂଅରେ ପଡ଼ି ମୃତ

**କୁଆଁରମୁଣ୍ଡା,୧୦।୨(ଡି.ଏନ.ଏ.)-** ରାଏବୋଗା ଥାନା ଅନ୍ତର୍ଗତ ଅଣ୍ଡାଳୀ ପଞ୍ଚାୟତର କୁଲୁଁଖମଣ ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଝାଡଖଣ୍ଡ ରାଜ୍ୟର ସିମଡେଗା ଜିଲାର ବାଙ୍ଗରୁ ଗ୍ରାମର ଜଣେ ନବ ବିବାହିତ କନ୍ୟାକୁ ଅଣ୍ଡାଳୀସ୍ଥିତ ବର ଘରୁ ନେବା ପାଇଁ କନ୍ୟା ପକ୍ଷରୁ ଆସିଥିବା ଅତିଥିମାନଙ୍କ ମଧ୍ୟରୁ ବିଜୟ ବଡ଼ାଇକ (୩୧) ନାମକ ଜଣେ ଯୁବକ ଅଜ୍ଞାତବଶତଃ ନାଚିବା ଅବସ୍ଥାରେ ନିକଟସ୍ଥ ଖୋଲା କୂଅରେ ପଡ଼ିଯାଇଥିଲେ। ପରେ ବର ଘର ଓ ସମସ୍ତ ଅତିଥିମାନେ ତାଙ୍କୁ କୂଅରୁ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ରାଏବୋଗା ପୋଲିସକୁ ରବିବାର ଖବର ଦିଆଯିବାରୁ ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୧୯) ରୁଜୁ ହୋଇଛି।

### ଛଟେନପାଲି ଆର୍‌ଆର କଲୋନୀରେ ଶ୍ରମିକଙ୍କ ମୃତ୍ୟୁ

**ଲେଫ୍ରିପଡା,୧୦।୨ (ଡି.ଏନ.ଏ)-** -ଲେଫ୍ରିପଡା ଥାନା ଅନ୍ତର୍ଗତ ଛଟେନପାଲିଠାରେ ଏମସିଏଲ୍‌ର ଆର୍‌ଆର କଲୋନୀଠାରେ ରବିବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଉତ୍ତରପ୍ରଦେଶ କୁଶିନଗର ଜିଲାର ତାରିଆସୁଜନ ଥାନା ଅଧୀନସ୍ଥ ଶିଶୁଆଦିଗାର ଗ୍ରାମର କଲାମ ଶାହା(୨୪) ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ମୃତ ଶ୍ରମିକ ଜଣକ କଲୋନୀରେ କାମ କରୁଥିଲେ। କୌଣସି କାରଣରୁ ଶ୍ରମିକ କଲୋନୀର ଫାଟକ ସମ୍ମୁଖରେ ଏକ ସାହାଜ ଗଛରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। କଲୋନୀରେ ନିଜ ବଡଭାଇ ଇରାଫିଲ ଶାହା ରାଜମିସ୍ତ୍ରୀ ଭାବେ କରୁଥିବା ବେଳେ ଘଟଣା ସମ୍ପର୍କରେ ଜାଣି କାଳେ ବଞ୍ଚିଥିବେ ଭାବି ଗଛରୁ ଉଦ୍ଧାର କରିଥିଲେ। ପରେ ଘଟଣା ସମ୍ପର୍କରେ ଲେଫ୍ରିପଡା ପୋଲିସକୁ ଖବର ଦିଆଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ୍ କରି ବ୍ୟବଚ୍ଛେଦ ନିମନ୍ତେ ସୁନ୍ଦରଗଡ ସରକାରୀ ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ଲେଫ୍ରିପଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨।୨୦୧୯) ରୁଜୁ ହୋଇଛି।

### ସବୁଜ ହୀରା କେନ୍ଦୁବୁଦାକଟା ଶୁଭାରମ୍ଭ

**ବାଲିଶଙ୍କରା, ୧୦।୨ (ଡି.ଏନ.ଏ)-** ବାଲିଶଙ୍କରା କେନ୍ଦୁଲିପ ରେଞ୍ଜ ତରଫରୁ ରବିବାର କେନ୍ଦୁବୁଦା କଟା ଆରମ୍ଭ ହୋଇଛି। ବାଲିଶଙ୍କରା କେନ୍ଦୁଲିଫ ରେଞ୍ଜର ମହେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଉତ୍ତର ଦିଗରେ କେନ୍ଦୁଲିଫର ସମସ୍ତ କର୍ମଚାରୀ ଗହଣରେ କେନ୍ଦୁବୁଦାକୁ ପୂଜା ଅର୍ଚ୍ଚନା କରାଯାଇଥିଲା। ପୂଜାଅର୍ଚ୍ଚନା ପରେ କେନ୍ଦୁବୁଦାକୁ ଛେଦନ କରିଥିଲେ। ଉକ୍ତ ପୂଜାକାର୍ଯ୍ୟରେ ହେଲଚେକର, ଖେତମଣି ବାରିକ, ରାଜେଶ୍ୱର ମହାକୁଡ, କଳିନ୍ଦ୍ର ସାଏ, ବିନିତ ଟପ୍ପୋ ପ୍ରମୁଖ ଯୋଗଦେଇଥିଲେ ।

ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟିତ

# ସମାବେଶରେ କୁସୁମଙ୍କ ଶକ୍ତି ପ୍ରଦର୍ଶନ

**ସୁନ୍ଦରଗଡ଼, ୧୦।୨ (ଡି.ଏନ୍.ଏ)**

ଜିଲାପାଳଙ୍କ କ୍ୟାମ୍ପସ ପରିସରରେ ରବିବାର ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ସୁନ୍ଦରଗଡ ସ୍ୱତନ୍ତ୍ର ପରିଷଦର ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ପରିଷଦର ନବନିଯୁକ୍ତ ଅଧ୍ୟକ୍ଷା କୁସୁମ ଟେଟେ ଫିତା କାଟି ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ସମାରୋହରେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ, ଜିଲାପାଳ ସୁରେନ୍ଦ୍ର କୁମାର ମୀନା, ସୁନ୍ଦରଗଡ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅନନ୍ତ ବିଜୟ ପଟ୍ଟନାୟକ, ପରିଷଦର ସଦସ୍ୟା କୁଞ୍ଜଲତା ଭିତ୍ରିଆଙ୍କ ସମେତ ଅନ୍ୟ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ଭବାନୀ ଭବନ ପଡିଆରେ ଆଦିବାସୀମାନଙ୍କ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲାର ହଜାର ହଜାର ସଂଖ୍ୟାରେ ଆଦିବାସୀ ପାରମ୍ପରିକ ନୃତ୍ୟ ଓ ଶୋଭାଯାତ୍ରାରେ ଆସି ଭବାନୀଭବନ ପଡିଆଠାରେ ପହଞ୍ଚିଥିଲେ। ଜିଲାର ବିଭିନ୍ନ ଆଦିବାସୀ ସାଂସ୍କୃତିକ ଓ କ୍ରୀଡା ସଙ୍ଗଠନଗୁଡିକୁ ସ୍ୱତନ୍ତ୍ର ବିକାଶ ପରିଷଦ ପକ୍ଷରୁ କ୍ରୀଡା ଏବଂ କୀର୍ତ୍ତନ ମଣ୍ଡଳୀର ଉପକରଣ ବିତରଣ କରାଯାଇଥିଲା। ଏହି ସମାବେଶରେ ପରିଷଦର ଅଧ୍ୟକ୍ଷା ଟେଟେ ଓ ବିଧାୟକ କିଷାନଙ୍କ ସମେତ ଅନ୍ୟ ନେତୃବୃନ୍ଦ ରାଜ୍ୟ ସରକାର ଆଦିବାସୀମାନଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜରିଆରେ କାର୍ଯ୍ୟକାରୀ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଅପରପକ୍ଷେ ପରିଷଦର ଅଧ୍ୟକ୍ଷା ଦାୟିତ୍ୱ ମିଳିବା ପରେ ଆଦିବାସୀ ସମାବେଶ ମାଧ୍ୟମରେ କୁସୁମଙ୍କର ଏହା ଏକ ଶକ୍ତି ପ୍ରଦର୍ଶନ ବୋଲି ସାଧାରଣରେ ଆଲୋଚନା ହେଉଛି।



ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଆଦିବାସୀ ସମାବେଶ।

ବିଶ୍ରା ପୋଲିସ, ବନବିଭାଗର ମିଳିତ ଚଢ଼ାଉ

# ଲକ୍ଷାଧିକ ଟଙ୍କାର ଚୋରା କାଠ ଜବତ

**ବିଶ୍ରା, ୧୦।୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ କାଠ ଚୋରା ଚାଲାଣ ବଢିବାରେ ଲାଗିଛି। ଶନିବାର ରାତିରେ ବିଶ୍ରା ପୋଲିସ ଓ ବନବିଭାଗ ମିଳିତ ଭାବେ ଚଢାଉକରି ଲକ୍ଷାଧିକ ଟଙ୍କା ମୂଲ୍ୟର ଚୋରା କାଠ ଜବତ କରିଛି। ସରଣ୍ଡା ଜଙ୍ଗଲରୁ କୋପସିଙ୍ଗ ହୋଇ ଝାଡଖଣ୍ଡକୁ ଚୋରା କାଠ ଯାଉଛି ବୋଲି କୌଣସି ସୂତ୍ରରୁ ବିଶ୍ରା ପୋଲିସ ଓ ବନବିଭାଗ ଖବର ପାଇଥିଲେ। ଏଣୁ ବିଶ୍ରା ଥାନା ଅଧିକାରୀ ବିକାଶରଞ୍ଜନ ସ୍ୱାଇଁ, ପ୍ରଦୀପ କୁମାର ସେଠୀ, ବନ ବିଭାଗ ଅଧିକାରୀ ମନୋଜ ତିଗା ସହ ଅନ୍ୟସମସ୍ତ ଅଧିକାରୀ ଜରେଇକେଲା କୋପସିଙ୍ଗା ପାଖରେ ଏକ ନମ୍ବର ବିହୀନ ପିକଅପ୍ ୪୦୭ ଗାଡି ଆସୁଥିବା ସମୟରେ ଅଟକାଇଥିଲେ। ଡ୍ରାଇଭର ଗାଡିକୁ ନେଇ ଦ୍ରୁତ ଗତିରେ ଅନ୍ୟ ରାସ୍ତା ଦେଇ ପଳାଉଥିବାବେଳେ ପୋଲିସ ଓ ବନ ବିଭାଗ ଏହାର ପିଛା କରିଥିଲେ। କୋପସିଙ୍ଗାଠାରେ ଗାଡିକୁ ଅଟକାଇଥିବାବେଳେ ଡ୍ରାଇଭର ଅନ୍ଧାରରେ ଖସି ଯିବାକୁ ସକ୍ଷମ ହୋଇଥିଲେ।

ଗାଡିକୁ ଯାଞ୍ଚ କରାଯିବାରୁ ଏଥିରେ ୯୭ ସେପଟି ଶାଳ କାଠ ଥିବା ଦେଖିବାକୁ ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୪୫ ହଜାରରୁ ଅଧିକ ହେବ ବୋଲି କୁଆଯାଉଛି। ଗାଡି ସହ କାଠ ଜବତ କରି ବନବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏହା କାହାର କାଠ ତଦନ୍ତ କରାଯାଉଛି। ଉକ୍ତ ଚଢ଼ାଉରେ ବନ ବିଭାଗର ରଜତ ମହାନ୍ତି, କେ.କେ ଦୀକ୍ଷିତ ସମସ୍ତ ଫରେଷ୍ଟ ଗାର୍ଡ, ଫରେଷ୍ଟ ସ୍କ୍ୱାଡ୍ ସହଯୋଗ କରିଥିଲେ।

# କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

**ବାଲିଶଙ୍କରା, ୧୦।୨ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକ ସଦର ପଞ୍ଚାୟତର ଶରବାହାଲ ପଡାରେ ଶ୍ରୀପଞ୍ଚମୀ ଯାତ୍ରା ଓ ବିଦ୍ୟାଦାତ୍ରି ସରସ୍ୱତୀ ପୂଜା ଉପଲକ୍ଷେ ନବନିର୍ମିତ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ତଳସରା ନିର୍ବାଚନ ମଣ୍ଡଳୀର ବିଧାୟକ ଡ. ପ୍ରଫୁଲ୍ଲ ମାଝି ଫିତା କାଟି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ବାଲୁକେଶର ସାହୁ, ସରପଞ୍ଚ ଦୀନବନ୍ଧୁ ସାଏ, କେଶବ ଚନ୍ଦ୍ର ରଣା, ବଳରାମ ନାଏକ, ସୁନୀଲ ବାଘ, କୁଟିଆ ତିର୍କି, ଇନ୍ଦ୍ରମଣି ଦଣ୍ଡସେନା, ରଞ୍ଜନ ବେସନ ପ୍ରମୁଖ ଯୋଗଦେଇଥିଲେ। ପୌରୋହିତ ରୂପେ ଟଙ୍କଧର ପଣ୍ଡା ପୂଜନୋତ୍ସବ କାର୍ଯ୍ୟ ତୁଲାଇଥିଲେ। ଗ୍ରାମର ମହିଳା, ପୁରୁଷ ଓ ଶରବାହାଲ ପଞ୍ଚମୀ ଯାତ୍ରା କମିଟିର ଅନୁଜ କୁମାର ସାଏ, ସହଦେବ ନାଏକ, ବୀରବଳ ଦଣ୍ଡସେନା, ପ୍ରଶାନ୍ତ ମାଝୀ, କଳେଶ୍ୱର ଦଣ୍ଡସେନା, ପ୍ରମୁଖ ଯୋଗଦେଇ ସକ୍ରିୟ ଭାବେ କାର୍ଯ୍ୟ ତୁଲାଇଥିଲେ। ୨ ଲକ୍ଷ ବ୍ୟୟ ଅଟକଳରେ ଏସ୍‌ପିଏଫ ପାଣ୍ଠିରୁ ଏହା ନିର୍ମିତ ହୋଇଛି।



କମ୍ୟୁନିଟି ସେଣ୍ଟରକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ଚାଷୀ, ବନବାସୀ, ଶ୍ରମିକ ସମସ୍ୟା ସମାଧାନ ଦାବି

# ହେମଗିରରୁ ସୁନ୍ଦରଗଡ଼ ପଦଯାତ୍ରା

**ସୁନ୍ଦରଗଡ, ୧୦।୨ (ଡି.ଏନ୍.ଏ)**

ପ୍ରାକୃତିକ ସମ୍ପଦରେ ଭରପୂର ସୁନ୍ଦରଗଡ ଜିଲାରେ ଦିନକୁ ଦିନ କଳକାରଖାନା, ଖଣି ଖାଦାନ ଓ କମ୍ପାନୀବାଲାଙ୍କ ରାଜତ୍ୱ ବଢିବଢି ଚାଲିଛି। ଫଳରେ ବିସ୍ଥାପନ ସମସ୍ୟା ମଧ୍ୟ ବୃଦ୍ଧି ପାଇ ଚାଲିଛି। ଏହା ସହିତ ଦିନକୁ ଦିନ ବର୍ଷାଜଳ କମିଯାଇ ଜିଲାରେ ମରୁଡି ସମସ୍ୟା ଦେଖା ଦେଉଛି। ଫଳରେ ଚାଷୀ, ଶ୍ରମିକ ଓ ବନବାସୀଙ୍କ ସମସ୍ୟା ବଢିବଢି ଯାଉଛି। ଏସବୁ ସମସ୍ୟାର ସ୍ଥାୟୀ ପ୍ରତିକାର ଉଦ୍ଦେଶ୍ୟରେ ହେମଗିରଠାରୁ ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ପଦଯାତ୍ରା ଆରମ୍ଭ ହୋଇଛି। ଶନିବାର ପୂର୍ବାହ୍ନ ୧୧ଟାଠାରୁ ବାହାରିଥିବା ଏହି ପଦଯାତ୍ରାରେ ହେମଗିର ଆଦିବାସୀ ଏକତା ମଞ୍ଚ, ମହିଳା ସଂଗ୍ରାମ ସମିତି, କୃଷକ ସଙ୍ଗଠନ ହେମଗିର, ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ଶତାଧିକ ସଦସ୍ୟା, ସଦସ୍ୟ ସାମିଲ ହୋଇଛନ୍ତି। ଆସନ୍ତା ୧୧ ତାରିଖ ସୋମବାର ଏହି ପଦଯାତ୍ରାକାରୀ ଦଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଚାଷୀ, ବନବାସୀ, ଶ୍ରମିକମାନଙ୍କର ସମସ୍ୟାର ସମାଧାନ ଦାବି ନେଇ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ରାଜେନ୍ଦ୍ର ନାଏକ, ଶୁକଦେବ ପ୍ରଧାନ, ରାଧେଶ୍ୟାମ ଗର୍ଡିଆ, ବଂଶୀଧର କଉଡି, ସୁପ୍ରିୟାନ ଖାଖା, ନୀଳିମା ଟପ୍ପୋ, ପୁଷ୍ପା ତିର୍କୀ ପ୍ରମୁଖ ଏହି ପଦଯାତ୍ରାକୁ ପରିଚାଳନା କରୁଛନ୍ତି।




ଆଦିବାସୀ ଏକତା ମଞ୍ଚ ପକ୍ଷରୁ ହେମଗିରରୁ ସୁନ୍ଦରଗଡ଼ ଅଭିମୁଖେ ବାହାରିଥିବା ପଦଯାତ୍ରା।

# ବଣାଇକୁ ଜିଲା ଘୋଷଣା ଦାବି ନେଇ ୧୪ରେ ବନ୍ଦ ଡାକରା

**ବଣାଇ,୧୦।୨(ସ୍ୱ.ପ୍ର.)**

ଆସନ୍ତା ୧୪ ତାରିଖ ଗୁରୁବାର ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବଣାଇକୁ ଜିଲା ଘୋଷଣା ଦାବି ନେଇ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ବଣାଇ ଜିଲା କ୍ରିୟାନୁଷ୍ଠାନ କମିଟିର ଏକ ପ୍ରସ୍ତୁତି ବୈଠକ ବଣାଇଗଡଠାରେ ଅନୁଷ୍ଠିତ ହୋଇ ଏଥିରେ ସର୍ବସମ୍ମତିକ୍ରମେ ବନ୍ଦ ଡାକରା ଦିଆଯାଇଛି। ବଣାଇ ଉପଖଣ୍ଡକୁ ସରକାର ଜିଲା ଘୋଷଣା ଦାବି ନେଇ ଆନ୍ଦୋଳନକୁ ଅଧିକ ଜୋରଦାର କରିବାକୁ ଏହି ପଦକ୍ଷେପ ନିଆଯାଇଛି। ବଣାଇ ଉପଖଣ୍ଡର ବଣାଇଗଡ ବ୍ଲକ ସମେତ ଗୁରୁଣ୍ଡିଆ, କୋଇଡା ଓ ଲହୁଣିପଡା ବ୍ଲକରେ ବନ୍ଦ ପାଳନ କରାଯିବ। ଏହି ବନ୍ଦ ସମୟରେ ଦୋକାନ ବଜାର, ବସ ଚଳାଚଳ ସମେତ ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅନୁଷ୍ଠାନ ବନ୍ଦ ରଖାଯିବାକୁ ପ୍ରସ୍ତୁତି ଚୂଡାନ୍ତ ରୂପ ଦିଆଯାଇଛି। ଏଥିରେ ଜରୁରୀକାଳୀନ ସେବାକୁ ବାଦ ଦିଆଯିବ। ଦୀର୍ଘ ଦିନରୁ ବଣାଇ ଜିଲା ଘୋଷଣା ଦାବି ନେଇ ଆନ୍ଦୋଳନ କରାଯାଉଥିବାବେଳେ ଏଥିନେଇ ବହୁବାର ସରକାରଙ୍କଠାରେ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ସରକାର ଏଥିପ୍ରତି ଏପର୍ଯ୍ୟନ୍ତ ଦୃଷ୍ଟି ଦେଲେ ନାହିଁ। ତାହାର ପ୍ରତିବାଦରେ ଗତ କିଛିଦିନ ତଳେ ବଣାଇଠାରେ ଏକ ଶୋଭାଯାତ୍ରା କରାଯାଇ ବଣାଇ ଉପଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ସରକାର ବଣାଇ ଜିଲା ଘୋଷଣା କରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ବଣାଇ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାଧ୍ୟ ହୋଇ ଏହି ବନ୍ଦ ଡାକରା ଦିଆଯାଇଛି। ଏହି ୧୨ ଘଣ୍ଟିଆ ବନ୍ଦ ପାଳନରେ ବଣାଇ ଉପଖଣ୍ଡର ସମସ୍ତ ଜନସାଧାରଣ ମନ, ବଚନ, କର୍ମରେ ଏକ ହୋଇ ନିଜକୁ ସାମିଲ କରି ଏହାକୁ ସଫଳ କରିବା ନିମନ୍ତେ ବଣାଇ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଆବାହକ ସଚ୍ଚିଦା ନନ୍ଦ ଦାଶ, ସଂଯୋଜକ ତପନ କୁମାର ଦଣ୍ଡିଆ, ସମ୍ପାଦକ ପ୍ରଦୀପ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ଦିଲୀପ କୁମାର ତ୍ରିପାଠୀ, ଉପଦେଷ୍ଟା କମିଟିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଭୂତି ଭୂଷଣ ପାଢୀ, ଉଗ୍ରସେନ କିଷାନ, ଦୁର୍ଗାମାଧବ ବେହେରା, ସୁଦ୍ୟୁମ୍ନ କୁମାର ସାହୁ, ସମୀର ଚକ୍ରବର୍ତ୍ତୀ, ଶିବ ସୁନ୍ଦର ରାଉତ, ଦାମୋଦର ସାହୁ, ପାର୍ଥସାରଥୀ ମିଶ୍ର, ଆନନ୍ଦ ବିହାରୀ ପହୀ, ବସନ୍ତ ନାଏକ, ପ୍ରଦୀପ କୁମାର ଜିତ ପ୍ରମୁଖ ଉପସ୍ଥିତ ଥିଲେ।

## ପାଲା, ଲୋକକଳା ସମ୍ମିଳନୀ ପ୍ରସ୍ତୁତି ବୈଠକ

**ବଡ଼ଗାଁ, ୧୦।୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ରମା ଗାଙ୍ଗେଶ୍ୱରୀ ପାଲା ପରିଷଦ ପକ୍ଷରୁ ଚଳିତ ମାସ ୧୬ ଓ ୧୭ ତାରିଖ ହେବାକୁ ଥିବା ପାଲା ଓ ଲୋକକଳା ସମ୍ମିଳନୀ ପାଇଁ ଶନିବାର ପ୍ରସ୍ତୁତି ବୈଠକ ବଡଗାଁ ସ୍ଥିତ ପୂର୍ତ୍ତ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଛି। ଏହି ମହୋତ୍ସବ, ସମ୍ମିଳନୀରେ ପୂର୍ବ ଏବଂ ପଶ୍ଚିମ ଓଡିଶାର ପ୍ରତିଷ୍ଠିତ ପାଲା ଗାୟକ ଅଂଶଗ୍ରହଣ କରିବେ। ରାତିରେ ପାଲା ଓ ଦିନ ସମୟରେ ସମ୍ପ୍ରଦା, କୀର୍ତ୍ତନ, କୃଷ୍ଣଗୁରୁ, ଭାଗବତ, ଦାସକାଠିଆ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ବୈଠକରେ ପାଲା ପରିଷଦର ପ୍ରତିଷ୍ଠାତା ରାଜକୁମାର ଶର୍ମାଙ୍କ ସହିତ ପୃଷ୍ଠପୋଷକ ପ୍ରତାପ ବେଜି, ପରିଷଦର ସଭାପତି ଘନଶ୍ୟାମ ସା, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଉପଦେଷ୍ଟା ପୁରୁଷୋତ୍ତମ ପୃଷେଟ, ପାଲା ଗାୟକ ନରେନ୍ଦ୍ର ବାରିକ, ଭଗବାନ ସା, ଜଗନ୍ନାଥ ପଟେଲ, ଦେବେନ୍ଦ୍ର ନାଏକ, ରସାନନ୍ଦ ସା, ଫକିର ବାଡା, ସରଜୁ ସୁନ୍ୟାନୀ, ମଙ୍ଗଲୁ ପୁରାଲେ, ଭାସ୍କର ମଗର ପ୍ରମୁଖ ଉପସ୍ଥିତ ଥିଲେ ।

# ବଣାଇରେ ସ୍ୱଚ୍ଛ, ସବୁଜ କୋର୍ଟ ପ୍ରକଳ୍ପ କାର୍ଯ୍ୟକ୍ରମ

**ବଣାଇ,୧୦।୨ (ସ୍ୱ.ପ୍ର.)**

ବଣାଇରେ ରବିବାର ସ୍ୱଚ୍ଛ ଓ ସବୁଜ କୋର୍ଟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଣାଇ ଅତିରିକ୍ତ ଜିଲା ଦୌରାଜଜ ସୂର୍ଯ୍ୟ ନାରାୟଣ ଦ୍ୱିବେଦୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟ, ସବ୍‌ଜଜ୍ କୋର୍ଟ ଏବଂ ଏସ୍‌ଡିଜେଏମ୍‌ଙ୍କ କୋର୍ଟ ପରିସରରେ ଜମା ହୋଇଥିବା ଆବର୍ଜନାକୁ ଝାଡୁମାରି ସଫା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସବ୍‌ଜଜ୍ ଦେବଦତ୍ତ ପଟ୍ଟନାୟକ, ଏସ୍‌ଡିଜେଏମ୍ ବିମଳ ରାଉଳ, ମୁଖ୍ୟ କିରାଣୀ ଗଣେଶଚନ୍ଦ୍ର ଦେ, ନାଜିର ସନ୍ତୋଷ କୁମାର ପରିଡା, ଦେବା ଶୀଷ ମଙ୍ଗରାଜ, କମଳାକାନ୍ତ ସ୍ୱାଇଁ, ସନ୍ତୋଷ କୁମାର ସାହୁ, ବଂଶୀଧର ପ୍ରଧାନ, ତପନ କୁମାର ଦାସ, ମୀନକେତନ ପ୍ରଧାନ, ଅଜୟ କୁମାର ବେହେରା, ମହର୍ଗୁ ପ୍ରଧାନ, ଟୈନୁ ନାଏକ, ଆଇନଜୀବୀ ଆନନ୍ଦବିହାରୀ ପହୀ ପ୍ରମୁଖ ଅଂଶ ଗ୍ରହଣ କରି କୋର୍ଟ ପରିସର ଗୁଡିକ ସଦା ସର୍ବଦା ସ୍ୱଚ୍ଛ ଓ ସବୁଜ ରଖିବାକୁ ସାଧାରଣରେ ସନ୍ଦେଶ ଦେଇଥିଲେ।



ବଣେଇସ୍ଥିତ ଏସ୍‌ଡିଜେଏମ୍ କୋର୍ଟ ପରିସର ସଫେଇ କରାଯାଉଛି।

ସରଣ୍ଡାପୋଷରେ ବିଜୁ ବାହିନୀ ପକ୍ଷରୁ ଫୁଟବଲ ପ୍ରତିଯୋଗିତା

# ଟ୍ରାଇବ୍ରେକରରେ ଜଗଦୀଶପୁର ଚାମ୍ପିୟନ

**କୁଆଁରମୁଣ୍ଡା,୧୦।୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମ ପଞ୍ଚାୟତର ସରଣ୍ଡାପୋଷ ଖେଳପଡ଼ିଆରେ ରବିବାର ବିଜୁ ବାହିନୀ ପକ୍ଷରୁ ପଞ୍ଚାୟତସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ଗ୍ରାମ ପଞ୍ଚାୟତର ମୋଟ ୯ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ତେନ୍ତୁଷ କେର୍କେଟା ଯୋଗ ଦେଇ ଏକଦିବସୀୟ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପରେ ଅଂଶଗ୍ରହଣ କରିଥିବା ୯ଟି ଟିମ୍ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଶେଷରେ ଜଗଦୀଶପୁର ଓ ସରଣ୍ଡାମାଳ ଟିମ୍ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଉଭୟ ଟିମ୍ ମଧ୍ୟରେ ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଭୟ ଟିମ୍ ୨-୨ ଗୋଲ ପରସ୍ପରକୁ ଦେବା ପରେ କ୍ରୀଡ଼ା ପରିଚାଳକଙ୍କ ନିଷ୍ପତ୍ତିକ୍ରମେ ଟ୍ରାଇବ୍ରେକର ଆରମ୍ଭ ହୋଇଥିଲା। ଏଥିରେ ଜଗଦୀଶପୁର ଟିମ୍ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ଘୋଷିତ ହୋଇଥିଲା। ଏହି ଉପଲକ୍ଷେ ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଦ୍ମପୁର ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟା ରୋସା କିଷାନ, ସାମାଜିକ କର୍ମୀ ଟିକେଶ୍ୱର କାଲୋ, ୱାର୍ଡ ସଭ୍ୟ ଦୀପକ ଲାକ୍ରା, ସୁଦାମ ବେହେରା, ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହା ପରେ ମୁଖ୍ୟ ଅତିଥି ସରପଞ୍ଚ କାଲୋ ଚାମ୍ପିୟନ ଘୋଷିତ ଜବଦୀଶପୁର ଟିମକୁ ପୁରସ୍କାର ପ୍ରଦାନ କରିଥିବା ବେଳେ ରନର୍ସ ଅପ୍ ଟିମକୁ ସମ୍ମାନୀୟ ଅତିଥି ସମିତି ସଭ୍ୟା ରୋସା କିଷାନ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ପଦ୍ମପୁର ବିଜୁ ଯୁବବାହିନୀର ସଭାନେତ୍ରୀ ବୋଧନୀ କେର୍କେଟା, ଯୁଗ୍ମ ସମ୍ପାଦକ ରାହୁଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ପରିଚାଳକ ଭାବେ ରଣଜିତ ସିଂ, ଏଗ୍ନେଶ ମାଝି, ପ୍ରେମାନନ୍ଦ ନାଏକ, ଦୀପକ ଲାକ୍ରା ପ୍ରମୁଖ ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଛନ୍ତି।



ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଖେଳାଳିଙ୍କ ସହ ଅତିଥିମାନେ।



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉନ୍ନତର ଜୀବନ ମିଳେ

- ଗୌତମବୁଦ୍ଧ

# ନିର୍ବାଚନୀ ସଜବାଜ: ଭୋଟରମୁହାଁ ନେତା

**ଝାରସୁଗୁଡ଼ା ଅଫିସ,୧୦।୨**

ସାଧାରଣ ନିର୍ବାଚନ ପାଖେଇ ଆସିଲାଣି। ହାତରେ ଆଉ ଖୁବ୍ କମ୍ ଦିନ ରହିଛି। ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ଆକୃଷ୍ଟ କରିବା ଏବଂ ପାଖରେ ବାନ୍ଧି ରଖିବା ପାଇଁ ନେତାଙ୍କ ପ୍ରୟାସ ଆରମ୍ଭ ହୋଇଛି। ସବୁ ରାଜନୈତିକ ଦଳର ଆଶାୟୀମାନେ ଭୋଟରଙ୍କ ନିକଟତର ହେବାରେ ଲାଗିଛନ୍ତି। ସେଥିପାଇଁ ଆପଣାଉଛନ୍ତି ଭିନ୍ନ ଭିନ୍ନ ପନ୍ଥା। କିଏ କ୍ରିକେଟ ଓ ଫୁଟବଲ ଟୁର୍ନାମେଣ୍ଟ କରି ଯୁବ ଭୋଟରଙ୍କୁ ଆକୃଷ୍ଟ କରୁଛନ୍ତି ତ ଆଉ କିଏ ସମ୍ବର୍ଦ୍ଧନା ସଭା ଓ ଦଳୀୟ ସଭା ଆୟୋଜନ କରି ଭୋଟରଙ୍କ ନିକଟତର ହେଉଛନ୍ତି। ସେଥିପାଇଁ ଗାଁ ଗାଁରେ ଆରମ୍ଭ ହୋଇଯାଇଛି ନିର୍ବାଚନୀ ଭୋଜିଭାତର ଆସର। ଭାଜପା, ବିଜେଡି ଓ କଂଗ୍ରେସ କିଏ ବି ପଛରେ ପଡ଼ିବାକୁ ଚାହୁଁନାହାନ୍ତି। ଏହି ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି ୨୦୧୯ ନିର୍ବାଚନର ଟିକେଟ ଆଶାୟୀ। ଖୁବ୍‌ଶୀଘ୍ର ଟିକେଟ ଘୋଷଣା ହେବାକୁ ଥିବାବେଳେ ଆଶାୟୀମାନେ ଲୋକଙ୍କ ନିକଟତର ହୋଇ ଦଳର ଉପର ମହଲର ଦୃଷ୍ଟି ଆକର୍ଷଣ କରି ଟିକେଟ ନିଶ୍ଚିତ କରିବା ପ୍ରୟାସ ଜାରି ରଖିଛନ୍ତି।

ଝାରସୁଗୁଡ଼ା ଜିଲାରେ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଗତ ନିର୍ବାଚନରେ ଜିଲାରେ ଶାସକ ବିଜେଡି ଖାତା ଖୋଲିପାରି ନ ଥିଲା। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀକୁ କଂଗ୍ରେସ ଏବଂ ବ୍ରଜରାଜନଗର ନିର୍ବାଚନମଣ୍ଡଳୀକୁ ଭାଜପା ଅକ୍ତିଆର କରିଥିଲା। କଂଗ୍ରେସ ଟିକେଟରୁ ବିଜୟୀ ହୋଇଥିବା ନବ କିଶୋର ଦାସ କିଛିଦିନ ପୂର୍ବରୁ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି ଏବଂ ଅବଧି ଶେଷହେବା ପୂର୍ବରୁ ବିଧାୟକ ପଦରୁ ଇସ୍ତଫା ମଧ୍ୟ ଦେଇଛନ୍ତି। ୨୦୧୯ ନିର୍ବାଚନ ବିଜେଡି ଟିକେଟରେ ଲଢ଼ିବା ପାଇଁ ସେ ଆଶାବାଦୀ ଅଛନ୍ତି। ସେଥିପାଇଁ ଗତ କିଛିଦିନ ହେବ ଝାରସୁଗୁଡ଼ା, ଲଇକେରା, କୋଲାବିରା, କିର୍ମିରା ବ୍ଲକ ସମେତ ଝାରସୁଗୁଡ଼ା ସହରାଞ୍ଚଳରେ ବିଜେଡି କର୍ମୀଙ୍କୁ ନେଇ ସଭା ସମିତି ଆରମ୍ଭ କରି ଦେଇଛନ୍ତି ସେ। ଗତ ପଞ୍ଚାୟତ ନିର୍ବାଚନରେ ରାଜ୍ୟରେ କଂଗ୍ରେସ ବିପର୍ଯ୍ୟୟର ସାମ୍ନା କରିଥିବାବେଳେ ଝାରସୁଗୁଡ଼ାରେ ଓଲଟା ଫଳ ଫଳିଥିଲା। ଜିଲାର ସମସ୍ତ ବ୍ଲକ ଅଧ୍ୟକ୍ଷ ପଦକୁ କଂଗ୍ରେସ ଅକ୍ତିଆର କରିଥିଲା। ସେହିପରି ମୋଟ ୯ଟି ଜିଲା ପରିଷଦ ଜୋନରୁ ୮ଟି କଂଗ୍ରେସ ଦଖଲ କରିଥିଲା। ନବଙ୍କ ଦଳ ପରିବର୍ତ୍ତନ ପରେ ଜିଲାର ରାଜନୈତିକ ସମୀକରଣ ସମ୍ପୂର୍ଣ୍ଣ ବଦଳିଯାଇଛି। ନିର୍ବାଚିତ ପ୍ରତିନିଧିମାନେ ନବଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ତେବେ ପାରମ୍ପରିକ କଂଗ୍ରେସ ଭୋଟର ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେଣୁ ନବ ନିର୍ବାଚନର ବହୁ ପୂର୍ବରୁ ଗୋଟିଚାଳନା ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷରେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ଏବଂ ଭାଜପାର ପ୍ରାର୍ଥୀ କିଏ ହେବ ତାହା ଏଯାଏ ଅନ୍ଧାରରେ ରହିଛି। ସେଥିପାଇଁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ସଙ୍ଗଠନକୁ ନେଇ ଭୋଟରଙ୍କ ପାଖରେ ପହଞ୍ଚିବା ସହ ଟିକେଟ ପାଇଁ ହାଇକମାଣ୍ଡଙ୍କ ପାଖରେ ଲବି ଆରମ୍ଭ କରିଛନ୍ତି।

ଜିଲାର ଅନ୍ୟତମ ନିର୍ବାଚନମଣ୍ଡଳୀ ବ୍ରଜରାଜନଗରରେ ଅଧିକାଂଶ ନିର୍ବାଚନରେ ସରକାର ବିପକ୍ଷରେ ଜନମତ ସୃଷ୍ଟି ହେଉଥିବା ନଜିର ରହିଛି। ପୂର୍ବ ନିର୍ବାଚନରେ ଏଠାରେ ଭାଜପାର ରାଧାରାଣୀ ପଣ୍ଡା ବିଜେଡି ପ୍ରାର୍ଥୀ ଅନୁପ କୁମାର ସାଏଙ୍କୁ ପରାଜିତ କରି ପ୍ରଥମଥର ପାଇଁ ବିଧାୟିକା ହୋଇଥିଲେ। ଇତିମଧ୍ୟରେ ୫ ବର୍ଷ ବିତିବାକୁ ବସିଛି। ୨୦୧୯ ନିର୍ବାଚନ ଘୋଷଣାକୁ ଆଉ କିଛିଦିନ ବାକି ଥିବାବେଳେ ଗତ ମାସେ ହେବ ପଣ୍ଡା ନିଜ ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁକୁ ଘନ ଘନ ଗସ୍ତକରି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରୁଛନ୍ତି। ସମାନ୍ତରାଳ ଭାବେ ସଭାସମିତି କରି କେନ୍ଦ୍ରର ଜନହିତକର ଯୋଜନାର ପ୍ରଚାରପ୍ରସାର କରି ଆଗାମୀ ନିର୍ବାଚନ ବୈତରଣୀ ପାର୍ ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସମାନ ଭାବେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ଏବଂ ବିଜେଡିର ଟିକେଟ ଆଶାୟୀମାନେ ମଧ୍ୟ ସକ୍ରିୟ ହୋଇଉଠିଛନ୍ତି। ଏହି ନିର୍ବାଚନମଣ୍ଡଳୀରୁ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ପ୍ରସନ୍ନ ପଣ୍ଡା ୬ଥର ବିଧାୟକ ହୋଇଥିଲେ। ତେଣୁ ଏହି ନିର୍ବାଚନମଣ୍ଡଳୀରେ ଭାଜପା, ବିଜେଡି, କଂଗ୍ରେସ ସହ କମ୍ୟୁନିଷ୍ଟ ଦଳ ମଧ୍ୟରେ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୀତି ସମୀକ୍ଷକ ଆକଳନ କରିଛନ୍ତି।

## ସଂକ୍ଷେପରେ

### ସରସ୍ୱତୀ ପୂଜାରେ ବିଦ୍ୟାଳୟ ଉତ୍ସବମୁଖର

କୋଲାବିରା,୧୦।୨(ଡି.ଏନ୍.ଏ.) କୋଲାବିରା ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ, ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ରବିବାର ପାରମ୍ପରିକ ରୀତିନୀତିରେ ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ପୂଜା ସମ୍ପନ୍ନ ହୋଇଛି। ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଛାତ୍ରୀଛାତ୍ରମାନେ ପୁଷ୍ପାଞ୍ଜଳି ଅର୍ପଣ କରି ଆଶୀର୍ବାଦ ଲଭିଥିଲେ। ଶିଶୁମାନେ ପ୍ରାଥମିକ ଶିକ୍ଷା ଅଧ୍ୟୟନ ପାଇଁ ମା'ଙ୍କ ନିକଟରେ ଖଡ଼ିଛୁଇଁ ବିଦ୍ୟାରମ୍ଭ କରିଥିଲେ। ଏହି ଅବସରରେ ରବିବାର ସାହ୍ଲେପାଲି, ସନ୍ୟାସୀପାଲି, କେଲଡ଼ା ଆଦି ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା ଅନୁଷ୍ଠିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଭୂତବଙ୍ଗଳା ଛକରୁ ଚୋରି

ବ୍ରଜରାଜନଗର,୧୦।୨(ଡି.ଏନ୍.ଏ.) ଓରିଏଣ୍ଟ ଥାନା ଅନ୍ତର୍ଗତ ଭୂତବଙ୍ଗଳା ଛକରେ ରହୁଥିବା ବିଷ୍ଣୁ ଦାସଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ବିଷ୍ଣୁ ତାଙ୍କ ନିଜ ଘର ଅନୁଗୋଳରେ ଝିଅ ବାହାଘରରେ ବ୍ୟସ୍ତ ଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଭୂତବଙ୍ଗଳା ଛକ ଘରୁ ଚୋରି କରି ନେଇଛନ୍ତି। ଘଟଣା ଦିନ ରାତିରେ ବିଷ୍ଣୁଙ୍କ ଘରେ ତାଙ୍କର ଦୁଇଜଣ ସମ୍ପର୍କୀୟ ଶୋଇଥିଲେ। ଘରର ସମ୍ମୁଖ ଭାଗ ତାଲା ଖୋଲାଯାଇ ଚୋରି ହୋଇଥିବା ଜଣାପଡ଼ିଛି। ତେବେ ବିଷ୍ଣୁ ଫେରିବା ପରେ ସମସ୍ତ ଘଟଣା ଜଣାପଡ଼ିବ ବୋଲି ସମ୍ପର୍କୀୟମାନେ ପ୍ରକାଶ କରିଛନ୍ତି। ଏଠାରେ ପୋଲିସ ପାଟ୍ରୋଲିଂ ହେଉ ନ ଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।

### ଜୁଆ ଚଢ଼ାଉ, ୫ ଗିରଫ

ଝାରସୁଗୁଡ଼ା ଅଫିସ,୧୦।୨: ରବିବାର ରାତି ୯ଟାରେ ଝାରସୁଗୁଡ଼ା ସହରାଞ୍ଚଳରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଟାଉନଥାନା ପୋଲିସ ଚଢ଼ାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ୧ ଲକ୍ଷ ୨୬ ହଜାର ୯ ଶହ ଟଙ୍କା ସହ କେତେକ ମୋବାଇଲ, ତାସ ପତା ଆଦି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ସହରର ପ୍ରତିଷ୍ଠିତ ବ୍ୟବସାୟୀ ବୋଲି ଜଣାପଡ଼ିଛି।

## ଜୋନ୍‌ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

**ଲଖନପୁର,୧୦।୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତେଲେନପାଲି ପଞ୍ଚାୟତ ସାପ୍ତାହିକ ବଜାର ପ୍ରାଙ୍ଗଣରେ ରବିବାର ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ୩ନଂ ଜୋନ୍ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ୧୦ ପଞ୍ଚାୟତର ଶତାଧିକ କର୍ମୀ ଯୋଗଦେଇ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ମତାମତ ଦେଇଥିଲେ। ଆଗକୁ ନିର୍ବାଚନ ଆସୁଛି। ଏହାକୁ ଦୃଷ୍ଟିରେ ରଖି କର୍ମୀ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଜରୁରୀ। ଦଳର ନୀତି ଆଦର୍ଶକୁ ପାଥେୟ କରି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଏଥିରେ ପ୍ରସନ୍ନ ପ୍ରଧାନ, ଟିକେଶ୍ୱର ସେନାପତି, ଜନାର୍ଦ୍ଦନ ଷଣ୍ଢ, ସୀମାଞ୍ଚଳ ବିଶୋଇ, ଅଶ୍ୱିନୀ ପ୍ରଧାନ, କିଶୋର ଖରସେଲ୍, ରଘୁମଣି ପ୍ରଧାନ, ରଞ୍ଜନ ଭୋଇ, ବସନ୍ତ ପାଢ଼ୀ, ଜନ୍ମେଜୟ ପ୍ରଧାନ, ବିଶାଖା ମାଝି, ପଦ୍ମିନୀ ସିଂ, ସୁରେଖା ଖମାରୀ, ମନବୋଧ ପ୍ରଧାନ, ମଙ୍ଗଳା ଲାକ୍ରା, ମନୋରଞ୍ଜନ ମିଶ୍ର, କିରଣ ପ୍ରଧାନ, ଈଶ୍ୱର କଉଡ଼ି, ଘନଶ୍ୟାମ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ନେତା ଓ କର୍ମୀମାନେ।

## ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

**ପୁରୀ ଅଫିସ, ୧୦।୨:**

ମହାପ୍ରଭୁଙ୍କ ବେଣ୍ଟ ନୀତି ରବିବାର ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଠାକୁରଙ୍କ ଚାଚେରୀ ବେଶ ଓ ଭୋଗ ପରେ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ବେଣ୍ଟ (ଶିକାର) ନୀତି ନିମନ୍ତେ ବିମାନରେ ବିଜେ ହୋଇଥିଲେ। ବିମାନବଡୁମାନେ ବିମାନରେ ଠାକୁରାଣୀ ଠାକୁରଙ୍କୁ ବିଜେ କରାଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ଯାଇଥିଲେ। ସେଠାରେ ମହାଜନ ସେବକ ଦେବୀଦେବଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦପନା ପରେ ଶ୍ରୀଦେବୀ, ଭୁଦେବୀ ଓ ଦୋଳଗୋବିନ୍ଦ ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀ କୂଳକୁ ବିଜେ କରିଥିଲେ। ଭିତରଚ୍ଛ ତୀର କମାଣ ଶ୍ରୀଅଙ୍ଗରେ ଲାଗି ଦେବା ପରେ ଦଳବେହେରା (ଲେଙ୍କା) ସେବକ ପଇଡ଼ରେ ବେଣ୍ଟ ବିନ୍ଧିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କର ଏହା ଏକ ରାଜକୀୟ ଲୀଳାର ପରିପ୍ରକାଶ।





ବାର୍ଷିକୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ସାହ୍ଲେପାଲି ୟୁପି ସ୍କୁଲର ବାର୍ଷିକୋତ୍ସବ

**କୋଲାବିରା,୧୦।୨(ଡି.ଏନ୍.ଏ.)**

କୋଲାବିରା ବ୍ଲକ ଅନ୍ତର୍ଗତ ସାହ୍ଲେପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଏବିଇଓ ଛତ୍ରକୁମାର ପଟେଲ ମୁଖ୍ୟଅତିଥି, କୋଲାବିରା ସରପଞ୍ଚ କୁମୁଦିନୀ ମହାପାତ୍ର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସନ୍ତୋଷ କିଷାନ, ଚେତାନନ୍ଦ ପଟେଲ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଗୋରେଖ ଜୟପୁରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶୃଙ୍ଖଳିତ ଆଚରଣ ଉପରେ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନ ଶିକ୍ଷକ ଟଙ୍କଧର କୁଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରମାନେ ନୃତ୍ୟ, ଗୀତ, ନାଟକ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସମୀର ଭୂଷଣ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଲକ୍ଷ୍ମଣ ପଧାନ, ଗୁରୁଚରଣ ମହାନନ୍ଦିଆ, ବାବୁଲାଲ ପଧାନ, ଶିକ୍ଷୟିତ୍ରୀ ସସ୍ମିତା ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ। ସରସ୍ୱତୀ ପୂଜା ଅବସରରେ ପାଳିତ ଏହି ବାର୍ଷିକୋତ୍ସବରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୩୪ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟରେ କାର୍ଯ୍ୟ କରିଥିବା ସମସ୍ତ ପ୍ରଧାନ ଶିକ୍ଷକ ଏବଂ ପରିଚାଳନା କମିଟି ଅଧ୍ୟକ୍ଷଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରାମବାସୀ ଏବଂ ବିଦ୍ୟାଳୟ ପରିଚାଳନା କମଟି ପକ୍ଷରୁ ପ୍ରଧାନ ଶିକ୍ଷକ କୁଆଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ୩ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ଲଖନପୁର,୧୦।୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ୩ନଂ ଜୋନ୍‌ରେ ରବିବାର ୩ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ। ଏମ୍‌ସିଏଲ୍ ସିଏସ୍‌ଆର୍ ପାଣ୍ଠିରୁ ୪ଲକ୍ଷ ୭୫ହଜାର ଟଙ୍କା ବ୍ୟୟରେ ଦଲଗାଁ ରୋହିଦାସପଡ଼ାରେ ନିର୍ମିତ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଛି। ସେହିଭଳି ଆମ ଗାଁ ଆମ ବିକାଶ ପାଣ୍ଠିରୁ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୁଶ୍ରାଲୋଇ ପଞ୍ଚାୟତ ଅଢ଼ାପଡ଼ା ଗ୍ରାମ ରାମଚଣ୍ଡୀ ମନ୍ଦିର ପରିସରରେ ବୈଠକ ଘର ଓ ଅଢ଼ାପଡ଼ା ପାପ୍‌ପଡ଼ାରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବୈଠକ ଘର ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଅଧ୍ୟକ୍ଷା ପ୍ରଧାନ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିଳାନ୍ୟାସ ଓ ଉଦ୍‌ଘାଟନ ଉତ୍ସବରେ ଦଲଗାଁ ସମିତିସଭ୍ୟା ସାବିତ୍ରୀ ଧୁରୁଆ, ବସନ୍ତ ପାଢ଼ୀ, ପ୍ରସନ୍ନ ପ୍ରଧାନ, ରଞ୍ଜନ ଭୋଇ, ରଘୁମଣି ପ୍ରଧାନ, ଉପେନ୍ଦ୍ର ଭୋଇ, କୃଷ୍ଣଚନ୍ଦ୍ର ପ୍ରଧାନ, ଗଜପତି ପ୍ରଧାନ, ସନତ ପ୍ରଧାନ, ବିଶ୍ୱନାଥ ଭୋଇ, ବିନୋଦ ରାଉତ, ରାଜୁ ଭୋଇ, କଲ୍ୟାଣୀ ସା, ତିଲୋତ୍ତମା ପ୍ରଧାନ, ବିଳାସିନୀ ପ୍ରଧାନ, ଗୀତା ଭୋଇ, ଭୀଷ୍ମ ରୋହିଦାସ, ସହଦେବ ରୋହିଦାସ ପ୍ରମୁଖ ଯୋଗଦେଇଥିଲେ।



ଅଢ଼ାପଡ଼ା ଗ୍ରାମର ଏକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ।

## ଝଗଡ଼ା ନେଲା ଜୀବନ

**ଭଦ୍ରକ ଅଫିସ, ୧୦।୨**

ସାମାନ୍ୟ ଝଗଡ଼ାରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଦୁଇ ଭଉଣୀ ଆତ୍ମହତ୍ୟା ଭଳି ପନ୍ଥା ଆପଣେଇ ନେବା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଥିରେ ସାନ ଭଉଣୀର ମୃତ୍ୟୁ ହୋଇଥିବା ବେଳେ ବଡ଼ ଭଉଣୀ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ହଠାତ୍ ଏଭଳି ପରିସ୍ଥିତିକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଘଟଣା ଘଟିଛି ବଣିଆ ପଞ୍ଚାୟତ କ୍ଷୀରସାହିରେ। ରବିବାର ଅପରାହ୍ନରେ କ୍ଷୀରସାହିର ଲକ୍ଷ୍ମୀଧର ଦାଶ ସଂକୀର୍ତ୍ତନ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ତାଙ୍କ ସ୍ତ୍ରୀ ବାପଘରକୁ ଯାଇଥିଲେ। ଏହି ସମୟରେ ଘରେ ଥିବା ତାଙ୍କର ୨ ଝିଅ ସୁନାଓ ରୂପାଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ରୁପା ଉତ୍ତ୍ୟକ୍ତ ହୋଇ ଘରେ ଫ୍ୟାନରେ ରଶି ଲଗାଇ ଝୁଲି ପଡ଼ିଥିଲେ। ସୁନା ମଧ ଅନ୍ୟ ଏକ ଘରେ ବିଷ ପିଇ ଦେଇଥିଲେ। ସ୍ଥାନୀୟ ଲୋକେ ଖବର ପାଇ ୨ ଭଉଣୀଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ରୂପାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ଭଉଣୀ ସୁନାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ପାଣି, ରୋଗୀ ହନ୍ତସନ୍ତ

**କୋଲାବିରା,୧୦।୨(ଡି.ଏନ୍.ଏ.)**

କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଭାଡ଼ିମାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ପାଇଁ ରୋଗୀ ଏବଂ ସେମାନଙ୍କ ପରିଜନ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଝିଲ୍ଲାପାଲି ପଞ୍ଚାୟତ ଭାଡ଼ିମାଲସ୍ଥିତ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଅବ୍ୟବସ୍ଥା ଲାଗି ରହିଥିବା ୱାର୍ଡସଭ୍ୟ ନବ କୁମାର ପଟେଲ ଅଭିଯୋଗ କରିଛନ୍ତି। ରବିବାର ସକାଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ରୋଗୀମାନେ ପାଣି ଟୋପାଏ ପାଇଁ ଡହଳବିକଳ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା କୌଣସି ଟ୍ୟାପ୍‌ରୁ ପାଣି ବାହାରୁ ନ ଥିବାରୁ ଲୋକେ ନିକଟସ୍ଥ ନଳକୂପକୁ ଆଶ୍ରା କରିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଥିବା ୱାର୍ଡସଭ୍ୟ ପଟେଲଙ୍କ ସମେତ ବିରଞ୍ଚି କିଷାନ, ଶଙ୍କର ମହାନନ୍ଦି ଏବଂ କୁମତୀ ସୂତାର ପ୍ରମୁଖ ଏ ସମ୍ପର୍କରେ ଡାକ୍ତରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ କହିବାନୁଯାୟୀ ଓଭର ହେଡ୍ ଟାଙ୍କିରେ ପାଣି ରହୁଥିଲେ ମଧ୍ୟ ତ୍ରୁଟିପୂର୍ଣ୍ଣ ଏବଂ ଅସମ୍ପୂର୍ଣ୍ଣ ପାଇପ୍ ସଂଯୋଗ ଯୋଗୁ ଟ୍ୟାପ୍‌ରୁ ପାଣି ଆସୁନାହିଁ। ଏ ସମ୍ପର୍କରେ ମତାମତ ପାଇଁ ଡାକ୍ତର ନିକିତା ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କିଛି କହି ନ ଥିଲେ। ତେବେ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ପି.ସି. ଦଳାଇଙ୍କୁ ପଚାରିବାରୁ ସେ କହିଲେ, ସମସ୍ତ ଟ୍ୟାପ୍ ଏବଂ ପାଣି ଯୋଗାଣ ଠିକ୍ ଭାବରେ ଚାଲିଛି। ସେଠାରେ ପାଣିକୁ ନେଇ କୌଣସି ଅସୁବିଧା ନାହିଁ ବୋଲି ଡାକ୍ତର ଦଳାଇ କହିଛନ୍ତି।





ଭାଡ଼ିମାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।


OFFICE OF THE CHILD DEVELOPMENT PROJECT OFFICER, BADAMBA

**QUOTATION CALL NOTICE**

Sealed tenders are invited from valid registered vender for supply of Anganwadi items. Quotations must reach to the undersigned on or before 19.02.2019. For details visit Website **www.cuttack.nic.in.**

**Sd./- Child Dev. Project Officer, Badamba**

**TENDER CALL NOTICE**

**No.105** **Date.08.02.2019**

Regulated Market Committee, Digapahandi invites tender in online mode from the approved Contractors of appropriate Class for the Work "Development of Infrastructure & Allied Works in Different Market Yard under RMC, Digapahandi" Detailed Tender Notice along with conditions contract and notice inviting tender may be seen and downloaded from the website **www.tenderodisha.gov.in** from 17.00 hours of 09.02.2019 to 17.00 hours of 26.02.2019 and the opening of tender would be 11.00 hours on 27.02.2019.

**Sd./-**
**Sub- Collector, Berhampur-cum-Chairman, RMC, Digapahandi**

OFFICE OF THE PANCHAYAT SAMITI, CHITRAKONDA

**No. 492/ III-32/2019** **Dated 07.02.2019**

**TENDER CALL NOTICE**

The Block Development Officer, Chitrakonda invites sealed tenders on behalf of Governor, Odisha as per annexure from registered and eligible Firms/ Suppliers of Odisha State P.W.D. (R&B)/ C.P.W.D/ Water Resources/ Rural Works/ M.I. having authorized dealership in agreement in F-2 contract forms of Govt. of Odisha. The details of commodities given below. The tenderer has to submit the sealed tender paper in complete shape with details i.e. (1) EPM Regd. Certificate, (2) EM-II, (3) DIC PMT, (4) GSTIN Certificate, (5) VAT Clearance, (6) PAN Card, (7) GSTIN Certificate, (8) Drawing & Specification through Registered Post/Speed Post addressing to this official Postal address i.e. **Block Develpment Officer, Chitrakonda, At/PO: Chitrakonda, Dist: Malkangiri, Pin No: 764052.** The last date of receipt of tender paper is 22.02.2019 upto 1.00 PM. The undersigned will not be responsible for postal delay if any or non-receipt of the papers in time. The date of opening of the tender paper is 22.02.2019 at 3.00 PM.

| Sl. No. | Name of the Block | Name of the Commodities | Tender value in Rs. | Cost of article | Size of article |
|---|---|---|---|---|---|
| 1 | Chitrakonda | Supply of 60 Nos. double decker bed | Rs. 5,66,000/- | 60 Nos. Rs. 9300/- each | Size 80" (Length) x 34" (width) x 60" (Height) Bed frame- 75" (Length) x 33" (Width) Bed- 19 mm thick plywood ISI Marked Size- 72" (Length) x 30" (Width) |

**NB:-** The details terms and condition of this tenders will be available in this Panchayat Samiti office during working hour.

**Sd./- Block Development Officer, Chitrakonda**

**ରେଳ ବିକାଶ ନିଗମ ଲିମଟେଡ୍**

"ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ"

"ସର୍ବସାଧାରଣ ବିଜ୍ଞପ୍ତି"

ସମ୍ବଲପୁର ଏବଂ ୱାଲଟିଅର ଡିଭିଜନ, ପୂର୍ବତଟ ରେଳପଥର ନିମ୍ନଲିଖିତ ୩ୟ ଲାଇନ୍‌ର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନର ରେଳ ଧାରଣା ଏବଂ ପରିସରର ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ନିମ୍ନଦର୍ଶିତ ସେକ୍ସନ ନିକଟରେ ପ୍ରଦାନ କରାଯାଇଥିବା ତାରିଖ ପରଠାରୁ ୨୫୦୦୦ ଭୋଲ୍ଟ, ଏସି ଓଭରହେଡ୍ ଟ୍ରାକ୍ସନ୍ ଓ୍ୟାରଗୁଡିକୁ ଶକ୍ତି ପ୍ରଦାନ କରାଯିବ। ଏହି ତାରିଖଠାରୁ ସେହି ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟ ପାଇଁ ଜିବନ୍ତ ଭାବେ ବିବେଚିତ କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ପରିସରରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

| ସାଇଜ୍ ସେକ୍ସନ | ତାରିଖ |
|---|---|
| ଟିଟିଲାଗଡ଼ (ବହିର୍ଭୂତ) - ଜିମିଡ଼ିପେଟା (ଅନ୍ତର୍ଭୁକ୍ତ) ୩ୟ ଲାଇନ୍ କିମି ୨୦୨.ସିଏଚ୍.୬୮୬ରୁ କିମି ୩୫୭ ସିଏଚ୍.୨୬୮ | ୧ ମାର୍ଚ୍ଚ ୨୦୧୯ |

ମହାପ୍ରବନ୍ଧକ (ଇଲେକ୍ଟ୍ରିକାଲ),
ରେଳ ବିକାଶ ନିଗମ ଲିମିଟେଡ୍, ୱାଲ୍‌ଟିଅର

idco ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**OFFICE OF THE DIVISIONAL HEAD, IDCO MSME-I BHUBANESWAR**
Tender Call Notice No. 168 Dated :- 07.02.2019

**SHORT TENDER CALL NOTICE**

| | | |
|---|---|---|
| Name of the Work | : | Repair, Maintenance and Improvement of Balance Drain at Industrial Estate, Rasulgarh, Bhubaneswar. |
| Estimated Cost of the Work | : | Rs.829012.00 (inlcuding 12%GST) |
| Period of Completion | : | One Month |
| EMD Amount | : | Rs. 8,290.00 |
| Cost of Bid Document | : | Rs.4000.00+GST@18% |
| Date of Availability of Tender Paper | : | Dt: 12.02.2019 to Dt: 14.02.2019 |
| Last Date of Submission of Tender | : | Dt: 16.02.2019 up 15.00 hours |
| Date of Opening of Tender | : | Dt: 16.02.2019 at 16.00 hours |
| Procurement Officer | : | Divisional Head, MSME-I, IDCO, Bhubaneswar |

Further details of tender call notice can be seen in the IDCO Website **www.idco.in** or Contact Dy. Manager(Civil), Sri Sachikanta Sahoo, Telephone No.: 7978693320(M).

Sd/-
Divisional Head, MSME-I, IDCO, Bhubaneswar

idco ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR.**
RFP Call Notice No. IDCO/H.O./P&C/EST/E-960/01/2018/2596 Dated :- 08.02.2019

**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Procurement of PVC-O (Oriented PVC) pipes.
2. Completion Period : 09 (Nine) Calendar Months
3. Other details :

| Procurement Officer | Bid Identification No. | Availability of Tender on-Line for Bidding From | Availability of Tender on-Line for Bidding To |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar -751022 | Bid ID. No. PC-EST-E- 78 / 2018-19 | 14.02.2019 at 16.00 hrs. | 01.03.2019 upto 17.00 hrs. |

**Further details can be seen from the e-Procurement Portal. www.tendersodisha.gov.in.** Corrigendum or addendum if any will not be published in news papers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in.**

**Sd/-**
**Chief General Manager (P&C) I/C**
**IDCO, Bhubaneswar**